

ଟିଭିକେ ପ୍ରତିଷ୍ଠାତା ବିଜୟଙ୍କୁ ସିବିଆଇ ସମନ୍

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17



## ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ
Mail :- sancharodisha@gmail.com
Whatsapp :- +91 8093008776




### ଆନ୍ଦୋଳନରେ ମାତିଛନ୍ତି ମିଲର୍

## କାର୍ଯ୍ୟାନୁଷ୍ଠାନ ନେଇ ମନ୍ତ୍ରୀଙ୍କ ଚେତାବନୀ



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ରାଜ୍ୟରେ ଦିନକୁ ଦିନ ମଣ୍ଡି ଟେନ୍‌ସନ୍ ଗୁରୁତର ହେବାରେ ଲାଗିଛି। ଚାଷୀମାନେ ସେମାନଙ୍କ ଧାନ ବିକିବା ସକାଶେ ମଣ୍ଡିରେ ଅପେକ୍ଷା କରିଥିଲେ ମଧ୍ୟ ମିଲର୍‌ମାନେ ସେମାନଙ୍କ ଦାବି ପୂରଣ ପାଇଁ ଅଡ଼ି ବସିଛନ୍ତି। ଫଳତଃ ରାଜ୍ୟରେ ମଣ୍ଡି ଅବ୍ୟବସ୍ଥାକୁ ନେଇ ସରକାର ଓ ମିଲର୍‌ମାନେ ମୁହାଁମୁହିଁ ହୋଇଛନ୍ତି। କିନ୍ତୁ ମିଲର୍‌ମାନଙ୍କ ଏପରି ଦାଦାଗିରିକୁ ଆଉ ବରଦାସ୍ତ କରିବେନି ସରକାର। ଏଣିକି ନେବେ କଡ଼ା କାର୍ଯ୍ୟାନୁଷ୍ଠାନ। ଏପରି କିଛି ଚେତାବନୀ ଦେଇଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। ସେ କହିଛନ୍ତି ଯେ ସରକାର ମିଲରମାନଙ୍କ ସହ ବିଚାର ବିମର୍ଶ ଚଳାଇଛନ୍ତି। କିନ୍ତୁ ଅଦ୍ୟାବଧି ଏଦିଗରେ କୌଣସି ନିଷ୍କର୍ଷ ବାହାରିପାରିନାହିଁ। ମିଲରମାନଙ୍କ ୪ ଦଫା ଦାବି ସରକାର ପୂରଣ କରିବା ନେଇ କୌଣସି ବାଧ୍ୟବାଧକତା ନାହିଁ। ତା'ଛଡ଼ା ସେମାନଙ୍କ ଦାବିର କୌଣସି ଯଥାର୍ଥତା ନାହିଁ। ବର୍ତ୍ତମାନ ଧାନକିଣା ସମୟ। ତେଣୁ ସେମାନେ ସରକାରଙ୍କୁ ହରଡ଼ଘଣାରେ ପକାଇବାକୁ ଚେଷ୍ଟା କରୁଛନ୍ତି। ତେବେ ସେମାନେ କାହା ପ୍ରରୋଚନାରେ ଏଭଳି କରୁଛନ୍ତି ବୋଲି ଶ୍ରୀ ବଳ ସାମନ୍ତ ସନ୍ଦେହ ପ୍ରକଟ କରିଛନ୍ତି। ଏଥିସହ ମିଲର୍‌ମାନେ ତୁରନ୍ତ ସେମାନଙ୍କ ଆନ୍ଦୋଳନ ପ୍ରତ୍ୟାହାର ନ କଲେ, ଆବଶ୍ୟକ ସ୍ଥଳେ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଶ୍ରୀ ବଳ ସାମନ୍ତ କହିବା ସହ ଆଲୋଚନା ଫଳବତୀ ହେବା ନେଇ ମଧ୍ୟ ଆଶା ବାନ୍ଧିଛନ୍ତି। ପୃଷ୍ଠା-୬

### ଏମଜିନରେଗା ବନାମ ଭିବି-ଜି ରାମ ଜି: ମୋହନ ଦେଲେ କଡ଼ାଗଣ୍ଡା ହିସାବ

# ସାକାର ହେବ ଗାନ୍ଧିଜୀଙ୍କ ଗ୍ରାମସ୍ୱରାଜ ସ୍ୱପ୍ନ




ମହାତ୍ମା ଗାନ୍ଧିଙ୍କ ନାଁକୁ ନେଇ ରାଜନୀତି ଉଦ୍ଦେଶ୍ୟ ନୁହେଁ

ପ୍ରଶାସନିକ ଦୁର୍ବଳତା ପାଇଁ ଫେଲ ହେଲା ଏମ୍‌ଜିନରେଗା

ରୋଜଗାର ନାଁରେ ହଜାର ହଜାର କୋଟି ହରିଲୁଟ ହୋଇଛି

ରାଜ୍ୟମାନଙ୍କ ଉପରେ ଉତ୍ତରଦାୟିତ୍ୱ ରହିଲେ କମିବ ଦୁର୍ନୀତି

ମନରେଗାରେ ୫ ବର୍ଷରେ ୫୦% ଲୋକଙ୍କୁ ମିଳିଛି ରୋଜଗାର

**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଓ ଜୀବିକା ମିଶନ (ଭିବିଜିରାମଜି) ଯୋଜନାରେ ମହାତ୍ମା ଗାନ୍ଧୀଙ୍କ ନାଁକୁ ବ୍ୟବହାର କରି ରାଜନୈତିକ ଫାଇଦା ନେବାକୁ ଚେଷ୍ଟା କରୁନି ବିଜେପି। ବରଂ ଗ୍ରାମୀଣ ବିକାଶ ପାଇଁ ମହାତ୍ମା ଗାନ୍ଧିଙ୍କ ବିଚାରଧାରାକୁ କାର୍ଯ୍ୟକାରୀ କରାଯିବ। ୟୁପିଏ ସରକାର ଅମଳରେ ଆରମ୍ଭ ହୋଇଥିବା ମନରେଗା ଯୋଜନାରେ କାର୍ଯ୍ୟାନ୍ୱୟନର ବିଫଳତା ଓ ବ୍ୟାପକ ଦୁର୍ନୀତି ଯୋଗୁ ପ୍ରକୃତ ଲକ୍ଷ୍ୟ ହାସଲ ହୋଇପାରୁନଥିଲା। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସାମ୍ବାଦିକ ସମ୍ମିଳନୀରେ ଭିବି ଜି ରାମ ଜି ଯୋଜନାର ପ୍ରକୃତ ଉଦ୍ଦେଶ୍ୟ ଓ ରାଜ୍ୟମାନଙ୍କ ଉପରେ ଥିବା ଉତ୍ତରଦାୟିତ୍ୱ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମନରେଗା ପ୍ରତିବଦଳରେ କାର୍ଯ୍ୟକାରୀ ହେବାକୁ ଥିବା ଭିବି ଜି ରାମ ଜି ଆଇନକୁ ନେଇ ବିରୋଧୀ ଅପପ୍ରଚାର କରୁଛନ୍ତି। ସମ୍ବିଧାନର ଧାରା ୪୧ ଅନୁଯାୟୀ ଲୋକଙ୍କୁ କାମ ଯୋଗାଇଦେବା ସରକାରଙ୍କ ଏକ ନୈତିକ ଦାୟିତ୍ୱ। ସ୍ୱାଧୀନତା ପରଠାରୁ ବିଭିନ୍ନ ସମୟରେ ଇଜିଏସ, ଏନଆରଇପି, ଜେଆରୱାଇ ଭଳି ଏକାଧିକ ଯୋଜନା କାର୍ଯ୍ୟକାରୀ ହୋଇଛି। କିନ୍ତୁ ଏସବୁ କାର୍ଯ୍ୟକ୍ରମ ଲକ୍ଷ୍ୟହୀନତା ଓ ଦୁର୍ନୀତି ଯୋଗୁ ଲୋକଙ୍କୁ ରୋଜଗାର ଦେବାରେ ବିଫଳ ହୋଇଛି। ଗତ ୨୦୦୫ରେ ତତ୍କାଳୀନ ୟୁପିଏ ସରକାର ଏନଆରଇଜିଏ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ୨୦୦୯ରେ ରାଜନୈତିକ ଫାଇଦା ପୃଷ୍ଠା-୬

### ୫୫ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ ଉନ୍ମୋଚିତ, ଶାସ୍ତ୍ରୀୟ ଭାଷାର ସମୃଦ୍ଧି ଲକ୍ଷ୍ୟ

## ଶାସ୍ତ୍ରୀୟ ଭାଷା ଓ ସଂସ୍କୃତି ଅମୂଲ୍ୟ ସମ୍ପତ୍ତି: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ,୬।୧:** ଭାରତର ଭାଷାଗତ ଐତିହ୍ୟକୁ ସୁଦୃଢ଼ କରିବା ଓ ଶାସ୍ତ୍ରୀୟ ଭାଷାଗୁଡ଼ିକୁ ଶିକ୍ଷା ଓ ଅନୁସନ୍ଧାନର

**ସୁଦୃଢ଼ ହେବ ଓଡ଼ିଆ ଭାଷାର ପ୍ରାଚୀନତା ଓ ଶାସ୍ତ୍ରୀୟ ମାନ୍ୟତା**



କେନ୍ଦ୍ରବିନ୍ଦୁରେ ପ୍ରତିଷ୍ଠିତ କରିବା ଲକ୍ଷ୍ୟ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସ୍ଥାନୀୟ କୌଶଳ ଭବନରେ ୫୫ଟି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକଗୁଡ଼ିକ ଓଡ଼ିଆ, କନ୍ନଡ, ତେଲୁଗୁ, ମାଲାୟାଲମ, ତାମିଲ ଏବଂ ସାଙ୍କେତିକ ଭାଷାରେ ପ୍ରକାଶିତ ହୋଇଛି। ଏହି ସମସ୍ତ ପୁସ୍ତକ ଆଗାମୀ ପିଢ଼ି ପାଇଁ ଓଡ଼ିଶା ତଥା ଭାରତର ବୌଦ୍ଧିକ ଓ ସାଂସ୍କୃତିକ ବିଭବକୁ ବୁଝିବାରେ ଏକ ଅମୂଲ୍ୟ ସମ୍ପତ୍ତି ସଦୃଶ ହେବ।

ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ଚିନ୍ତାଧାରା ଅନୁଯାୟୀ ଭାରତର ସମସ୍ତ ଭାଷା ହେଉଛି ରାଷ୍ଟ୍ରଭାଷା। ଭାଷା ବିଭାଜନ ନୁହେଁ ବରଂ ସମସ୍ତଙ୍କ ମଧ୍ୟରେ ଏକତା ତିଆରି କରେ। 'ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦' ଅଧୀନରେ ଭାରତୀୟ ଭାଷାଗୁଡ଼ିକୁ ଶିକ୍ଷା ଓ ଗବେଷଣାର କେନ୍ଦ୍ରବିନ୍ଦୁରେ ରଖିବା ପାଇଁ ପ୍ରୟାସ ଜାରି ରହିଛି। ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତାକୁ ସୁଦୃଢ଼ କରିବାରେ ଏହି ପୁସ୍ତକଗୁଡ଼ିକ ଏକ ମୂଲ୍ୟବାନ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

ଉନ୍ମୋଚିତ ପୁସ୍ତକଗୁଡ଼ିକ ମଧ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଅଧ୍ୟୟନ କେନ୍ଦ୍ର (ସିଇଏସସିଓ) ର ୧୦ଟି ବହୁମୂଲ୍ୟ ଗବେଷଣାତ୍ମକ ପୁସ୍ତକ ଅନ୍ତର୍ଭୁକ୍ତ, ଯାହା ଓଡ଼ିଆ ଭାଷାର ପ୍ରାଚୀନତା ଓ ଶାସ୍ତ୍ରୀୟ ମାନ୍ୟତାକୁ ଆହୁରି ସୁଦୃଢ଼ ପୃଷ୍ଠା-୬

### ଫେରିଲା ଶୀତ

## ଝାରସୁଗୁଡ଼ାରେ ଭାଙ୍ଗିଲା ୭୩ ବର୍ଷର ରେକର୍ଡ

**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଗତ କିଛି ଦିନ ରାଜ୍ୟବାସୀ ଶୀତରୁ ସାମାନ୍ୟ ଆଶ୍ୱସ୍ତି ପାଇଥିଲେ ମଧ୍ୟ ଆଜି ପୁଣିଥରେ ଶୀତ ପ୍ରକୋପ ବଢ଼ିଛି। ରାଜ୍ୟର ସବୁ ଭାଗରେ ପୂର୍ବାପେକ୍ଷା ତାପମାତ୍ରା ତଳମୁହାଁ ହୋଇଥିବା ବେଳେ ଇତିମଧ୍ୟରେ ବଙ୍ଗୋପସାଗରରେ ସୃଷ୍ଟି

**୨୪ ଘଣ୍ଟାରେ ଅବପାତ ରୂପ ନେବ ଲଘୁଚାପ**

ହୋଇଥିବା ଲଘୁଚାପ ଲୋକଙ୍କ ମନରେ ଛନକା ସୃଷ୍ଟି କରିଛି। କାରଣ ପ୍ରବଳ ଜାଡ଼ରେ ଲୋକେ ହନ୍ତସନ୍ତ ହେଉଥିବା ବେଳେ ସାମାନ୍ୟ ବର୍ଷା ବି ପରିସ୍ଥିତିକୁ ଆହୁରି ଜଟିଳ କରିବାର ଆଶଙ୍କା ରହିଛି। ଏଥିସହ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନୀଭୂତ ହୋଇ ଅବପାତର ରୂପ ପୃଷ୍ଠା-୬

## କମ୍ପାନୀ ସ୍ୱାର୍ଥକୁ ସୁରକ୍ଷା ଦେଉଛି ଓଇଆର୍‌ସି

**ସ୍ମାର୍ଟ ମିଟର ନିଷ୍ପତ୍ତିର ପୁନର୍ବିଚାର ଦାବି**

**କମିଶନଙ୍କ ନିକଟରେ ଦାବି କଲା ମହାସଂଘ**




**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟରେ ବିଦ୍ୟୁତ ଗ୍ରାହକଙ୍କ ଘରେ ସ୍ମାର୍ଟ ମିଟର ବସାଇବା ପାଇଁ ବାଧ୍ୟ କରାଯାଉଛି । ଏସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା ନ କରି ରାଜ୍ୟ ସରକାର ମଧ୍ୟ ଟାଟା ପାୱାରକୁ ୭୩୫ କୋଟି ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ହେଲେ ଏହା ସମ୍ପୂର୍ଣ୍ଣ ବେଆଇନ ବୋଲି କହିଛି ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ।

ଉପଭୋକ୍ତା ମହାସଂଘର ଯୁକ୍ତି ହେଉଛି, ସ୍ମାର୍ଟ ମିଟର୍ ସଂକ୍ରାନ୍ତ ନିଷ୍ପତ୍ତି ଇଲେକ୍ଟ୍ରିସିଟି ଆଇନ ୨୦୦୩ର ଇଲେକ୍ଟ୍ରିସିଟି ରାଇଟ୍ସ ଅଫ କନଜ୍ୟୁମର୍ସ ରୁଲ-୨୦୨୦ର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି। ଏ ସଂକ୍ରାନ୍ତରେ ପ୍ରତିଦିନ ବିଭିନ୍ନ ସ୍ତରରେ ଜୋରଦାର ବିରୋଧ ଓ ନିନ୍ଦା ସହ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି । କିନ୍ତୁ ଏହା ଉପରେ ଆଇନଗତ ସମୀକ୍ଷା ହେବା ଆବଶ୍ୟକ । ଗତ ୨୦୨୦ ଡିସେମ୍ବର ୩୧ ତାରିଖରେ କେନ୍ଦ୍ର ସରକାର ଜାରି କରିଥିବା ବିଜ୍ଞପ୍ତିର ବିରୁଦ୍ଧାଚରଣ କରାଯାଉଛି। କେନ୍ଦ୍ରୀୟ ବିଜ୍ଞପ୍ତି ଅନୁଯାୟୀ, କୌଣସି ବିଦ୍ୟୁତ ଗ୍ରାହକ ବିନା ମିଟରରେ ବିଦ୍ୟୁତ ବ୍ୟବହାର କରିପାରିବେ ନାହିଁ। ମିଟରଗୁଡ଼ିକ ପ୍ରି-ପେଡ, ସ୍ମାର୍ଟ ପ୍ରି-ପେଡ କିମ୍ବା ଓଇଆରସିଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନ୍ୟ ଯେକୌଣସି ପ୍ରକାର ମିଟର। ତେଣୁ ଓଇଆରସି ନୂଆ ମିଟର ବସାଇବାକୁ ପୃଷ୍ଠା-୬

### ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲା

## ପକ୍‌ସୋ କୋର୍ଟରେ ଦୋଷୀକୁ ମୃତ୍ୟୁଦଣ୍ଡାଦେଶ

**ବରଗଡ଼,୬।୧(ସଂଚାର ବ୍ୟୁରୋ):** ଜନୈକା ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ଅଭିଯୁକ୍ତକୁ ଆଜି ପକ୍‌ସୋ କୋର୍ଟ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ଗତ ୨୦୨୪ରେ ବରଗଡ଼ ଜିଲ୍ଲାର ପାଇକମାଳ ଥାନାଞ୍ଚଳରେ ଘଟିଥିବା ଏହି ମାମଲାରେ ଅଭିଯୁକ୍ତ ପ୍ରଶାନ୍ତ ବାଗ ଓରଫ୍ ବରିହାକୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ବରଗଡ଼ ଜିଲ୍ଲା ପାଇକମାଳ ଥାନା ଅଞ୍ଚଳର ବରିହା ଉକ୍ତ ନାବାଳିକାଙ୍କୁ ମାଛ ଧରିଯିବା ଆଳରେ ଡାକି ନେଇ ପ୍ରଥମେ ଦୁଷ୍କର୍ମ କରିଥିଲା। ପରେ ସେ ଉକ୍ତ ନାବାଳିକାଙ୍କୁ ହତ୍ୟା କରିଥିଲା। ଏନେଇ ନାବାଳିକାଙ୍କ ପରିବାର ଲୋକେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୁଲିସ ଅଭିଯୁକ୍ତକୁ ଗିରଫ କରିଥିଲା।

## ଭିଜିଲାନ୍ସ ଫାସରେ ପଡ଼ିଲେ ଫରେଷ୍ଟର



**ଗଛ କାଟିବାକୁ ଅନୁମତି ପାଇଁ ନେଉଥିଲେ ୧୦ ହଜାର**

**ବଲାଙ୍ଗିର,୬।୧(ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ଫସିଛନ୍ତି ଫରେଷ୍ଟର। ୧୦ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଗୁଲୁମି ସେକ୍ସନ୍‌ରେ କାର୍ଯ୍ୟ କରୁଥିବା ଫରେଷ୍ଟର୍ ଅଶୋକ କୁମାର ନାୟକଙ୍କୁ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ନିଜ ଜାଗାରେ ଲାଗିଥିବା ଏକ ଗଛ କାଟିବା ସକାଶେ ଅନୁମତି ଦେବାକୁ ସେ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। କିଛି ଦିନ ତଳେ ନିଜ ଜମିରୁ କଟାଯାଇଥିବା ଗୋଟିଏ ଶାଗୁଆନ ଓ ଗୋଟିଏ ଶାଳ ଗଛର କାଠ ପରିବହନ ପାଇଁ ଜନୈକ ଚାଷୀଙ୍କଠାରୁ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ଶ୍ରୀ ନାୟକଙ୍କୁ ଧରିଛନ୍ତି।

ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଚାଷୀ କାଠ ପରିବହନ ପାଇଁ ଫରେଷ୍ଟରଙ୍କଠାରୁ ଅନୁମତି ମାଗିବା ସମୟରେ ସେ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ସରକାରୀ ନିୟମାନୁଯାୟୀ, ବିନାନୁମତିରେ ଗଛ କାଟିବା ପାଇଁ ଶ୍ରୀ ନାୟକ ଚାଷୀଙ୍କୁ ୨୦୦୦ ଟଙ୍କା ଜରିମାନା କରିଥିବା ଜଣାପଡ଼ିଛି। ଚାଷୀ ନିଜ ଜମିରୁ ଦୁଇଟି ଗଛ କାଟିବା ପାଇଁ ପୂର୍ବରୁ ଅନୁମତି ନେବା ବିଷୟରେ ଜାଣି ନ ଥିବାରୁ ସେ ୨ ହଜାର ଟଙ୍କା ଜରିମାନା ଦେବାକୁ ରାଜି ହୋଇଥିଲେ। କିନ୍ତୁ ଶ୍ରୀ ନାୟକ କାଠ ପରିବହନ ପାଇଁ ଅନୁମତି ପୃଷ୍ଠା-୬

## ଏସ୍‌ମା ଲାଗୁ କଲେ ସରକାର



**୬ ମାସ ପାଇଁ ବଳବତ୍ତର ରହିବ**

**ଏଣିକି ଆନ୍ଦୋଳନ କଲେ କାର୍ଯ୍ୟାନୁଷ୍ଠାନ**

**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମସା) ପକ୍ଷରୁ ଆରମ୍ଭ ହୋଇଥିବା ଦୁଇଘଣ୍ଟିଆ ଓପିଡି ବନ୍ଦ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଆଜି ରାଜ୍ୟ ସରକାର ଏସମା ଲାଗୁ କରିଛନ୍ତି। ଗୃହ ବିଭାଗ ପକ୍ଷରୁ ଏସମା ଲାଗୁ କରାଯିବା ନେଇ ନିର୍ଦ୍ଦେଶନାମା ଜାରି ହୋଇଛି। ଏହା ଆସନ୍ତା ୬ ମାସ ପାଇଁ ବଳବତ୍ତର ରହିବ। ଏଥିସହ ଏସମା ଲାଗୁ ସମୟରେ ଡାକ୍ତରମାନେ ଆନ୍ଦୋଳନ କିମ୍ବା କାର୍ଯ୍ୟବନ୍ଦ କଲେ, ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

୧୦ ଦଫା ଦାବି ନେଇ ଗତ କିଛି ଦିନ ହେଲା ଓମସା ଆନ୍ଦୋଳନ ଜାରି ରଖିଛି। ପ୍ରଥମେ ଓପିଡି ଏକ ଘଣ୍ଟା ପାଇଁ ବନ୍ଦ କରୁଥିଲେ ଡାକ୍ତର। ଗତକାଲିଠାରୁ ଦୁଇ ଘଣ୍ଟା ପାଇଁ ପୃଷ୍ଠା-୬

### ଜନ୍ମଦିନର ଶୁଭେଚ୍ଛା ଦେଲେ ମୋଦି

## ଯୁବପିଢ଼ିକୁ ସଶକ୍ତ କରିଛନ୍ତି ମୋହନ



**ନୂଆଦିଲ୍ଲୀ,୬।୧(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ତାଙ୍କର ୫୪ତମ ଜନ୍ମଦିନ ପାଳନ କରିଥିବା ବେଳେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ୟତମ। ସେ ସୋସିଆଲ୍ ମିଡିଆ 'ଏକ୍ସ'ରେ ମୋହନଙ୍କୁ ଜନ୍ମଦିନର ଶୁଭେଚ୍ଛା ଦେବା ସହ ତାଙ୍କ ପ୍ରଭାବଶାଳୀ ଦକ୍ଷତାକୁ ପ୍ରଶଂସା କରିଛନ୍ତି। ମୋହନଙ୍କୁ ଜଣେ ପରିଶ୍ରମୀ ମୁଖ୍ୟମନ୍ତ୍ରୀ ବୋଲି କହିବା ସହ ରାଜ୍ୟର ଯୁବପିଢ଼ିକୁ ସଶକ୍ତ କରିବାରେ ସେ ସକ୍ଷମ ହୋଇଛନ୍ତି ବୋଲି ମୋଦି ଉଲ୍ଲେଖ କରିଛନ୍ତି। ଏଥିସହ ମୋହନ ରାଜ୍ୟର ବିକାଶ ପଥକୁ ବୃଦ୍ଧି କରିବା ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ଶ୍ରୀ ମୋଦି କହିଛନ୍ତି। ଏଥିସହ ମୋହନ ଓଡ଼ିଶାବାସୀଙ୍କ ସେବାରେ ବ୍ରତୀ ହେବା ସହ ତାଙ୍କ ମୁଖ୍ୟମନ୍ତ୍ରୀ କାଳକୁ ଅନ୍ୟମାନଙ୍କ ତୁଳନାରେ ଅବିସ୍ମରଣୀୟ କରିପାରିବେ ବୋଲି ମଧ୍ୟ ଶ୍ରୀ ମୋଦି କହିଛନ୍ତି। ଶେଷରେ ସେ ମୋହନଙ୍କ ଦୀର୍ଘ ଏବଂ ସୁସ୍ଥ ଜୀବନ ପାଇଁ ପ୍ରାର୍ଥନା କରିଛନ୍ତି। ଏହାର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ 'ଏକ୍ସ' ମାଧ୍ୟମରେ ଶ୍ରୀ ମୋଦିଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ତାଙ୍କ ନେତୃତ୍ୱ ଓ ମାର୍ଗଦର୍ଶନ ଅଧିକ ଉତ୍ସର୍ଗୀକୃତ ଭାବେ ଓଡ଼ିଶାବାସୀଙ୍କ ସେବା କରିବାର ତାଙ୍କ ସଂକଳ୍ପକୁ ଆହୁରି ଦୃଢ଼ କରିଚାଲିଥିବା ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି। ପୃଷ୍ଠା-୬



### କାନ ଡେରିଆ

ଧାନ ଅଖା ଟଙ୍କା ମିଳୁନି ଏଇଠି
ଚାଷୀ ଟି ହତାଶ ହୁଏ
ସରକାରଙ୍କର ଗାଇଡ଼ ଲାଇନ
ଉଡୁରି ଚୂଲିକି ଯାଏ
ନିୟମ କାହାରି ନୁହେଁ...
ବରଷକୁ ଥରେ ପାଳି ଟା ଆସିଲେ
ଯିଏ ବା ଯେମିତି ଖାଏ ।

■ ଦେବାଶିଷ

# ପଞ୍ଚାୟତ ନିର୍ବାଚନ ପୂର୍ବରୁ ଫାଳଫାଳ ହେବ ବିଜେଡି




**ମାର୍ଚ୍ଚରେ ପଡ଼ିବ ମୂଳଦୂଆ!**

**ସମ୍ପର୍କରେ ଅସନ୍ତୁଷ୍ଟ ନେତା**

**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ରାଜ୍ୟରେ ନୂଆ ଆଞ୍ଚଳିକ ଦଳ ଗଠନ ପ୍ରକ୍ରିୟା ଧୀରେ ଧୀରେ ଆଗକୁ ବଢୁଥିବା ବେଳେ ଏହାର ପ୍ରଭାବରେ ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡି ଫାଳ ଫାଳ ହୋଇଯିବ। ଏହାର ମୂଳଦୂଆ ଆସନ୍ତା ମାର୍ଚ୍ଚରେ ପଡ଼ିବ। ବିଜୁ ଜୟନ୍ତୀରେ ବିଜେଡିକୁ ଚକ୍‌ମା ଦେବା ପାଇଁ ନୂଆ ଦଳ ଗଠନ ପାଇଁ ଅଣ୍ଟା ଭିଡ଼ିଥିବା ନେତାମାନେ ଲାଗି ପଡ଼ିଥିବା ବେଳେ ଏମାନଙ୍କ ଯୋଗାଯୋଗରେ ବହୁ ଅସନ୍ତୁଷ୍ଟ ନେତା ଥିବା ଆଲୋଚନା ହେଉଛି। ରାଜ୍ୟରେ ଗଠନ ହେବାକୁ ଯାଉଥିବା ଏହି ନୂତନ ଆଞ୍ଚଳିକ ଦଳର ନାମ ସହ 'ଲୋକଦଳ' ରହିବ ବୋଲି ଚର୍ଚ୍ଚା ହେଉଛି। ଅବଶ୍ୟ ଦଳର ପୂରା ନାମ କ'ଣ ହେବ, ତାହାକୁ ନେଇ ବିଚାର ଓ ଆଲୋଚନା ଚାଲିଛି। ଏହି ଦଳ ବାସ୍ତବତାରେ ପରିଣତ ହେଲେ ଏହାର ପୁରୋଭାଗରେ ବିଜେଡିର ଅସନ୍ତୁଷ୍ଟ ନେତାମାନେ ରହିବେ। ଏଥିରେ ବିଜେଡିର ୨୦ରୁ ୨୨ ଜଣ ବିଧାୟକ ଦଳରୁ ଅଲଗା ହୋଇ ନୂଆ ଦଳର ପରିଚୟ ପାଇବେ ବୋଲି ଏବେଠାରୁ ଆଲୋଚନା ଆରମ୍ଭ ହୋଇଛି। ସେଥିପାଇଁ ଦଳ ଗଠନର ପୁରୋଧାମାନେ ଘୋଷଣାକୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଘୁଞ୍ଚାଇବା ପାଇଁ ଚିନ୍ତା କରୁଛନ୍ତି।

ଆସନ୍ତା ମାର୍ଚ୍ଚ ୫ ତାରିଖରେ ବିଜେଡି ବିଜୁ ଜୟନ୍ତୀ ପାଳନ କରିବାକୁ ଯାଉଥିବା ବେଳେ ସେହିଦିନ ଦଳକୁ ପୃଷ୍ଠା-୬

## ବିଜେଡି ଛାଡ଼ିବେ ସନା!




ବିଜେଡି ବିଧାୟକ ସନାତନ ମହାକୁଡ଼ଙ୍କ ରାଜନୈତିକ କାର୍ଯ୍ୟକଳାପକୁ ନେଇ ଏବେ ଏକ ଚର୍ଚ୍ଚା ଜୋର ଧରିଛି। ଚର୍ଚ୍ଚା ହେଉଛି ସେ ବିଜେଡିରୁ ଇସ୍ତଫା ଦେଇ ପଦ୍ମ ଶିବିରକୁ ଡେଇଁବେ ଏହି ଭେଟେରାନ୍। ଏଭଳି ଚର୍ଚ୍ଚାକୁ ମଧ୍ୟ ସେ ନିଜେ ଖୋରାକ ଯୋଗାଇଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଜନ୍ମଦିନ ପାଳନ କରୁଥିବା ବେଳେ ଏହି ଅବସରରେ ସନାତନ ତାଙ୍କୁ ଶୁଭେଚ୍ଛା ଜଣାଇବାକୁ ଯାଇ ବିଭିନ୍ନ ଗଣମାଧ୍ୟମରେ ବିଜ୍ଞାପନ ପ୍ରକାଶ କରିଛନ୍ତି। ତା'ଛଡ଼ା ପୂର୍ବରୁ ସେ ବିଜେଡି ବିଧାୟକ ଦଳ ବୈଠକରେ ବି ପୃଷ୍ଠା-୬

### ଚିନ୍ତା ବଢ଼ାଉଛି ପ୍ରଦୂଷଣ

## ଟ୍ୱିନ୍ ସିଟିରେ ଜାରି ହେଲା କଟକଣା

**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଚିନ୍ତା ବଢ଼ାଇଲାଣି ବାୟୁ ପ୍ରଦୂଷଣ। ପ୍ରଦୂଷଣ ପାଇଁ ଟୁଇନ୍ ସିଟିରେ ଲାଗିଲା କଟକଣା। ଭୁବନେଶ୍ୱର ଓ କଟକରେ ସନ୍ଧ୍ୟା ୬ରୁ ସକାଳ ୧୦ଟା ଯାଏଁ ହେବନି ନିର୍ମାଣ କାମ। ଯେଉଁମାନେ ନିୟମ ନ ମାନିବେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଟ୍ୱିନ୍‌ସିଟିରେ ବଢ଼ୁଥିବା ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା କଟକଣା ଜାରି କରାଯାଇଛି।

**ସନ୍ଧ୍ୟା ୬ରୁ ସକାଳ ୧୦ ନିର୍ମାଣ କାର୍ଯ୍ୟ ବନ୍ଦ**

ଭୁବନେଶ୍ୱର ଏବଂ କଟକରେ ବାୟୁର ମାନ ସୂଚକାଙ୍କ ଖରାପ ହେଉଥିବାରୁ ଆଜିଠାରୁ ଆଗାମୀ ୭ ଦିନ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ନିୟମ ଲାଗୁ କରାଯାଇଛି। ବାୟୁ ପ୍ରଦୂଷଣ ବଢ଼ୁଥିବାରୁ ଏହାର କାରଣ ଖୋଜିବା ପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଉଚ୍ଚସ୍ତରୀୟ ବୈଠକ ଡାକିଥିଲେ, ଯେଉଁଥିରେ ବୈଜ୍ଞାନିକମାନେ ମଧ୍ୟ ଉପସ୍ଥିତ ରହି କାରଣ ଓ ନିରାକରଣ ଖୋଜିଥିଲେ। ସେହିପରି ପୃଷ୍ଠା-୬



## ଆଜି ତିନି ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ

**କେନ୍ଦ୍ରାପଡ଼ା,୬।୧(ସଂଚାର ବ୍ୟୁରୋ):** ଆସନ୍ତା ସାତ ତାରିଖ ବୁଧବାର ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ସକାଳ ସାତଟାରୁ ଦଶଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଆସନ୍ତା ସାତ ତାରିଖ ବୁଧବାର ଦିନ ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ଦର୍ଶନ ବନ୍ଦ କରିବାକୁ ମନ୍ଦିର ପ୍ରଶାସନ ସେବାୟତ ସହଯୋଗ ରେ ନିଷ୍ପତି ହୋଇଛି । ଏହା ଏକ ଗୁପ୍ତନୀତି ଥିବାରୁ ସର୍ବସାଧାରଣ ଦର୍ଶନ ସକାଳ ସାତଟାରୁ ଦଶଟା ତିନି ଘଣ୍ଟା ବନ୍ଦ ରହିବ। ପହିଲି ଧୂପ ସକାଳ ସାତଟା ରୁ ସମ୍ପନ୍ନ ପରେ ପୂଜାପଣ୍ଡା ସେବାୟତଙ୍କ ଦ୍ୱାରା ବିଜେ ପ୍ରତିମା ରତ୍ନ ସିଂହାସନରୁ ତଳକୁ ଆସିଥାନ୍ତି । ଚିତ୍ରକର ସେବକ ରତ୍ନ ସିଂହାସନକୁ ଯାଇ ଏହି ଗୁପ୍ତ ସେବା କାର୍ଯ୍ୟ ତୁଲାଇଥାନ୍ତି । ଏହି କାର୍ଯ୍ୟ ସମ୍ପନ୍ନ ପରେ ଶ୍ରୀ ଜୀଉ ଙ୍କୁ ମହାସ୍ନାନ କରାଯାଇ ଅନ୍ୟ ନୀତି କାନ୍ତି କରାଯିବ ବୋଲି ମନ୍ଦିର ସୁପର ଭାଇଜର ନୃସିଂହ ଚରଣ ପତ୍ରୀ ସୂଚନା ଦେଇଛନ୍ତି ।

## ଯୁବ ସମାଜସେବୀ ରଶ୍ମିରଞ୍ଜନଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପୁରସ୍କାର



**କେନ୍ଦ୍ରାପଡ଼ା,୬।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଯୁବ ନେତା ଙ୍କୁ ରାଜ୍ୟ ସ୍ତରରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ସ୍ଥିତ ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ କେନ୍ଦ୍ରାପଡା ଅଂଚଳର ଯୁବ ସମାଜସେବୀ ତଥା ସମବାୟବିତ୍ ରଶ୍ମିରଞ୍ଜନ ଚୌଧୁରୀ(ଜିତନ)ଙ୍କୁ ସମାଜ ସେବା କ୍ଷେତ୍ରରେ ଓ ଅସଂଗଠିତ ଶ୍ରମିକମାନଙ୍କର ସେବାରେ ସଫଳତାର ସହ କାର୍ଯ୍ୟକରିଥିବାରୁ ତାଙ୍କୁ ରାଜ୍ୟସ୍ତରୀୟ ରାଜୀବଗାନ୍ଧୀ ପ୍ରତିଭା ପୁରସ୍କାର ପ୍ରଦାନ କରିଛନ୍ତି । ଉକ୍ତ ଉତ୍ସବରେ ରାଜୀବଗାନ୍ଧୀ ଛାତ୍ର ଫୋରମର ରାଜ୍ୟ ସମ୍ପାଦକ ପ୍ରିୟବ୍ରତ ନାୟକ, କୋଷାଧକ୍ଷ ସାଗର ରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ଚୌଧୁରୀ କେନ୍ଦ୍ରାପଡ଼ା ରେ ଛାତ୍ର ରାଜନୀତି ରୁ ଆରମ୍ଭ କରି ସମବାୟ ନିର୍ବାଚନ ରେ ବିଜୟ ହେବା ପର୍ଯ୍ୟନ୍ତ ଅନେକ ଗୁଡିଏ ସାମାଜିକ କାର୍ଯ୍ୟକ୍ରମ ରେ ନିଜକୁ ନିୟୋଜିତ କରିଛନ୍ତି। ଯାହା ପାଇଁ ରାଜ୍ୟ ର ଏକ ପ୍ରମୁଖ ଛାତ୍ର ଫୋରମ୍ ଦ୍ୱାରା ସେ ସମ୍ମାନିତ ହୋଇଛନ୍ତି। ଏହି ପରିପେଖି ରେ ଶୁଭେଚ୍ଛୁ ଓ ବିଭିନ୍ନ ଦଳର ରାଜନେତାମାନଙ୍କ ତରଫରୁ ରଶ୍ମୀ ରଞ୍ଜନ ଚୌଧୁରୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ, ମଦ ଜବତ



**କେନ୍ଦ୍ରାପଡ଼ା,୬।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଅବକାରୀ ବିଭାଗ ପକ୍ଷରୁ ରାଜନଗର, ନିକିରେଇ ଓ କୁଦାନଗରୀ ଥାନା ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି । ତାନର ଗ୍ରାମର କେଶୀ ପାତ୍ର(୪୫) ଙ୍କ ଠାରୁ ୪୩ ଲିଟର ବିଦେଶୀ ମଦ, ସାନଅଢଙ୍ଗା ଗ୍ରାମର ପ୍ରବୋଧ କୁମାର ସାହୁ (୩୪) ଙ୍କ ଠାରୁ ୩୯ ଲିଟର ଦେଶୀ ମଦ, ତନରା ଗ୍ରାମର ସତ୍ୟବାନ ପାତ୍ରଙ୍କ ୨୯ ଲିଟର ଦେଶୀ ମଦ, ହରିପୁର ଗ୍ରାମର ଅମିତାଭ ମଳିକଙ୍କ ଠାରୁ ୩୦ ଲିଟର ବିଦେଶୀ ମଦ, ନଗଡ଼ା ଗ୍ରାମର ଚିତ ରଞ୍ଜନ ଜେନାଙ୍କ ଠାରୁ ୨୦ ଲିଟର ବିଦେଶୀ ମଦ ଓ ରାଜନଗର ଗ୍ରାମର ବଳରାମ ସେଠୀଙ୍କ ଠାରୁ ୧୧ ଲିଟର ବିଦେଶୀ ମଦ ଜବତ କରାଯାଇ ଗିରଫ କରାଯାଇଅଛି। ଏମାନଙ୍କ ପାଖରୁ ସମୁଦାୟ ୧୭୨ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ୫ ଜଣଙ୍କୁ କୋର୍ଟଚାଲାଣ କରାଯାଇ ଅଛି। ଏହି ଚଢ଼ାଉରେ ଅବକାରୀ ଉପନିରିକ୍ଷକ ଶ୍ରୀ ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ସହକାରୀ ଉପନିରିକ୍ଷକ ସୁନୀଲ କୁମାର ମିଶ୍ର, ଶ୍ରୀ ପ୍ରଦୀପ କୁମାର ମଳିକ ଓ ଅନ୍ୟ କର୍ମଚାରି ସାମିଲ ଥିଲେ ।

# ବେସାହାରା ଜୀବନ ବଞ୍ଚୁଛନ୍ତି ମାନସିକ ବିକୃତ ବିଭୂତି

**ମହାକାଳପଡ଼ା,୬।୧(ସଂଚାର ବ୍ୟୁରୋ):** ଜଣେ ମାନସିକ ବିକୃତ ୪୬ ବର୍ଷୀୟ ଅବିବାହିତ ଯୁବକଙ୍କୁ ୧୦୦% ବଦଳରେ ପ୍ରଶାସନ ୭୦% ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛି। ଯାହା ଫଳରେ ସେ ସରକାରଙ୍କ ବର୍ଦ୍ଧିତ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି। ଏହି କ୍ଷେତ୍ରରେ ପ୍ରଶାସନ ପୁନଃ ବିଚାର କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅଧୀନ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମରେ ଏ ଘଟଣା ଆପଣଙ୍କୁ କ୍ଷଣିକ ପାଇଁ ଭାବ ବିହ୍ୱଳ କରିଦେବ ନିଶ୍ଚୟ। ଏହି ଗ୍ରାମରେ ଏକ ନୁଆଁଣିଆ ଚାଳଛପର ଘରେ ରହୁଛନ୍ତି ୮୪ ବର୍ଷୀୟ ଜୁତି ବେୱା ଓ ତାଙ୍କର ମାନସିକ ବିକାରଗ୍ରସ୍ତ ୪୬ ବର୍ଷୀୟ ବିଭୂତି ଜେନା। ନିଜର ବୋଲି କେହି ନଥିବା ଏହି



ବୃଦ୍ଧା ମାଆ ଓ ପାଗଳ ପୁଅ ଅତି କଷ୍ଟ ଦାୟକ ଜୀବନ ବଞ୍ଚୁଛନ୍ତି। ଅଣ୍ଟା ନଇଁ ପଡ଼ିଥିବା ଏହି ଜୁତିଙ୍କ ଉପରେ ବିଭୂତିର ବଞ୍ଚିବା ନିର୍ଭର। ସେଇ କଷ୍ଟରେ ଗଣ୍ଡେ ରୋଷେଇ କରିଲେ ଦୁଇ ପ୍ରାଣୀଙ୍କ ମୁହଁରେ ଦାନା ଗଣ୍ଡିଏ ଯାଉଛି।

ବିଭୂତି ଜେନା କିନ୍ତୁ ଜଣେ ସମ୍ପୂର୍ଣ୍ଣ

**୧୦୦% ବଦଳରେ ପ୍ରଶାସନ ଦେଇଛି ୭୦%**

**ପୁନଃ ବିଚାର କରିବାକୁ ଗ୍ରାମବାସୀଙ୍କ ଦାବି**

ମାନସିକ ବିକାରଗ୍ରସ୍ତ ଅବିବାହିତ ଯୁବକ। ତାଙ୍କରି ଚାଳିଆ ପିଣ୍ଡାରେ ଦିନ ତମାମ ବସି ରହି ବାହାର ଦୁନିଆକୁ ଚାହିଁ ରହୁଛନ୍ତି। ନିଜର ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟକୁ ଛାଡ଼ିଦେଲେ ଆଉ କିଛି କାର୍ଯ୍ୟ ପାଇଁ ପାଇଁ ସେ ଅସହାୟ। ଗୋଟିଏ ଜାଗାରେ ଖୁଣ୍ଟ ଭଳି ବସି ରହି ଜଳଜଳ କରି ଚାହିଁ ରହୁଛନ୍ତି। ଏମିତି ଅବସ୍ଥାରେ ବସି ବସି ବୟସ ୪୬ ଛୁଇଁଲାଣି। ଆଜି ମାଆ ଅଛି ବୋଲି ବିଭୂତି ର ସାହା ଅଛି। ହେଲେ ଆଗକୁ ତାର କଥା ଚିନ୍ତା କଲେ ଆଖି ଛଳଛଳ ହୋଇ ଯାଉଛି।

କିନ୍ତୁ ଅବିବାହିତ ମାନସିକ ବିକାରଗ୍ରସ୍ତ ବିଭୂତି ଜେନାଙ୍କୁ ପ୍ରଶାସନ ୭୦% ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛି, ଯାହା ପରିତାପର ବିଷୟ। ୭୦% ପ୍ରମାଣପତ୍ର ତାଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ରଖିଛି। ବିଭୂତିଙ୍କ କ୍ଷେତ୍ରରେ ପ୍ରଶାସନ ପୁନଃ ବିଚାର କରି ତାଙ୍କୁ ଶତପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଇଲେ ସେ ବର୍ଦ୍ଧିତ ଭତ୍ତା ଟଙ୍କା ପାଇ ପାରନ୍ତେ ଯାହା ତାଙ୍କୁ ନିଜର ଆବଶ୍ୟକତା ପୂରଣରେ ସହାୟିକ ହୋଇ ପାରନ୍ତା ବୋଲି ଗ୍ରାମବାସୀମାନେ ଦାବି କରିଛନ୍ତି।

## ପ୍ରମୋଦ ସାହୁ ସରକାରୀ ଓକିଲ ନିଯୁକ୍ତ

**ପଟ୍ଟାମୁଣ୍ଡାଇ, ୬।୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ଯୁବ ଆଇନଜୀବୀ ପ୍ରମୋଦ କୁମାର ସାହୁଙ୍କୁ ରାଜ୍ୟ ସରକାର



ପଟ୍ଟାମୁଣ୍ଡାଇ ଅତିରିକ୍ତ ଜିଲ୍ଲା ଜଜ କୋର୍ଟରେ ପ୍ରଥମ ସିଭିଲ ଏଜିପି ଭାବେ ନିଯୁକ୍ତି ଦେଇଛନ୍ତି। ଏଥି ନେଇ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ତାଙ୍କର ନୂତନ ନିଯୁକ୍ତି ପାଇଁ ଯୁବ ଆଇନଜୀବୀ ପ୍ରମୋଦ କୁମାର ସାହୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସାଂସଦ ବୈଜୟନ୍ତ ପଣ୍ଡା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ରାଜନଗର ବିଜେପି ନେତା ଲଳିତ ବେହେରାଙ୍କ ସମେତ ସମସ୍ତ ବିଜେପି କାର୍ଯ୍ୟ କର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଅଗ୍ନିବିପନ୍ନ ପରିବାରଙ୍କ ଦୁଃଖ ବୁଝିଲେ ମାହାଙ୍ଗା ବିଧାୟକ ଶାରଦା



**ନିଶ୍ଚିନ୍ତକୋଇଲି, ୬।୧ (ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକ ଓ ନିଶ୍ଚିନ୍ତକୋଇଲି ତହସିଲ ଅଧିନସ୍ଥ ଝାଡ଼େଶ୍ୱରପୁର ପଞ୍ଚାୟତ ମଙ୍ଗଳପୁର ଗ୍ରାମର ନଟକୃଷ୍ଣ ବେହେରାଙ୍କ ଘରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଗୃହ ସମେତ ବହୁ ଜିନିଷପତ୍ର, ଧାନବସ୍ତା, ଗୋଟେ ଧାନ ଗଦା ମଧ ପୋଡ଼ି ପାଉଁଶ ହୋଇଯାଇଛି ଏବଂ ଗୋଟେ ଗାଈ ମଧ ଅଧାରୁ ଅଧିକ ପୋଡ଼ିଯାଇଛି। ଏହି ଖବର ପାଇ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ ମଙ୍ଗଳପୁର ପହଞ୍ଚି ବିପନ୍ନଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଅଗ୍ନିବିପନ୍ନରେ ସର୍ବଶ୍ୱାନ୍ତ ପରିବାରର ସମସ୍ୟା କିପରି ତୁରନ୍ତ ସମାଧାନ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ବିଧାୟକଙ୍କ ସହିତ ସ୍ଥାନୀୟ ଅଞ୍ଚଳର ସମାଜସେବୀ ତଥା ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ, ସରପଞ୍ଚ ଅନିଲ ଦଳାଇ, ଲଳିତେନ୍ଦୁ ବିଶୋଇ, ସମିତିସଭ୍ୟ ଆଶିଷ ମହାନ୍ତି, ପୂର୍ବତନ ସରପଞ୍ଚ ଦୀପକ ସ୍ୱାଇଁ, ମାନସ ସେଠୀ, କୈଳାସ ମହାନ୍ତି, ଦୟାନିଧି ଧିର, ଗୁରୁଚରଣ ମହାନ୍ତି ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

## ପୌଷ ପୂର୍ଣ୍ଣିମା ଉପଲକ୍ଷେ ଆଦିମାତାଙ୍କ ଅଭିଷେକ

**ସାଲେପୁର, ୬।୧ (ସଂଚାର ବ୍ୟୁରୋ):** ସାଲେପୁର ଅଞ୍ଚଳ ମହଣ ପଞ୍ଚାୟତର ବଳଭଦ୍ରପୁର ଗ୍ରାମରେ ପୌଷ ପୂର୍ଣ୍ଣିମା ଉପଲକ୍ଷେ ପୌଷ ଅଭିଷେକ ହୋଇଯାଇଛି। ସୂଚନା ଅନୁଯାଇ ବଳଭଦ୍ରପୁର ଗ୍ରାମରେ ପୌଷ ପୂର୍ଣ୍ଣିମା ଉପଲକ୍ଷେ ଆଦ୍ୟାଶକ୍ତି ସେବାଶ୍ରମ ଟ୍ରଷ୍ଟ ପକ୍ଷରୁ ପ୍ରଭୁ ଜଗନ୍ନାଥ ଓ ଆଦିମାତାଙ୍କ ଅଭିଷେକ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଏହି ଅଭିଷେକ ପ୍ରତ୍ୟେକ ବର୍ଷ ପୌଷ ପୂର୍ଣ୍ଣିମା ରେ ଶହ ଶହ ଭକ୍ତଙ୍କ ସହଯୋଗରେ ଦୀର୍ଘ ୫୦ବର୍ଷ ଧରି ପାଳିତ ହୋଇଆସୁଛି। ଏହି ଅଭିଷେକରେ ଆଦିମାତାଙ୍କ ପୂଜା ଅର୍ଚ୍ଚନା ହେବା ସହ ଭଜନ କୀର୍ତ୍ତନ ସହିତ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ଏହି ଅଭିଷେକ ରେ ମୁଖ୍ୟ କର୍ତ୍ତା ଭାବରେ ମନୋଜ କୁମାର ବାରିକଙ୍କ ସହ ଡମ୍ବରୁ ଧର ସାହୁ, ନୟନା ଦାସ, ମନୋରମା ସାହୁ, ସୁଲୋଚନା ଭୂୟାଁ, ଦୁର୍ଗା ପ୍ରସାଦ ବେହେରା, ସନ୍ତୋଷ କୁମାର ରଣା, କାଞ୍ଚନ ସାହୁ, ଭାନୁଲତା ରଣା, ବିଶ୍ୱଜିତ ଦାସ ପ୍ରମୁଖ ଯୋଗ ଦେଇ ଅଭିଷେକକୁ ସଫଳ କରାଇଥିଲେ ।

**ବିଡିଓଙ୍କୁ ବିଜେପି ନେତା ଓ କର୍ମୀଙ୍କ ଆକ୍ରମଣ ଘଟଣା**

## ଅଭିଯୁକ୍ତଙ୍କ ଗିରଫ ଦାବିରେ ବ୍ଲକରେ ଝୁଲୁଛି ତାଲା

**ରାଜନଗର, ୬।୧ (ସଂଚାର ବ୍ୟୁରୋ):** ରାଜନଗର ବିଡିଓ ତିଳୋତମା ପୃଷ୍ଟିଙ୍କୁ ବିଜେପି ନେତା ଓ କର୍ମୀ ଆକ୍ରମଣ ଘଟଣାରେ ବିଜୁ ଜନତା ଦଳ ସମର୍ଥୀତ ଲୋକ ପ୍ରତିନିଧି ଓ ନେତାମାନେ ତିନିଦିନ ହେଲା ବ୍ଲକ କାର୍ଯ୍ୟାଳୟରେ ତାଲା ଝୁଲାଇ ଧାରଣାରେ ବସିଛନ୍ତି । ଯାହାଫଳରେ ସରକାରୀ କାର୍ଯ୍ୟ



### ସରକାରୀ କାର୍ଯ୍ୟ ଠପ୍

ସଂପୂର୍ଣ୍ଣ ଠପ ହେବା ସହ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି । ଏପରିକି ବ୍ଲକ କାର୍ଯ୍ୟାଳୟରେ ତାଲା ପଡିବା ସହ ବିଜେଡି ନେତାମାନେ ଧାରଣାରେ ବସି ରହିଥିବାରୁ ସରକାରୀ କର୍ମଚାରୀମାନେ ଆସି ଫେରି ଯାଉଥିବା ଦେଖିବାକୁ ମିଳିଛି।

ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ରଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀମାନେ ତିନିଦିନ ହେଲା ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ମୁଖ୍ୟମନ୍ତ୍ରୀ ଓ ବିଜେପି ନେତାଙ୍କ ବିରୁଦ୍ଧରେ ବିଭିନ୍ନ ନାରାବାଜି କରିଥିଲେ। ବ୍ଲକ ପ୍ରଶାସନ ସଂପୂର୍ଣ୍ଣ ଅଚଳ ହୋଇଯିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ବିଡିଓ ଯୀଶୁକ୍ରିଷ୍ଟ ଦାସ ଧାରଣାସ୍ଥଳରେ ପହଂଚି ଆଲୋଚନା କରିଥିଲେ ମଧ ଆନ୍ଦୋଳନକାରୀ ବିଜେଡି ନେତାମାନେ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବୀ କରି ଜିଦରେ ଅଟଳ ରହିଛନ୍ତି। ଗଣଧାରଣା ଥିବାରୁ ବିଜେଡି ନେତାମାନେ ସନ୍ଧ୍ୟାରେ ଉଠି ଯାଇଥିଲେ। ବୁଧବାର ଦିନ ପୁନର୍ବାର ଧାରଣା ଚାଲୁ ରହିବ ବୋଲି ବ୍ଲକ ବିଜେଡି ସଭାପତି ଶ୍ରୀ ରାଉତ ଘୋଷଣା କରିଥିଲେ ।

## ନିମ୍ନମାନର କାର୍ଯ୍ୟ ନେଇ ଛାତ୍ରଛାତ୍ରୀଙ୍କ ଧାରଣା

**ନିଶ୍ଚିନ୍ତକୋଇଲି, ୬।୧ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନେମାଳ ସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟର ନୂତନ ଗୃହ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର, ସଠିକ୍ ଭାଗ ମାପରେ ନିର୍ମାଣ କାର୍ଯ୍ୟ



ନହେବା ଏବଂ ମହାବିଦ୍ୟାଳୟର ସାଇକେଲ ଷ୍ଟାଣ୍ଡ, ପାଚେରୀ ନିର୍ମାଣ ଓ ଲାଇବ୍ରେରୀରେ ପାଠ୍ୟ ପୁସ୍ତକ ସମସ୍ୟା, ପାନୀୟଜଳର ସମସ୍ୟାର ସମାଧାନ ପାଇଁ ପୂର୍ବରୁ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ମହାବିଦ୍ୟାଳୟର ଅଧକ୍ଷଙ୍କୁ ଅବଗତ କରାଇଥିଲେ ମଧ ଏଥିରେ କୌଣସି ସୁଫଳ ନମିଳିବାରୁ ବାଧ ହୋଇ ଛାତ୍ରଛାତ୍ରୀ ମାନେ ମଙ୍ଗଳବାର ପୂର୍ବାହ୍ନରେ ମହାବିଦ୍ୟାଳୟ ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ୭ଦିନ ଭିତରେ ସେମାନଙ୍କର ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଛାତ୍ର ଛାତ୍ରୀମାନେ କହିଥିଲେ।

ଅନ୍ୟ ପକ୍ଷରେ ଛାତ୍ରଛାତ୍ରୀ ମାନଙ୍କ ସହ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବା ସହ ଗୃହ ନିର୍ମାଣରେ ହୋଇଥିବା ନିମ୍ନମାନର କାର୍ଯ୍ୟର ସଠିକ୍ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ସରକାରୀ ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି ମହାବିଦ୍ୟାଳୟର ଅଧକ୍ଷ କହିଥିଲେ। ଖବର ପାଇ ନିଶ୍ଚିନ୍ତକୋଇଲି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ କୁମାର କର ଓ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ସାହୁ ଧାରଣାସ୍ଥଳରେ ପହଞ୍ଚି ଗୃହ ନିର୍ମାଣରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବା ସହ ଯେଉଁଠି ନିମ୍ନମାନର କାର୍ଯ୍ୟ ହୋଇଛି ସେ ସବୁକୁ ପୁର୍ନବାର ଠିକାଦାର ସଠିକ୍ ଢଙ୍ଗରେ କରିବେ ବୋଲି ଦୁଇ ଅଧିକାରୀ ଛାତ୍ରଛାତ୍ରୀମାନଙ୍କୁ ପ୍ରତିଶ୍ରୁତି ଦେଲାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## କଲେଜ ପକ୍ଷରୁ ମେଡ଼ିକାଲ ସଫେଇ

**ରାଜନଗର, ୬।୧ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ୟୁଥ୍ ରେଡ଼କ୍ରସ୍ ମିଳିତ ଉଦ୍ୟମରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଜାତୀୟ ସେବା ଯୋଜନାର +୩ ପ୍ରୋଗ୍ରାମ ଅଫିସର ଅଧାପକ ଡ଼ ଆଲୋକ ବେହେରା ଏବଂ ୟୁଥ୍ ରେଡ଼କ୍ରସ୍ କାଉନସିଲର ଅଧାପିକା ରାଜଶ୍ରୀ ସାମନ୍ତଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଏବଂ କର୍ମଚାରୀ ମାନେ ମେଡିକାଲ ପରିସର ସଫେଇ କରିଥିଲେ। ଏହି ମହତ୍ତ୍ୱ କାର୍ଯ୍ୟରେ ରାଜନଗର ମେଡିକାଲ ଅଫିସର ରଶ୍ମିରଞ୍ଜନ ମହାନ୍ତି ଯୋଗ ଦେଇ ଉତ୍ସାହିତ




କରିଥିଲେ।ଏଥିରେ +୨ ଜାତୀୟ ସେବା ଯୋଜନା ର ପ୍ରୋଗ୍ରାମ ଅଫିସର ଅଧାପକ ରଞ୍ଜନ କୁମାର ଦଳାଇ, ପ୍ରାଣୀ ବିଜ୍ଞାନର ଅଧାପିକା ଅନସୂୟା ବେହେରା ଏବଂ ଅଧାପକ ଅଭିଜିତ ଖୁଣ୍ଟିଆ, ଦିଲ୍ଲୀପ ମହାରଥା ,କ୍ରୀଡା ଶିକ୍ଷକ ରାଧାକାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିବା ରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ୟୁଥ୍ ରେଡ଼କ୍ରସ୍‌ର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ଯୋଗ ଦେଇ ମେଡିକାଲ ପରିସର ସଫେଇ କରିଥିଲେ। ମେଡିକାଲ କର୍ମଚାରୀମାନେ ସହଯୋଗ କରିଥିଲେ।

## ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ

**କେନ୍ଦ୍ରାପଡ଼ା,୬।୧(ସଂଚାର ବ୍ୟୁରୋ):** ରାଜ୍ୟ ବ୍ୟାପି ପାଣି ପଞ୍ଚାୟତ ପକ୍ଷ-୨୦୨୬ ଜାନୁଆରୀ ୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି । ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଜଳସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ଏକ ସଚେତନତା ରଥକୁ ଜିଲ୍ଲାପାଳ ରଘୁରାମ ଆର ଆୟର ଆଜି ପୂର୍ବାହ୍ନରେ ଶୁଭ ଉଦଘାଟନ କରିଛନ୍ତି ।

ଉକ୍ତ ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ ମୁଖ୍ୟାଳୟ, ପ୍ରମୁଖ ସେଚ ଅଞ୍ଚଳ ମାର୍ଗ ଦେଇ ପାଣି ପଞ୍ଚାୟତର ସଫଳତା ତଥା କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା ବାର୍ତ୍ତା ବଣ୍ଟନ କରିବା। 'ପାଣି ପଞ୍ଚାୟତ-ଚାଷୀ ଓ ଚାଷର ହିତେ ସର୍ବଦା ଜାଗ୍ରତ' ସ୍ଲୋଗାନର ବାର୍ତ୍ତା ଜନସାଧାରଣଙ୍କ ମଧ୍ୟରେ ବାଣ୍ଟିବା। ମହିଳାମାନଙ୍କର ପାଣି ପଞ୍ଚାୟତରେ




ସଂପୃକ୍ତି ଓ ସମାନତାର ଅଧିକାର ବାର୍ତ୍ତା ମଧ ଲୋକମାନଙ୍କ ନିକଟରେ ପହଞ୍ଚାଇବ। ପାଣି ପଞ୍ଚାୟତମାନଙ୍କ ଦକ୍ଷତା ବିକାଶ, ନିରନ୍ତର ଜଳସେଚନ ଓ ଜଳବାୟୁ ସହନଶୀଳ କୃଷି ମାଧମରେ କୃଷକମାନେ ସଶକ୍ତି ହେବା ସହ ନିଜର ରୋଜଗାରକୁ ବୃଦ୍ଧି କରିପାରିବେ ବୋଲି ଜିଲ୍ଲାପାଳ ମତ ରଖିଥିଲେ । ପାଣି ପଞ୍ଚାୟତର ପ୍ରତ୍ୟେକ ସଦସ୍ୟଙ୍କ ଭାଗିଦାରୀ ଓ ସମନ୍ୱୟ ବିନା ପାଣି ପଞ୍ଚାୟତର ସଫଳ କାର୍ଯ୍ୟାନ୍ୱୟନ ସମ୍ଭବ ନୁହେଁ ବୋଲି ମଧ ସେ ମତବ୍ୟକ୍ତ କରିଥିଲେ ।

**ଚୋରି ଘଟଣାରେ ମହାକାଳପଡ଼ା ପୁଲିସକୁ ସଫଳତା**

## ଚୋରି ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ

**ମହାକାଳପଡ଼ା,୬।୧(ସଂଚାର ବ୍ୟୁରୋ):** ଘରୁ ଚୋରି ଘଟଣାରେ ଜଣେ ଅଭିଯୁକ୍ତ ପାଖରୁ ଚୋରି ସାମଗ୍ରୀ ଜବତ କରି ତାକୁ ଗିରଫ କରି ମଙ୍ଗଳବାର ମହାକାଳପଡ଼ା ପୁଲିସ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ସୂଚନା ମୁତାବକ ମହାକାଳପଡ଼ା ଥାନା ଅନ୍ତର୍ଗତ କୁମାରପଡା ଗ୍ରାମର ମମତା ସ୍ୱାଇଁ ୦୫ ଜାନୁଆରୀ ରାତିରେ ମହାକାଳପଡ଼ା ଥାନାରେ ଲିଖିତ



ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ମୁତାବକ ସେହି ଦିନ ପ୍ରାୟ ୧ ଘଟିକା ସମୟରେ ସେହି ଗ୍ରାମର ଘନଶ୍ୟାମ ରାଉତଙ୍କ ପୁଅ ବିଶ୍ୱନାଥ ରାଉତ(ବିଶିଆ) ୩୨ ବର୍ଷ ମମତାଙ୍କ ଘରର କବାଟ ଭାଙ୍ଗି ଗୋଟିଏ ପାଣି ମୋଟର ପମ୍ପ, ଗୋଟିଏ ସୁନା ହାର ଏବଂ ଗୋଟିଏ ସୁନା ମୁଦି ଚୋରି କରିଥିଲେ। ଏନେଇ ସେ ଅଭିଯୁକ୍ତଙ୍କୁ ପଚରାଯିବାରୁ ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲେ। ଅଭିଯୋଗ ଆଧାରରେ ମହାକାଳପଡ଼ା ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇ ଅଭିଯୁକ୍ତ ନିକଟରୁ ଚୋରି ହୋଇଥିବା ଗୋଟିଏ ପାଣି ମୋଟର ପମ୍ପ, ୧୭.୨୧ ଗ୍ରାମ ଓଜନର ସୁନା ହାର ଏବଂ ୧.୯୨ ଗ୍ରାମ ସୁନା ମୁଦି ଉଦ୍ଧାର କରି ଅଭିଯୁକ୍ତକୁ ଗିରଫ କରି ମାନ୍ୟବର କୋର୍ଟରେ ହାଜର କରାଯାଇଛି ବୋଲି ଥାନା ଅଧିକାରୀ ମାନସ ମଲ୍ଲିକ ସୂଚନା ଦେଇଛନ୍ତି।

# ଚାନ୍ଦୋଳ-ଢିଅବସୁପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ବିପର୍ଯ୍ୟସ୍ତ

**ଡେରାବିଶ,୬।୧ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅଧୀନ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଚାନ୍ଦୋଳ କଲେଜ ଛକ ଠାରୁ ଢ଼ିଅବସୁପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ତ୍ୱାବଧାନରେ ହୋଇଥିବା ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ୮ କି.ମି ରାସ୍ତାର ଗୁରୁତ୍ୱକୁ ଉପଲବ୍ଧି କରାଯାଇ ପ୍ରଥମ ପର୍ଯ୍ୟାୟରେ ଛଅ ଫୁଟ ଓସାରର ଢଳେଇ ରାସ୍ତା ନିର୍ମାଣ କରାଯାଇଥିଲା। ଏପରିକି ଏହି ରାସ୍ତାରେ ଛୋଟ ଚାରିଚକିଆ ଯାନଟି ଗଲେ ଅପର ପାର୍ଶ୍ୱରୁ ଆସୁଥିବା ଆଉ ଗୋଟିଏ ଚାରିଚକିଆ ଯାନ ଯିବା ସମ୍ଭବ ହୋଇପାରୁ ନଥିଲା। ପରେ ଅବସ୍ଥାକୁ ଦେଖି ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ କରାଯାଇଥିଲା। ମାତ୍ର ପ୍ରଶସ୍ତୀକରଣ କାର୍ଯ୍ୟ କରାଯିବାର ଏକ ବର୍ଷ ପୂରଣ ହୋଇନଥିବା ବେଳେ ରାସ୍ତାର ଗୋଟିଏ ପାର୍ଶ୍ୱ ଢ଼ଳିପଡ଼ି ଫାଟ ସୃଷ୍ଟି ହେବା ଦ୍ୱାରା ଦୈନନ୍ଦିନ ଦୁର୍ଘଟଣା ଘଟୁଛି ।

ଏହି ରାସ୍ତାଦେଇ ରତାଦିଆ ଖଣ୍ଡସାହି ଓ ବସୁପୁର ପଂଚାୟତ ହଜାର ହଜାର ଜନସାଧାରଣ, ସ୍କୁଲ କଲେଜ ଛାତ୍ରଛାତ୍ରୀ ଯାତାୟାତ ପାଇଁ ନିର୍ଭର କରୁଥିବାବେଳେ ଏହା ବସୁପୁର ସେତୁକୁ ସଂଯୋଗ କରୁଥିବାରୁ ଗରଦପୁର



**ଦୈନନ୍ଦିନ ଘଟୁଛି ଦୁର୍ଘଟଣା**

**କୁମ୍ଭକର୍ଣ୍ଣ ନିଦ୍ରାରେ ଗ୍ରାମ୍ୟ ଉନ୍ନୟନ ବିଭାଗ**

**ତୁରନ୍ତ ମରାମତି କରାନଗଲେ ଆନ୍ଦୋଳନ ଚେତାବନୀ**

ଓ ମାର୍ଶାଘାଇ ବ୍ଲକର ହଜାର ହଜାର ଜନସାଧାରଣଙ୍କ ପାଇଁ ମଧ ଏହା ମୁଖ୍ୟ ରାସ୍ତା । ରାସ୍ତାଟି ଫାଟିଯାଇ ଆଁ କରିଛି। ରାସ୍ତାରୁ ଗୋଡି ମେଟାଲ ଉଠି ଉପରେ ପଡୁଥିବାରୁ ଦୈନିକ ଦୁର୍ଘଟଣା ଘଟୁଛି । ଏଥିପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗର ନିଘା ନାହିଁ । ପ୍ରଶସ୍ତୀକରଣ ରାସ୍ତା କାର୍ଯ୍ୟ ଚାଲିଥିବା ବେଳେ ନିମ୍ନମାନର କାର୍ଯ୍ୟକୁ ଦେଖି ଅଞ୍ଚଳବାସୀ ବିରୋଧ କରିଥିଲେ ମଧ ଏଥିପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ କର୍ଣ୍ଣପାତ କରିନଥିଲେ। ଏପରିକି ରାସ୍ତା ନିର୍ମାଣ ପରେ ମଧ ରାସ୍ତାର ଏପରି ଅବସ୍ଥା ବିଷୟରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି ଅଞ୍ଚଳର ସମାଜସେବୀ ଆଶିଷ କୁମାର ଦାସ, ମାନସ କୁମାର ତ୍ରିପାଠୀ, ନିରଂଜନ ଶତପଥି, ଶୁଭେନ୍ଦୁ ନାୟକ, ସମିତି ସଭ୍ୟନିତ୍ୟାନନ୍ଦ ଭଦ୍ର।

ଏକ ବର୍ଷ ମଧରେ ଏହି ରାସ୍ତାରେ ଶତାଧିକ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟିଛି। ବିପର୍ଯ୍ୟସ୍ତ ରାସ୍ତାକୁ ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ରାସ୍ତାଟିକୁ ଯାତାୟାତ ଉପଯୋଗୀ କରାନଗଲେ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିନାହିଁ ।

## ଶ୍ରୀ ସତ୍ୟ ନାରାୟଣ ସେବା ଟ୍ରଷ୍ଟ ପରିବାରର ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ



**ଆଳି,୬।୧ (ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ଅନ୍ତର୍ଗତ ପତ୍ରପୁର ଠାରେ ଗଢ଼ି ଉଠିଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଏକ ନିଷ୍ଠା ମନୋବଳ ଭିତରେ କେନ୍ଦ୍ରାପଡ଼ା ଜିଲ୍ଲା ଅସହାୟ ଗରୀବ ଅଗ୍ନି ବିପନ୍ନ ରୋଗଗ୍ରସ୍ତ ମଣିଷଙ୍କୁ ସର୍ବଦା ଶ୍ରୀ ସତ୍ୟ ନାରାୟଣ ସେବା ଟ୍ରଷ୍ଟ ସାହାଯ୍ୟ ସହଯୋଗ କରି ଆସୁଛି। ଗତ ରବିବାର ଦିନ ଏକ ବର୍ଷ ପୂର୍ତ୍ତୀ ଉପଲକ୍ଷେ ଟ୍ରଷ୍ଟର ସମସ୍ତ ସଦସ୍ୟମାନେ ଏକତ୍ରିତ ହୋଇ ପତ୍ରପୁର କଲ୍ୟାଣ ମଣ୍ଡପ ପରିସରରେ ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ପାଳନ କରିଥିଲେ। ବନ୍ଧୁ ମିଳନ ଏକ ଅପରିହାର୍ଯ୍ୟ ମାନବର ସଦିଚ୍ଛା ଓ ସମସ୍ତଙ୍କୁ ଭଲ ପାଇବା ପ୍ରତ୍ୟେକ ମଣିଷ ସୁଖ ଦୁଃଖରେ ଭାଗି ହେବା ସମାଜରେ ଏକ ଭଲ ଗୁଣ । ଏହି ବାର୍ଷିକ ଉତ୍ସବ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଫିସର ଶ୍ରୀ ଚକ୍ରଧର ଦାଶ ଦ୍ୱୀପ ପ୍ରଜ୍ୱଳନ କରିବା ସହ ମଞ୍ଚାସୀନ ଓ ମୁଖ୍ୟ ସମ୍ମାନୀତ ଅତିଥି ଭାବେ ଆସନ ଅଳଙ୍କୃତ କରିଥିଲେ। ଏବଂ ଶ୍ରୀ ଦାଶଙ୍କୁ ମାନପତ୍ର ଉତ୍ତରୀୟ ଦେଇ ଟ୍ରଷ୍ଟ ତରଫରୁ ସମ୍ମାନୀତ କରାଯାଇଥିଲା।

# ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ମୁକ୍ତି ଦାବିରେ ସିପିଏମର ବିକ୍ଷୋଭ




**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଆମେରିକା ସମ୍ରାଜ୍ୟବାଦୀ ଚିନ୍ତାଧାରାରେ କାମ କରିବା ସହ କେବଳ ତୈଳ ଭଣ୍ଡାର ଦଖଲ କରିବା ସକାଶେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମଦୁରୋ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରିଛି। ଏକ ସାର୍ବଭୌମ ରାଷ୍ଟ୍ର ଉପରେ ବର୍ବରୋଚିତ ଆକ୍ରମଣ କୌଣସି ଦୃଷ୍ଟିକୋଣରୁ ଗ୍ରହଣୀୟ ନୁହେଁ। ଏହା ଚରମ ବେଆଇନ୍ କାର୍ଯ୍ୟ ଓ ମାନବାଧିକାରର ଖୋଲାଖୋଲି ଉଲ୍ଲଙ୍ଘନ। ସିପିଆଇ(ଏମ) ଓ ସିଆଇଟିୟୁ ଆମେରିକାର ଏହି ମାନବ ସମାଜ ବିରୋଧୀ କାର୍ଯ୍ୟକୁ ତୀବ୍ର ନିନ୍ଦା କରିବା ସହ ତୁରନ୍ତ କମ୍ରେଡ ମଦୁରୋଙ୍କୁ ସସମ୍ମାନେ କାରକସ ରାଜଭବନକୁ ଫେରେଇଦେବା ଦାବି ନେଇ ମାଷ୍ଟର କ୍ୟାଣ୍ଟିନ ଛକରେ ଏକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଏଥିରେ ସିପିଏମ୍ ନେତା ପ୍ରଦୀପ୍ତ ନାୟକ ନେତୃତ୍ୱ ନେଇଥିବା ବେଳେ ସଭାରେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପୁଷ୍ପା ଦାଶ, ଶ୍ରମିକ ନେତା ସୁରେଶ ରାଉତରାୟ, ରାଜ୍ୟ ଉପସଭାପତି ଅଜୟ ମହାନ୍ତି, ପ୍ରଭାତ ପାଣିଗ୍ରାହୀ, ନାରୀ ନେତ୍ରୀ ମିନତୀ ପାଣିଗ୍ରାହୀ, ରାମଚନ୍ଦ୍ର ତ୍ରିପାଠୀ, ଚାମ୍ପୁର ସୋରେନ, ପବିତ୍ର କୁମାର ଜେନା ପ୍ରମୁଖ ଅଭିଭାଷଣ ଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବିଶ୍ୱର ପ୍ରମୁଖ ରାଷ୍ଟ୍ର ଏହି ଅମାନବୀୟ ଘଟଣାକୁ ନିନ୍ଦାକାରୀ ତୁରନ୍ତ ମଦୁରୋ ଙ୍କୁ ମୁକ୍ତି ଦାବୀ କରୁଥିବାବେଳେ ନିଜକୁ ନିଜେ ବିଶ୍ୱଗୁରୁ ବୋଲାଉଥିବା ଭାରତ ର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ପାଟି ଚୁପ କରି ବସିଥିବା କୁ ବକ୍ତାମାନେ ସମାଲୋଚନା କରିଥିଲେ।

## ଷଷ୍ଠ ଜାତୀୟ ଚିଲିକା ମହୋତ୍ସବ ଉଦ୍‌ଘାଟିତ

# ପ୍ରବାସୀ ପକ୍ଷୀଙ୍କ ଆଗମନ ଅନୁକୂଳ ଜଳବାୟୁର ସୂଚକ

**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଆଜି ପର୍ଯ୍ୟଟନ ବିଭାଗ ଓ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସହଯୋଗରେ ଲୋକସେବା ଭବନ ସମ୍ମେଳନ କକ୍ଷରେ ଷଷ୍ଠ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଉପକୂଳକୁ ପ୍ରବାସୀ ପକ୍ଷୀଙ୍କ ଯାତ୍ରା ଓଡ଼ିଶାର ଅନୁକୂଳ ଜଳବାୟୁର ସୂଚକ ବୋଲି ମତ ଦେଇଛନ୍ତି। ଏଥିସହ ସୁରକ୍ଷିତ ଓ ସଂରକ୍ଷିତ ଜଙ୍ଗଲର ମହତ୍ତ୍ୱକୁ ଗୁରୁତ୍ୱ ଦେଇ ଶ୍ରୀମତୀ ପରିଡା ସୁରକ୍ଷିତ ପ୍ରାକୃତିକ ଉପାଦାନ ସୁରକ୍ଷିତ ପର୍ଯ୍ୟଟନର ପ୍ରତୀକ ବୋଲି କହିଛନ୍ତି। ଚିଲିକାରେ ପ୍ରବାସୀ ପକ୍ଷୀମାନଙ୍କର ଆଗମନ, ଗତି ଓ ରହଣି ବିଷୟରେ



ଆଲୋଚନା କରିବା ସହ ଚିଲିକାର ଜୈବ ବିବିଧତା ସଂରକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶର ସଂରକ୍ଷଣ ଓ ସୁରକ୍ଷା ଓଡ଼ିଶା ସରକାରଙ୍କ ପ୍ରାଥମିକତା ବୋଲି ମତ ରଖିଛନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପକ୍ଷୀମାନଙ୍କ ସମାଗମ ସହ ସ୍ଥାନୀୟ ଲୋକଙ୍କ ଆୟର ଉତ୍ସ ଚିଲିକା ହ୍ରଦ ହୋଇଥିବା ବେଳେ ଜାତୀୟ ପକ୍ଷୀ ମହୋତ୍ସବ ଚିଲିକାର ଶୋଭା ବୃଦ୍ଧି କରିବ ବୋଲି ମନ୍ତ୍ରୀ ଆଶା ପୋଷଣ କରିଛନ୍ତି।

ସେହିପରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ପ୍ରଧାନମୁଖ୍ୟ

**ଚିଲିକା ପକ୍ଷୀ ମହୋତ୍ସବ- ପର୍ବ ସ୍ୱାଗତ, ପ୍ରତିଶ୍ରୁତି ଓ ସୁରକ୍ଷାର**

ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ତ, ପ୍ରଧାନମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ପ୍ରକାଶ କୁମାର ଝାଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ, ପକ୍ଷୀପ୍ରେମୀ, ବିଶେଷଜ୍ଞ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ସୁରେଶ ପନ୍ତ ମଧ ଅଭିଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୫୦ ମିଲିୟନ ପକ୍ଷୀଙ୍କ ଉପରେ ପର୍ଯ୍ୟବସିତ ଏକ ପକେଟ ଗାଇଡ, ଫ୍ଲାମିଙ୍ଗୋ ପକ୍ଷୀ ଜୀବନ ଉପରେ ପତ୍ରିକା ଓ ଓଡ଼ିଶାରେ ପକ୍ଷୀ ସଂରକ୍ଷଣ ଉପରେ ପୁସ୍ତିକା ଉନ୍ମୋଚିତ ହୋଇଛି। ଏହି ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅନ୍ତର୍ଗତ ରାଜ୍ୟ ବନ୍ୟପ୍ରାଣୀ ସଂଗଠନ, ଭୁବନେଶ୍ୱର ସହ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ ଟୁରିଜିମ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଣ୍ଟର ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି ଯାହାର ଉଦ୍ଦେଶ୍ୟ ଇକୋ ଟୁରିଜିମ ଉତ୍ପାଦର ବିକାଶ ସହ ମାର୍କେଟିଂ ଓ ପ୍ଲାନିଂ ସପାର୍ଟ ଯୋଗାଇଦେବା। କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ପ୍ରକାଶ କୁମାର ଝା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ପ୍ରଧାନ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଡ. ମନୋଜ ଭି. ନାୟାର ଧନ୍ୟବାଦ ଦେଇଥିଲେ।

# କୁଆଖାଇରେ ବୁଡ଼ି ଦୁଇ ନାବାଳକଙ୍କ ଜୀବନ ଗଲା

● ଭୋଜି କରିବାକୁ ଆସିଥିଲେ, ଆଉ ଫେରିଲେନି

**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** କାଳ ହେଲା ନଦୀ ଗାଧୁଆ। ଭୋଜି କରିବାକୁ ଆସିଥିବା ଦୁଇ ନାବାଳକ କୁଆଖାଇରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଭୁବନେଶ୍ୱରର ମଞ୍ଚେଶ୍ୱର ଖେଳ ପଡିଆ ସାଇଫନ ନିକଟରେ କୁଆଖାଇ ନଦୀପଠାରେ ଘଟିଛି ଏହି ଅଘଟଣ। ପରିବାର ସହ ଭୋଜି କରିବାକୁ ଆସିଥିବା ଦୁଇ ନାବାଳକ ଗାଧୋଇବାର ମଜା ନେବା ସକାଶେ ନଦୀକୁ ଯାଇଥିଲେ। ତେବେ ସେଠାରେ ଗାଧୋଇବା ସମୟରେ ଅସାବଧାନତାବଶତଃ ସେମାନେ ନଦୀରେ ବୁଡ଼ିଯାଇଥିଲେ। ପରେ ପରିବାର ଲୋକେ ସେମାନଙ୍କୁ ଖୋଜାଖୋଜି କରିଥିଲେ ମଧ ନ ପାଇବାରୁ ଶେଷରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ତୁରନ୍ତ ସେମାନଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଉଭୟ ନାବାଳକ ଚକେଇସିହାଣି ଅଞ୍ଚଳର ବୋଲି ଜଣାପଡ଼ିଛି।

# କ୍ରିଶାଙ୍କ ହିନ୍ଦୁସ୍ତାନୀ ଓ ଓଡ଼ିଶୀ ସଙ୍ଗୀତରେ ଝୁମିଲେ ଦର୍ଶକ



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିଭାଶାଳୀ ସଙ୍ଗୀତ ଶିଳ୍ପୀ କ୍ରିଶା ରଥ ଗତ ୩ ତାରିଖରେ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ହିନ୍ଦୁସ୍ତାନୀ ଓ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତର ଏକ ମନୋରମ ସନ୍ଧ୍ୟାରେ ସଙ୍ଗୀତ ପରିବେଷଣ କରି ଉପସ୍ଥିତ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ନିଜ ସଙ୍ଗୀତ ଯାତ୍ରାକୁ ଉତ୍ସର୍ଗ କରି କ୍ରିଶା ଶାଶ୍ୱତ ରାଗ ଓ ଆତ୍ମସ୍ପର୍ଶୀ ସୁରମାଳାର ଏକ ସୁସଂସ୍କୃତ ପ୍ରସ୍ତୁତି ଉପସ୍ଥାପନ କରିଥିଲେ। ଏଥିରେ ଗଭୀର ରସବୋଧ ଓ ଶାସ୍ତ୍ରୀୟ ଶିକ୍ଷାର ଶ୍ରେଷ୍ଠ ଅଭ୍ୟାସ ପ୍ରକାଶିତ ହୋଇଥିଲା। ତାଙ୍କ ପରିବେଷଣରେ ଓଡ଼ିଶୀ ସଙ୍ଗୀତର ସୌନ୍ଦର୍ଯ୍ୟ ଓ ହିନ୍ଦୁସ୍ତାନୀ ସଙ୍ଗୀତର ଗଭୀରତା ସୁନ୍ଦର ଭାବେ ଏକାତ୍ମ ହୋଇଥିଲା। କ୍ରିଶା ଆମେରିକାରେ ରହୁଥିବା ଓଡିଶୀ ସଙ୍ଗୀତ ଗୁରୁ ଆରତୀ ମିଶ୍ର ଓ ହିନ୍ଦୁସ୍ତାନୀ ଓ ସଙ୍ଗୀତ ଗୁରୁ ବିନିତା ଅରୋରାଙ୍କ ମାର୍ଗଦର୍ଶନରେ ପ୍ରଶିକ୍ଷିତ। ତାଙ୍କର ଆତ୍ମବିଶ୍ୱାସୀ ପ୍ରସ୍ତୁତି, ସ୍ୱରର ପବିତ୍ରତା ଓ ଭାବାନୁଭୂତିପୂର୍ଣ୍ଣ ଅଭିବ୍ୟକ୍ତିରେ ଗୁରୁମାନଙ୍କର ପ୍ରଭାବ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥିଲା। ସଙ୍ଗୀତ ପ୍ରେମୀ ମଧ କାର୍ଯ୍ୟକ୍ରମକୁ ବେଶ୍ ଉପଭୋଗ କରିଥିଲେ। କ୍ରିଶା ଜଣେ ଖ୍ୟାତନାମା ଚିକିତ୍ସକ ଡା. କଲ୍ୟାଣ ରଥ ଓ ଡା. ଦୁର୍ବା ମିଶ୍ରଙ୍କ ସୁକନ୍ୟା ହୋଇଥିବା ବେଳେ ଆଲୋଚ୍ୟ ସଙ୍ଗୀତ ସନ୍ଧ୍ୟାରେ ବିଶିଷ୍ଟ ଓଡ଼ିଆ ଗାୟିକା ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

## ୧୦ରୁ ୧୮ ପର୍ଯ୍ୟନ୍ତ ମେଗା ଶିଶିର ସରସ ମେଳା-୨୦୨୬

# ୨୧ ରାଜ୍ୟର କାରିଗର ଖୋଲିବେ ୩୪୦ ଷ୍ଟଲ୍

- ଉପଲବ୍ଧ ହେବ ସୁବର୍ଣ୍ଣପୁରର ହସ୍ତତନ୍ତ
- ମନ କିଣିବ ଝାଡ଼ଖଣ୍ଡୀ ଟସର ସିଲ୍କ
- ୩୦ କୋଟି ଟଙ୍କାର ବିକ୍ରି ଲକ୍ଷ୍ୟ
- ହ୍ୟୁମାନ ସାଗରଙ୍କ ସ୍ମୃତିରେ ସଙ୍ଗୀତ ସନ୍ଧ୍ୟା



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓରମାସ ଦ୍ୱାରା ଆସନ୍ତା ୧୦ରୁ ଆରମ୍ଭ ହେବ 'ଶିଶିର ସରସ-୨୦୨୬'। ଏଠାକାର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଏହି ମେଳା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ମିଶନ ଶକ୍ତିର ମିଳିତ ସହଭାଗିତାରେ ଆୟୋଜିତ ହେବାକୁ ଥିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଗ୍ରାମୀଣ ଉତ୍ପାଦକ, କାରିଗର ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସିଧାସଳଖ ବିକ୍ରି ସୁଯୋଗ ପ୍ରଦାନ କରିବା। ଏଥିରେ ଓଡ଼ିଶା ସହ ୨୧ଟି ରାଜ୍ୟର କାରିଗର ଅଂଶଗ୍ରହଣ କରି ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରିବେ। ମେଳା ପରିସରରେ ସମୁଦାୟ ୩୪୦ଟି ବିକ୍ରି ଷ୍ଟଲ୍ ସହ ୩୫ଟି ଖାଦ୍ୟ ଷ୍ଟଲ୍ ମଧ ପଡ଼ିବ, ଯାହା ପରିଦର୍ଶକମାନଙ୍କୁ ଏକ ମିନି ଇଣ୍ଡିଆ ବଜାରର ଅନୁଭୂତି ଦେବ। ଏଠାରେ ଓଡ଼ିଶାର ବରଗଡ଼, ସମ୍ବଲପୁର, ବଲାଙ୍ଗୀର ଓ ସୁବର୍ଣ୍ଣପୁରର ହସ୍ତତନ୍ତ, ବାଲେଶ୍ୱରର ଲାଖ ସାମଗ୍ରୀ, କେନ୍ଦୁଝରର ପେପର ମାଶେ, କନ୍ଧମାଳ ଓ କଳାହାଣ୍ଡିର କାଠ କାମ, କେନ୍ଦ୍ରାପଡ଼ା ଓ ଜଗତସିଂହପୁରର କାଇଁଚ, ବଲାଙ୍ଗୀରର ଟେରାକୋଟା, କୋରାପୁଟର ଲେମନଗ୍ରାସ ଓ କଳାଜିରା ଚାଉଳ, ସୁନ୍ଦରଗଡ଼ର ମିଲେଟ ଉତ୍ପାଦ ମେଳାରେ ଉପଲବ୍ଧ ହେବ। ସେହିପରି ଆନ୍ଧ୍ର ପ୍ରଦେଶର କଲମକରୀ ହସ୍ତତନ୍ତ, ଛତିଶଗଡ଼ର କୋସା ସିଲ୍କ, ଝାଡ଼ଖଣ୍ଡର ଟସର ସିଲ୍କ, ଉତ୍ତର ପ୍ରଦେଶର ଚିକନକାରୀ, ଜାମ୍ମୁ-କଶ୍ମୀରର ଉଲେନ୍ ପୋଷାକ, ପଞ୍ଜାବର ଫୁଲକରୀ, ମଧ୍ୟପ୍ରଦେଶର ବ୍ଲକ୍ ପ୍ରିଣ୍ଟ, କର୍ଣ୍ଣାଟକର କୃତ୍ରିମ ଗହଣା ସହ ଦେଶର ବିଭିନ୍ନ ରାଜ୍ୟର ହସ୍ତଶିଳ୍ପ ଓ ଗ୍ରାମୀଣ ଉତ୍ପାଦ ମେଳାର ମୁଖ୍ୟ ଆକର୍ଷଣ ହେବ। ମେଳାରେ ୬ଟି କର୍ମଶାଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରାୟ ୮୫୦ ସିବିଓ ଓ ଏସଏଚଜି ସଦସ୍ୟ ଯୋଗଦେବେ। ସନ୍ଧ୍ୟାରେ ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ସ୍ମୃତିରେ ବିଶେଷ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହେବ। ମେଗା ମେଳା ମାଧ୍ୟମରେ ପ୍ରାୟ ୩୦ କୋଟିର ବ୍ୟବସାୟ ଲକ୍ଷ୍ୟ ରହିଛି ବୋଲି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି।

## ଅଭାବୀ ବିକ୍ରି ଓ ଧାନକିଣାରେ ଅବ୍ୟବସ୍ଥାକୁ ବିରୋଧ

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ନବନିର୍ମାଣ କୃଷକ ସଂଗଠନ




**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା, ଧାନର ଅଭାବୀ ବିକ୍ରି ପ୍ରସଙ୍ଗରେ ଆଜି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାଜଧାନୀରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଥିଲା। ସଂଗଠନର ରାଜ୍ୟର ଶତାଧିକ କର୍ମକର୍ତ୍ତା ଓ ନେତୃମଣ୍ଡଳୀ ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନରୁ ମୁଖ୍ୟମନ୍ତ୍ରୀ ବାସଭବନ ନିକଟରେ ପହଞ୍ଚି ଏହି ଘେରାଉ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଯେ ଧାନକିଣାରେ ଚାଷୀମାନେ ସମ୍ମୁଖୀନ ହେଉଥିବା ଅବ୍ୟବସ୍ଥା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କୌଣସି ପଦକ୍ଷେପ ନିଆଯାଇନାହିଁ। ମିଲରମାନେ ମନମାନୀ କରି ଧର୍ମଘଟ ଚଳାଇଛନ୍ତି। ସରକାର, ପ୍ରଶାସନ ଓ ମିଲର ଚାଷୀ ଧାନବିକ୍ରିରେ ବାଧକ ହୋଇଛନ୍ତି। ଅଦ୍ୟାବଧି କେତେକ ଜିଲ୍ଲାରେ ମଣ୍ଡି ଖୋଲିନାହିଁ, ଯେଉଁଠି ମଣ୍ଡି ଖୋଲିଛି ସେଠି ଟୋକନ ମିଳୁନାହିଁ। ଏପରି ସ୍ଥିତିରେ ସରକାର ଚାଷୀଙ୍କ ସମସ୍ୟାର ତ୍ୱରିତ ସମାଧାନ ନ କଲେ, ବିଜେପି ମଧ ବିଜେଡି ଦଶା ଭୋଗିବ ବୋଲି ଶ୍ରୀ କୁମାର ଚେତାବନୀ ଦେଇଛନ୍ତି। ସେହିପରି ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି ଯେ ରାଜ୍ୟ ସରକାର ଜନତାଙ୍କ ସରକାର ବୋଲି ଡିଣ୍ଡିମ୍ ପିଟୁଥିଲେ ହେଁ ଚାଷୀ ଧାନ ବିକ୍ରିରେ ନାକରେ କାନ୍ଦିବା ଭଳି ପରିସ୍ଥିତି ଭୋଗୁଛି। ମୁଖ୍ୟମନ୍ତ୍ରୀ କି ସରକାର କେହି ବି ଏନେଇ କୌଣସି ପଦକ୍ଷେପ ନେଉନାହାନ୍ତି। ମିଲରମାନେ ଧାନକିଣାରେ ଏଫସିଆଇଠାରୁ ବିଭିନ୍ନ ଉପାୟରେ କୋଟି କୋଟି ଟଙ୍କା ପାଉଥିବା ବେଳେ ପରିବହନ ଦର ବଢ଼ାଇବା ପାଇଁ ଚାଲିଥିବା ଆନ୍ଦୋଳନ ଚାଷୀବିରୋଧୀ ପଦକ୍ଷେପ। ତେଣୁ ଓଡ଼ିଶାରୁ ମିଲର ବ୍ୟବସ୍ଥା ଉଚ୍ଛେଦ କରାଯିବା ସହ ଏଫସିଆଇ ମାଧ୍ୟମରେ ଧାନ କିଣିବା ଦିଗରେ ପଦକ୍ଷେପ ନେବାକୁ ଶ୍ରୀ ନନ୍ଦ ଦାବି କରିଛନ୍ତି। ଏଥିସହ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ ଓ ସଂଗଠନର ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ସରକାର ତୃଣମୂଳ ସ୍ତରରେ ଚାଷୀଙ୍କ ସହ ଯୋଗସୂତ୍ର ରଖିବାକୁ ଦାବି କରିଛନ୍ତି।

# ୧୧ରେ ଜୀ ସାର୍ଥକରେ 'ଚ୍ୟାଲେଞ୍ଜ୍'ର ୱାର୍ଲ୍ଡ ଟିଭି ପ୍ରିମିୟର୍



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଗତ ବର୍ଷ ଦଶହରା ଉପଲକ୍ଷେ ବଡ଼ ପରଦାରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଫିଲ୍ମ 'ଚ୍ୟାଲେଞ୍ଜ', ଯାହା ସାରା ଓଡ଼ିଶାରେ ବେଶ୍ ଲୋକାଦୃତ ହେବା ସହ ସୁପରହିଟ୍ ଫିଲ୍ମର ମାନ୍ୟତା ପାଇଥିଲା। ଏହି ଫିଲ୍ମ ଆସନ୍ତା ୧୧ ଜାନୁଆରୀ ସନ୍ଧ୍ୟା ସାଢ଼େ ୬ଟାରେ ଜୀ ସାର୍ଥକରେ ପ୍ରସାରିତ ହେବ। ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ 'ଚ୍ୟାଲେଞ୍ଜ'ରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ଅର୍ଦ୍ଧେନ୍ଦୁ ସାହୁଙ୍କ ଆକ୍ସନ ସାଙ୍ଗକୁ ଏଲିନା ସାମନ୍ତରାୟଙ୍କ ସହ ପ୍ରେମ କାହାଣୀ ଦର୍ଶକଙ୍କୁ ଢେର ମନୋରଞ୍ଜନ ଯୋଗାଇଥିଲା। ଆଲବମ କୁଇନ୍ ଲିପି ଓ ପୁପିଙ୍କ 'ଜାଇଫୁଲ' ଯୋଡ଼ିକୁ ବି ଦର୍ଶକ ଢେର ଭଲ ପାଇବା ଦେଇଛନ୍ତି। ପୂରା ଓଡ଼ିଶାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମଟି ପ୍ରାୟ ୫୦ଟି ପ୍ରେକ୍ଷାଳୟରେ ହଜାରେ ଶୋ'ରୁ ଅଧିକ ଚାଲିଥିଲା। ସାଇ କିରଣ ମଙ୍ଗରାଜଙ୍କ ନିର୍ଦ୍ଦେଶିତ ଓ ମାନସ ପଢ଼ିଆରୀଙ୍କ କାହାଣୀ ଓ ସଂଳାପରେ ଅଭିଜ୍ଞ କଳାକାର ବିଭିନ୍ନ ଭୂମିକାରେ ଜୀବନ୍ତ ଅଭିନୟ କରିଛନ୍ତି। ଏଥିରେ ରବି ମିଶ୍ର, ପୃଥ୍ୱୀରାଜ ନାୟକ, ରତନ ମେହେର, ହରିହର ମହାପାତ୍ର, ଶକ୍ତି ବରାଳ, ମାମୁନି ମିଶ୍ର, ଭକ୍ତି ଓ ବିଭାସ ପ୍ରମୁଖ। ଏଥିସହ ବଲିଉଡ୍‌ର ଜଣାଶୁଣା କଳାକାର ପୁନିତ ଇଶର ଓରଫ 'ଦୁର୍ଯ୍ୟୋଧନ' ପ୍ରଥମ ଥର ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିଥିବାରୁ 'ଚ୍ୟାଲେଞ୍ଜ'କୁ ଦର୍ଶକ ବେଶୀ ପସନ୍ଦ କରିଥିଲେ। ଏହାର ଗୀତଗୁଡ଼ିକୁ ସଜାଇଛନ୍ତି ଗୌରବ ଆନନ୍ଦ। ଅମିତ ନାୟକ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ଏହାକୁ ଛୋଟ ପରଦାରେ ଉପଭୋଗ କରିବେ ବୋଲି ଚ୍ୟାନେଲ ମୁଖ୍ୟ ରାହୁଲ ରାଓ କହିଛନ୍ତି।

ପ୍ରଥମ 'କୃଷି ଜ୍ଞାନ ବକ୍ତୃତାମାଳା...' ଉଦ୍‌ଘାଟିତ

# କୃଷି-କୌଶଳ ବିକାଶ କ୍ଷେତ୍ରରେ ଓଡ଼ିଶା ଆଗୁଆ




**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ସ୍ଥାନୀୟ 'କୃଷି ଜ୍ଞାନ ବକ୍ତୃତାମାଳା: ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା' ଶୀର୍ଷକ ଏକ ବକ୍ତୃତାମାଳା ଉଦ୍‌ଘାଟିତ ହୋଇଛି। ଏହି ପ୍ରଥମ ବ୍ୟାଖ୍ୟା ସିରିଜ୍‌ରେ କୃଷି ଗବେଷଣା ଓ ଶିକ୍ଷା ବିଭାଗ ସଚିବ ତଥା ଭାରତୀୟ କୃଷି ଗବେଷଣା ପରିଷଦ ବିଭାଗୀୟ ମହାନିର୍ଦ୍ଦେଶକ ଡକ୍ଟର ମାଙ୍ଗୀ ଲାଲ ଜାଟ୍ ଭାରତରେ କୃଷି ବିକାଶର ଭବିଷ୍ୟତ ରୋଡମ୍ୟାପ୍ ଉପରେ ବକ୍ତୃତା ଦେଇଥିଲେ। ଏଥିରେ କୃଷି ଗବେଷଣା, ଶିକ୍ଷା ଓ ସମ୍ପ୍ରସାରଣ କ୍ଷେତ୍ରରେ ବିକଶିତ ଭାରତ-୨୦୪୭ ପାଇଁ ଭିଜନ୍ ପ୍ଲାନ୍ ଓ ଓଡ଼ିଶା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଡକ୍ଟର ଜାଟ୍ 'ଓଡିଶା ଉପରେ ଧ୍ୟାନ ଦେଇ କୃଷି ଗବେଷଣା, ଶିକ୍ଷା ଏବଂ ସମ୍ପ୍ରସାରଣ କ୍ଷେତ୍ରରେ ବିକଶିତ ଭାରତ ପାଇଁ ଭିଜନ୍ ପ୍ଲାନ୍ ୨୦୪୭' ଉପରେ ମଧ ଏକ ଜ୍ଞାନବର୍ଦ୍ଧକ ବକ୍ତୃତା ପ୍ରଦାନ କରିଥିଲେ। ସେ କହିଥିଲେ ଯେ ବିଜ୍ଞାନ-ନେତୃତ୍ୱାଧୀନ କୃଷି ପରିବର୍ତ୍ତନରେ ଓଡ଼ିଶା ଅନ୍ୟମାନଙ୍କ ପାଇଁ ଏକ ଜୀବନ୍ତ ପ୍ରୟୋଗଶାଳା। କୃଷି-କୌଶଳ ବିକାଶ କ୍ଷେତ୍ରରେ ଓଡ଼ିଶା ଅନେକ ରାଜ୍ୟ ଠାରୁ ବହୁତ ଆଗରେ। ଡକ୍ଟର ଜାଟ୍ ଓଡ଼ିଶାରେ କୃଷିର ପରିବର୍ତ୍ତନ ଓ ଦୃଷ୍ଟିକୋଣକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ବକ୍ତୃତା ଓଡ଼ିଶାର ଅନନ୍ୟ କୃଷି-ଜଳବାୟୁ ଓ ସାମାଜିକ-ଅର୍ଥନୈତିକ ପରିପ୍ରେକ୍ଷୀକୁ ସମ୍ବୋଧିତ କରିବା ସହ କୃଷି ଗବେଷଣା, ଶିକ୍ଷା ଓ ସମ୍ପ୍ରସାରଣ ବ୍ୟବସ୍ଥାରେ ରଣନୈତିକ ପ୍ରାଥମିକତା, ନବସୃଜନ ଓ ନୀତି ନିର୍ଦ୍ଦେଶନା ଉପରେ ଆଲୋକପାତ କରିଛି, ଯାହା ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ କରିବା ସକାଶେ ବିଶେଷ ଗୁରୁତ୍ୱ ବହନ କରେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ଅତିଥିଙ୍କ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିବା ବେଳେ ପରେ ପ୍ରଶ୍ନୋତ୍ତର ଅଧିବେଶନରେ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ସଂଗ୍ରାମ କେଶରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏଥିରେ ସରକାରୀ ଅଧିକାରୀ, ବୈଜ୍ଞାନିକ, ଶିକ୍ଷାବିତ୍, ଓୟୁଏଟି, ଆଇସିଏଆର ପ୍ରତିନିଧି ଉପସ୍ଥିତ ଥିଲେ।

## ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ

# ସିବିଆଇର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଲା ବିଜେଡି



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ମାମଲାରେ ସିବିଆଇ ପ୍ରାଥମିକ ଚାର୍ଜସିଟ ଦାଖଲ କରିଥିବା ବେଳେ ଏହା ଉପରେ ପ୍ରଶ୍ନବାଚୀ ଲଗାଇଛି ବିରୋଧୀ ବିଜେଡି। ସିବିଆଇ ଦାଖଲ କରିଥିବା ଚାର୍ଜସିଟ୍‌ରେ ଏହି ସ୍କାମ୍‌ରେ ଜଡ଼ିତ ବଡ଼ ମୁଣ୍ଡମାନଙ୍କୁ ଖସାଇବା ସକାଶେ ଉଦ୍ୟମ ହେଉଛି ବୋଲି ଦଳ ପକ୍ଷରୁ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ଅଭିଯୋଗ କରିଛନ୍ତି। ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ସିବିଆଇର ଆରୋପପତ୍ରରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଓପିଆରବି ଏହି ଏସଆଇ ନିଯୁକ୍ତି ଦାୟିତ୍ୱରେ ଥିଲେ ହେଁ ପରିଚାଳନା ଦାୟିତ୍ୱ କେନ୍ଦ୍ର ସରକାରଙ୍କ ସଂସ୍ଥା ଆଇଟିଆଇକୁ ଗତ ୨୦୨୪ ଡିସେମ୍ବର ୩୧ ତାରିଖରେ ଦିଆଯାଇଥିଲା। ଏହାପରେ ଆଇଟିଆଇ ଏହି କାମକୁ ରିଚ୍ ମାଇଣ୍ଡକୁ ପ୍ରଦାନ କରିଥିଲା, ଯାହାକୁ ଗତ ବର୍ଷ ମେ'ରେ ବାତିଲ କରାଯାଇଥିଲା। ଏହାର ପ୍ରାୟ ୪୦ ଦିନ ପରେ ସିଲିକନ ଟେକ୍‌ଲ୍ୟାବ୍‌କୁ ଏହି କାମ ଦିଆଯାଇଥିଲା। ପରେ ସିଲିକନ ଏହି କାମ ପଞ୍ଚସଫ୍ଟ ଟେକ୍ନୋଲୋଜିକୁ ଓପିଆରବି ଓ ଆଇଟିଆଇର ବିନାନୁମୋଦନରେ ଦେଇଥିବା କୁହାଯାଇଛି। ଏଥିରେ ସିଲିକନ ଟେକ୍‌ଲ୍ୟାବ୍ ମାଲିକ ସୁରେଶ ନାୟକଙ୍କୁ ମୁଖ୍ୟ ଅଭିଯୁକ୍ତ କୁହାଯାଇଥିବା ବେଳେ ପଞ୍ଚସଫ୍ଟ ଟେକ୍ନୋଲୋଜିର ମାଲିକ ଶଙ୍କର ପୃଷ୍ଟି ଓ ଅନ୍ୟ ୧୪ ଜଣଙ୍କୁ ସେମାନଙ୍କ ସହଯୋଗୀ ବୋଲି ଦର୍ଶାଯାଇଛି। ସମସ୍ତ ଅଭିଯୁକ୍ତ ସିଲିକନ ଓ ପଞ୍ଚସଫ୍ଟ କମ୍ପାନୀ ସହ ଜଡ଼ିତ। ତେବେ ନିଯୁକ୍ତି ପରୀକ୍ଷା ରାଜ୍ୟ ସରକାରଙ୍କ ଗୃହ ବିଭାଗର ଅଂଶ ହୋଇଥିବା ବେଳେ ଏହି ଆରୋପପତ୍ରରେ ଓପିଆରବି, ଆଇଟିଆଇ ଓ ଗୃହ ବିଭାଗର କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ନେଇ କିଛି ବି କୁହାଯାଇନାହିଁ। ଆରୋପପତ୍ରରେ ଓପିଆରବି ଓ ଆଇଟିଆଇର ବିନାନୁମୋଦନରେ ସିଲିକନ ପଞ୍ଚସଫ୍ଟକୁ ଏହି କାର୍ଯ୍ୟରେ ନିୟୋଜିତ କରିଥିବା କୁହାଯାଇଛି। କିନ୍ତୁ ଓପିଆରବି ଓ ଗୃହ ବିଭାଗର ବିଫଳତା କାରଣରୁ ଏପରି ଏକ ବଡ଼ ଦୁର୍ନୀତି ଘଟିଥିବାରୁ ଉକ୍ତ ଦୁଇ ସଂସ୍ଥାର ଅଧିକାରୀମାନେ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ। ତେଣୁ ସିବିଆଇ ଏହି ଅଧିକାରୀମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛି, ତାହା ସ୍ପଷ୍ଟ ବୋଲି ଡ. ମହାନ୍ତି କହିଛନ୍ତି। ଏଥିସହ ଏହି ମାମଲାରେ ମୋଟା ଅଙ୍କର ନେଣଦେଣ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି।

# ଚିଲିକାକୁ ମିଳିବ ନୂଆ ରୂପ

● କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଭେଟିଲେ ପୃଥ୍ୱୀରାଜ

**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ଚିଲିକା ହ୍ରଦକୁ ନୂଆ ରୂପ ଦେବା ସକାଶେ ସରକାର ନିଷ୍ପତ୍ତି ନେଇଛନ୍ତି। ଚିଲିକାର ବିକାଶ କରାଯିବା ସହ ଏହାକୁ ସମ୍ପୂର୍ଣ୍ଣ ଅବରୋଧମୁକ୍ତ ବି କରାଯିବ। ଏନେଇ ଆଜି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ରାଜ୍ୟ ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଭେଟିଛନ୍ତି। ଉଭୟଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସମୟରେ ପୁରୀ ସାଂସଦ ସମ୍ବିତ ପାତ୍ର ମଧ ଉପସ୍ଥିତ ଥିଲେ। ଏହି ଅବସରରେ ଚିଲିକାର ଦୀର୍ଘକାଳୀନ ସୁରକ୍ଷା ଓ ପୁନରୁଦ୍ଧାର ପ୍ରସଙ୍ଗରେ ଆଲୋଚନା ହୋଇଛି। ପରିବର୍ତ୍ତିତ ସ୍ଥିତି ନେଇ ଆଇଆଇଟି ମାଡ୍ରାସ୍ ପକ୍ଷରୁ ବିଜ୍ଞାନଭିତ୍ତିକ ରୋଡମ୍ୟାପ ଦିଆଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଚିଲିକାର ପୁନରୁଦ୍ଧାର କରାଯିବ। ଏସିଆର ସବୁଠୁ ବଡ଼ ହ୍ରଦ ଚିଲିକା ପର୍ଯ୍ୟଟନ ଦୃଷ୍ଟିରୁ ବେଶ୍ ସମୃଦ୍ଧ। ଚିଲିକାର ପୁନରୁଦ୍ଧାର ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ସହ ପରିବେଶ ସୁରକ୍ଷାରେ ବିଶେଷ ଭାବେ ସହାୟକ ହେବ ବୋଲି ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ପୂର୍ବରୁ ହୋଇଥିବା ବିସ୍ତୃତ ଆଲୋଚନା ଆଧାରରେ କେନ୍ଦ୍ର-ରାଜ୍ୟ ସମନ୍ୱିତ ପଦ୍ଧତି ବାବଦରେ ଆଜି ସୀତାରମଣଙ୍କ ସହ ଆଲୋଚନା ହୋଇଛି। ଚିଲିକା ପାଇଁ ୧୫୦୦ରୁ ୨ ହଜାର କୋଟିର ଡିପିଆର୍ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

# ନଡ଼ାରେ ନିଆଁ, ବାୟୁମଣ୍ଡଳ ପ୍ରଦୂଷିତ

**ଭୁବନେଶ୍ୱର,୬।୧:** ଓଡିଶାରେ ବାୟୁ ପ୍ରଦୂଷଣ ଅତି ଖରାପ ସ୍ତରକୁ ଯାଇଥିବାବେଳେ ଏହାର ପ୍ରତିକାର ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ପାରୁନାହିଁ। ବିଶେଷକରି କମ୍ବାଇନଡ୍ ହାର୍ଭେଷ୍ଟର (ଧାନ କଟା ଯନ୍ତ୍ର)ରେ ବିଲରେ ଧାନ ଅମଳ ସହଜରେ ଓ ଶସ୍ତାରେ ହେଉଥିବାରୁ ଚାଷୀମାନେ ଧାନ ଆଣି ପରିତ୍ୟକ୍ତ ନଡାରେ ନିଆଁ ଲଗାଇ ଦେବାରୁ ବାୟୁମଣ୍ଡଳ ଅଧିକ ମାତ୍ରାରେ ପ୍ରଦୂଷିତ ହେଉଛି। ଉତ୍ତରପ୍ରଦେଶ, ହରିଆନା, ପଞ୍ଜାବ ଭଳି ରାଜ୍ୟରେ ଏହିଭଳି ଧାନ ଓ ଗହମ ଉତ୍ପାଦନ ପରେ ଚାଷୀମାନେ ବିଲରେ ନିଆଁ ଲଗାଇଦେବା କାରଣରୁ ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳ ମଧ ବର୍ଷ ବର୍ଷ ଧରି ପ୍ରଦୂଷିତ ହୋଇଆସୁଛି। ଏଥିଘେନି ସୁପ୍ରିମକୋର୍ଟ ବାରମ୍ବାର ତାଗିଦା କରିବା ସତ୍ତ୍ୱେ ବି ପରିସ୍ଥିତିରେ ସୁଧାର ଆସୁନାହିଁ। ଆଗେ ଗାଁଗହଳରେ ସଂଖ୍ୟାଧିକ ଘର ଚାଳଛପର ଥିଲା। ତେଣୁ ନଡା ଉପରେ ବେଶ୍ ଚାହିଦା ରହୁଥିଲା। ଏହାଛଡା ଘରେ ଘରେ ବଳଦ, ଗାଈ ଆଦି ରହୁଥିବାରୁ ସେମାନଙ୍କ ପାଇଁ କୁଟା ଦରକାର ହେଉଥିଲା। ତେଣୁ ଧାନକାଟିବା ସହ ଚାଷୀମାନେ ନଡା ସଂଗ୍ରହ କରୁଥିଲେ ଏବଂ ଧାନ ବେଙ୍ଗଳା ପକାଇ କୁଟା ଗଦାମାଡି ରଖୁଥିଲେ। ଏହାଛଡା ଧାନ ସଂରକ୍ଷଣ ପାଇଁ କୁଟାରେ ଓଳିଆ ତିଆରି ହେଉଥିଲା। ଏବେ କିନ୍ତୁ ଗାଁ ଗହଳରେ ବି ପ୍ରାୟ ଚାଳଘର ଦେଖିବାକୁ ମିଳୁନାହିଁ। କୃଷି ଶ୍ରମିକ ଖଟାଇବାରେ ଅଧିକ ଖର୍ଚ୍ଚ ହେଉଥିବାରୁ କୃଷକମାନେ ଯାନ୍ତ୍ରିକ କୃଷିକୁ ଆପଣାଇ ଟ୍ରାକ୍ଟରରେ ବିଲ ହଳ କରିବାଠାରୁ ଆରମ୍ଭକରି କମ୍ବାଇନଡ୍ ହାର୍ଭେଷ୍ଟରରେ ବିଲରେ ଧାନ ଅମଳ କରି ନେଇ ଆସୁଛନ୍ତି ଏବଂ ତାହାକୁ ଅଖାରେ ଭର୍ତ୍ତିକରି ବିକ୍ରି ପାଇଁ ମଣ୍ଡିକୁ ନେଉଛନ୍ତି। ଫଳରେ ନଡା ଓ କୁଟାର ଚାହିଦା କମିଯାଉଛି। କୃଷକମାନେ କହୁଛନ୍ତି ଯେ ନଡା ଉପଯୋଗ କରି କେବଳ ଛତୁଚାଷ କରିହେଉଛି। କିନ୍ତୁ ବିଲରେ ପଡି ରହୁଥିବା ନଡା, କୁଟା ଆଦିକୁ କମ୍ପୋଷ୍ଟ ଖତରେ ପରିଣତ କରିବାକୁ କିଛି ବ୍ୟବସ୍ଥା ନାହିଁ। ତେଣୁ ଜମି ଚାଷ କରିବା ପୂର୍ବରୁ ବିଲରେ ହିଁ ନଡା କୁଟା ଆଦିକୁ ଚାଷୀମାନେ ଜାଳିବାକୁ ବାଧ ହେଉଛନ୍ତି। ବିଲରେ ନଡା ଜଳାଯିବା ଫଳରେ ଚାଷଜମିର ଉର୍ବରତା ହ୍ରାସପାଉଛି। ଜିଆ ଭଳି ଯେଉଁ ଆମିଓବାମାନେ ପ୍ରାକୃତିକ ଉପାୟରେ ମାଟିକୁ ତଳ ଉପର କରି ଉର୍ବର କରୁଥିଲେ ସେମାନଙ୍କ ବଂଶ ବୁଡିଯାଉଛି। ଏଣେ ଗାଈ ବଳଦଙ୍କ ସଂଖ୍ୟା କମୁଥିବାରୁ ଚାଷଜମିପାଇଁ ପର୍ଯ୍ୟାପ୍ତ ପରିମାଣର ଗୋବରଖତ ମିଳୁନାହିଁ। ଫଳରେ ରସାୟନିକ ସାର ଓ କୀଟନାଶକକୁ ଭରସା କରି ଚାଷକାର୍ଯ୍ୟ ଚାଲୁଛି। (ତଥ୍ୟ)



ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ବୁଧବାର ୭ ଜାନୁଆରୀ ୨୦୨୬, ଭୁବନେଶ୍ୱର

Wednesday 7 January 2026, Bhubaneswar

# ପ୍ରଦୂଷଣ ଯାଞ୍ଚରେ ଜନତା କ୍ଷୁବ୍ଧ




ଓଡ଼ିଶାରେ ଯାନବାହନ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ନିୟମକୁ କଡ଼ାକଡ଼ି କରାଯିବା ପରେ ଜନତାର ଆକ୍ରୋଶ ବଢ଼ିବାରେ ଲାଗିଛି। ଡିସେମ୍ବର ୨୦୨୫ରେ ରାଜ୍ୟ ସରକାର ତେଲ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ପିୟୁସିସି ବିନା ଯାନବାହନକୁ ଇନ୍ଧନ ଦିଆଯାଉ ନାହିଁ। ଏହା ପରେ ପରୀକ୍ଷଣ କେନ୍ଦ୍ରଗୁଡ଼ିକରେ ବିପୁଳ ଭିଡ଼ ହୋଇଯାଇଛି, ଲମ୍ବା ଧାଡ଼ିରେ ଲୋକମାନେ ଅପେକ୍ଷା କରୁଛନ୍ତି ଏବଂ ସର୍ଭର ସମସ୍ୟା ଯୋଗୁଁ ଅନେକେ ହନ୍ତସନ୍ତ ହେଉଛନ୍ତି। ରାଜ୍ୟରେ ଲକ୍ଷାଧିକ ଯାନବାହନ ପରୀକ୍ଷଣ ପାଇଁ ଅପେକ୍ଷାରତ ଥିବାବେଳେ ପରୀକ୍ଷଣ କେନ୍ଦ୍ରଗୁଡ଼ିକର ଅଭାବ ଏହି ଆକ୍ରୋଶକୁ ଆହୁରି ବଢ଼ାଇଛି।

ଏହି ନିୟମର କାରଣରେ ଜନସାଧାରଣଙ୍କୁ ଯେଉଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି, ତାହା ସତ୍ୟରେ ଚିନ୍ତାଜନକ। ଭୁବନେଶ୍ୱର, କଟକ ଭଳି ସହରଗୁଡ଼ିକରେ ପରୀକ୍ଷଣ କେନ୍ଦ୍ରଗୁଡ଼ିକରେ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ଦେଖାଯାଉଛି। ଅନେକେ କାମକୁ ଛୁଟି ନେଇ ଆସୁଛନ୍ତି, କିନ୍ତୁ ସର୍ଭର ଡାଉନ୍ ହେବା କିମ୍ବା କର୍ମଚାରୀଙ୍କ ଅଭାବ ଯୋଗୁଁ ସେମାନଙ୍କର ସମୟ ନଷ୍ଟ ହେଉଛି। ଏହାଛଡ଼ା, ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନାର ଭୟ ଲୋକଙ୍କୁ ଆହୁରି ଆତଙ୍କିତ କରିଛି। ଗ୍ରାମାଞ୍ଚଳରେ ପରୀକ୍ଷଣ କେନ୍ଦ୍ରଗୁଡ଼ିକର ଅଭାବ ଯୋଗୁଁ କୃଷକ ଓ ଛୋଟ ବ୍ୟବସାୟୀମାନେ ଅଧିକ ପ୍ରଭାବିତ ହେଉଛନ୍ତି। ସେମାନଙ୍କୁ ଦୂର ସହରକୁ ଯିବାକୁ ପଡୁଛି, ଯାହାଦ୍ୱାରା ସେମାନଙ୍କର ଆର୍ଥିକ ଓ ସମୟର କ୍ଷତି ହେଉଛି।

ସରକାରଙ୍କର ଉଦ୍ଦେଶ୍ୟ ନିଶ୍ଚୟ ଭଲ- ପରିବେଶ ପ୍ରଦୂଷଣ ହ୍ରାସ କରିବା। ଓଡ଼ିଶାରେ ଯାନବାହନରୁ ନିର୍ଗତ ହେଉଥିବା ଧୂଆଁ ଓ କାର୍ବନ୍ ଡାଇଅକ୍ସାଇଡ୍ ଯୋଗୁଁ ସହରୀ ଅଞ୍ଚଳରେ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଏହି ନିୟମ ଦ୍ୱାରା ଅନୁମୋଦିତ ଯାନବାହନଗୁଡ଼ିକୁ ରାସ୍ତାରେ ଚଳାଚଳ କରିବାକୁ ଉତ୍ସାହିତ କରାଯାଉଛି, ଯାହା ଜଳବାୟୁ ପରିବର୍ତ୍ତନ ବିରୋଧରେ ଏକ ପଦକ୍ଷେପ। କିନ୍ତୁ ଏହି ନିୟମର କାର୍ଯ୍ୟାନ୍ୱୟନରେ ଅଭାବ ରହିଛି। ଡିସେମ୍ବର ୨୭, ୨୦୨୫ରେ ସରକାର ୪୨ଟି ନକଲି ପରୀକ୍ଷଣ କେନ୍ଦ୍ରର ଲାଇସେନ୍ସ ବାତିଲ କରିଛନ୍ତି, ଯାହା ଦର୍ଶାଉଛି ଯେ ପ୍ରଣାଳୀରେ ଦୁର୍ନୀତି ଓ ଅନିୟମିତତା ରହିଛି। ଏହା ଜନତାର ଆକ୍ରୋଶକୁ ଆହୁରି ବଢ଼ାଇଛି, କାରଣ ଅନେକେ ନକଲି ପ୍ରମାଣପତ୍ର ପାଇବା ପରେ ବର୍ତ୍ତମାନ ଅସଲି ପରୀକ୍ଷଣ କରିବାକୁ ବାଧ ହେଉଛନ୍ତି।

ଏହି ସମସ୍ୟାର ସମାଧାନ ପାଇଁ ସରକାରଙ୍କୁ ଅଧିକ ପଦକ୍ଷେପ ନେବାକୁ ପଡ଼ିବ। ପ୍ରଥମେ, ପରୀକ୍ଷଣ କେନ୍ଦ୍ରଗୁଡ଼ିକର ସଂଖ୍ୟା ବଢ଼ାଇବା ଆବଶ୍ୟକ। ଗ୍ରାମାଞ୍ଚଳରେ ମୋବାଇଲ୍ ପରୀକ୍ଷଣ ଇଉନିଟ୍ ଚଳାଇବା ଦ୍ୱାରା ଲୋକଙ୍କୁ ଅସୁବିଧାରୁ ମୁକ୍ତି ମିଳିପାରିବ। ଦ୍ୱିତୀୟତଃ, ଡିଜିଟାଲ୍ ପ୍ଲାଟଫର୍ମକୁ ମଜବୁତ୍ କରିବା ଦରକାର – ଅନ୍ଲାଇନ୍ ବୁକିଂ ଓ ପେମେଣ୍ଟ ସିଷ୍ଟମ୍କୁ ଉନ୍ନତ କରିବା ଦ୍ୱାରା ଭିଡ଼ ହ୍ରାସ ପାଇବ। ତୃତୀୟତଃ, ଜନସଚେତନତା ଅଭିଯାନ ଚଳାଇବା ଆବଶ୍ୟକ। ଲୋକଙ୍କୁ ପ୍ରଦୂଷଣର କ୍ଷତି ବୁଝାଇବା ଓ ନିୟମ ପାଳନର ମହତ୍ତ୍ୱ ବୁଝାଇବା ଦ୍ୱାରା ସେମାନେ ସହଯୋଗ କରିବେ। ଏହାଛଡ଼ା, ନକଲି କେନ୍ଦ୍ରଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଦରକାର, ଯାହା ସରକାର ଆରମ୍ଭ କରିସାରିଛନ୍ତି।

ଡିସେମ୍ବର ୨୪, ୨୦୨୫ରେ ସରକାର ଏହି ନିୟମର କାର୍ଯ୍ୟାନ୍ୱୟନକୁ ଏକ ମାସ ପାଇଁ ବଢ଼ାଇଛନ୍ତି, ଯାହା ଫେବୃଆରୀ ୧, ୨୦୨୬ ପର୍ଯ୍ୟନ୍ତ ରହିବ। ଏହା ଏକ ଅସ୍ଥାୟୀ ସମାଧାନ, କିନ୍ତୁ ଦୀର୍ଘକାଳୀନ ଯୋଜନା ଆବଶ୍ୟକ। ପରିବେଶ ସୁରକ୍ଷା ଓ ଜନସୁବିଧା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସରକାରଙ୍କର ଦାୟିତ୍ୱ। ଜନତାର ଆକ୍ରୋଶକୁ ଅଣଦେଖା କରି ନିୟମ ଲାଗୁ କରିବା ପରିବର୍ତ୍ତେ, ସେମାନଙ୍କର ଅଭିଯୋଗକୁ ଶୁଣି ଉନ୍ନତି କରିବା ଉଚିତ୍। ଏହାଦ୍ୱାରା ଓଡ଼ିଶା ଏକ ସ୍ୱଚ୍ଛ ଓ ସୁସ୍ଥ ରାଜ୍ୟ ହୋଇପାରିବ।

# ଶୀତକାଳୀନ ଜାତୀୟ ସେବା ଶିବିର

**ଡ଼. ମନୋଜ କୁମାର ମହାନ୍ତି**



ଜାତୀୟ ସେବା ଯୋଜନା ବା ରାଷ୍ଟ୍ରୀୟ ସେବା ଯୋଜନା (ଏନଏସଏସ) ଭାରତର ଏକ ଶିକ୍ଷାନୁଷ୍ଠାନଭିତ୍ତିକ ସାମାଜିକ ସଚେତନମୂଳକ ସରକାରୀ କାର୍ଯ୍ୟକ୍ରମ। ୧୯୬୯ ମସିହା ସେପ୍ଟେମ୍ବର ୨୪ରେ ଗାନ୍ଧୀଙ୍କ ଜନ୍ମଶତବାର୍ଷିକ ଉପଲକ୍ଷେ ଭାରତ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ୩୭ଟି ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନାକୁ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଏକ ବିଶେଷ କାର୍ଯ୍ୟକ୍ରମରେ ଏହାର ଶୁଭାରମ୍ଭ କରାଯାଇଥିଲା।ଗାନ୍ଧୀଙ୍କ ଦେଶସେବାର ମହନୀୟତାକୁ ଗୋଷ୍ଠୀକେନ୍ଦ୍ର ମାଧ୍ୟମରେ ଗାଁରୁ ସହର ପର୍ଯ୍ୟନ୍ତ ସେବାର ମନୋବୃତ୍ତିକୁ ଯୁବକ ଓ ଛାତ୍ରଗୋଷ୍ଠୀ ମଧ୍ୟରେ ସ୍ୱେଚ୍ଛାକୃତଭାବେ ଏକ ସଚେତନ ସୃଷ୍ଟିକରିବା ସହ ସମାଜ ତଥା ଦେଶସେବାରେ ଯୁବବର୍ଗଙ୍କୁ ନିୟୋଜିତ କରାଇବା ଲକ୍ଷ୍ୟରେ ସେ ଆହ୍ୱାନ ଦେଇଥିଲେ। ଏସବୁ ପ୍ରଚ୍ଛଦ ପଟରେ ମହାତ୍ମା ଗାନ୍ଧୀଙ୍କ ଦେଶ ଓ ସମାଜ ସେବା ଥିଲା ମୂଳ ଲକ୍ଷ୍ୟ।

ଭାରତବର୍ଷ ତାର ନିର୍ଦ୍ଦିଷ୍ଟ ମୂଲ୍ୟବୋଧପାଇଁ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପ୍ରାକୃତିକ ସୌନ୍ଦର୍ଯ୍ୟରୁ ଆରମ୍ଭ କରି ମାନବିକ ମୂଲ୍ୟବୋଧ ପର୍ଯ୍ୟନ୍ତ ଭାରତୀୟ ପରିଚୟ ନିଆରା। ଆମ ପରମ୍ପରା ଓ ସଂସ୍କୃତି ଆମ ଜୀବନ ସହ ଜଡିତ।'ବସୁଧୈବ କୁଟୁମ୍ବକମ୍' ହେଉଛି ଆମ ବିଶାଳ ହୃଦୟର ପରିଭାଷା। ବିଶ୍ୱଶାନ୍ତି ଆମର ଏକମାତ୍ର ଲକ୍ଷ୍ୟ। ପ୍ରେମ, ଦୟା, କରୁଣା ଓ ସେବା ଆମ ରକ୍ତରେ, ଶିରା ପ୍ରଶିରାରେ। ପ୍ରେମ-ଦୟା-କରୁଣାର ଉର୍ଦ୍ଧ୍ୱରେ ସେବା। ଯେଉଁ ସେବା ମଣିଷ ମଧ୍ୟରେ ପ୍ରେମ, ମମତା, ତ୍ୟାଗ ଓ ସହଯୋଗର ହାତ ବଢ଼େଇଥାଏ।

ଅହିଂସା ଓ ସେବାର ପ୍ରତୀକ ଗାନ୍ଧୀ ଅନୁଭବ କରିଥିଲେ ଦେଶର ସମସ୍ତ କ୍ଷେତ୍ରରେ ଛାତ୍ରରୂପକ ଯୁବକମାନଙ୍କର ଭୂମିକା ଯୁଗେ ଯୁଗେ। ଯୌବନ ପ୍ରତ୍ୟେକ ଜୀବନପାଇଁ ଏକ ଚଳଚଞ୍ଚଳ ପ୍ରବାହମାନ ସ୍ରୋତ। ଶକ୍ତି ଓ ସାମର୍ଥ୍ୟର ତେଜୀୟାନ ଦ୍ୱୀପଶିଖା। ଭାରତର ସ୍ୱାଧୀନତା ସଂଗ୍ରାମପାଇଁ ଭାରତୀୟ ଆବାଳ-ବୃଦ୍ଧ-ବନିତା ବହୁମାତ୍ରାରେ ଅନୁପ୍ରାଣିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଯୁବଗୋଷ୍ଠୀ ଓ ଛାତ୍ର ସମାଜ। ଗାନ୍ଧୀଙ୍କ ପାଦରେ ପାଦ ମିଶେଇ ଯେମିତି ଯୁବକଗୋଷ୍ଠୀ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ୍ କରିଥିଲେ। କ୍ରାନ୍ତିକାରୀମାନଙ୍କ ମଧ୍ୟରେ ଭଗତ ସିଂ, ଖୁଦିରାମ ବୋଷ, ସୁଭାଷ ଚନ୍ଦ୍ର ବୋଷ, ବିନାୟକ ଦାମୋଦର ସବାରେକର, ବିର୍ସା ମୁଣ୍ଡା, ବୀର ସୁରେନ୍ଦ୍ର ସାଏ ଏବଂ ବକ୍ସି ଜଗବନ୍ଧୁ ଆଦି ପ୍ରମୁଖ ଯୁବଗୋଷ୍ଠୀ ଦେଶପାଇଁ ନିଜ ଜୀବନକୁ ବଳିଦେବାକୁ ପଛେଇ ନଥିଲେ। ଅଦ୍ୱୈତ ବେଦାନ୍ତ ପ୍ରଚାରକଭାବେ ଆଦିଗୁରୁ ଶଙ୍କରାଚାର୍ଯ୍ୟ ଓ ସ୍ୱାମୀ ବିବେକାନନ୍ଦ, ବୌଦ୍ଧ ଧର୍ମର ପ୍ରତୀକରୂପେ ଗୌତମ ବୁଦ୍ଧ ଏବଂଜୈନ ଧର୍ମକୁ ପୃଷ୍ଟପୋଷକତାଭାବେ ମହାବୀର ଜୈନ ଆଦି ଜଣେ ଜଣେ ଯୁବକ। ଯୁବଶକ୍ତି ହିଁ ଅସମ୍ଭକୁ ସମ୍ଭବ କରିବାରେ ଦକ୍ଷ। ଯଦି ଯୁବ ତଥା ଛାତ୍ରସମାଜକୁ ଦେଶପ୍ରେମ ଓ ସେବାଭଳି ମହମନ୍ତ୍ରରେ ଦିକ୍ଷୀତ କରାଯାଏ ତେବେ ଭାରତ ଭଳି ଦେଶରେ ଅନେକ ପରିବର୍ତ୍ତନ ସହ ସାମାଜିକ ଉନ୍ନତି ପରିଲକ୍ଷିତ ହେବ। ବିଶେଷକରି ଛାତ୍ରସମାଜ ଯେଉଁମାନେ ଆଗମୀ ଭବିଷ୍ୟତ, ଯାହାକୁ ନେଇ ଦେଶ ଓ ସମାଜ ଦେଖେ ଅନେକ ସ୍ୱପ୍ନ। ଛାତ୍ରମାନଙ୍କୁ ଚାରିତ୍ରିକ ଶୃଙ୍ଖଳା ସହ ସାମାଜିକ ଦାୟିତ୍ୱବୋଧକୁ ଶିକ୍ଷା ମାଧ୍ୟମରେ ଦିଆଗଲେ ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ ନିଶ୍ଚୟ ହେବ। ଗାନ୍ଧୀଙ୍କର ଏହି ସ୍ୱପ୍ନକୁ ପରବର୍ତ୍ତୀ ସମୟରେ ସରକାରଙ୍କ ଦ୍ୱାରା ସଫଳ ରୂପାୟନ ହୋଇଥଲା। ଭାରତରେ ଅବସ୍ଥିତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରତ୍ୟେକ ବର୍ଷର ପ୍ରତି ମାସରେ ନିୟମିତ ଶିବିର ମାଧ୍ୟମରେ ସଫେଇ କାମ ସହ ଅନେଗୁଡ଼ିଏ ସଚେତନମୂଳକ କାର୍ଯ୍ୟ ତରୁଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସେବାର ମନୋବୃତ୍ତିକୁ ସୂଚାଏ। ସହାୟତାରେ ଗାଁଗହଳିରେ ସାଧାରଣଜନତାଙ୍କ ମଧ୍ୟରେ ସଚେତନ କରିବାର ପ୍ରୟାସରେ ଆରମ୍ଭ ହୋଇଥିବା ଜାତୀୟ ସେବା ଯୋଜନା ପ୍ରତିବର୍ଷ ଦୁଇଟି ସ୍ୱତନ୍ତ୍ର ସେବା ଶିବିର ମାଧ୍ୟମରେ ବିଭିନ୍ନ ପଞ୍ଚାୟତରେ ଥିବା ଗ୍ରାମରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା, ବନୀକରଣ, ନିଶା ନିବାରଣ, ନାରୀଶିକ୍ଷା, ସ୍ୱାକ୍ଷରତା, ଯୋଗାଭ୍ୟାସ, ନାରୀ ସଶକ୍ତ କରଣ, ରକ୍ତଦାନ, ଦୁର୍ନୀତି ତଥା ଭାରତୀୟ ସଂସ୍କୃତିର ମୁଲ୍ୟବୋଧକୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷାନୁଷ୍ଠାନର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ପାଦନା କରାଯାଉଛି।ବିଶେଷ କରି ଜାତୀୟ ସେବା ଯୋଜନାର ଶୀତକାଳୀନ ସେବା ଶିବିର ଅତ୍ୟନ୍ତ ସଫଳତମ। ଶୀତୁଆ ସକାଳ ପୁଣି ଶୀତ ସନ୍ଧ୍ୟାରେ ଆୟୋଜିତ ପ୍ରତିଟି ଶିବିର ଆନନ୍ଦମୟ। ସାତ ଦିନର ରହଣୀ ସହ ଏକ ନିର୍ଦ୍ଦିଷ୍ଟ ଗ୍ରାମରେ ପ୍ରତିଟି ସକାଳ ଓ ରାତି ଏକ ଅଭୁଲା ସ୍ମୃତି ମୋ ମହାବିଦ୍ୟାଳୟ ସ୍ୱେଚ୍ଛାସେବୀମାନଙ୍କର ଉତ୍କଣ୍ଠା ଓ ଆନ୍ତରିକତା ମୋତେ ବାସ୍ତବରେ ଅନେକ ଉତ୍ସାହିତ କରେ। ପ୍ରାତରୁ ଶଯ୍ୟା ତ୍ୟାଗପୂର୍ବକ ନିଜ ନୈତିକ କର୍ମ ସମ୍ପାଦନ ସହ ଯୋଗକରି ଶିବିର ଚତୁପାଶ୍ୱରେ ପ୍ରତିଦିନ ସଫାସୁତୁରା ଏକ ସୁନ୍ଦର ଚିନ୍ତାଧାରାର ପରିପ୍ରକାଶ। ସାମାଜିକ ସେବାର ମହତ୍ତ୍ୱକୁ ପ୍ରତିପାଦନ କରିବାରେ ଜାତୀୟ ସେବା ଯୋଜନା ଯେଉଁ ବୃହତ୍ ସଂକଳ୍ପ ନେଇଛି ତାହା ସତରେ ପ୍ରଶଂସାର ଯୋଗ୍ୟ। କେନ୍ଦ୍ର ସରକାରଙ୍କ ଜାତୀୟ ସେବା ଯୋଜନା ଭାରତର ବିଭିନ୍ନ ରାଜ୍ୟରେ ଥିବା ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟଗୁଡିକରେ ପ୍ରତିବର୍ଷ ଜାତୀୟ ଏକତା ଶିବିର, ରାଜ୍ୟ ଜାତୀୟ ସେବା ଶିବିର, ଜିଲ୍ଲା ସ୍ତରୀୟ ଯୁବନେତୃତ୍ୱ ଶିବିରମାନ ଆୟୋଜନପୂର୍ବକ ଦେଶର ଏକତାକୁ ଅକ୍ଷୁଣ୍ଣ ରଖିବାରେ ଚେଷ୍ଟିତ।




ଜାତିବର୍ଣ୍ଣରେ ସାମାଜିକ ବିଭକ୍ତି କରଣପରେ ବର୍ଣ୍ଣ ଅନୁସାରେ କର୍ମକୁ ବାଣ୍ଟି ଦିଆଯାଇଥିଲା ସମାଜ ମଧ୍ୟରେ। ଭିନ୍ନ ଭିନ୍ନ କର୍ମ ଦ୍ୱାରା ସମାଜକୁ ଦିଆ ଯାଉଥିବା ଅବଦାନକୁ ସାଧାରଣ ଭାବେ ସେବା କୁହାଯାଏ। ସେବାଦ୍ୱାରା ସାମାଜିକ ଆବଶ୍ୟକତା ପୂରଣ ସହ ବ୍ୟକ୍ତିଗତ ଜୀବିକା ନିର୍ବାହ ହୋଇଥାଏ। ଯେବେ କର୍ମ ନିଜପାଇଁ କରାଯାଏ ତାହାକୁ ଶ୍ରମ କୁହାଯାଏ କିନ୍ତୁ ସେଇ କର୍ମ ଯେବେ ସାମୁହିକ ଉଦ୍ଦେଶ୍ୟରେ ସମ୍ପାଦନା କରାଯାଇଥାଏ ତାହା ସେବାରେ ରୂପାନ୍ତରିତ ସହ ସେବାର ସ୍ୱୀକୃତି ଲାଭ କରେ।

ସେବା ଶବ୍ଦଟି ମଣିଷର ଏକ ଦିବ୍ୟଗୁଣ ଭାବେ ଅଭିହିତ। କଥାରେ ଅଛି 'ମାନବ ସେବା ହିଁ ମାଧବ ସେବା'। ସେବା ହିଁ ସଚେତନତା, ସେବା ହିଁ ସାଧନା ଓ ସମାଜକୁ ଯୋଡ଼ିବାର, ସେତୁବାନ୍ଧିବାରେ ଏକ ମାତ୍ର ବିକଳ୍ପ। ସେବାର ଅସାଧାରଣ ବ୍ୟକ୍ତିତ୍ୱ, ଓଡ଼ିଶାରେ ପୂରପଲ୍ଲୀରେ ପରିଚିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସମାଜସେବା ମାଧ୍ୟମରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି। ତାଙ୍କର ସେ କାଳଜୟୀ କବିତାରେ ସେ ଲେଖିଛନ୍ତି: 'ମଣିଷ ଜୀବନ ନୁହଇ କେବଳ ବର୍ଷମାସ ଦିନଦଣ୍ଡ, କର୍ମେ ଜିଏଁ ନର କର୍ମ ଏକା ତାର ଜୀବନର ମାନଦଣ୍ଡ। ପ୍ରତ୍ୟେକ ମଣିଷ ନିଜର ମହନୀୟ କର୍ମ ତଥା ସମାଜପାଇଁ ଦେଇଥିବା ଯୋଗଦାନ ଯାହା ସାମାଜିକ ଉନ୍ନତି ସହ ଏକ ପରିବର୍ତ୍ତନର ବାର୍ତ୍ତା ମଣିଷ ମଧ୍ୟରେ ଆଣିଥାଏ। ପ୍ରତ୍ୟେକ ଛାତ୍ରଛାତ୍ରୀ ଏକ ଶୃଙ୍ଖଳିତ ଭବିଷ୍ୟତ ତଥା ଉତ୍ତମ ଚରିତ୍ର ଗଠନ ନିମନ୍ତେ ଜାତୀୟ ସେବା ଯୋଜନାରେ ନିଜକୁ ସାମିଲ୍ କରି ନିଜ ସମାଜ ଓ ଦେଶପାଇଁ ସେବାର ମନୋବୃତ୍ତି ସହ ନିଜ ବ୍ୟକ୍ତିତ୍ୱର ବିକାଶରେ ଶୀତକାଳୀନ ଜାତୀୟ ସେବା ଶିବିର ଭଳି କାର୍ଯ୍ୟକ୍ରମ ନିଶ୍ଚିତରୂପେ ସାମାଜିକ ପରିବର୍ତ୍ତନର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଓ ପ୍ରୟାସ।

**କାର୍ଯ୍ୟକ୍ରମ ଅଧିକାରୀ, ଜାତୀୟ ସେବା ଯୋଜନା,**
**ବିଏନଏମଏ ମହାବିଦ୍ୟାଳୟ, ଭଦ୍ରକ**
**ମୋବାଇଲ୍: ୮୮୯୫୩୪୧୦୩୩**

# ଦୁଆତ କଲମର ଦେବତା ଚିତ୍ରଗୁପ୍ତ



**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଚିତ୍ରଗୁପ୍ତ ଯମରାଜଙ୍କ ପାଞ୍ଜିକାର, ମୁହୁର୍ତ୍ତୁ କ୍ଷୀପ୍ର ଘଟଣାର ମହାଲେଖାକାର, ମହାକାରଣ କାର୍ଯ୍ୟାଳୟ କଲିକତାରେ ବ୍ରିଟିଶ ଅମଳରୁ ଅଛି, ହେଲେ ପ୍ରକୃତ ମହାମହା କରଣ କାର୍ଯ୍ୟାଳୟ ମୃତ୍ୟୁ ଲୋକ ଧାର୍ଯ୍ୟ ଦିନରୁ ଚାଲିଛି, ଦିନରାତି ଖଟଣୀରେ ମହା ଲେଖକାର କେବେଥକତ ହୋଇ ବିଶ୍ରାମ ନେଇଛନ୍ତି ଏମିତି ପ୍ରମାଣ କେଉଁଠି ଲେଖା ଆମକୁ ମିଳିନାହିଁ ଏକ ବହୁଦା ବିଭକ୍ତରେ ଦେବତା ପୂଜା ନେଉଛନ୍ତି, ଲମ୍ବାଚଉଡା ମର ଲୋକରେ ଲୋକରେ କିଏ କେଉଁଠି ରହି ଜନ୍ମ ହେଉଛି ପିଲାରୁ ବୁଢ଼ା ହେଉଛି ସ୍ୱାଭାବିକ, ଅସ୍ୱାଭାବିକ ମରଣ ଲଭୁଛି କିଏ କାହାକୁ ଠକୁଛି। ତୁମେ କାନ୍ଦୁଛି, ମାରୁଛି ଖାଇବା ଦ୍ରବ୍ୟ ଛଡ଼ାଇ ନେଉଛି, ଜାଲଫେସାଦୀ କରି ସର୍ବସ୍ୱ ଲୁଟୁଛନ୍ତି, ଏମିତି ଅନେକ ଅନେକ ଘଟଣା ଲିପି ଲେଖନ ଗୁପ୍ତ ପଞ୍ଜାଙ୍ଗରେ ସି.ସି.ଆର ଲେଖା, ବ୍ୟକ୍ତିଗତ ବିବରଣୀ ଉପଯୁକ୍ତ ନ୍ୟାୟ ଦେବ ସମ୍ବିଧାନ ବିଧାନରେ ଧର୍ମ ନିକିତି ଧର ଯମରାଜ ଜୀବର ଆତ୍ମାଟିକୁ ତାର କର୍ମଫଳ ଅନୁସାରେ ବଦଳି ଭିନ୍ନ ରୂପରେ ବଦଳାଇ ପଠାନ୍ତି। ଦେବ ସମ୍ବିଧାନର ଅସରନ୍ତି ଉଦାହରଣ ନଜିର ପୁରାଣ, ସ୍ମୃତିଶାସ୍ତ୍ର ବିଭିନ୍ନ ସଂହିତାରେ ଲେଖାଯାଇଛି, ଲୋକେ ତାକୁ ପଢ଼ିବାକୁ ଅବକାଶ ପାଆନ୍ତି ନାହିଁ, ଅନେକ ଅଧ୍ୟୟନ କରିବା ଲୋକ ସଂସାରରେ ଏବେ ଦୁର୍ଲଭ, ଯେଉଁମାନେ କିଛି ପଢ଼ିବା ବୁଝିବାର ଛାତ୍ର ସେମାନେ ଏବେ ପଣ୍ଡିତ ଜ୍ଞାନୀ ବୋଲାଇଲେଣି। ପୂର୍ଣ୍ଣାଙ୍ଗ ଜ୍ଞାନୀ ସଂସାରରେ ଖୋଜକଲେ ଜଣେ ବି ମିଳିବେ ନାହିଁ ତଥାପି ଆସ୍ଫାଳନ ଟିକିଏ ଚାଖିବା ଲୋକଙ୍କ ଅସରନ୍ତି ସାଇନିବୋର୍ଡ଼ ସମୟ ବନ୍ଧାରେ ଦ୍ୱାର ମୁହଁରେ ଝୁଲିବା ଦେଖିବାକୁ ମିଳୁଛି। ପୁଣି ତାଙ୍କର ପଞ୍ଜିକରଣ, ଟିକଟକାରୀ, ପରାମର୍ଶ ଖର୍ଚ୍ଚା ଆଦାୟକାରୀ ତାଙ୍କୁ ଘେରି ରହିଛନ୍ତି। ଜଟିଳ ପ୍ରାଣ ସଙ୍କଟରେ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଲାଇନି ସରକାର ଡାକ୍ତରଖାନାରେ ଅଛି। ମାତ୍ର ଘରୋଇ ଚିକିତ୍ସକ ଡାକ୍ତରଙ୍କ ପାଖରେ ଏମିତି ଅଛି, ଏ ଭାବନା ରୋଗୀଙ୍କ ଘର ଲୋକ ବା ସେବାକାରୀଙ୍କର ଏ ପର୍ଯ୍ୟନ୍ତ ବୋଧ ହୋଇନାହିଁ ଭାରତ ସ୍ୱାଧୀନ, ସ୍ୱାଧୀନ ବୃତ୍ତିକାରୀଙ୍କ ସତେ ଯେମିତି ଜମିଦାର ପାଲଟି ଯାଇଛନ୍ତି। ତାଙ୍କର ଟଙ୍କା ଦରକାର, ମାନବିକତାରୁ ତାଙ୍କୁ କ'ଣ ମିଳିବ? ଏଇପରି ଅନେକ ପ୍ରକାର ଶୂନ୍ୟ ଧନ୍ଦାର ଜମିଦାରୀ ବହୁ ପ୍ରକାରରେ ମେଲି ଯାଉଛି।

୧୯୪୭ ପୂର୍ବରୁ ବହୁ ଜମିଦାରୀ ଥିଲା ଏହା ସର୍ବଜ୍ଞ୍ୟାତ, ଏହା ଜାତୀୟ କଂଗ୍ରେସ ପ୍ରଶାସନରେ ଆସ୍ତେ ଆସ୍ତେ ଲୋପ ହୋଇଥିଲା ହେଲେ କପଟ ଭାବରେ ପୁଣି କରଦ ରାଜା, ଜମିଦାର ସଦୃଶ ସ୍ଥିତି ଆଗେଇଚାଲିଲାଣି, ଜମି କାହାର? ଫସଲ ଉଠାଉଛି କିଏ? ହେଲେ ଶୁଖିଲାରେ ପୁଅ ଖେଳାଉଛି କିଏ? ଟିକେ ଚିନ୍ତା କଲେ ସମସ୍ତେ ବୁଝିପାରିବେ। କାଗଜ କଲମରେ ବଡ଼ ଚାଷ, କାଗଜରେ କିଣା ଲେଖା ଗୋଦାମରେ ମାଲ ନାହିଁ ଗୁଜବ ପ୍ରତି କାନ ଦିଅନ୍ତୁ



ନାହିଁ, ଗୁଜବ ପ୍ରଚାର କରନ୍ତୁ ନାହିଁ ଏହା ଆମେ କହୁନାହୁଁ ଏହା ସରକାରୀ ପ୍ରଚାର ଥିଲା, କିନ୍ତୁ ହାୟ ବାତ୍ୟା ପାଇଁ ଏମିତିକା ପ୍ରଚାର ମାରନା ମୁଁ ମଲିଣି ହୋଇଯାଉଛି। ପ୍ରତି ଦିନ ମୋବାଇଲ ଫୋନରେ ମିଥ୍ୟା ମାୟା ଖବର, ଲୋକ ମରିନାହିଁ ତାର ଶୋକ ପାଳନ ଆରମ୍ଭ ହୋଇଯାଉଛି। ଏସବୁ ଯଦି ଆହୁରି ବଢ଼ିବ ତେବେ କଳ୍ପିତ କୋକୁଆ ଯଦୁବଂଶ ପରି ଉନ୍ନତିଶୀଳ ଜନଗୋଷ୍ଠୀ ନିଶ୍ଚିହ୍ନ ହେବା ଅବସ୍ଥା ଉପୁଜିବ। ଓଡ଼ିଶାରେ ହୀରାକୁଦ ବନ୍ଧ କେତେ କଷ୍ଟ ସ୍ୱୀକାରରେ ହୋଇଛି ସେ ହେଲା ଦିନୁ କୁହାଯାଉଛି ଏ ବନ୍ଧ ଭାଙ୍ଗିବ କଟକ ସହର ଜଳରେ ଧ୍ୱଂସ ହୋଇଯିବ, ଏହାକୁଆଡ଼େ ମାଳିକା ବଚନ। ୧୯୯୯ ବାତ୍ୟା ହେବ ଆଗରୁ କୌଣସି ମାଳିକା ଅଗ୍ର ସୂଚନା ଦେଇଥିଲେ କି? ବାତ୍ୟା ପରେ ଅନେକ ସଫେଇ ବ୍ୟକ୍ତି ବିଶେଷ ଦେଇଛନ୍ତି, ଯାହା ମଲା ଲୋକର ପୋଷ୍ଟମର୍ଟମ ହେବଭଳି ବୟାନ। ହଁ ବଡ଼ କଥା, ଗୁରୁ ମୁଖ୍ୟରୁ ଶିଷ୍ୟ ଶୁଣିଥିବା ବୟାନ କେବଳ ଶିଷ୍ୟକୁ ପଥକୁ ଆଣିବା ପାଇଁ ଏକ ଅବଲମ୍ବନ ମାତ୍ରା ମନ୍ତ୍ର ଛଅ କାନ ହୁଏ ନାହିଁ ପୂର୍ବେ ଜାତିଆଣ ଥିଲା, ଏକ ବୃତ୍ତିରେ ବହୁ ଲୋକ ରହି ଏକ ଗୋଷ୍ଠୀ ଏକକରେ ସ୍ୱତନ୍ତ୍ର ଜୀବନ ଯାପନ କରୁଥିଲେ। ଏମିତି ଅନେକ ଗୋଷ୍ଠୀ ରହିଥିଲେ, ପ୍ରାକୃତିକ କାରଣରୁ ଯେଉଁ ଆକାଶରୁ ମହରଗ ସୃଷ୍ଟି ହୁଏ ସେତେବେଳେ ଦୁର୍ଭିକ୍ଷ ଆଦି ଦେଖାଦେଲେ ଅନେକ ପେଟ ବିକଳରେ ଧର୍ମ ଜାତି ହରାଇବା ଦେଖା ଯାଉଥିଲା ଅନେକ ଦେଶାନ୍ତରୀ ହୋଇଯାଉଥିଲେ।

ଓଡ଼ିଶାରେ ବିଗତ କାଳରେ ନଅଙ୍କ ଦୁର୍ଭିକ୍ଷ ବେଳେ ଅନାହାର କ୍ଲିଷ୍ଟରେ ବହୁଜନ ଛାତ୍ରରେ ଖାଇଥିଲେ, ଛତ୍ର ଅର୍ଥ ଦାତବ୍ୟ ଅନ୍ନ ଭୋଜନ କେନ୍ଦ୍ର, ଲୋକେ ଖାଇବାକୁ ନପାଇ କାଙ୍ଗାଳା ଛତ୍ର ଖୋଲିବା ବ୍ୟକ୍ତିମାନେ ସମସ୍ତେ ଏକ ଧର୍ମର ନଥିଲେ, ଜାତି କଡ଼ା କଡ଼ିରେ ଧର୍ମ କଡ଼ାକଡ଼ିରେ ଲୋକେ ସେତେବେଳେ ପ୍ରାଣ ବଞ୍ଚାଇବା ପାଇଁ ଅମାନିଆ ହୋଇଯାଇଥିଲେ, କାନୁନ ସ୍ରଷ୍ଟାମାନେ ଯେତେବେଳେ କାହାକୁ ଅନ୍ନ ଯୋଗାଇ ବଞ୍ଚାଇ ପାରି ନଥିଲେ, ପରେ ପରେ ଛତ୍ରଖିଆ ଧର୍ମଛଡ଼ା ବୋଲି ସୃଷ୍ଟି ହୋଇଥିଲା। ଶାସ୍ତ୍ରରେ ଅଛି ପ୍ରାଣ ରକ୍ଷା ପାଇଁ କିଛି ଭୁଲ କାର୍ଯ୍ୟ କରିଥିଲେ ପରେ ଶାସ୍ତ୍ରୀୟ ବିଧାନରେ ପ୍ରାୟଶ୍ଚିତ ବିଧାନରେ ତାହା ସଂଶୋଧନ କରାଯାଇ ପାରେ। ଧର୍ମ ଧାରଣ କରେ, ହେଲେ ଧର୍ମଗୁରୁଙ୍କ ମନମାନି ନୁହେଁ, ଧର୍ମ ଶାସ୍ତ୍ରର ସଠିକ ମୂଲ୍ୟାୟନ ଦରକାର। କଟକ ସହରରେ ଏବେ ବି ଛତ୍ର ବଜାର ଅଛି। ଗଞ୍ଜାମରେ ଛତ୍ରପୁର ଅଛି ଯେଉଁଠାରେ ସେହି ନଅଙ୍କ ଦୁର୍ଭିକ୍ଷରେ ଅନ୍ନ ଛତ୍ର ଦିଆଯାଇଥିଲା। ଏବେ ବି ୧୯୯୯ ମହାବାତ୍ୟାରେ ଛତ୍ର ବଜାରରୁ ଅନେକ ସହାୟତା ଆକ୍ରାନ୍ତ ସ୍ଥାନରେ ବଣ୍ଟନ କରାଯାଇଛି, ଏହା ସହାୟତାରେ ଧର୍ମ ଜାତି ବିଚାର କେବେ ନଥିଲା ନା ଏବେ ନାହିଁ ଲିପିବଦ୍ଧ କରି କାହାକୁ କ'ଣ କେତେ ଦିଆଯାଇଛି, ଏପରି ଚିରକୁଟ ହସ୍ତାକ୍ଷର ନାହିଁ ହେଲେ ଦେଖନ୍ତୁ ସରକାରୀ ସହାୟତା ଯେଉଁଠି, ମାଳମାଳ ଚିରକୁଟ, ଏଥିରେ କିଛି କଳ ଚିରକୁଟ ଧସେଇ ପଶିଯାଏ। ଚିତ୍ରଟି ତହବିଲ ତୋଷରପାତ ପାଇଁ ପ୍ରମାଣ ପତ୍ର। ଚାହିଁ ଜଳକା ଚିତ୍ରଲେଖାରେ ବହୁ ସ୍ତର ଲଗାଇ ଏବେ ଭକୁଆ ଜନତାଙ୍କୁ କରାଯାଉଛି। କେଜାଣି ଧର୍ମରାଜାଙ୍କ ସତ୍ୟ ଚିତ୍ରଗୁପ୍ତ ଏମାନଙ୍କର କ'ଣ ବିଧାନ କରିବେ?

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,**
**ମୋବାଇଲ୍: ୯୪୩୭୦୩୧୨୫୩**

# ଅଦୃଶ୍ୟମାନ ଚେହେରାକୁ ଚିହ୍ନନ୍ତୁ: ଇମୋସନାଲ ମ୍ୟାନିପୁଲେସନ୍

**ପ୍ରଫେସର ଡାକ୍ତର ସମ୍ରାଟ କର**



କୁହୁଡ଼ିର ଚାଦର ତଳେ କଟକ ଛାଇ ହୋଇଯାଇଥିବାବେଳେ ସେ ଦିନ ସକାଳୁ ପହଞ୍ଚିଲେ ବନ୍ଧୁ ସନ୍ଦୀପ। ଅତି ଭାବପ୍ରବଣ ହୋଇ କିଛି କହିବା ପୂର୍ବରୁ ତାଙ୍କ ରକ୍ତିମ ମୁଖମଣ୍ଡଳ ଓ ଆଖିରୁ ଝର ଝର ଲୁହ ଗୁଡ଼ିକ କେଜାଣି କାହିଁକି ମୋତେ ବିବ୍ରତ କରିଦେଲା। ଦୀର୍ଘଦିନ ଧରି ତାଙ୍କର ତାଙ୍କ ବାନ୍ଧବୀ ସୁରେଖା ସହ ସମ୍ପର୍କ ବିଗିଡ଼ି ଯିବା ପରେ ସେ ନିଜକୁ ଏକ ପ୍ରକାର ଅବସାଦପୂର୍ଣ୍ଣ ଭାବେ ଏକ ଅସ୍ୱସ୍ତିକର ପରିବେଶ ଭିତରେ ରହିବା ପରି ଯେପରି ଅନୁଭବ କରୁଛନ୍ତି। ତାଙ୍କ ବ୍ୟସ୍ତତା ଓ ଆବେଗ ସବୁ ବୁଝିଲା ପରେ ମୁଁ ତାଙ୍କୁ ସର୍ବପ୍ରଥମେ ଆଶ୍ୱସନା ଦେଲି। ଜଣେ ମାନସିକ ରୋଗ ବିଶେଷଜ୍ଞ ହିସାବରେ କେବଳ ନୁହେଁ କେବଳ ଜଣେ ବନ୍ଧୁ ଭାବରେ ତାଙ୍କ ଦୁଃଖ ବୁଝି ଭାରାକ୍ରାନ୍ତ ମନକୁ ହାଲକା କରିବା ପାଇଁ ପ୍ରଥମେ ଘର କଥା, ଆମ ପାଠପଢ଼ା କଥାରୁ ସବୁ ଆରମ୍ଭ କଲି। ବର୍ତ୍ତମାନର ସମୟକୁ ଦେଖିଲେ ଏହା ନିଃସନ୍ଦେହ ଯେ ପ୍ରେମ ହେଉ ଅଥବା ଅନ୍ୟ ଯେ କୌଣସି ସମ୍ପର୍କ, ନିଜର ମତ ସାବ୍ୟସ୍ତ କରିବା ପାଇଁ ଇମୋସନାଲ ମ୍ୟାନିପୁଲେସନ କରୁଥିବା ଲୋକଙ୍କ ସଂଖ୍ୟା କମ ନୁହେଁ। ତେବେ ଇମୋସନାଲ ମ୍ୟାନିପୁଲେସନ ସବୁବେଳେ ଆଖିରେ ପଡ଼େ ନାହିଁ। ନିଃଶବ୍ଦରେ ଜଣକ ମନରେ ପ୍ରବେଶ କରିଯାଏ। ଛୋଟ ଛୋଟ ମୁହୂର୍ତ୍ତ ମାଧ୍ୟମରେ ତାହା ସ୍ପଷ୍ଟ ହୋଇ ଉଠେ। ଆପଣ ନିଜକୁ ସନ୍ଦେହ କରିବା ଆରମ୍ଭ କରିଦିଅନ୍ତି। ଅଥଚ କୌଣସି ନିର୍ଦ୍ଦିଷ୍ଟ କାରଣ ବିନା ଅପରାଧବୋଧ ଭୋଗିଥାଆନ୍ତି। ମନ ଅଦ୍ଭୁତ ଭାବେ କ୍ଲାନ୍ତ ହୋଇଉଠେ। ସମୟ ସହିତାହା ଆପଣଙ୍କ ଅବସାଦର କାରଣ ହୋଇଉଠେ। ତା'ହେଲେ ପ୍ରକୃତରେ କିଏ ଆପଣଙ୍କର ଭଲ ଚାହାନ୍ତି, କିଏ ଆପଣଙ୍କୁ ଭଲ ପାଆନ୍ତି ଏବଂ କିଏ ଆପଣଙ୍କୁ ଇମୋସନାଲ ମ୍ୟାନିପୁଲେସନ କରୁଛି ତାହା ବୁଝିବାକୁ ଚେଷ୍ଟା କରନ୍ତୁ। ପ୍ରକୃତ ଚେହେରା ଓ ଖୋଲପା ପିନ୍ଧା ଚେହେରା ଭିତରର ତଫାତ୍ ବୁଝନ୍ତୁ। ନିଜେ ଇମୋସନାଲ ମ୍ୟାନିପୁଲେସନର ଶିକାର କି ନୁହେଁ ତାହା ହୃଦୟଙ୍ଗମ କରନ୍ତୁ।

ମ୍ୟାନିପୁଲେସନ ଅର୍ଥ ଛଳେ ବଳେ ଅନ୍ୟକୁ ନିଜ କଥା ଅନୁସାରେ ପ୍ରଭାବିତ କରିବା। ମ୍ୟାନିପୁସେଲଟରମାନେ ସର୍ବପ୍ରଥମେ ଆପଣଙ୍କ ସ୍ମୃତିଶକ୍ତିକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥାନ୍ତି। କୌଣସି ଘଟଣା ଘଟିଥିବା କଥା ଯଦି ଆପଣ କହନ୍ତି ତେବେ ଆପଣଙ୍କୁ ମ୍ୟାନିପୁଲେଟ କରୁଥିବା ବ୍ୟକ୍ତି ଅତ୍ୟନ୍ତ ଚତୁରତାର ସହ କଥା ବୁଲେଇ ନିଅନ୍ତି, ଅସ୍ୱୀକାର କରନ୍ତି। ସତ୍ୟକଥାକୁ ସ୍ୱୀକାର କରିବା ପରିବର୍ତ୍ତେ ବୁଲେଇ ବଙ୍ଗେଇ କହିଥାଆନ୍ତି। ଯଦି ଆପଣ ପ୍ରକୃତରେ ଅତ୍ୟନ୍ତ ସରଳ ସ୍ୱଭାବ ହୋଇଥାଆନ୍ତି ତେବେ ଗୋଟିଏ ସମୟ ଅତିକ୍ରମ କରିଗଲା ପରେ ନିଜକୁ ନେଇ ଭାବନାରେ ପଡ଼ିଯିବେ। ପ୍ରତ୍ୟେକ ଛୋଟ ବଡ଼ ଘଟଣାରେ ଆପଣ ନିଜକୁ ହିଁ ଦୋଷୀ ବୋଲି ଭାବିବେ। ଆପଣଙ୍କୁ କଥା କଥାରେ ପ୍ରଭାବିତ କରୁଥିବା ବ୍ୟକ୍ତିର ଉଦ୍ଦେଶ୍ୟ ଏହାଦ୍ୱାରା ସାଧିତ ହୋଇଥାଏ। ଅର୍ଥାତ୍ ସେମାନଙ୍କ କଥାକୁ ଆପଣ ଅଗ୍ରାଧିକାର ଦେବେ।

ଗିଲ୍ଟ ବା ଅପରାଧବୋଧ ମଧ୍ୟରେ ଆପଣଙ୍କୁ ଛନ୍ଦିଦେବା ହେଉଛି ମ୍ୟାନିପୁଲେଟର ମାନଙ୍କ ଆଉ ଏକ ବଡ଼ କୌଶଳ। ସେମାନେ ଏମିତି ବ୍ୟବହାର ଦେଖାଇବେ ଯେମିତି ସବୁ ଦୋଷ ଆପଣଙ୍କର। ବାରମ୍ବାର ଆପଣଙ୍କ ମନରେ ଏହି ଭାବନା ସୃଷ୍ଟି କରିବାର ଚେଷ୍ଟା କରିବେ କି ଆପଣ ହିଁ ଶତ ପ୍ରତିଶତ ଭୁଲ। ଆପଣ ମଧ୍ୟ ଏଭଳି କଥାରେ ସହଜରେ ପ୍ରଭାବିତ ହୋଇ ନିଜକୁ ଦୋଷାରୋପ କରି ବାରମ୍ବାର କ୍ଷମା ମାଗିବେ। ଅଥଚ ଆପଣ ଯେଉଁ ଭୁଲ ପାଇଁ କ୍ଷମା ମାଗିବେ ସେହି ଭୁଲ ଆପଣ କରିନାହାନ୍ତି। ମ୍ୟାନିପୁଲେସନ କରୁଥିବା ଲୋକେ ଧୀରେ ଧୀରେ ଆପଣଙ୍କ ସମ୍ପୂର୍ଣ୍ଣ ମନକୁ ନିଜ ଆୟତ୍ତକୁ ନେଇଯିବେ।

ମନେ କରନ୍ତୁ ଆପଣ କାହାକୁ ନିଜ ଯନ୍ତ୍ରଣା କଥା ଜଣାଇଲେ। ଦେଖିଲେ କେଇଟା ମାତ୍ର ଶବ୍ଦ ଶୁଣିଛନ୍ତି କି ନାହିଁ ଆର ବ୍ୟକ୍ତିଜଣକ ତାଙ୍କ ଦୁଃଖକଷ୍ଟ କଥା ଆପଣଙ୍କୁ କହିବା ଆରମ୍ଭ କରିଦେବେ। ଅଥଚ ଆପଣଙ୍କ କଷ୍ଟ, ସମସ୍ୟା କଥା ଉପରେ କର୍ଣ୍ଣପାତ କରିବେ ନାହିଁ। ଆପଣଙ୍କ ସମସ୍ୟା କଥା ଶୁଣିଲା ମାତ୍ରେ ସେମାନେ ନିଜ ସମସ୍ୟାକୁ ଅଧିକ କରି ଦେଖାଇବେ। ଗୋଟିଏ ସମୟ ପରେ ଆଣ ହିଁ ଚୁପ ହୋଇଯିବେ। କାରଣ ଆପଣ ଜାଣିପାରିବେ ଯାହା କହିଲେ ବି ତାହା ବୁଲି ବୁଲି ସେହି ବ୍ୟକ୍ତିଙ୍କ କଥା ପାଖରେ ହିଁ ଅଟକିଯିବ। ଆପଣଙ୍କ କଥାର ଗୁରୁତ୍ୱ ରହିବ ନାହିଁ। ଇମୋସନାଲ ମ୍ୟାନିପୁଲେସନ ଠିକ ଏହିଭଳି ଆଚରଣ ଯାହା ହୁଏତ ସହଜରେ ଦୃଶ୍ୟମାନ ହେବନାହିଁ। କିନ୍ତୁ ଭିତରୁ ଆପଣଙ୍କ ଆତ୍ମବିଶ୍ୱାସକୁ ଦୋହଲାଇ ଦେବାରେ ଯଥେଷ୍ଟ। ତେଣୁ ନିଜ ଅନୁଭୂତି, ଭାବନା, ସର୍ବୋପରି ନିଜର ପ୍ରକୃତ ସତ୍ତାକୁ ହିଁ ଗୁରୁତ୍ୱ ଦିଅନ୍ତୁ।

ସର୍ବପ୍ରଥମେ ମନେରଖନ୍ତୁ ଏ ଦୁନିଆରେ, ଏ ଜୀବନରେ ଆପଣ ଆପଣଙ୍କ ପାଇଁ ହିଁ ସର୍ବପ୍ରଥମ ଓ ମୂଲ୍ୟବାନ। ଆପଣ ଯେଉଁ ପରିବେଶରୁ, ଯେଉଁ ପରିବାରରୁ ବଢ଼ିଛନ୍ତି ସେମାନଙ୍କ ପ୍ରତି ଆପଣଙ୍କର ଆବେଗ ଓ ଭଲ ପାଇବା ମଧ୍ୟ ରହିଛି। ତେଣୁ ସମ୍ପର୍କକୁ ନେଇ ଭାବପ୍ରବଣ ନ ହୋଇ କାହାର ଛଳନାକୁ ଆଦୌ ଗ୍ରହଣ କରନ୍ତୁ ନାହିଁ। ହୁଏତ କେହି ଛଳନାରେ ଆପଣଙ୍କ ଭଲପାଇବାର, ବିଶ୍ୱାସର, ଆବେଗର ଏବଂ ଅତୁଟ ଶ୍ରଦ୍ଧାର ଫାଇଦା ଉଠାଇ ପାରନ୍ତି। ଏ କ୍ଷେତ୍ରରେ ମନସ୍ତାତ୍ତ୍ୱିକ ଭାବେ ନିଜକୁ ଦୃଢ଼ କରନ୍ତୁ ଏବଂ ଉଚିତ ମନେକଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ମଧ୍ୟ ନେଇପାରିବେ। ତେବେ ଏ କ୍ଷେତ୍ରରେ ଇମୋସନାଲ ମ୍ୟାନିପୁଲେସନର ଶିକାର ହୋଇଥିବା ପୀଡ଼ିତ ଜଣଙ୍କ ପରିବାର ବର୍ଗ ଓ ବନ୍ଧୁବର୍ଗଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଜୀବନଟା ବାସ୍ତବରେ ଜୀବନ ପରି। ଧାଁ ଦଉଡ ଓ ବ୍ୟସ୍ତବହୁଳ ଏତେ ବଡ଼ ଦୁନିଆରେ ଆପଣ ନିଜକୁ କେବେ ବି ଏକଲା ଭାବନ୍ତୁ ନାହିଁ ବରଂ ସମୟକୁ ନିଜ ବନ୍ଧୁ ଭାବେ ଜାବୁଡ଼ି ଧରି ଜୀବନକୁ ଆଗେଇ ନିଅନ୍ତୁ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼,**
**କଟକ, ଦୂରଭାଷ : ୯୧୩୨୪୩୩୩୩୩**



# ପରଲୋକରେ ସୁରେଶ କାଲମାଡ଼ି



ନୂଆଦିଲ୍ଲୀ,୬।୧: ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କଲମାଡିଙ୍କ ପରଲୋକ ହୋଇଯାଇଛି। ମଙ୍ଗଳବାର ଭୋରରୁ ୮୧ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି। ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ କଲମାଡୀ। ପରିବାର ସୂତ୍ରରୁ ଜଣାପଡିଛି ଯେ, ତାଙ୍କର ଶେଷକୃତ୍ୟ ଅପରାହ୍ନ ୩ଟାରେ ପୁଣେର ବୈକୁଣ୍ଠ ଧାମ ଶ୍ମଶାନରେ କରାଯାଇଛି। ଏବେ ତାଙ୍କ ପରିବାରରେ ପତ୍ନୀ, ପୁଅ ଓ ବୋହୂ, ଦୁଇ ବିବାହିତ ଝିଅ ସହ ଜ୍ୱାଇଁ ଓ ନାତିନାତୁଣୀ ଅଛନ୍ତି। କମନୱେଲଥ ଗେମ୍ସ ଦୁର୍ନୀତିରେ ତାଙ୍କ ନା ଆସିବା ପରେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ କଲମାଡି। ଏହି ବିବାଦ ସେତେବେଳେ ସାରା ଦେଶରେ ବହୁଚର୍ଚ୍ଚିତ ବିବାଦ ଥିଲା। ରାଜନୈତିକ ମହଲରେ ବି ଝଡ଼ ସୃଷ୍ଟି କରିଥିଲା। ବରିଷ୍ଠ କଂଗ୍ରେସ ନେତା ସୁରେଶ କଲମାଡିଙ୍କର ହାଇକମାଣ୍ଡଙ୍କ ସହିତ ଭଲ ସମ୍ପର୍କ ଥିବା ଚର୍ଚ୍ଚା କରାଯାଉଥିଲା। ସେ ରେଳ ରାଷ୍ଟ୍ରମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ।

ସେ ଭାରତୀୟ ଅଲିମ୍ପିକ୍ ସଂଘର ସଭାପତି ମଧ ଥିଲେ। ପୁନେର ଜଣେ ଲୋକପ୍ରିୟ ରାଜନୈତିକ ନେତା କଲମାଡି ଅନେକ ଥର ସହରରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ବର୍ଷ ବର୍ଷ ଧରି ସେ ସାର୍ବଜନୀନ ଜୀବନରେ ବିଭିନ୍ନ ଭୂମିକା ଗ୍ରହଣ କରିଥିଲେ ଏବଂ ଜାତୀୟ ସ୍ତରରେ କ୍ରୀଡା ପ୍ରଶାସନରେ ବ୍ୟାପକ ଭାବରେ ଜଡିତ ଥିଲେ। ତଥାପି, ଭାରତୀୟ ଅଲିମ୍ପିକ୍ ସଂଘରେ ତାଙ୍କ କାର୍ଯ୍ୟକାଳକୁ ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡା ଦୁର୍ନୀତି ମାମଲାରେ ପ୍ରଶ୍ନ କରାଯାଇଥିଲା। ପାଣ୍ଠିର ଅପବ୍ୟବହାର ଅଭିଯୋଗରେ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଅଭିଯୁକ୍ତ କରାଯାଇଥିଲା। ତାଙ୍କୁ ଏପ୍ରିଲ ୨୦୧୧ରେ ଗିରଫ କରାଯାଇଥିଲା, ଯାହା ପରେ କଂଗ୍ରେସ ତାଙ୍କୁ ଦଳରୁ ନିଲମ୍ବିତ କରିଥିଲା।

## ଗ୍ରୀନଲ୍ୟାଣ୍ଡ ବିରୋଧରେ ଆକ୍ସନ ନେଲେ ଫସିବେ ଟ୍ରମ୍ପ୍

# ଏକାଠି ହେଲେ ୟୁରୋପର ସପ୍ତରଥୀ

ନ୍ୟୁୟର୍କ, ୬।୧ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ତୀବ୍ର ବିରୋଧ। ଭେନେଜୁଏଲାରେ ଆକ୍ରମଣ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଅପହରଣ ପରେ ସବୁଆଡେ ବିରୋଧ। ଚୀନ, ଋଷ, ବ୍ରାଜିଲ, ଇରାନ ଭଳି ଦେଶ ତୀବ୍ର ସମାଲେଶଚନା କରିଛନ୍ତି। ଆମେରିକାର ଏପରି କାର୍ଯ୍ୟକଳାପକୁ ଅନେକ ସହଯୋଗୀ ଦେଶ ମଧ ନିନ୍ଦା କରିଛନ୍ତି। ଆଗାମୀ ଦିନରେ ଗ୍ରୀନଲ୍ୟାଣ୍ଡରେ ସମାନ ଆଟାକ୍ କରିବାକୁ ୟୁଏସ ସେନା ପ୍ରସ୍ତୁତ ହେଉଥିବା ଖବର ପରେ ଏବେ ବିବାଦ ବଢିଛି। ଅନେକ ୟୁରୋପୀୟ ଦେଶ ଟ୍ରମ୍ପଙ୍କ ଧମକକୁ ଖୋଲାଖୋଲି ବିରୋଧ କରି ମେଳି କଲେଣି।

ଟ୍ରମ୍ପ୍ କହିଥିଲେ ଯେ, ସେ ଭେନେଜୁଏଲାରେ ଅଟକିବେ ନାହିଁ। ଆଗାମୀ ଦିନରେ କଲମ୍ବିଆ ଏବଂ ଗ୍ରୀନଲ୍ୟାଣ୍ଡ ତାଙ୍କ ଟାର୍ଗେଟରେ ରହିଛି। ଏହାକୁ ନେଇ ୟୁରୋପର ୭ଟି ଦେଶ ମିଳିତ ବୟାନ ଜାରି କରିଛନ୍ତି। ସେମାନେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଆର୍କଟିକ ଅଞ୍ଚଳର ସୁରକ୍ଷା ୟୁରୋପର




ପ୍ରାଥମିକତା ଅଟେ । ଗ୍ରୀନଲ୍ୟାଣ୍ଡର ଭବିଷ୍ୟତ ଉପରେ କେବଳ ଡେନମାର୍କ ଏବଂ ଗ୍ରୀନଲ୍ୟାଣ୍ଡ୍ ନିଷ୍ପତ୍ତି ନେଇପାରିବେ।

ମିଳିତ ବୟାନରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍, ଜର୍ମାନୀର ଚାନ୍ସଲେର ମର୍ଜ, ଇଟାଲି ପ୍ରଧାନମନ୍ତ୍ରୀ ଜର୍ଜିୟା ମେଲୋନି, ପୋଲାଣ୍ଡର ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟୁସ୍କ, ସ୍ପେନର ପ୍ରଧାନମନ୍ତ୍ରୀ ପାଦ୍ରୋ ସାଞ୍ଚେଜ୍, ବ୍ରିଟେନ୍ ପ୍ରଧାନମନ୍ତ୍ରୀ କୀର୍ ଷ୍ଟାରମର୍ ଏବଂ ଡେନମାର୍କର ପ୍ରଧାନମନ୍ତ୍ରୀ ମେଟ୍ଟେ ଫେଡରିକସନ୍ ଦସ୍ତଖତ କରିଛନ୍ତି।

ବୟାନରେ କୁହାଯାଇଛି ଯେ, ମେରୁ ଅଞ୍ଚଳର ସୁରକ୍ଷା ସମସ୍ତ ଦେଶର ଦାୟିତ୍ୱ। ଏହା ଅନ୍ତରାଷ୍ଟ୍ରୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ। ନାଟୋ ପୂର୍ବରୁ ଆର୍କାଟିକ୍ ଅଞ୍ଚଳକୁ ନିଜ ପ୍ରାଥମିକତାରେ ସାମିଲ କରିଛି। ୟୁରୋପର ସହଯୋଗୀ ଦେଶ ସେଠାରେ ସାମରିକ ଗତିବିଧି ବୃଦ୍ଧି କରୁଛନ୍ତି। ଗ୍ରୀନଲ୍ୟାଣ୍ଡ୍ ଏବେ ନାଟୋର ଅଂଶ ଅଛି। ଏହାର ସୁରକ୍ଷା ଏବଂ ଅଖଣ୍ଡତା ଜରୁରୀ। ୧୯୫୧ରେ ଏହି ଅଞ୍ଚଳର ସୁରକ୍ଷା ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଆମେରିକା ମଧ ଏଥିରେ ଭାଗିଦାରୀ ରହିଛି। କିନ୍ତୁ ବାହାର କୌଣସି ଦେଶର ଚାପରେ ଗ୍ରୀନଲ୍ୟାଣ୍ଡର ଭବିଷ୍ୟତ ନିର୍ଦ୍ଧାରଣ କରାଯାଇ ପାରିବ ନାହିଁ ବୋଲି ୟୁରୋପୀୟ ଦେଶଗୁଡ଼ିକ କହିଛନ୍ତି।

# ନୋବେଲ୍ ବିଜୟୀଙ୍କୁ ଏସ୍ଆଇଆର୍ ନୋଟିସ୍



### ବିଜେପିକୁ ଟାର୍ଗେଟ୍ କଲା ଟିଏମ୍ସି

କୋଲକାତା,୬।୧: ନୋବେଲ୍ ବିଜୟୀ ଭାରତୀୟ ଅର୍ଥଶାସ୍ତ୍ରୀ ଅମର୍ତ୍ତ୍ୟ ସେନ୍‌ଙ୍କୁ ଏସ୍ଆଇର୍ ନୋଟିସ୍ ଆସିଥିବା ଅଭିଯୋଗ ହୋଇଛି। ଏନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ଟିଏମ୍ସି ସାଂସଦ ଅଭିଷେକ ବାନାର୍ଜୀ ଇଲେକ୍ସନ କମିଶନଙ୍କୁ ମଙ୍ଗଳବାର ସମାଲୋଚନା କରିଛନ୍ତି। ଇସି ଜାଣିଶୁଣି ବେଙ୍ଗଲ ନାଗରିକଙ୍କୁ ଟାର୍ଗେଟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଖାଲି ଅମର୍ତ୍ତ୍ୟ ସେନଙ୍କୁ ନୁହେଁ, ଭାରତୀୟ ପେସର ମହମ୍ମଦ ଶାମି ଏବଂ ଅଭିନେତା ତଥା ରାଜନେତା ଦେବଙ୍କୁ ପଠାଯାଇଥିବା ଏସ୍ଆଇଆର୍ ନୋଟିସକୁ ଇଙ୍ଗିତ କରି ଅଭିଷେକ ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ, ନୋବେଲ ବିଜେତା ଅର୍ଥନୀତିଜ୍ଞଙ୍କୁ ମଧ ନିର୍ବାଚନ କମିଶନଙ୍କ ସମନ ଅତ୍ୟନ୍ତ ଦୁଃଖଦ ଘଟଣା। ଏସ୍ଆଇଆର୍ ଶୁଣାଣି ପାଇଁ ଏମାନେ ସମସ୍ତେ ହାଜର ହେବେ। କ୍ରିକେଟର ମହମ୍ମଦ ଶାମିଙ୍କୁ ମଧ ଏକ ନୋଟିସ ପଠାଇଛନ୍ତି, ଯିଏ ବିଶ୍ୱକପରେ ଭାରତ ପାଇଁ ଖେଳିଥିଲେ। ସେମାନେ ପ୍ରସିଦ୍ଧ ଅଭିନେତା ଦେବଙ୍କୁ ଏକ ଚିଠି ପଠାଇଛନ୍ତି। ଏହା ସମସ୍ତଙ୍କୁ ବଦନାମ କରିବା ଏବଂ ହଇରାଣ କରିବାର ଏକ ପ୍ରୟାସ। ଏସଆଇଆର ନାଁରେ, ବିଜେପି-ଇସିଆଇ ମେଣ୍ଟ କରି ବଙ୍ଗଳାର ଲୋକଙ୍କୁ ଟାର୍ଗେଟ କରୁଛନ୍ତି। ଟିଏମସି ଏସବୁ ପ୍ରଶ୍ନ ଭିତରେ ନିର୍ବାଚନ କମିଶନ ପକ୍ଷରୁ କୌଣସି ପ୍ରତିକ୍ରିୟା ସାମ୍ନାକୁ ଆସି ନାହିଁ।

## ପଶ୍ଚିମବଙ୍ଗର ଏକାଧିକ ଫିଲ୍ମ ଷ୍ଟାର୍‌ଙ୍କୁ ନୋଟିସ

କୋଲକାତା,୬।୧: ପଶ୍ଚିମବଙ୍ଗରେ ହୋଇଥିବା ଏସ୍ଆଇଆରରେ ଏକାଧିକ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ନୋଟିସ୍ କରାଯାଇଛି। ଟିଏମ୍ସି ସାଂସଦ ଦେବ ଦୀପକ ଅଧିକାରୀଙ୍କ ପରିବାରର ତିନିଜଣ ସଦସ୍ୟଙ୍କୁ ମଧ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଶୁଣାଣି ପାଇଁ ହାଜର ହେବା ପାଇଁ ନୋଟିସ୍ ଜାରି କରାଯାଇଛି। ନିର୍ବାଚନ କମିଶନ ଏସଆଇଆର ଦ୍ୱିତୀୟ ପର୍ଯ୍ୟାୟର ଅଂଶ ସ୍ୱରୂପ ପଶ୍ଚିମବଙ୍ଗର ପ୍ରାୟ ୩୨ ଲକ୍ଷ ଭୋଟରଙ୍କୁ ନାଗରିକତାର ପ୍ରମାଣ ସ୍ଥାପନ କରିବାକୁ କିମ୍ବା ସେମାନଙ୍କର ଦାଖଲ ହୋଇଥିବା ଡକ୍ୟୁମେଣ୍ଟଗୁଡ଼ିକର କ୍ରସ-ଚେକ୍ କରିବାକୁ ନୋଟିସ୍ ଜାରି କରିଛନ୍ତି। ଅନ୍ୟ ବେଙ୍ଗଲି ଫିଲ୍ମ ଷ୍ଟାର ମଧ ଏସ୍ଆଇଆର୍ ନୋଟିସ୍ ପାଇଛନ୍ତି। ନୋଟିସ୍ ପାଇଥିବା ଏବଂ ଶୁଣାଣି ପାଇଁ ହାଜର ହୋଇଥିବା ଅନ୍ୟ ପ୍ରଖ୍ୟାତ ବଙ୍ଗୀୟ ଅଭିନେତା ଅଭିନେତ୍ରୀମାନେ ହେଲେ ଲାବୋନୀ ସରକାର, କୌଶିକ ବନ୍ଦୋପାଧାୟ ଏବଂ ଅନିର୍ବାଣ ଭଟ୍ଟାଚାର୍ଯ୍ୟ। ପ୍ରଖ୍ୟାତ କବି ଜୟ ଗୋସ୍ୱାମୀ ଏବଂ କ୍ରିକେଟର ମହମ୍ମଦ ଶାମିଙ୍କୁ ମଧ ଶୁଣାଣି ପାଇଁ ଡକାଯାଇଛି। ପଶ୍ଚିମବଙ୍ଗ ପାଇଁ ବିଜୟ ହଜାରେ ଟ୍ରଫି ଖେଳିବା ପାଇଁ ବର୍ତ୍ତମାନ ରାଜକୋଟରେ ଥିବା ଶାମି ସୋମବାର ଶୁଣାଣି ପାଇଁ ହାଜର ହୋଇପାରି ନଥିଲେ। ସେ ନିର୍ବାଚନ କମିଶନଙ୍କୁ ଆଉ ଏକ ତାରିଖ ଦେବାକୁ ଅନୁରୋଧ କରିଥିବା ଜଣାପଡ଼ିଛି।

# ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି



### ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ

ନୂଆଦିଲ୍ଲୀ,୬।୧: ବର୍ଷ ଆରମ୍ଭରୁ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ପୂର୍ବ ବିଷୁବ ରେଖା ନିକଟରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଏବଂ ସଂଲଗ୍ନ ଭାରତ ମହାସାଗର ଉପରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) କହିଛି। ଆଇଏମଡି ଅନୁଯାୟୀ, ୫ ଜାନୁଆରି ୨୦୨୬ ରେ ପ୍ରାୟ ସନ୍ଧ୍ୟା ସାଢ଼େ ୫ଟାରେ ଏହି ପ୍ରଣାଳୀ ବିକଶିତ ହୋଇଥିଲା। ଏହି ଲଘୁଚାପ ପ୍ରଣାଳୀ ଆଗାମୀ ୪୮ ଘଣ୍ଟା ମଧରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଉତ୍ତର ଓଡ଼ିଶା ଆଡକୁ ଗତି କରିବ ବୋଲି ଆଶା କରାଯାଉଛି। ତେବେ ଏହାର ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ। ପାଣିପାଗ ସଂସ୍ଥାଗୁଡ଼ିକ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ଆଗାମୀ ୨୪ ଘଣ୍ଟା ମଧରେ ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗବିଭାଗ ପୂର୍ବାନୁମାନ କରିଛି। ଆଇଏମଡି ସତର୍କ କରାଇ ଦେଇଛି, ଆଗାମୀ ଦିନରେ ଏହି ଲଘୁଚାପ ପ୍ରଣାଳୀ ସ୍ପଷ୍ଟ ଭାବରେ ଘନୀଭୂତ ହେବାର ସମ୍ଭାବନା ଅଛି। ଏହା ବଙ୍ଗୋପସାଗର ଏବଂ ଭାରତର ଉପକୂଳବର୍ତ୍ତୀ ଅଞ୍ଚଳକୁ ପ୍ରଭାବିତ କରିପାରେ।

## କରୁର ଦଳାଚକଟା ପାଇଁ ମାମଲା

# ଟିଭିକେ ପ୍ରତିଷ୍ଠାତା ବିଜୟଙ୍କୁ ସିବିଆଇ ସମନ



### ଜାନୁଆରୀ ୧୨ରେ ହେବେ ହାଜର

ନୂଆଦିଲ୍ଲୀ,୬।୧: କରୁର ଦଳାଚକଟା ଘଟଣାରେ ଅଭିନେତାରୁ ନେତା ସାଜିଥିବା ତାମିଲିଗା ଭେଟ୍ରି କାଝାଗମ(ଟିଭିକେ)ର ସଂସ୍ଥାପକ ବିଜୟଙ୍କୁ ସିବିଆଇ ସମନ କରିଛି। ଜାନୁଆରୀ ୧୨ ତାରିଖରେ ତାଙ୍କୁ ହାଜର ହେବାକୁ କୁହାଯାଇଛି। ୨୦୨୫ ସେପ୍ଟେମ୍ବର ୨୭ ତାରିଖରେ କରୁର ଜିଲ୍ଲା ଭେଲୁସ୍ୱାମୀପୁରମରେ ଏହି ଦଳାଚକଟା ଘଟଣା ଘଟିଥିଲା। ଟିଭିକେର ରାଜନୈତିକ ରାଲି ବେଳେ ବିଜୟଙ୍କୁ ଦେଖିବାକୁ ବହୁ ସଂଖ୍ୟାରେ ଲୋକ ଭିଡ଼ ଜମାଇଥିଲେ। ବିଜୟ ଆସିବାରେ ବିଳମ୍ବ ହେବାରୁ ଦଳଚକଟା ଆରମ୍ଭ ହୋଇଯାଇଥିଲା। ଏହି ଘଟଣାରେ ୪୧ ଜଣଙ୍କର ମୃତ୍ୟୁ ହୋଇଥିଲା। ଏକାଧିକ ଆହତ ହୋଇଥିଲେ। ମାମଲାରେ ସିବିଆଇ ତଦନ୍ତ କରୁଛି। ଏହା ପୂର୍ବରୁ ମଧ ଟିଭିକେ ଦଳର କର୍ମୀମାନଙ୍କୁ ସିବିଆଇ ପଚରାଉଚରା କରି ସାରିଛି।

ଆରମ୍ଭରୁ ତାମିଲନାଡୁ ସରକାର ଘଟଣାରେ ସିବିଆଇ ତଦନ୍ତକୁ ବିରୋଧ କରିଥିଲେ ଏବଂ ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିଥିଲେ। ଆଇନ ଏବଂ ଶୃଙ୍ଖଳା ରାଜ୍ୟ ବିଷୟ ହୋଇଥିବାରୁ ଘଟଣାର ତଦନ୍ତ ପାଇଁ ଏକ ଏସଆଇଟି ଯଥେଷ୍ଟ ବୋଲି ରାଜ୍ୟ ସରକାର କୋର୍ଟ ସମ୍ମୁଖରେ ଯୁକ୍ତ ଦର୍ଶାଇଥିଲେ। ତଥାପି କରୁର ଦଳାଚକଟା ଜାତୀୟ ବିବେକକୁ ଦୋହଲାଇ ଦେଇଛି ବୋଲି କହି ସୁପ୍ରିମକୋର୍ଟ ତଦନ୍ତକୁ ସିବିଆଇକୁ ହସ୍ତାନ୍ତର କରିଥିଲେ। ତଦନ୍ତ ଦାୟିତ୍ୱ ଗ୍ରହଣ କରିବା ପରଠାରୁ, ସିବିଆଇ କାର୍ଯ୍ୟକ୍ରମ ପାଇଁ ଦିଆଯାଇଥିବା ଅନୁମତି, ଭିଡ଼ ପରିଚାଳନା ପଦକ୍ଷେପ, ପୁଲିସ ମୁତୟନ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ଆଦିକୁ ନେଇ ଯାଞ୍ଚ କରୁଛି। ଏଥିସହିତ ଟିଭିକେ କର୍ମକର୍ତ୍ତା ଏବଂ ଅଧିକାରୀଙ୍କ ବୟାନ ମଧ ରେକର୍ଡ କରୁଛି।

# ଆର୍‌ଡିଏକ୍ସ ଲଗାଇ ଉଡ଼ାଇ ଦେବୁ ୭ କୋର୍ଟ

### ଧମକ ମିଳିବା ପରେ ୩ ରାଜ୍ୟରେ ହଇଚଇ

### ଏଲଟିଟିଇ ନାଁରେ ଆସିଥିଲା ଧମକପୂର୍ଣ୍ଣ ମେଲ

ନୂଆଦିଲ୍ଲୀ,୬।୧: ଗୁଜରାଟ, ଉତ୍ତର ପ୍ରଦେଶ ଏବଂ କର୍ଣ୍ଣାଟକର ବିଭିନ୍ନ ସ୍ଥାନକୁ ବୋମାରେ ଉଡ଼ାଇ ଦେବାକୁ ଧମକ ମିଳିଥିଲା। ଗୁଜରାଟର ୬ଟି କୋର୍ଟ, ଉତ୍ତର ପ୍ରଦେଶର ମାଉ ରେଳଷ୍ଟେସନରେ ଥିବା ଏକ ଟ୍ରେନ୍ ଏବଂ କର୍ଣ୍ଣାଟକର ମୈସୁରୁ ଜିଲ୍ଲା କୋର୍ଟକୁ ଟାର୍ଗେଟ କରାଯାଇଥିଲା। ପୁଲିସ ଏବଂ ବୋମା ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ହେଲେ କୋର୍ଟ କିମ୍ବା ଟ୍ରେନରେ କୌଣସି ବିସ୍ଫୋଟକ ମିଳିନଥିଲା। ସେପଟେ କେରଳର କନ୍ନୁର ଜିଲ୍ଲାର ପୁଲିସ ଦୁଇଟି ପୃଥକ ସ୍ଥାନରୁ ୧୨ଟି ଦେଶୀ ବୋମା ଜବତ କରିଛି। ସବୁ ମାମଲାରେ ତଦନ୍ତ ଜାରି ରହିଛି। ଗୁଜରାଟ ହାଇକୋର୍ଟ ଏବଂ ପାଞ୍ଚଟି ସ୍ଥାନୀୟ କୋର୍ଟକୁ ଆରଡିଏକ୍ସରେ ଉଡ଼ାଇ ଦେବାକୁ ଧମକ ମିଳିଥିଲା। ସୋମବାର ରାତି ୨ଟାରେ ସୁରଟ କୋର୍ଟର ସରକାରୀ ଇମେଲକୁ ଧମକ ଆସିଥିଲା। ସକାଳେ କର୍ମଚାରୀମାନେ ଇମେଲ୍ ଯାଞ୍ଚ କରିବା ପରେ ଏନେଇ ଜାଣି ପୁଲିସକୁ ଖବର ଦେଇଥିଲେ। ଆନନ୍ଦ, ରାଜକୋଟ, ଅହମ୍ମଦାବାଦ ଏବଂ ଭରୁଚରେ ଥିବା ସେସନ୍ସ କୋର୍ଟଗୁଡ଼ିକୁ ସମାନ ଇମେଲ୍ ମିଳିଥିଲା। ତଥାପି, ବମ୍ ସ୍କ୍ୱାଡ୍ କିଛି ପାଇଲେ ନାହିଁ। ପୁଲିସର କହିବା ଅନୁଯାୟୀ, ଲିବରେସନ୍ ଟାଇଗର୍ସ ଅଫ୍ ତାମିଲ ଇଲମ୍ ନାଁରେ ଏହି ଧମକପୂର୍ଣ୍ଣ ଇମେଲ ଆସିଥିଲା।

# ହସ୍ପିଟାଲରେ ସୋନିଆ ଗାନ୍ଧୀ



ନୂଆଦିଲ୍ଲୀ ୬।୧: ବରିଷ୍ଠ କଂଗ୍ରେସ ନେତା ଓ ସଂସଦୀୟ ଦଳ ଅଧକ୍ଷା ସୋନିଆ ଗାନ୍ଧୀ ଅସୁସ୍ଥ ହୋଇପଡ଼ିଛନ୍ତି। ଚିକିତ୍ସା ପାଇଁ ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ମଙ୍ଗଳବାର ସକାଳେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତରଙ୍କ ଏକ ଦଳ ହସ୍ପିଟାଲରେ ତାଙ୍କ ଉପରେ କଡ଼ା ନଜର ରଖିଛନ୍ତି। କିଛି ସୂତ୍ର ଅନୁସାରେ ତାଙ୍କୁ ଜଣେ ଛାତି ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ରଖାଯାଇଛି। ତଥାପି, ସୋନିଆ ଗାନ୍ଧୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କଂଗ୍ରେସ ଦଳ କିମ୍ବା ହସ୍ପିଟାଲ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ଜାରି କରାଯାଇନାହିଁ। ସୋନିଆ ଗାନ୍ଧୀ ଗତ କିଛିବର୍ଷ ଧରି ସ୍ୱାସ୍ଥ୍ୟ ସମସ୍ୟା ସହିତ ସଂଘର୍ଷ କରୁଛନ୍ତି। ସେ ନିୟମିତ ଯାଞ୍ଚ ଏବଂ ଚିକିତ୍ସା ପାଇଁ ସମୟ ସମୟରେ ହସ୍ପିଟାଲକୁ ଆସୁଛନ୍ତି। ସେ ବର୍ତ୍ତମାନ ହସ୍ପିଟାଲର ଡାକ୍ତରଙ୍କ ତତ୍ତ୍ୱାବଧାନରେ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବା ପରେ ହିଁ ଅଧିକ ସୂଚନା ମିଳିପାରିବ। ସମଗ୍ର ପରିସ୍ଥିତି ଉପରେ ନଜର ରଖାଯାଇଛି।

# ଟିକଟକ୍ ଭିଡିଓକୁ ନେଇ ମହାଭାରତ



### ଦକ୍ଷିଣ ଧନୁଷା ଜିଲ୍ଲାରେ ମସଜିଦ ଭାଙ୍ଗିଲେ

### ହିଂସାକାଣ୍ଡରୁ ନେପାଳର ବୀରଗଞ୍ଜରେ କର୍ଫ୍ୟୁ

ନୂଆଦିଲ୍ଲୀ,୬।୧: ନେପାଳର ବୀରଗଞ୍ଜରେ ହିଂସାତ୍ମକ ସଂଘର୍ଷ। ଟିକଟକ୍ ଭିଡିଓରୁ ଆରମ୍ଭ ହୋଇଥିବା ବିବାଦ ଏବେ ଉଗ୍ର ରୂପ ଧାରଣ କରିଛି। ମସଜିଦରେ ଭଙ୍ଗାରୁଜା ନେଇ ଅଭିଯୋଗ ପରେ ଦୁଇ ସମ୍ପ୍ରଦାୟ ମଧରେ ଉତ୍ତେଜନା ଦେଖାଦେଇଛି। ପ୍ରଶାସନ ବର୍ତ୍ତମାନ ବୀରଗଞ୍ଜରେ କର୍ଫ୍ୟୁ ଜାରି କରିଛି। ବୀରଗଞ୍ଜରେ ଅଶାନ୍ତି ଯୋଗୁଁ ଭାରତୀୟ ସୀମାରେ ମଧ ସତର୍କତା ଜାରି କରାଯାଇଛି। ଜେନ୍-ଜି ଆନ୍ଦୋଳନ ପରେ ନେପାଳରେ ୫ ମାର୍ଚ୍ଚ, ୨୦୨୬ ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହାରି ମଧରେ ସାମ୍ପ୍ରଦାୟିକ ଘଟଣା ମଧ ରିପୋର୍ଟ ହୋଇଛି। ଦକ୍ଷିଣ ଧନୁଷା ଜିଲ୍ଲାରେ ଏକ ମସଜିଦ ଭଙ୍ଗାଯାଇଥିଲା। ଏହା ପରେ, ନେପାଳର ପାରସା ଜିଲ୍ଲାର ସ୍ଥାନୀୟ ପ୍ରଶାସନ ସୋମବାର ଭାରତର ରକ୍ସୌଲ ସୀମାକୁ ଲାଗି ରହିଥିବା ବୀରଗଞ୍ଜ ସହରର କିଛି ସ୍ଥାନରେ କର୍ଫ୍ୟୁ ଜାରି କରିଥିଲା। ସୋସିଆଲ ମିଡିଆରେ ଏକ ମସଜିଦ ଭଙ୍ଗାଯିବାର ଭିଡିଓ ପୋଷ୍ଟ ହେବା ପରେ, ନେପାଳର ମୁସଲିମ ସମ୍ପ୍ରଦାୟର ସଦସ୍ୟମାନେ ବୀରଗଞ୍ଜରେ ପ୍ରତିବାଦ ଏବଂ ସ୍ଲୋଗାନ ଦେଇଥିଲେ। ପ୍ରତିବାଦ ସମୟରେ ଲୋକମାନେ ରାସ୍ତାରେ ଟାୟାର ଜାଳିଥିଲେ। ପୋଲିସ କହିଛି ଯେ, ବିବାଦ ଏକ ଟିକଟକ୍ ଭିଡିଓରୁ ଆରମ୍ଭ ହୋଇଥିଲା। ଯେଉଁଥିରେ ଦୁଇଜଣ ମୁସଲିମ ଯୁବକ ହିନ୍ଦୁମାନଙ୍କ ବିଷୟରେ ଅପମାନଜନକ ମନ୍ତବ୍ୟ ଦେଉଥିବାର ଦେଖାଯାଇଥିଲା। ଏହି ଭିଡିଓକୁ ନେଇ ଅସନ୍ତୁଷ୍ଟ ଲୋକେ ଧନୁଷାର ମସଜିଦରେ ଭଙ୍ଗାରୁଜା କରି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି।

# ପାକିସ୍ତାନକୁ ତଥ୍ୟ ଦେଇ ୨ ଯୁବକ ଗିରଫ

ହରିୟାଣା,୬।୧: ପାକିସ୍ତାନ ପାଇଁ ଜାସୁସି କରୁଥିବା ଅଭିଯୋଗରେ ୨ ଜଣଙ୍କୁ ଅଲଗା ଅଲଗା ମାମଲାରେ ହରିୟାଣାର ପୁଲିସ ଗିରଫ କରିଛି। ପୁଲିସ ଉଭୟ ମାମଲାର ତଦନ୍ତ କରି ମୋବାଇଲରୁ ସନ୍ଦେହଜନକ କାର୍ଯ୍ୟକଳାପ ଚିହ୍ନଟ କରିଛି। ଏନେଇ ଅମ୍ବାଲା ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ସେହି ଅଞ୍ଚଳର ବାୟୁସେନା ଷ୍ଟେସନ ବିଷୟରେ ସୂଚନା ଦେଉଥିଲେ ବୋଲି ଅଭିଯୋଗ ହୋଇଛି । ଡିଏସପି କ୍ରାଇମ୍ ବୀରେନ୍ଦ୍ର କୁମାର କହିଛନ୍ତି ଯେ, ସନ୍ଦିଗ୍ଧ ବ୍ୟକ୍ତି ପ୍ରତିରକ୍ଷା କ୍ଷେତ୍ର ସହି ଜଡିତ ଥିବା ସମସ୍ତ ଘଟଣା ସମ୍ପର୍କରେ ସୂଚନା ଦେଉଥିଲା। ଅଭିଯୁକ୍ତଙ୍କୁ ଅମ୍ବାଲାର ବାସିନ୍ଦା ସୁନୀଲ ଓରଫ ସନି ଭାବରେ ଚିହ୍ନଟ କରାଯାଇଛି। ତାଙ୍କ ବିରୁଦ୍ଧରେ ମାମଲା ରୁଜୁ ହେବା ପରେ ତାଙ୍କୁ ହେପାଜତକୁ ନିଆଯାଇଛି। ପଚରାଉଚରା ସମୟରେ ପୁଲିସ ତାଙ୍କ ମୋବାଇଲ୍ ଫୋନ୍ ଜବତ କରିଥିଲା। ଯେଉଁଥିରେ ସନ୍ଦେହଜନକ କାର୍ଯ୍ୟକଳାପ ଦେଖିବାକୁ ମିଳିଥିଲା। ତଦନ୍ତରୁ ଜଣାପଡିଛି ଯେ, ସୁନୀଲ ୨୦୨୦ ମସିହାରୁ ବାୟୁସେନା ଷ୍ଟେସନରେ ଠିକାଦାର ଭାବରେ କାମ କରୁଥିଲେ ଏବଂ ମରାମତି କାର୍ଯ୍ୟ ମଧ କରୁଥିଲେ। ସମସ୍ତ ଖବର ସମ୍ପର୍କରେ ଜଣେ ମହିଳାଙ୍କୁ ଫଟୋ ଉଠାଇ ପଠାଉଥିଲେ। ତାଙ୍କୁ ପଚରାଉଚରା କରିବା ସହ ଅଟକ ରଖାଯାଇଛି। ଏଥିସହିତ ସେ ବର୍ତ୍ତମାନ ୪ ଦିନିଆ ରିମାଣ୍ଡରେ ଅଛନ୍ତି।

ଅନ୍ୟପଟେ ପୂର୍ବରୁ ଏକ ଭିନ୍ନ ଘଟଣାରେ ହରିୟାଣା ପୁଲିସ ପାକିସ୍ତାନ ସେନା ଏବଂ ଆଇଏସଆଇକୁ ସୂଚନା ଯୋଗାଇବା ଅଭିଯୋଗରେ କୈଥଲର ବାସିନ୍ଦା ଦେବେନ୍ଦ୍ରଙ୍କୁ ଗିରଫ କରିଛି। ହେପାଜତକୁ ଆଣି ତାକୁ ପଚରାଉଚରା କରିବା ସମୟରେ ସେ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ସହିତ ସମ୍ପର୍କରେ ଥିବା ସ୍ୱୀକାର କରିଥିଲା। ସାଇବର ପୋଲିସ ଷ୍ଟେସନ୍ କର୍ମଚାରୀ ତାଙ୍କ ପାଖରେ ମିଳିଥିବା ଉପକରଣଗୁଡ଼ିକର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛନ୍ତି।

## ଟ୍ରମ୍ପ୍ ଦେଲେ ଆକ୍ରମଣ ଧମକ

# ଏବେ ୫ ଦେଶ ଉପରେ ଆମେରିକାର ନଜର

ୱାଶିଂଟନ,୬।୧: ଭେନେଜୁଏଲା ପରେ, ଆଉ ପାଞ୍ଚଟି ଦେଶ ଉପରେ ଏବେ ଆମେରିକାର ନଜରରେ ରହିଛି। କଲମ୍ବିଆ ଠାରୁ ଇରାନ ପର୍ଯ୍ୟନ୍ତ ଦେଶ ଉପରେ ଆକ୍ରମଣ ପାଇଁ ଟ୍ରମ୍ପଙ୍କ ପାଖରେ ବିଭିନ୍ନ ବାହାନା ଅଛି। ଡୋନାଲ୍ଡ ଟ୍ରମ୍ପଙ୍କ ଆକ୍ରମଣ ଧମକ କେବଳ ଭେନେଜୁଏଲା ପାଇଁ ଉଦ୍ଦିଷ୍ଟ ନଥିଲା। ସେ କଲମ୍ବିଆ, କ୍ୟୁବା, ଇରାନ, ଗ୍ରୀନଲ୍ୟାଣ୍ଡ ଏବଂ ମେକ୍ସିକୋକୁ ମଧ ଧମକ ଦେଇଛନ୍ତି। ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ପରେ ଚୁପ୍ ବସିନାହାନ୍ତି ଟ୍ରମ୍ପ୍। ଟ୍ରମ୍ପ୍ ପ୍ରଥମେ ଭେନେଜୁଏଲାକୁ ଧମକ ଦେଇଛନ୍ତି ଯେ, ଯଦି ଦେଶର ଅନ୍ତରୀଣ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜ ସଠିକ୍ ଭାବରେ କାର୍ଯ୍ୟ ନ କରନ୍ତି, ତେବେ ସେମାନଙ୍କୁ ମାଦୁରୋଙ୍କଠାରୁ ବହୁ ମୂଲ୍ୟ ଦେବାକୁ ପଡ଼ିପାରେ। ଭେନେଜୁଏଲା ଉପରେ ପୁଣି ଆକ୍ରମଣ ହୋଇପାରେ।

ଟ୍ରମ୍ପ୍ କହିଛନ୍ତି, କଲମ୍ବିଆ ଜଣେ ଅସୁସ୍ଥ ବ୍ୟକ୍ତି ଦ୍ୱାରା ପରିଚାଳିତ, ଯିଏ କୋକେନ୍ ତିଆରି କରି ଆମେରିକାକୁ ବିକ୍ରୟ କରିବାକୁ ଭଲ ପାଆନ୍ତି। ଏବେ ସେ ଏହା ବହୁତ ଦିନ ପର୍ଯ୍ୟନ୍ତ କରି ପାରିବେ



ନାହିଁ। ଆମେରିକୀୟ ସେନା ଏହାର ଅଭିଯାନରେ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋଙ୍କୁ ଟାର୍ଗେଟ କରିବ। ଟ୍ରମ୍ପ୍ ବିମାନରେ କହିଥିଲେ ଯେ, ତାଙ୍କୁ ତାଙ୍କ ପଡ଼ୋଶୀ ଦେଶ ମେକ୍ସିକୋ ବିଷୟରେ ମଧ କିଛି କରିବାକୁ ପଡିବ। ଆମେରିକା ମେକ୍ସିକୋ ବିରୋଧରେ ନିଶା କାରବାର ଏବଂ ବେଆଇନ ପ୍ରବାସୀ ପଠାଇବାର ଅଭିଯୋଗ ଆଣିଛି। ମେକ୍ସିକୋକୁ ଏହାର କାର୍ଯ୍ୟ ଶେଷ କରିବାକୁ ପଡିବ। ନିଶା କାରବାରର ମୁକାବିଲା କରିବାକୁ ପଡିବ। ଟ୍ରମ୍ପ୍ କହିଛନ୍ତି, ସେ ବାରମ୍ବାର ମେକ୍ସିକୋକୁ ଆମେରିକୀୟ ସୈନ୍ୟ ପଠାଇବାକୁ ପ୍ରସ୍ତାବ ଦେଇଛନ୍ତି।

ଟ୍ରମ୍ପ୍ କ୍ୟୁବାକୁ ମଧ ଟାର୍ଗେଟ କରିଛନ୍ତି। କ୍ୟୁବାର ଭୟଙ୍କର ଆର୍ଥିକ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଭେନେଜୁଏଲା ପରି ସମାନ ଅଭିଯାନ ଆବଶ୍ୟକ ହେବ ନାହିଁ। ସେଠାକାର ସରକାର ନିଜେ ଭୁଶୁଡ଼ି ପଡ଼ିବେ। କ୍ୟୁବା ଏବଂ ଭେନେଜୁଏଲା ମଧରେ ବହୁତ ଘନିଷ୍ଠ ସମ୍ପର୍କ ରହିଛି। ଯେତେବେଳେ ଆମେରିକାର ସେନା ଭେନେଜୁଏଲା ରାଷ୍ଟ୍ରପତି ଭବନ ଉପରେ ଆକ୍ରମଣ କରିଥିଲା, ସେତେବେଳେ ରାଷ୍ଟ୍ରପତି ମାଦୁରୋଙ୍କୁ ସୁରକ୍ଷା ଦେବା ପାଇଁ କ୍ୟୁବା ସୈନ୍ୟଙ୍କୁ ମଧ ନିୟୋଜିତ କରାଯାଇଥିଲା। କ୍ୟୁବା ଘୋଷଣା କରିଥିଲା ଯେ, ଭେନେଜୁଏଲାରେ ଆମେରିକାର କାର୍ଯ୍ୟାନୁଷ୍ଠାନରେ ୩୨ ଜଣ କ୍ୟୁବା ସୁରକ୍ଷା ଅଧିକାରୀ ନିହତ ହୋଇଛନ୍ତି।

ଯଦି ଇରାନ ନିଜ ଦେଶରେ ଚାଲିଥିବା ପ୍ରତିବାଦକୁ ଦମନ କରିବା ପାଇଁ ହିଂସା ପଦକ୍ଷେପ ଗ୍ରହଣ କରେ, ତେବେ ଟ୍ରମ୍ପ୍ କଡ଼ା ଜବାବ ଦେବାକୁ ଧମକ ଦେଇଛନ୍ତି। ଟ୍ରମ୍ପ୍ ଏୟାର ଫୋର୍ସ ୱାନରେ ଏହି ମନ୍ତବ୍ୟ ଦେଇଛନ୍ତି। ପ୍ରକୃତରେ, ଇରାନରେ ପ୍ରଦର୍ଶନକାରୀଙ୍କ ମୃତ୍ୟୁ ରିପୋର୍ଟ ପରେ, ଟ୍ରମ୍ପ୍ ପୂର୍ବରୁ କହିଥିଲେ ଯେ, ଆମେରିକା କ୍ଷେପଣାସ୍ତ୍ର ଆକ୍ରମଣ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଟ୍ରମ୍ପ୍ କହିଥିଲେ, ଆମେ ଏହା ଉପରେ କଡ଼ା ନଜର ରଖିଛୁ। ଯଦି ସେମାନେ ପୂର୍ବ ପରି ଲୋକଙ୍କୁ ହତ୍ୟା କରିବା ଆରମ୍ଭ କରନ୍ତି, ତେବେ ମୁଁ ଭାବୁଛି ସେମାନେ ଆମେରିକାଠାରୁ ବଡ଼ ପରିଣାମ ଭୋଗିବେ।

ଡୋନାଲ୍ଡ ଟ୍ରମ୍ପ୍ ପୁଣି ଥରେ କହିଛନ୍ତି, ଜାତୀୟ ସୁରକ୍ଷା ଦୃଷ୍ଟିକୋଣରୁ ଆମେରିକାକୁ ଗ୍ରୀନଲ୍ୟାଣ୍ଡ୍‌ର ଆବଶ୍ୟକତା ଅଛି। ଆର୍କଟିକ୍ ଅଞ୍ଚଳରେ ରୁଷ ଏବଂ ଚୀନ୍‌ର ବଢୁଥିବା ଉପସ୍ଥିତି ଯୋଗୁ ଗ୍ରୀନଲ୍ୟାଣ୍ଡ ଆମେରିକାର ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ। ଗ୍ରୀନଲ୍ୟାଣ୍ଡ୍ ସବୁଠି ରୁଷ ଏବଂ ଚୀନ୍ ଜାହାଜ ଦ୍ୱାରା ଘେରି ରହିଛି। ଏହାର ସୁରକ୍ଷା ଲାଗି ଆମର ହସ୍ତକ୍ଷେପ ଓ ସୈନ୍ୟ ପରିଚାଳନା ଜରୁରୀ ହୋଇପଡ଼ିଛି।

## ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକ୍ରମର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସୁଦୃଢ଼ ଉପରେ ଗୁରୁତ୍ୱାରୋପ

**ନର୍ସିଂ କ୍ଷେତ୍ରରେ ସଂସ୍କାର, ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ କାର୍ଯ୍ୟାନ୍ୱୟନ କରାଯିବ**



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଅଧିକାରୀ ଓ ସଚିବମାନଙ୍କୁ କ୍ଷେତ୍ର ପରିଦର୍ଶନ କରି ପ୍ରତ୍ୟେକ କାର୍ଯ୍ୟସ୍ଥଳ ବୁଲି ଦେଖିବା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଯେପରି ଠିକ୍ ଭାବରେ ଉନ୍ନତି ହେବ, ସେଥିପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ନର୍ସିଂ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ନର୍ସିଂ ଛାତ୍ରମାନଙ୍କୁ ଅତିରିକ୍ତ ପ୍ରଶିକ୍ଷଣ, ସ୍ନାତକମାନଙ୍କର କୌଶଳର ଗୁଣାତ୍ମକ ବୃଦ୍ଧି, ପାଠ୍ୟକ୍ରମରେ ପରିବର୍ତ୍ତନ, ଡିଜିଟାଲ ସ୍ୱାସ୍ଥ୍ୟ ପ୍ରଣାଳୀ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଓଡ଼ିଶାରେ ନର୍ସିଂ ଏବଂ ମିଡ୍ ୱାଇଫେରୀ କ୍ଷେତ୍ରରେ ସୁଧାର ନିମନ୍ତେ ବିଶେଷ ଆଲୋଚନା ହୋଇଥିଲା । ମେଡିକାଲ ଶିକ୍ଷାରେ ସିଟ୍ ବୃଦ୍ଧି, ଏସସିବି ମେଡିକାଲ କଲେଜ, ଏମକେସିଜିଏବଂ ଭିମସାର ଭଳି ଅନୁଷ୍ଠାନ ମାନଙ୍କରେ ସୁପରସ୍ପେଶାଲିଟି ସର୍ଭିସକୁ ଆହୁରି ବ୍ୟାପକ ଏବଂ ଦକ୍ଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ର ରାଜ୍ୟସ୍ତରୀୟ କାର୍ଯ୍ୟାନ୍ୱୟନ ଅନୁମୋଦନ ପାଇଁ ଏହି ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨ ବର୍ଷିଆ ଡିଏନବି ଡିପ୍ଲୋମା ଡାକ୍ତରଙ୍କୁ ନିଯୁକ୍ତି ଦେବା ପାଇଁ ଆଲୋଚନା ହୋଇଥିଲା । ଓଡ଼ିଶାରେ ଆୟୁଷ ଡାକ୍ତରମାନଙ୍କର ସେବାକୁ ଅଗ୍ରାଧିକାର ଦେବା ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାନଙ୍କରେ ଆର୍ୟୁବେଦିକ ଓ ହୋମିଓପାଥି ମେଡିସିନର ଉପଲବ୍ଧତା ବିଷୟରେ ଆଲୋଚନା ହୋଇଥିଲା । ଏହା ସହିତ ଏସସିବି କଟକରେ ଟ୍ରମା କେୟାର ନିର୍ମାଣର ଅଗ୍ରଗତି, ଭିତ୍ତିଭୂମି ବିକାଶ ବିଷୟରେ ଆଲୋଚନା ହୋଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ରକ୍ତଦାନ ଶିବିର

**କେନ୍ଦୁଝର,୬।୧(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାରେ ଥିବା ଏକ ସାମାଜିକ ଅନୁଷ୍ଠାନ ଅଶାର ଦ୍ୱାର ଫାଉଣ୍ଡେସନ ପକ୍ଷରୁ ମଙ୍ଗଳବାର ଦିନ ଯୋଡ଼ା କଲ୍ୟାଣ ମଣ୍ଡପ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପୁଲିସ ଉପଖଣ୍ଡ ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆ ଅନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିବା ବେଳେ ଟାଟା ଷ୍ଟିଲ ମୁଖ୍ୟ ରାଜେଶ କୁମାର, ଯୋଡ଼ା ଅଧକ୍ଷ ଜଗଦୀଶ ପ୍ରସାଦ ସାହୁ, ଉପାଧକ୍ଷା ସନ୍ଧ୍ୟା ପାତ୍ର, ଯୋଡ଼ା ବିଶ୍ୱ ହିନ୍ଦୁ ପରିଷଦ ସଭାପତି ରଂଜିତ ମହାକୁଡ଼ ଉପସ୍ଥିତ ଥିଲେ। ଫାଉଣ୍ଡେସନ ମୁଖ୍ୟ ବିଜୟ ମହାକୁଡ଼ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ଚମ୍ପୁଆ ଡାକ୍ତରୀ ଟିମ ମଧ ଉପସ୍ଥିତ ରହି ନିଜର ଯୋଗଦାନ ଦେଇ ରକ୍ତଦାନ ଶିବିରଟିକୁ ସଫଳ କରିଥିବା ଜଣାପଡିଛି।

**ସିବିଏସ୍‌ଇ ଅନୁବନ୍ଧିତ ପାଇଁ ରାଜ୍ୟ ସରକାରଙ୍କ ଅନୁମତି ଆବଶ୍ୟକ ନାହିଁ**

# ଦୃଢ଼ ବିରୋଧ କଲା ଏନ୍‌ପିଏଫ୍



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ମାଧ୍ୟମିକ ଶିକ୍ଷା ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ଏନ୍‌ଓସି ପାଇବା ପରେ ସିବିଏସ୍‌ଇ ଅନୁବନ୍ଧିତ ହେବା ପାଇଁ ଥିବା ପୂର୍ବ ନିଷ୍ପତ୍ତିକୁ ସିବିଏସ୍‌ଇ କର୍ତ୍ତୃପକ୍ଷ ଚଞ୍ଚକତା କରି ଏକତରଫା ଭାବରେ ବଦଳାଇ ଜାନୁଆରୀ ୨୦୨୫ ରେ ଏକ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି, ଯେଉଁଥିରେ ଉଲ୍ଲେଖ ଅଛି ଶିକ୍ଷାବର୍ଷ ୨୬-୨୭ ରୁ ସିବିଏସ୍‌ଇ ଅନୁବନ୍ଧିତ ପାଇବାକୁ ହେଲେ ରାଜ୍ୟ ସରକାରଙ୍କ ଏନ୍‌ଓସି ନଥାଇ ମଧ ଆବେଦନ କରିହେବ, ଏହି ନିଷ୍ପତ୍ତିକୁ ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ (ଏନପିଏଫ୍) ତରଫରୁ ଦୃଢ଼ ବିରୋଧ କରାଯାଇ ଗଣଶିକ୍ଷା ସଚିବଙ୍କୁ ଅଭିଯୋଗ ପତ୍ର ଦିଆଯାଇଛି ବୋଲି ଫେଡେରେସନ୍ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବେସରକାରୀ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ପ୍ରଦାନ ପରେ ମାଧ୍ୟମିକ ଶିକ୍ଷା ପ୍ରଦାନ ନିମନ୍ତେ ଗଣଶିକ୍ଷା ବିଭାଗ ତରଫରୁ ଜାରି ସ୍ୱତନ୍ତ୍ର ଅଧିନିୟମ ୧୯୯୬, ୧୯୯୮ ଏବଂ ୨୦୧୩ ମସିହାରେ ଧାର୍ଯ୍ୟ ବିଭିନ୍ନ ନୀତି ନିୟମ ଅନୁଯାୟୀ ଏନ୍‌ଓସି ପ୍ରଦାନ କରାଯାଏ। ଏହି ନିୟମାବଳୀ ଅନୁଯାୟୀ ବିଦ୍ୟାଳୟର ଜମି, ଶ୍ରେଣୀଗୃହ, ସୁରକ୍ଷା, ନିରାପତ୍ତା, ପରିଷ୍କାର ପରିଚ୍ଛନ୍ନତା, ଶିକ୍ଷକମାନଙ୍କ ପାଇଁ ଧାର୍ଯ୍ୟ ଯୋଗ୍ୟତା, ଖୋଲ ପଡିଆ ଇତ୍ୟାଦି ପାଇଁ ମାପଦଣ୍ଡ ଅଛି। ଏସବୁ ସର୍ତ୍ତାବଳୀ ପୂରଣ ପରେ ରାଜ୍ୟ ସରକାରଙ୍କ ତରଫରୁ ଏନ୍‌ଓସି ପ୍ରଦାନ କରାଯାଏ। ଏହାପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସିବିଏସ୍‌ଇ ଅନୁବନ୍ଧିତ ପାଇବା ପାଇଁ ଆବେଦନ କରନ୍ତି, କିନ୍ତୁ ଜାନୁଆରୀ ୨୦୨୫ରେ କର୍ତ୍ତୃପକ୍ଷ ଚିଠିରେ ଏହାକୁ ଏକତରଫା ଭାବରେ ପରିବର୍ତ୍ତନ କରି ଅନୁବନ୍ଧିତ ପାଇଁ ଏନ୍‌ଓସି ବାଧ୍ୟତାମୂଳକ ନୁହେଁ ବୋଲି ଦର୍ଶାଇଛନ୍ତି। ଏସବୁକୁ ଦୃଢ଼ ବିରୋଧ କରାଯାଇ ସଚିବଙ୍କୁ ଚିଠି ମାଧ୍ୟମରେ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ନିମନ୍ତେ ଚିଠି ଦିଆଯାଇଛି। ଯଦି ଏହାର କୌଣସି ସନ୍ତୋଷଜନକ ଉତ୍ତର ନମିଳେ ତାହେଲେ ଆଇନ୍ ର ଆଶ୍ରୟ ନିଆଯିବ ବୋଲି ଶ୍ରୀ ପଟ୍ଟନାୟକ ଜଣାଇଛନ୍ତି।

## କ୍ରୀଡ଼ା ମୂଳଦୁଆ ସୁଦୃଢ଼ ଲାଗି 'ସିଏମ୍ ଟ୍ରଫି' ଚମ୍ପିୟାନସିପ୍

# ୪ କ୍ରୀଡ଼ା ବିଭାଗରେ ଆୟୋଜିତ ହେବ ପ୍ରତିଯୋଗିତା

- ୩୨,୦୦୦ରୁ ଅଧିକ ଯୁବ ଖେଳାଳି ଅଂଶଗ୍ରହଣ କରିବେ
- ଜାନୁଆରୀ ୭ରୁ ୧୪ ପର୍ଯ୍ୟନ୍ତ ଚାଲିବ ପଞ୍ଜିକରଣ ପ୍ରକ୍ରିୟା



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ରାଜ୍ୟର କ୍ରୀଡ଼ା କ୍ଷେତ୍ରରେ 'ପଢ଼ିଆରୁ ପୋଡିୟମ୍'ର ସଂକଳ୍ପକୁ ସାକାର କରିବା ପାଇଁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ 'ସିଏମ୍ ଟ୍ରଫି' ଚମ୍ପିୟାନସିପର ଆୟୋଜନ କରାଯିବ। ତୃଣମୂଳ ସ୍ତରରୁ ପ୍ରତିଭାବାନ ଖେଳାଳିଙ୍କୁ ଚୟନ କରି ସେମାନଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଏହି ଅଭିନବ ପ୍ରୟାସର ମୂଳ ଲକ୍ଷ୍ୟ। ଏହି ପ୍ରତିଯୋଗିତା ମାଧ୍ୟମରେ ରାଜ୍ୟରେ ତୃଣମୂଳ ସ୍ତରରେ କ୍ରୀଡ଼ାବିତ୍‌ମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ସୁଦୃଢ଼ ମଞ୍ଚ ପ୍ରଦାନ କରାଯିବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ରାଜ୍ୟସ୍ତରୀୟ କ୍ରୀଡ଼ା ସଂଘ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ପାରମ୍ପରିକ ତଥା ଲୋକପ୍ରିୟ କ୍ରୀଡ଼ାକୁ ସ୍ଥାନ ଦିଆଯାଇଛି।୧. ଫୁଟବଲ୍ (୧୫ ବର୍ଷରୁ କମ୍),୨. ଭଲିବଲ୍ (୧୪ ବର୍ଷରୁ କମ୍), ୩. କବାଡି (୧୬ ବର୍ଷରୁ କମ୍), ୪. ଖୋ-ଖୋ (୧୪ ବର୍ଷରୁ କମ୍) ଉଭୟ ବାଳକ ଓ ବାଳିକା ବର୍ଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ, ଯାହା କ୍ରୀଡ଼ା କ୍ଷେତ୍ରରେ ସମାନତା ଏବଂ ସମାବେଶୀ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବ।

● ମା ପରେ ପରେ ଚାଲିଗଲା ପୁଅର ଜୀବନ

## ଗୋଟିଏ ଘରୁ ଉଠିଲା ଦୁଇଟି କୋକେଇ

**ଜୟପୁର,୬।୧(ସଂଚାର ବ୍ୟୁରୋ):** ଜୟପୁରରେ ମାଆର ମୃତ୍ୟୁର କିଛି ସମୟରେ ଚାଲିଗଲା ପୁଅର ଜୀବନ। ଜୟପୁର ସହର ପରିଛା ସାହିରେ ଘଟିଛି ଏହି ଘଟଣା। ମୃତ ମାଆଙ୍କ ନାଁ ଏସ୍.ସାବିତ୍ରୀ ଓ ପୁଅ ହେଉଛି ଏସ.ରବି କୁମାର। ମା ପକ୍ଷପାତ ରୋଗରେ ପୀଡିତ ହୋଇ ଦୀର୍ଘଦିନ ହେଲା ଶଯ୍ୟାଶାୟୀ ହୋଇ ରହିଥିଲେ। ନିଜଠାରୁ ଅଧିକ ପୁଅ ମା'ଙ୍କୁ ଭଲ ପାଉଥିଲା। ମା' ର ସମସ୍ତ ଆବଶ୍ୟକତା ପୂରଣ କରୁଥିଲା। ପ୍ରତିଦିନ ପରି ଆଜି ମଧ ମା' ର ସମସ୍ତ କାର୍ଯ୍ୟ ସାରି ପୁଅ ବାହାରକୁ ଯାଇଥିଲା। ବାହାରୁ ଫେରି ମା'ଙ୍କୁ ଦେଖିବା ବେଳକୁ ମା' ଙ୍କ ମୃତ୍ୟୁ ହୋଇଛି। ଏହା ଜାଣିବା ପରେ ପୁଅର ମଧ ହୃଦଘାତରେ ମୃତ୍ୟୁ ହୋଇଯାଇଥିଲା। ଆଗପଛ ହୋଇ ମା ଓ ପୁଅ ଚାଲି ଯାଇଥିଲେ। ଗୋଟିଏ ଘରୁ ଉଠିଛି ମା' ଓ ପୁଅଙ୍କ କୋକେଇ।

## ୟୁପି ଏସ୍ଆଇଆର୍‌ରେ କଟିଲେ ୩ କୋଟି ଭୋଟର

● ୨୫ ଲକ୍ଷ ଥିଲେ ନକଲି ଭୋଟର



**ଲକ୍ଷ୍ନୌ,୬।୧:** ଉତ୍ତର ପ୍ରଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ପୁନଃନିରୀକ୍ଷଣ (ଏସଆଇଆର) ପରେ କଟିଲେ ୩ କୋଟି ଭୋଟର। ଜାରି ଡ୍ରାଫ୍ଟ ଭୋଟର ତାଲିକାରେ ବିହାରଠୁ ମଧ ଉତ୍ତର ପ୍ରଦେଶରେ ଅଧିକ ନାଁ କଟିଛି। ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ଡ୍ରାଫ୍ଟ ତାଲିକାରେ ପ୍ରାୟ ତିନି କୋଟି ଭୋଟରଙ୍କ ନାଁ କଟିଛି। କିନ୍ତୁ ଆୟୋଗ ଏହା ମଧ କହିଛନ୍ତି ଯେଉଁ ଲୋକଙ୍କ ନାଁ ଭୋଟର ତାଲିକାରୁ କଟିବା ନେଇ କୌଣସି ଆପତ୍ତି ରହିଛି, ସେମାନେ ଫେବୃଆରୀ ୬ ତାରିଖ ସୁଦ୍ଧା ଅଭିଯୋଗ କରିପାରିବେ। ଏହା ପରେ ମାର୍ଚ୍ଚ ୧୨ରେ ଚୂଡ଼ାନ୍ତ ଭୋଟର ତାଲିକା ଜାରି କରାଯିବ। ମଙ୍ଗଳବାର ଲୋକଭବନରେ ସାମ୍ବାଦିକ ସମ୍ମିଳନୀରେ ଉତ୍ତର ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ନବଦୀପ ରିଣବା କହିଛନ୍ତି, ଡ୍ରାଫ୍ଟ ମତଦାତା ତାଲିକାରେ ୧୨.୫୫ କୋଟି ଭୋଟର ତାଲିକା ସାମିଲ୍ କରାଯାଇଛି। ଏହା ପୂର୍ବରୁ ମୋଟ୍ ୧୫.୪୪ କୋଟି ଭୋଟର ଥିଲେ। ମାତ୍ର ଏସଆଇଆର ପ୍ରକ୍ରିୟାରେ ୨.୮୯ କୋଟି ଭୋଟରଙ୍କ ନାଁ କଟାଯାଇଛି। କଟା ଯାଇଥିବା ଭୋଟରଙ୍କ ମଧରୁ ୪୬ ଲକ୍ଷ ୨୩ ହଜାର ମୃତ, ୨ କୋଟି ୧୭ ଲକ୍ଷ ସ୍ଥାନାନ୍ତର,୨୫ ଲକ୍ଷ ୪୭ ହଜାର ନକଲି ଓ ୭୯ ଲକ୍ଷ ୫୨ ହଜାର ଭୋଟର ସାମିଲ୍। ମୋଟାମୋଟି ଭୋଟର ତାଲିକାରୁ ୧୮ ପ୍ରତିଶତ ଭୋଟରଙ୍କ ନାଁ କଟାଯାଇଛି। ସବୁ ଜିଲ୍ଲାରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ ପାଇଛି। ଜାନୁଆରୀ ୬ରୁ ଫେବୃଆରୀ ୬ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକାକୁ ନେଇ କାହାର କିଛି ଆପତ୍ତି ଥିଲେ ଅଭିଯୋଗ କରି ପାରିବେ। ଫେବୃଆରୀ ୨୭ ସୁଦ୍ଧା ସବୁ ଅଭିଯୋଗର ସମାଧାନ କରାଯିବ। ଏହା ପରେ ଚୂଡ଼ାନ୍ତ ଭୋଟର ତାଲିକା ମାର୍ଚ୍ଚ ୬ରେ ଜାରି କରାଯିବ।

## ୨୨ ପକ୍କା ଦୋକାନ ଗୃହ ଉପରେ ଚଢ଼ିଲା ବୁଲଡୋଜର

**ଭଦ୍ରକ,୬।୧(ସଂଚାର ବ୍ୟୁରୋ):** ଭଦ୍ରକ ସହରରେ ଆଜି ନୂଆବଜାରସ୍ଥିତ ପୁରୁଣା ମେଡିକାଲ ନିକଟରେ ଥିବା ୨୨ଟି ସ୍ଥାୟୀ ପକ୍କା ଦୋକାନ ଗୃହକୁ ତିନୋଟି ବୁଲଡୋଜର ଲଗାଇ ଭଙ୍ଗାଯାଇଛି। ତେବେ ୨୦୨୪ ମସିହା ଅଗଷ୍ଟ ମାସରୁ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇ ୨ ହଜାରରୁ ଉଦ୍ଧ୍ୱର୍ ଦୋକାନ ଗୃହ ଉଚ୍ଛେଦ କରାଯାଇଥିଲା। ମାତ୍ର ଏବେ ଏହି ସହରର ଏହି ମୁଖ୍ୟ ରାସ୍ତାଟି ଉନ୍ନତିକରଣ ଓ ସଂପ୍ରସାରଣ ହେବାର ଶିଳାନ୍ୟାସ ପରେ ଅବଶିଷ୍ଟ ରହିଯାଇଥିବା ଦୋକାନ ଗୃହକୁ ପ୍ରଶାସନ ପକ୍ଷରୁ ଭଦ୍ରକ ତହସିଲଦାର ସଂଗ୍ରାମ କେଶରୀ ଖୁଣ୍ଟିଆ, ସହରାଞ୍ଚଳ ଥାନାଧିକାରୀ ପ୍ରଭାଂଶୁ ମିଶ୍ର, ୨ ରାଜସ୍ୱ ପର୍ଯ୍ୟବେକ୍ଷକ ଜ୍ୟୋତିପ୍ରକାଶ ପଣ୍ଡା ଓ ବିକାଶ ଦାସ, ଲାଇସେନ୍ସ ସର୍ଭେୟର ସୁବାଷ ପଲେଇ, ମ୍ୟୁନସିପାଲଟି ଏନଫୋର୍ସମେଣ୍ଟ ଅଫିସର ଶିବରଞ୍ଜନ ମହାପାତ୍ର, ରାଜସ୍ୱ ନିରୀକ୍ଷକ ଶରତ ମହାନ୍ତି, ପୌର ଓ ବିଦ୍ୟୁତ୍ ବିଭାଗର ଏକ ଟିମ୍ ୨୨ ଟି ସ୍ଥାୟୀ ପକ୍କା ଦୋକାନ ଗୃହକୁ ମାଟିରେ ମିଶାଇଛନ୍ତି।

## ୫୨୦ ଲିଟର ଦେଶୀମଦ ଜବତ, ଜଣେ ଗିରଫ

**ଖୋର୍ଦ୍ଧା, ୬।୧(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଅବକାରୀ ପୁଲିସ ଦେଶୀମଦ ଚୋରାଚାଲାଣ ବେଳେ ୫୨୦ ଲିଟର ଦେଶୀମଦ ଜବତ କରିବା ସହ କାର ସହ ଜଣକୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ଗୁରୁଜଙ୍ଗ କୋଚିଲା କଣ ସାହିର ବିଭୂତି ଭୂଷଣ ପାଟଶାଣୀ (୩୬)। ଅବକାରୀ ବିଭାଗ ସୂଚନା ମୁତାବକ ବିଭୂତି ଓ ଆର ବି ଜେଡ -୭ ୦୧୬ନମ୍ବର ବିଶିଷ୍ଟ କାରରେ ୫୨୦ଲିଟର ଦେଶୀ ମଦ ଚୋରା ଚାଲାଣ କରୁଥିବା ନେଇ ଅବକାରୀ ବିଭାଗ ବିଶେଷ ସୂତ୍ରରୁ ସୂଚନା ପାଇ ଚଢ଼ଉ କରିଥିବା ଜଣପଡ଼ିଛି।

## ୧୦୮ ଆମ୍ବୁଲାନ୍ସ ସେବା ଆପାତକାଳୀନ ଚିକିତ୍ସା

# ୧୨ ବର୍ଷରେ ୧.୫ କୋଟି ଲୋକଙ୍କୁ ଯୋଗାଇଛି ସେବା



**ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ):** ୨୦୧୩ ମସିହାରୁ ୧୦୮ ଆମ୍ବୁଲାନ୍ସ ସେବା ଓଡ଼ିଶାର ଆପାତକାଳୀନ ସ୍ୱାସ୍ଥ୍ୟ ସେବାରେ ମୁଖ୍ୟ ଭିତ୍ତିସ୍ତମ୍ଭ ପାଲଟିଛି। ଏହି ସେବା ରାଜ୍ୟରେ ଏପର୍ଯ୍ୟନ୍ତ ୧.୫ କୋଟିରୁ ଅଧିକ ରୋଗୀଙ୍କୁ ମାଗଣା ଏବଂ ସମୟୋପଯୋଗୀ ଆପାତକାଳୀନ ଚିକିତ୍ସା ସହାୟତା ପ୍ରଦାନ କରିଛି। ୧୨ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଏହି ସେବା ଓଡ଼ିଶାରେ ଆପାତକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିଛି। ଦ୍ରୁତ ରୋଗୀ ପରିବହନ, ଅଭିଜ୍ଞ ପ୍ରାକ୍-ହସ୍ପିଟାଲ ଚିକିତ୍ସା ଏବଂ ଦୂର ଦୁରାନ୍ତ ଅଞ୍ଚଳରେ ମଧ ସ୍ୱାସ୍ଥ୍ୟ ସେବାକୁ ପହଞ୍ଚାଇବାରେ ୧୦୮ ଆମ୍ବୁଲାନ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହି ସନ୍ଦର୍ଭରେ ୧୦୮ ଆମ୍ବୁଲାନ୍ସ ପରିଚାଳନା ସଂସ୍ଥାର ରାଜ୍ୟମୁଖ୍ୟ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି ଯେ, ୨୮୦ଟି ଆମ୍ବୁଲାନ୍ସକୁ ନେଇ ଆରମ୍ଭ ହୋଇଥିବା ଏହି ସେବା ବର୍ତ୍ତମାନ ୧,୩୬୬ଟି ଆମ୍ବୁଲାନ୍ସରେ ପହଞ୍ଚିଛି ଏବଂ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାକୁ ଆବର୍ତ୍ତିତ କରୁଛି। ଏହି ବିସ୍ତାର ରାଜ୍ୟ ସରକାରଙ୍କର ପ୍ରତ୍ୟେକ ନାଗରିକ ପାଇଁ ଆପାତକାଳୀନ ସ୍ୱାସ୍ଥ୍ୟସେବାକୁ ଶକ୍ତିଶାଳୀ କରିବା ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କାର୍ଯ୍ୟାନୁଷ୍ଠାନ...

ସୂଚନାଯୋଗ୍ୟ ଯେ ମିଲର୍ସ ସଂଘ ରାଜ୍ୟ ସରକାରଙ୍କ ନିକଟରେ ରଖିଥିବା ପ୍ରମୁଖ ଦାବି ମଧ୍ୟରେ ସରକାର ସମସ୍ତ ବକେୟା ଟଙ୍କା ତୁରନ୍ତ ପ୍ରଦାନ କରିବା ସହ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ମୂଲ୍ୟ ସ୍ଥିର କରିବା, ସରକାର ଧାନ ସଂଗ୍ରହ ସହ ଟ୍ରାନ୍ସପୋର୍ଟ ବ୍ୟବସ୍ଥା ବୁଝିବା ଆଦି ଅନ୍ୟତମ। ଏଥିସହ ସେମାନେ ପଞ୍ଜାବ ଓ ଛତିଶଗଡ଼ ଭଳି ଓଡ଼ିଶାରେ ବି ସରକାର ନିଜେ ଧାନ ସଂଗ୍ରହ କରୁଥିବା ଅଭିଯୋଗ କରିଛନ୍ତି।

## ସାକାର...

ପାଇଁ ମହାତ୍ମା ଗାନ୍ଧିଙ୍କ ନାଁକୁ ଏଥିରେ ଯୋଡ଼ି ଏମଜିନରେଗା କରାଯାଇଥିଲା। କିନ୍ତୁ ଉତ୍ତରଦାୟିତ୍ୱର ଅଭାବ, ବ୍ୟାପକ ଦୁର୍ନୀତି, ମିଛ ଜବକାର୍ଡ, ଜାଲ ରୋଷ୍ଟର, ମିଛ ହିତାଧିକାରୀ ତାଲିକାରେ ବ୍ୟାପକ ଅର୍ଥ ହରିଲୁଟ ହେଲା। ଯାହାର ଫଳସ୍ୱରୂପ ୨୦୨୧ରୁ ୨୦୨୫ ମଧରେ ମାତ୍ର ୫୦ ପ୍ରତିଶତ ଲୋକଙ୍କୁ ରୋଜଗାର ଦିଆଯାଇପାରିଲା। ୨୦୦୬ରୁ ୨୦୧୧ ମଧରେ ବିହାରରେ ଏହି ଯୋଜନାରେ ମିଛ ମଷ୍ଟର ରୋଲ, ମିଛ ହିତାଧିକାରୀ ତାଲିକା ଜରିଆରେ ୬ ହଜାର କୋଟିର ସ୍କାମ ହୋଇଥିଲା। ଉତ୍ତର ପ୍ରଦେଶରେ ମଧ ଜାଲ୍ ଜବକାର୍ଡ ଜରିଆରେ ୧୦ ହଜାର କୋଟି ଟଙ୍କାର ଦୁର୍ନୀତି ଧରାପଡ଼ିଥିଲା। ଅଧିକନ୍ତୁ ଓଡ଼ିଶାର ସମ୍ବଲପୁର ଜିଲ୍ଲାରେ ୨୦୧୨ରେ ମୃତ ବ୍ୟକ୍ତି, ରୋଗୀ ଓ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଲୋକଙ୍କୁ ରୋଜଗାର ଦିଆଯାଉଥିବା ଦର୍ଶାଇ ସରକାରୀ ଅର୍ଥ ହରିଲୁଟ କରାଯାଇଥିବା ଘଟଣା ସାମ୍ନାକୁ ଆସିଥିଲା। ମହାତ୍ମା ଗାନ୍ଧୀଙ୍କ ନାଁକୁ କେବଳ ଏକ ପ୍ରତୀକ ଭାବେ ବ୍ୟବହାର କରିବା ବର୍ତ୍ତମାନର ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। ଗ୍ରାମସ୍ୱରାଜ ପାଇଁ ଗାନ୍ଧୀଙ୍କ ବିଚାରଧାରାକୁ ଫଳବତୀ କରିବା ନୂଆ ଆଇନର ଅସଲ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯୋଜନାରେ ଥିବା ପ୍ରଶାସନିକ ଦୁର୍ବଳତା, ଦୂରଦୃଷ୍ଟିର ଅଭାବ, ଅସଙ୍ଗଠିତ କର୍ମନିଯୁକ୍ତି, ଦୁର୍ବଳ ମନିଟରିଂ ଓ ଦୁର୍ବଳ ସାମାଜିକ ଅଡିଟ ଯୋଗୁଁ ଏମଜିନରେଗାରେ ଲୋକଙ୍କ ଦାବି ପ୍ରତିବଦଳରେ ମାତ୍ର ୧୪ ପ୍ରତିଶତ ଲୋକଙ୍କୁ କର୍ମନିଯୁକ୍ତି ଦିଆଯାଇଥିଲା। ବ୍ୟବସ୍ଥାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଭିବି ଜି ରାମ ଜିରେ ରାଜ୍ୟମାନଙ୍କ ଉପରେ ଉତ୍ତରଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏଥିସହ ଏଆଇ ଟେକ୍ନୋଲୋଜି ଜରିଆରେ ମନିଟରିଂର ବ୍ୟବସ୍ଥା କରାଯିବ। ପୂର୍ବରୁ ୧୦୦ ଦିନ ବଦଳରେ ଏଣିକି ୧୨୫ ଦିନର କାମ ଦିଆଯିବ। ଆଇନର ବ୍ୟବସ୍ଥା କହୁଛି ଯଦି ଲୋକେ କାମ ମାଗିଲେ ଆଉ ସରକାର ତାଙ୍କୁ ୧୫ ଦିନରେ କାମ ଦେଇନପାରିବେ, ତା'ହେଲେ ସରକାର ତାଙ୍କୁ ଭତ୍ତା ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉତ୍ତର-ପୂର୍ବାଞ୍ଚଳ ଓ ହିମାଳୟ ପାଦଦେଶରେ ଥିବା ରାଜ୍ୟରେ ଏହି ଯୋଜନା ୯୦:୧୦ ହାରରେ କାର୍ଯ୍ୟକାରୀ ହେବ। କେନ୍ଦ୍ରଶାସିତ ରାଜ୍ୟ ପାଇଁ ଶତପ୍ରତିଶତ ଅନୁଦାନ ଦେବ କେନ୍ଦ୍ର। ଅନ୍ୟ ରାଜ୍ୟଗୁଡ଼ିକରେ ଯୋଜନା ୬୦:୪୦ ଅନୁପାତରେ କାର୍ଯ୍ୟକାରୀ କରାଯିବ। ଏହାଦ୍ୱାରା ରାଜ୍ୟମାନଙ୍କ ଉପରେ ଯୋଜନା କାର୍ଯ୍ୟକାରୀ କରିବା ନେଇ ଦାୟିତ୍ୱବୋଧ ରହିବ। ରାଜ୍ୟ ନିଜ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କଲେ ତଦାରଖକୁ ମଧ ସୁନିଶ୍ଚିତ କରିପାରିବ। ଜଳ ସୁରକ୍ଷା, ଗ୍ରାମାଞ୍ଚଳ ଭିତ୍ତିଭୂମି, ଜୀବିକା ଆସେଟ ଓ ଜଳବାୟୁ ସୁରକ୍ଷା ଏହି ୪ଟି ପ୍ରମୁଖ କ୍ଷେତ୍ରରେ ୨୬୦ ପ୍ରକାର କାମ ଏହି ଯୋଜନା ଜରିଆରେ କରାଯିବ। ଚାଷ ସମୟ ଓ ଅମଳ ସମୟରେ ୬୦ ଦିନ କାମ ବନ୍ଦ ରହିବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଷ୍ଟିୟରିଂ କମିଟି ନିୟମିତ ବ୍ୟବଧାନରେ ଏହାର ତଦାରଖ କରିବେ।

## ଶାସ୍ତ୍ରୀୟ...

କରିବ। ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଜଗତ ପାଇଁ ଏକ ଗୌରବମୟ ମୁହୂର୍ତ୍ତ। ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତାକୁ ସୁଦୃଢ଼ କରିବା ଏବଂ ଏହାର ସମୃଦ୍ଧ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟରେ 'ଶାସ୍ତ୍ରୀୟ ଓଡ଼ିଆ ଭାଷା ଅଧ୍ୟୟନ କେନ୍ଦ୍ର ପକ୍ଷରୁ ୧୦ଟି ପ୍ରାଚୀନ ଓ ଗବେଷଣାତ୍ମକ ପୁସ୍ତକ ଉନ୍ମୋଚନ ସ୍ୱାଗତଯୋଗ୍ୟ। ଚର୍ଯ୍ୟାପଦ ଠାରୁ ଆରମ୍ଭ କରି ମାଦଳା ପାଞ୍ଜି ପର୍ଯ୍ୟନ୍ତ ଓଡ଼ିଆ ଭାଷାର ସମୃଦ୍ଧ ଶବ୍ଦ ସମ୍ଭାରକୁ ନେଇ ଏହି ପୁସ୍ତକଗୁଡ଼ିକ ଏକ ନୂତନ ପରିଚୟ ସୃଷ୍ଟି କରିବ। ବିଶେଷକରି 'ମାଦଳା ପାଞ୍ଜି'ର ଇଂରାଜୀ ଓ ହିନ୍ଦୀ ଅନୁବାଦ ଏବଂ 'ରୁଦ୍ରସୁଧାନିଧି'ର ଇଂରାଜୀ ଅନୁବାଦ ଓଡ଼ିଶାର ଇତିହାସ ଓ ଦର୍ଶନକୁ ଅଣଓଡ଼ିଆ ପାଠକଙ୍କ ନିକଟରେ ପହଞ୍ଚାଇବାରେ ସହାୟକ ହେବ। ଏହି ପ୍ରକାଶନଗୁଡ଼ିକ ଆଗାମୀ ପିଢ଼ିର ଗବେଷକ ଓ ଭାଷାପ୍ରେମୀଙ୍କ ପାଇଁ ଏକ ମୂଲ୍ୟବାନ ସମ୍ପତ୍ତି ହୋଇ ରହିବ। ବିଶେଷ କରି 'ତିରୁକ୍କୁରଲ'ର ସାଙ୍କେତିକ ଭାଷା ସଂସ୍କରଣ ଏକ ଅନ୍ତର୍ଭୁକ୍ତ ଓ ସମାବେଶୀ ଭାରତର ଚିତ୍ର ଉପସ୍ଥାପନ କରିଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

## କମ୍ପାନୀ...

ନିଷ୍ପତ୍ତି ନେବା ପୂର୍ବରୁ ବାସ୍ତବତା ଓ ପରିସ୍ଥିତିକୁ ବିଚାରକୁ ନେବାର ଆବଶ୍ୟକତା ଥିଲା । ସେହିଭଳି ସ୍ମାର୍ଟ ମିଟର ବସାଇବା କୌଣସି ଆଇନରେ ବାଧତାମୂଳକ ନୁହେଁ। ନିୟମାନୁସାରେ, କୌଣସି ଗ୍ରାହକ ନୂଆ ବିଦ୍ୟୁତ ସଂଯୋଗ ନେବା ସମୟରେ ତାଙ୍କୁ ପ୍ରଥମେ ମିଟର ଓ ଅନ୍ୟାନ୍ୟ ସରଞ୍ଜାମ କିଣିବାକୁ ଅଧିକାର ଦିଆଯିବା କଥା। କେବଳ ଓଇଆରସିଙ୍କ ଦ୍ୱାରା ଅନୁମୋଦିତ ନିର୍ମାଣକାରୀ ସଂସ୍ଥାରୁ ମିଟର ଓ ଯନ୍ତ୍ରାଂଶ କିଣିବାର ନିୟମ ରହିଛି। ଏଥିସହ ତୃତୀୟ ପକ୍ଷ ଦ୍ୱାରା ମିଟର ଟେଷ୍ଟିଂ କରାଯିବା କଥା। କିନ୍ତୁ ବର୍ତ୍ତମାନ କେଉଁ ତୃତୀୟ ସଂସ୍ଥାକୁ ଓଇଆରସି ଏହି ଦାୟିତ୍ୱ ଦେଇଛି, ତାହା କେହି ଜାଣନ୍ତି ନାହିଁ। ଏପରିସ୍ଥଳେ ସ୍ମାର୍ଟ ମିଟର ବସାଇବାର କୌଣସି ପ୍ରାସଙ୍ଗିକତା ନାହିଁ ବୋଲି ମହାସଂଘ ଅଭିଯୋଗ କରିଛି। ଏଥିସହ ମହାସଂଘ କହିଛି ଯେ ଯଦି ସରକାର କମ୍ପାନୀର ଲାଭ ପାଇଁ ସ୍ମାର୍ଟ ମିଟର ବସାଇବାକୁ ଏତେ ବ୍ୟଗ୍ର, ତା'ହେଲେ ଗ୍ରାହକଙ୍କୁ ମିଟର ଓ ଯନ୍ତ୍ରାଂଶ କିଣିବାକୁ ସୁଯୋଗ ଦିଆଯାଉ। ଏଥିସହ ଗତ ୫ ବର୍ଷ ଭିତରେ ରାଜ୍ୟର ଶତପ୍ରତିଶତ ବିଦ୍ୟୁତ ବିଲ ଗ୍ରାହକଙ୍କ ପାଖରେ ପହଞ୍ଚୁନାହିଁ। ୬୦ ଲକ୍ଷ ଉପଭୋକ୍ତାଙ୍କ ପାଖରେ ଆଣ୍ଡ୍ରଏଡ ଫୋନ ନାହିଁ କି ଇଣ୍ଟରନେଟ ସୁବିଧା ନାହିଁ। ଏଭଳି ସ୍ଥିତିରେ ଓଇଆରସି ନିଜ ନିଷ୍ପତ୍ତିର ପୁନର୍ବିଚାର କରୁ ବୋଲି ଉପଭୋକ୍ତା ମହାସଂଘ ସଭାପତି ରମେଶ ଶତପଥୀ, ସାଧାରଣ ସମ୍ପାଦକ ପ୍ରସନ୍ନ ବିଷୋୟୀ ଓ ସମ୍ପାଦକ ଲଲାଟେନ୍ଦୁ ଦୀକ୍ଷିତ ଦାବି କରିଛନ୍ତି।

## ଭିଜିଲାନ୍ସ...

ଦେବା ସକାଶେ ୧୦ ହଜାର ଟଙ୍କା ଲାଞ୍ଚ ପାଇଁ ଏକରକମ ଜିଦ୍ ଧରିଥିଲେ। ଏପରିକି ଦାବି କରାଯାଇଥିବା ଲାଞ୍ଚ ନ ଦେଲେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବି ସେ ଚାଷୀଙ୍କୁ ଧମକାଇ ଥିଲେ। ଶ୍ରୀ ନାୟକଙ୍କ ଦ୍ୱାରା ହଇରାଣ ହରକତ ହୋଇ ଚାଷୀମାନେ ଭିଜିଲାନ୍ସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସୂଚନା ପାଇ ଓଡ଼ିଶା ଭିଜିଲାନ୍ସର ଏକ ଦଳ ଆଜି ଫରେଷ୍ଟରଙ୍କୁ ଚାଷୀଙ୍କଠାରୁ ୨ ହଜାର ଟଙ୍କା ଲାଞ୍ଚ ଓ ଜରିମାନା ନେଉଥିବା ସମୟରେ ଗିରଫ କରିଛି। ଅଭିଯୁକ୍ତ ଫରେଷ୍ଟରଙ୍କ କବଜାରୁ ୧୦ ହଜାର ଟଙ୍କା ଲାଞ୍ଚ ସହ ମୋଟ ୧୨ ହଜାର ଟଙ୍କା ଜବତ କରାଯାଇଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଶ୍ରୀ ନାୟକଙ୍କ ସହ ଜଡ଼ିତ ଏକାଧିକ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି।

## ଟ୍ୱିନ୍...

ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ରାସ୍ତାରେ ଧୂଳି କଣିକା ଉଡ଼ି ପରିବେଶକୁ ଅଧିକ ପ୍ରଦୂଷିତ କରୁଥିବାରୁ ଏହାକୁ ରୋକିବା ସକାଶେ ବିଭିନ୍ନ ସ୍ଥାନରେ ପାଣି ସିଞ୍ଚନ କରାଯିବ। ସେପଟେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର କଡ଼ା ପଦକ୍ଷେପ ନେଇଛି। ହୋଟେଲ, ଢାବା, ସ୍କୁଲରେ କେହି ବି ସଲିଡ୍ ଫୁଏଲ୍ ବ୍ୟବହାର କରିପାରିବେନି। ନିର୍ମାଣାଧୀନ ଅଞ୍ଚଳରେ ରହିବ ଗ୍ରୀନ୍ କଭର। କୌଣସି ଅନିୟମିତତା ହେଲେ ବାତିଲ ହେବ ପ୍ଲାନ୍ ଆପ୍ରୁଭାଲ୍। ଇଡ୍‌କୋ ଏମଡିଙ୍କୁ ଅନୁରୋଧ କରିଛୁ ୨ରୁ ୩ ଥର ରାସ୍ତାରେ ପାଣି ସିଞ୍ଚନ କରିବେ। ଜବରଦଖଲ ଉଚ୍ଛେଦ ସମୟରେ ହେଉଥିବା ପ୍ରଦୂଷଣ ଉପରେ ଗୁରୁତ୍ୱ। ଲିଙ୍ଗରାଜ ଅଞ୍ଚଳରେ ପ୍ରଦୂଷଣ ମାତ୍ରା ଅଧିକ ଥିବାରୁ ବସ୍‌ଷ୍ଟାଣ୍ଡ, ରାସ୍ତାରେ ନିୟମିତ ପାଣି ସିଞ୍ଚନ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ତାଳଚେର ଓ ବାଲେଶ୍ୱରରେ କଟକଣା ମଧ ଜାରି ହୋଇଛି।

## ଝାରସୁଗୁଡ଼ାରେ...

ନେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଜି ପୂର୍ବ ୩/୪ ଦିନ ତୁଳନାରେ ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ଯଥେଷ୍ଟ ହ୍ରାସ ପାଇ ଗତକାଲି ରାତିରେ ୧୨.୯ ଡିଗ୍ରୀକୁ ଖସିଆସିଛି। ଏଥିସହ ପ୍ରବଳ ଜାଡ଼ ଓ ଘନକୁହୁଡ଼ି ନେଇ ଚେତାବନୀ ଜାରି କରାଯାଇଛି। ଆସନ୍ତାକାଲି ସକାଳ ଯାଏଁ କନ୍ଧମାଳ, ନୟାଗଡ଼, ବୌଦ୍ଧ, କୋରାପୁଟରେ ଘନକୁହୁଡ଼ି ଅନୁଭୂତ ହେବ। ସର୍ବନିମ୍ନ ଦୃଶ୍ୟମାନ ଦୂରତା ୫୦ ମିଟର ରହିବ। ଆସନ୍ତା ୯ ତାରିଖ ଯାଏଁ ପ୍ରବଳରୁ ଅତିପ୍ରବଳ ଥଣ୍ଡା ନେଇ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ, କଟକ, ଜଗତସିଂହପର, କୋରାପୁଟରେ ଅନୁଭୂତ ହେବ ଥଣ୍ଡାର ଥାର୍ଡ ଡିଗ୍ରୀ। ଆସନ୍ତାକାଲି ପାଇଁ ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୁଳ କଟକ, ଜଗତସିଂହପୁର, କୋରାପୁଟ ପାଇଁ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଆଜି ଝାରସୁଗୁଡ଼ାରେ ୭୩ ବର୍ଷର ରେକର୍ଡ ଭାଙ୍ଗିଛି ଶୀତ। ଝାରସୁଗୁଡ଼ାରେ ରାତି ସମୟରେ ତାପମାତ୍ରା ୫.୧ ଡିଗ୍ରୀକୁ ଖସିଆସିଛି। ଏଥିସହ ରାଜ୍ୟର ୧୬ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ରାଉରକେଲାରେ ୬.୬ ଡିଗ୍ରୀ, କିରେଇ ଓ ଜି.ଉଦୟଗିରିରେ ୬.୮ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୭.୫ ଡିଗ୍ରୀ, ସୁନ୍ଦରଗଡ଼ରେ ୭.୬ ଡିଗ୍ରୀ, ସେମିଲିଗୁଡ଼ାରେ ୮.୫ ଡିଗ୍ରୀ, ବଲାଙ୍ଗୀରରେ ୮.୮ ଡିଗ୍ରୀ, ଫୁଲବାଣୀ ଓ କେନ୍ଦୁଝର ୯ ଡିଗ୍ରୀ, ସୋନପୁରରେ ୯.୧ ଡିଗ୍ରୀ, ଢେଙ୍କାନାଳରେ ୯.୯ ଡିଗ୍ରୀ ରେକର୍ଡ କରାଯାଇଛି।

## ଏସମା...

ଓପିଡି ବନ୍ଦ କରାଯାଇଥିଲା। ସକାଳ ୯ଟାରୁ ୧୧ ପର୍ଯ୍ୟନ୍ତ ଓପିଡି ବନ୍ଦ କରୁଥିଲେ ଏହି ଆନ୍ଦୋଳନରତ ଡାକ୍ତର। ପୂର୍ବରୁ ସରକାର ଓମସା ସହ ଏକାଧିକ ଥର ଆଲୋଚନା ପରେ ମଧ ଦାବି ପୂରଣ ନେଇ ନିଷ୍ପତ୍ତି ହୋଇପାରୁନଥିଲା। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଦୁଇ ଘଣ୍ଟା ଓପିଡି ବନ୍ଦ ଓ ପରେ ୨୭ରୁ ସମ୍ପୂର୍ଣ୍ଣ ଓପିଡି ବନ୍ଦ କରିବାକୁ ଓମ୍‌ସା ଘୋଷଣା କରିଥିଲା। ଅନ୍ୟ ରାଜ୍ୟ ଭଳି ଓଡ଼ିଶାର ଡାକ୍ତରମାନଙ୍କୁ ସମୟାନୁସାରେ ପଦୋନ୍ନତି ଦୋବା, ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ହେଉଥିବା ଆକ୍ରମଣ ରୋକିବାକୁ କଡ଼ା ନିୟମ ପ୍ରଣୟନ ଏବଂ ସୁରକ୍ଷା ବାହିନୀ ନିୟୋଜନ, ଡାକ୍ତରମାନଙ୍କର ପ୍ରାରମ୍ଭିକ ମୂଳ ଦରମା ଓ ଭତ୍ତାରେ ସଂଶୋଧନ କରି ଅନ୍ୟାନ୍ୟ କ୍ୟାଡର ସହ ସମାନ କରିବା, ଡାକ୍ତରଙ୍କ ବଦଳି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଓ ପତି-ପତ୍ନୀ ଆଧାରରେ ବଦଳିକୁ ଅଧିକ ପ୍ରାଧାନ୍ୟ ଦେବା, ବିଭିନ୍ନ ଡାକ୍ତରଖାନାରେ ଖାଲି ଥିବା ହଜାର ହଜାର ଡାକ୍ତର ପଦବୀକୁ ତୁରନ୍ତ ପୂରଣ କରିବା ଆଦି ପ୍ରମୁଖ ଦାବି ରହିଛି।

## ବିଜେଡି...

ଯୋଗଦେଇନଥିଲେ। ୨୦୨୪ ନିର୍ବାଚନ ସମୟରେ ମଧ ବିଜେଡି ଟିକେଟ ନ ମିଳିଲେ ବିଜେପିରେ ଯୋଗଦେବେ ବୋଲି ସେ ଧମକ ଦେଇଥିଲେ। ସେତେବେଳେ ବିଜେଡି ବାଧ ହୋଇ ତାଙ୍କୁ ଟିକେଟ ଦେଇଥିଲା। ହେଲେ ବିଜେଡି କ୍ଷମତାକୁ ନ ଆସିବାରୁ ସନାତନ ମଧ ନିଜ ସାମ୍ରାଜ୍ୟର ସୁରକ୍ଷା ପାଇଁ ସରକାରୀ ଦଳ ପ୍ରତି ଆକର୍ଷିତ ହେବା ବେଶ୍ ସ୍ୱାଭାବିକ। ବିଜେଡି ବିରୋଧୀ ଦଳକୁ ଆସିବା ପରେ ଅନୁଷ୍ଠିତ ପ୍ରଥମ ବିଧାୟକ ଦଳ ବୈଠକକୁ ବି ସନାତନ ଆସିନଥିଲେ। ପରେ ବିଧାନସଭାରେ ମୁହାଁମୁହିଁ ହେବାରୁ ନବୀନ ପଟ୍ଟନାୟକ ତାଙ୍କୁ ସର୍ବସମ୍ମୁଖରେ କାହିଁକି ବିଧାୟକ ଦଳ ବୈଠକକୁ ଆସିନଥିଲ ବୋଲି ପଚାରିଥିଲେ। ଅସୁସ୍ଥ ଥିବାରୁ ବୈଠକକୁ ଆସିପାରି ନଥିଲେ ବୋଲି କହି ସେତେବେଳେ ସନାତନ କୌଣସି ପ୍ରକାର ଆକଳନରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ।

## ଯୁବପିଢ଼ିକୁ...

ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଧ ଶ୍ରୀ ମାଝୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମଧ ସେମାନଙ୍କୁ ସୋସିଆଲ୍ ମିଡିଆ ମାଧମରେ ଧନ୍ୟବାଦ ଦେଇଛନ୍ତି।

## ପଞ୍ଚାୟତ...

ଚକ୍‌ମା ଦେବା ପାଇଁ ବହୁ ଅସନ୍ତୁଷ୍ଟ ନେତା ସଜବାଜ ହେଉଛନ୍ତି। ଗତ କିଛି ଦିନ ଧରି ଦଳରେ ବଣଭୋଜି ନାଁରେ ଚାଲିଥିବା ମେଳି ଏହାର ପୂର୍ବାଭାସ ବୋଲି ଆଲୋଚନା ଚାଲିଛି। କେବଳ ବିଜେଡି ନୁହେଁ, କଂଗ୍ରେସର ଅନେକ ଅସନ୍ତୁଷ୍ଟ ନେତା ବି ନୂଆ ଦଳ ଗଠନ ପାଇଁ ପ୍ରୟାସ କରୁଥିବା ନେତାଙ୍କ ଯୋଗାଯୋଗରେ ଅଛନ୍ତି। କଂଗ୍ରେସର ଦୁଇ ଜଣ ଯୁବ ବିଧାୟକ ନୂଆ ଦଳ ଗଠନକାରୀଙ୍କ ସମ୍ପର୍କରେ ଥିବା ବେଳେ ଅନେକ ପୁରୁଖା ନେତା ମଧ ନୂଆ ଦଳ ଗଠନ ପ୍ରକ୍ରିୟାରେ ସହାୟତା କରୁଥିବା ନେଇ ଆଲୋଚନା ହେଉଛି।

ଆସନ୍ତା ମାର୍ଚ୍ଚରେ ନୂଆ ଦଳ ଗଠନ ହେଲେ ଏହାର ପ୍ରଭାବ ଏପ୍ରିଲରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନ ଉପରେ ପଡ଼ିବ। ଉଲ୍ଲେଖନୀୟ ଯେ ଏପ୍ରିଲରେ ଓଡ଼ିଶାର ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବ। ଏଥିରେ ନିଜ ବିଧାୟକଙ୍କ ସଂଖ୍ୟା ବଳରେ ବିଜେପି ୨ଟି ଓ ବିଜେଡି ଗୋଟିଏ ଆସନରେ ସହଜରେ ବିଜୟୀ ହେବେ। କିନ୍ତୁ ଚତୁର୍ଥ ଆସନ ପାଇଁ ଯେକୌଣସି ଦୁଇ ଦଳ ମଧରେ ବୁଝାମଣା ନିହାତି ଜରୁରୀ। ଯଦି ଏହା ପୂର୍ବରୁ ବିରୋଧୀ ଦଳରେ ବିଭାଜନ ଘଟେ, ତା'ହେଲେ ନିର୍ବାଚନରେ ସମୀକରଣ ସମ୍ପୂର୍ଣ୍ଣ ବଦଳିଯିବ।

ଏହାଛଡ଼ା ନୂଆ ଦଳ ଗଠନ ହେଲେ ଏହାର ପ୍ରଭାବ ମଧ ଆସନ୍ତା ପଞ୍ଚାୟତ ନିର୍ବାଚନ ଓ ଏହା ପରେ ପରେ ହେବାକୁ ଥିବା ପୌର ନିର୍ବାଚନ ଉପରେ ବି ପଡ଼ିବ। ପଞ୍ଚାୟତ ଓ ପୌରାଞ୍ଚଳରେ ବିରୋଧୀ ଦଳ ବେଶ୍ ସକ୍ରିୟ ଥିବାରୁ ସେମାନଙ୍କ ଭିତରେ ଫାଟ ସୃଷ୍ଟି ହେଲେ ଏହାର ସିଧାସଳଖ ଫାଇଦା ଶାସକ ବିଜେପି ହାତେଇବ। ତେଣୁ ନୂଆ ଦଳ ଗଠନ ପ୍ରକ୍ରିୟା ପାଇଁ ଚାଲିଥିବା ଧାଁଧପଡ଼ ସହ ଅସନ୍ତୁଷ୍ଟଙ୍କ ଗତିବିଧି ଉପରେ ଶାସକ ବିଜେପି ତୀକ୍ଷ୍ଣ ନଜର ରଖିଛି। ତେବେ ନୂଆ ଦଳ ଗଠନ ପରେ ହିଁ କେତେ ଅସନ୍ତୁଷ୍ଟ କେଉଁ ପଟକୁ ଢଳୁଛନ୍ତି, ତାହା ସ୍ପଷ୍ଟ ହେବା ସହ ଅନେକ ନେତାଙ୍କ ରାଜନୈତିକ ଭବିଷ୍ୟତ ସ୍ଥିର ହେବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି।

## ଢିଙ୍କିଆ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା



ପାରାଦୀପ,୬।୧ (ସଂଚାର ବ୍ୟୁରୋ): ବହୁ ଚର୍ଚ୍ଚିତ ଢିଙ୍କିଆ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଆଜି କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶେଷ ହୋଇଛି। ପୂର୍ବରୁ ଢିଙ୍କିଆ ପଞ୍ଚାୟତ ଗ୍ରାମସଭା କରାଯିବାକୁ ଚେଷ୍ଟା ହୋଇଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ଅକ୍ଟୋବର ୨୬ ତାରିଖରେ ଜିଲ୍ଲା ପ୍ରଶାସନ ଢିଙ୍କିଆ ପଞ୍ଚାୟତ ଓ ଏହାର ଆଖପାଖରେ ୧୬୩ ବିଏନଏସ ଧାରା ଲାଗୁ କରିଥିଲା। ଏହା ବିରୋଧରେ କିଛି ଗ୍ରାମବାସୀ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମାମଲା କରି ନ୍ୟାୟ ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ । ଯାହାର ବିଚାର କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ ଆଜି ସ୍ୱତନ୍ତ୍ର ଗ୍ରାମସଭା କରିବାକୁ ଧାର୍ଯ୍ୟ କରିଥିଲେ। କଡା ସୁରକ୍ଷା ମଧ୍ୟରେ ଆଜି ଢିଙ୍କିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଏହି ଗ୍ରାମସଭା ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ଗ୍ରାମବାସୀମାନେ ଗ୍ରାମର ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ଚିଠା ପ୍ରସ୍ତାବ ଦେଇଥିଲେ ।

# ଅସ୍ତିତ୍ୱ ଖୋଜୁଛି ପ୍ରାଚୀ ; ପୁନରୁଦ୍ଧାର କେବେ ?

### ଦଳ ଭିତରେ ପରିଚୟ ଖୋଜୁଛି ପୁଣ୍ୟତୋୟା ପ୍ରାଚୀ

### ଦିନେ ଥିଲା ନୌବାଣିଜ୍ୟର ମୂକସାକ୍ଷୀ



କାକଟପୁର/ଅସ୍ତରଙ୍ଗ,୬।୧ (ସଂଚାର ବ୍ୟୁରୋ): ଓଡ଼ିଶାର ଏକ ସର୍ବପୁରାତନ ନଦୀ ପୁଣ୍ୟତୋୟା ପ୍ରାଚୀ । କଟକ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ପ୍ରବାହିତ ପ୍ରାଚୀ ନଦୀ ଗଙ୍ଗାନଦୀ ଠାରୁ ମଧ୍ୟ ପୁରାତନ ବୋଲି ପୁରାଣରେ ବର୍ଣ୍ଣିତ ଅଛି । ଅନେକ ପ୍ରାଚୀନ ଶୈବପୀଠ, ଦେବୀପୀଠ ଓ ଭାସ୍କର୍ଯ୍ୟ ଦେଖିବାକୁ ମିଳେ ଏହି ନଦୀ ତଟରେ । ଦ୍ୱାଦଶ ହରିପୀଠ, ଦ୍ୱାଦଶ ଅମ୍ବିକାପୀଠ, ମାଧବ ମନ୍ଦିର, କାକଟପୁର ମଙ୍ଗଳାପୀଠ ସହିତ ଶତାଧିକ ମଠ, ବୌଦ୍ଧପୀଠ ପ୍ରାଚୀ କୂଳରେ ଅବସ୍ଥିତ । ଏମିତିକି କାକଟପୁର ଅଧିଷ୍ଠାତ୍ରୀ ମା' ମଙ୍ଗଳା ଏହି ନଦୀଗର୍ଭରୁ ଆବିର୍ଭୂତ ହୋଇଥିବା କୁହାଯାଏ । ମାତ୍ର ବିଡମ୍ବନାର ବିଷୟ, ପୁଣ୍ୟତୋୟା ପ୍ରାଚୀ ଆଜି ବିଲୁପ୍ତପ୍ରାୟ ।

ଫୁଲନଖରା ଠାରୁ କାକଟପୁର ଅସ୍ତରଙ୍ଗ ମୁହାଣ ପର୍ଯ୍ୟନ୍ତ ଲମ୍ବିଥିବା ପ୍ରାଚୀ ଗର୍ଭ ଦଳରେ ଭର୍ତ୍ତି ହୋଇଛି । ଅନେକ ସ୍ଥାନରେ ନଦୀଗର୍ଭ ଶୁଖିଲା ପଡିଛି । ଯେତିକି ବର୍ଷି ରହିଛି, ସେତିକି ବି ନିଜର ପରିଚୟ ଖୋଜୁଛି । ପ୍ରାଚୀ ନଦୀର ତ୍ରିବେଣୀ ଘାଟ । ବିଶ୍ୱାମିତ୍ର ଘାଟ ଗଙ୍ଗା, ଯମୁନା ଓ ସରସ୍ୱତୀ ନାମରେ ପରିଚିତି । ଏଠାରେ ପିତୃପୁରୁଷଙ୍କ ଲାଗି ପିଣ୍ଡଦାନ, ଅସ୍ଥି ବିସର୍ଜନ କରାଯାଏ । ତ୍ରିବେଣୀ ଘାଟରେ ବୁଡ ପକାଇଲେ ପୂର୍ବଜନ୍ମର ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ ରହିଛି । କିନ୍ତୁ ଏହି ପୁଣ୍ୟତୋୟା ନଦୀ ଆଜି ଅସ୍ତିତ୍ୱ ହରାଇବାକୁ ବସିଥିବାବେଳେ ତ୍ରିବେଣୀ ଘାଟ ବି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । କୁଢ କୁଢ ଆବର୍ଜନା ଓ ଦଳ ଭର୍ତ୍ତି ହୋଇଥିବାରୁ ଏଠାରେ କୌଣସି ଧାର୍ମିକ କାର୍ଯ୍ୟ କରିବାକୁ ଲୋକେ ନାକ ଟେକୁଛନ୍ତି । ଏକଦା କଟକ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଜୀବନରେଖା ଥିଲା ପ୍ରାଚୀ । ମହାନଦୀରୁ ଉତ୍ପତ୍ତି ପୁଣ୍ୟତୋୟା ପ୍ରାଚୀ ଓଡ଼ିଆ ଜାତିର ନୌବାଣିଜ୍ୟର ମଧ୍ୟ ମୂକସାକ୍ଷୀ । କିନ୍ତୁ ଏହି ପୁଣ୍ୟତୋୟା ନଦୀ ଆଜି ନିଜର ପରିଚୟ ଖୋଜୁଛି ।

ସରକାରଙ୍କ ଦୃଢ଼ଦୃଷ୍ଟି ହେଉ କିମ୍ବା ରାଜନୀତିକ ଇଚ୍ଛାଶକ୍ତି ଅଭାବ, ପ୍ରାଚୀ ଗରିମା ଆଜି ଧ୍ୱଂସାଭିମୁଖୀ କହିଲେ କିଛି ଅତ୍ୟୁକ୍ତି ହେବନି । ଓଡ଼ିଶାର ଐତିହ୍ୟ ବହନ କରିଥିବା ଏହି ପୁଣ୍ୟତୋୟା ନଦୀର ପୁନରୁଦ୍ଧାର ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

## ହାଇୱା ପଛରେ ପିଟିହୋଇ ବାଇକ୍ ଚାଳକ ମୃତ

ଫୁଲବାଣୀ,୬।୧ (ସଂଚାର ବ୍ୟୁରୋ): ଖଜୁରୀପଡା ସହର କୁଟୀବାରୀ ସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ସନ୍ଧ୍ୟା ୬ଟା ବେଳେ ଏକ ହାଇୱା ଟ୍ରକ ଯାଉଥିବା ବେଳେ ପଛରେ ଆସୁଥିବା ଏକ ବାଇକ ହାଇୱା ପଛରେ ବାଡେଇ ହୋଇ ବାଇକ ଚାଳକ ଅନିଲ ବେହେରାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା ଅଗ୍ନିଶମ ବିଭାଗ। ଅନିଲଙ୍କ ଘର ଖଜୁରୀପଡା ଡ଼ଙ୍ଗୀସାହି ବୋଲି ଜଣାପଡିଛି । ତାଙ୍କୁ ଦୁର୍ଘଟଣା ସ୍ଥାନରୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ଖଜୁରୀପଡା ମେଡିକାଲ ଆଣିଥିବା ବେଳେ ଏଠାରେ ପ୍ରାଥମିକ ଚିକିତ୍ସା ପରେ ତୁରନ୍ତ ଫୁଲବାଣୀ ସ୍ଥାନାନ୍ତର କରାଯାଇଥିଲା ଫୁଲବାଣୀ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ମେଡିକାଲର ଡାକ୍ତର ସୂଚନା ଦେଇଛନ୍ତି । ଖଜୁରୀପଡା ପୋଲିସ ପହଞ୍ଚି ହାଇୱା ଗାଡି ଜବତ କରି ଥାନାରେ ରଖିଛି । ପରବର୍ତ୍ତୀ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## କନ୍ଧମାଳ ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା




ଫୁଲବାଣୀ,୬।୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ମୁଖ୍ୟାଳୟ ଫୁଲବାଣୀ ଷ୍ଟାଡିୟମ ଠାରେ ଆସନ୍ତା ସାତ ତାରିଖଠାରୁ ଜିଲ୍ଲାର ସଂସ୍କୃତି ପରମ୍ପରାକୁ ନେଇ ଅନୁଷ୍ଠିତ ହେବାକୁ ଯାଉଥିବା କନ୍ଧମାଳ ମହୋତ୍ସବ ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକ ମୁଖ୍ୟାଳୟରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ସେହିପରି ଭାବରେ ଫିରିଙ୍ଗିଆ ବ୍ଲକରେ ମଧ ଏହି ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସ୍ଥାନୀୟ ବ୍ଲକ ପ୍ରଶାସନ ପ୍ରସ୍ତୁତି ମଧ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ପୂର୍ବାହ୍ନରେ ବ୍ଲକ ପ୍ରଶାସନ ଓ ମହୋତ୍ସବ କମିଟି ପକ୍ଷରୁ ବ୍ଲକ ପରିସରରୁ ଅନୁଷ୍ଠାନିକ ଭାବରେ ମଶାଲକୁ ସ୍ୱାଗତ ଜଣାଇବା ସହ ଶୋଭାଯାତ୍ରା ବାହାର କରାଯାଇଥିଲା। ବ୍ଲକ ପ୍ରଶାସନ ତରଫରୁ ଅଧକ୍ଷା ନମିତା କହଁରଙ୍କ ସମେତ ସମେତ ବ୍ଲକରେ କାର୍ଯ୍ୟରତ ଏପିଓ ସୁମନ୍ତ ଉଠାଣ ସିଂ, ଓଏଲଏମ ସଂଯୋଜକ ସଂଗ୍ରାମ ସାହୁ, ଜିପିଇଓ ସୁରଜ କଣ୍ଡୁଳନା ଙ୍କ ସହ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିବା ବେଳେ ଅତିଥି ଭାବରେ କଂସଦେବ ସାହୁ, ଯୁବ ନେତା ସ୍ୱେଚ୍ଛାସେବୀ ସଞ୍ଜୟ ଦିଗାଲ, ଜିଲ୍ଲା ପାରମ୍ପରିକ ଲୋକକଳା ସଂଘ ସଭାପତି ଅକ୍ଷୟ କୁମାର କର୍ଣ୍ଣ, ଜ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳ କାର୍ଯ୍ୟାଳୟରେ ଲୋକେ ହନ୍ତସନ୍ତ

### ନାହିଁ ମ୍ୟାପ୍ କି ଡିରେକ୍ଟୋରୀ

### କେଉଁ ଅଫିସ୍ କେଉଁଠି ଅଛି ଖୋଜି ଖୋଜି ନୟାନ୍ତ




ଯାଜପୁର,୬।୧ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାପାଳ କାର୍ଯ୍ୟାଳୟ ଜିଲ୍ଲାର ସର୍ବୋଚ୍ଚ ପ୍ରଶାସନିକ କେନ୍ଦ୍ର। କିନ୍ତୁ ଆଜି ଏହି କାର୍ଯ୍ୟାଳୟ ସାଧାରଣ ଲୋକଙ୍କ ପାଇଁ ସେବା କେନ୍ଦ୍ର ନୁହେଁ, ଭୟଙ୍କର ଭୁଲଭୁଲେୟା ହୋଇଯାଇଛି। ଜମି–ପଟ୍ଟା, ସର୍ଟିଫିକେଟ, ଅଭିଯୋଗ କିମ୍ବା ଆବେଦନ ପାଇଁ ଆସୁଥିବା ଲୋକ ପ୍ରଥମେ କାମ ନୁହେଁ, କେଉଁ ଅଫିସ୍ କେଉଁଠି ଅଛି ସେଠି ଖୋଜି ଖୋଜି ଦିନ ସାରି ଦେଉଛନ୍ତି। ନା ସୂଚନା, ନା ଦିଗ୍‌ଦର୍ଶନ ପ୍ରଶାସନିକ ଅବ୍ୟବସ୍ଥା ଖୋଲା ଚିତ୍ର, କେଉଁ ବିଭାଗ କେଉଁ ଫ୍ଲୋରରେ କୌଣସି ସାଇନ୍ ବୋର୍ଡ୍ ନାହିଁ, କେଉଁ ଅଫିସ୍ କେଉଁ ରୁମ୍ ନମ୍ବରରେ କୌଣସି ସୂଚନା ନାହିଁ, ପ୍ରବେଶ ଦ୍ୱାରରେ ଅଫିସ୍ ମ୍ୟାପ୍ ନାହିଁ, ତଳ ଫ୍ଲୋରରେ ଡିରେକ୍ଟୋରୀ ବୋର୍ଡ୍ ନାହିଁ। ଫଳସ୍ୱରୂପ, ଗୋଟିଏ ଅଫିସ୍ ପାଇଁ ଗୋଟିଏ ଲୋକକୁ ୩-୪ ଥର ଫ୍ଲୋର ଚଢ଼ିବା ଓହ୍ଲାଇବା, ଭୁଲ ରୁମ୍‌ରେ ଯାଇ ଅପମାନ ସହିବା ନିତିଦିନର ଘଟଣା। ଏହା ଅସମର୍ଥତା ନୁହେଁ ତ କଣ? ଏତେ ବଡ଼ ପ୍ରଶାସନିକ କାର୍ଯ୍ୟାଳୟରେ ଗୋଟିଏ ଅଫିସ୍ ମ୍ୟାପ୍ ଲଗାଇବାକୁ ପ୍ରଶାସନ ଅସମର୍ଥ।

ଫ୍ଲୋର-ୱାଇଜ୍ ଡିରେକ୍ଟୋରୀ ବୋର୍ଡ୍ କରିବାକୁ କେତେ ଟଙ୍କା ଲାଗିବ ଯେ 'ସହଜ ପ୍ରଶାସନ', 'ଲୋକ ସେବା' ଭଳି ନାରା କେବଳ ମଞ୍ଚ ଓ ବ୍ୟାନରରେ ସୀମିତ ହୋଇ ରହିଛି କି? ବୃଦ୍ଧ, ମହିଳା, ରୋଗୀ ଓ ଦୂର ଅଞ୍ଚଳରୁ ଆସୁଥିବା ଲୋକଙ୍କ ପାଇଁ ଏହି ଅବ୍ୟବସ୍ଥା ନିର୍ମମ ଅବହେଳା ବୋଲି ସାଧାରଣ ମତ ପ୍ରକାଶ ପାଉଛି। ସାଧାରଣରେ ସିଧା ଦାବି: ଯାଜପୁର ଜିଲ୍ଲାପାଳ ପ୍ରଶାସନ ତୁରନ୍ତ ପ୍ରବେଶ ଦ୍ୱାରରେ ସମ୍ପୂର୍ଣ୍ଣ ଅଫିସ୍ ମ୍ୟାପ୍, ପ୍ରତ୍ୟେକ ଫ୍ଲୋରରେ ଡିରେକ୍ଟୋରୀ ବୋର୍ଡ୍, ରୁମ୍ ନମ୍ବର ସହ ସ୍ପଷ୍ଟ ସୂଚନା ନଲଗାଇଲେ, ଏହି 'ଲୋକ ସେବା କେନ୍ଦ୍ର' ଅବ୍ୟବସ୍ଥାର ପରିଚୟ ଭାବେ ଚିହ୍ନଟ ହୋଇ ରହିବ। ସାଧାରଣ ଲୋକଙ୍କ ସହ ଏହି ଅବହେଳା ଜାରି ରହିଲେ, ପ୍ରଶାସନ ବିରୋଧରେ ସାର୍ବଜନୀନ ଅସନ୍ତୋଷ ଆହୁରି ତୀବ୍ର ହେବ ଏହା ସ୍ପଷ୍ଟ।

## ପାରାଦୀପ ବନ୍ଦର କ୍ଷମତା ସମ୍ପ୍ରସାରଣ ନିମନ୍ତେ ପରିବେଶ ସଂକ୍ରାନ୍ତୀୟ ଜନଶୁଣାଣି ଶେଷ




ପାରାଦୀପ,୬।୧ (ସଂଚାର ବ୍ୟୁରୋ): ବନ୍ଦର କ୍ଷମତା ସମ୍ପ୍ରସାରଣ ନିମନ୍ତେ ପରିବେଶ ସଙ୍କ୍ରାନ୍ତୀୟ ଜନଶୁଣାଣି ଶେଷ। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଆଗାମୀ ୧୦ ବର୍ଷ ଭିତରେ ସେମାନଙ୍କ ପଣ୍ୟ କାରବାର କ୍ଷମତା ୬୭ ନିୟୁତ ମେଟ୍ରିକ ଟନ କରିବାକୁ ଯାଉଥିବା ବେଳେ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ୧୮ଗୋଟି ବର୍ଥ ମଧ୍ୟରୁ ୭ଟି ବର୍ଥରେ ମେକାନିଜ୍ମ କରାଯିବା ସହ ଏହାର ସମ୍ପ୍ରସାରଣ ମଧ୍ୟ କରାଯିବ। ୱେଷ୍ଟନ ବର୍ଥ ନୂତନ ଭାବେ ନିର୍ମାଣ ହେବାକୁ ଥିବା ବେଳେ ସେଥିରେ ଗ୍ରୀନ ଆମୋନିଆ ଓ ଗ୍ରୀନ ହାଇଡ୍ରୋଜେନ ହ୍ୟାଣ୍ଡେଲ କରାଯିବ। ଏହିସବୁ ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଆଜି ସ୍ଥାନୀୟ ନିୟୁ କଲ୍ୟାଣମଣ୍ଡପ ଠାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପ, କୁଜଙ୍ଗ ଅଞ୍ଚଳର ଅନେକ ଲୋକ ଭାଗନେଇ ସେମାନଙ୍କ ମତାମତ ପ୍ରଦାନ କରିଥିଲେ।

● ୮୪ତମ ୟୁକୋ ବ୍ୟାଙ୍କ ପ୍ରତିଷ୍ଠା ଦିବସ ପାଳିତ

## ଗ୍ରାହକଙ୍କୁ ଉତ୍ତମ ବ୍ୟବହାର ଦେବାକୁ ପରାମର୍ଶ



କାକଟପୁର/ଅସ୍ତରଙ୍ଗ,୬।୧ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ୟୁକୋ ବ୍ୟାଙ୍କ ଶାଖାରେ ୮୪ତମ ଜୟନ୍ତୀ ପାଳିତ ହୋଇଛି। ଜାତିର ପିତା ମୋହନ ଦାସ କରମଚାନ୍ଦ ଗାନ୍ଧୀ ଭାରତର ଜଣେ ବିଶିଷ୍ଟ ଶିଳ୍ପପତି ଘନଶ୍ୟାମ ଦାସ ବିର୍ଲାଙ୍କୁ ଏକ ପଇସା ଠୁଳ କରି ଗ୍ରାହକ ମାନଙ୍କୁ ସୁବିଧା ସୁଲଭ ପ୍ରଦାନ କରିବା ପାଇଁ ଏକ ପରାମର୍ଶ ଦେଇଥିଲେ, ତାଙ୍କରି ପରାମର୍ଶରେ ୧୯୪୩ମସିହା ଜାନୁଆରି ୬ତାରିଖ ରେ କୋଲକାତା ରେ ଏକ ୟୁକୋ ବ୍ୟାଙ୍କର ପ୍ରତିଷ୍ଠା କରାଯାଇଥିଲା, ଯାହା ଆଜି ୮୪ବର୍ଷରେ ପଦାର୍ପଣ କରିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଏହି କାର୍ଯ୍ୟକ୍ରମ ରେ ୟୁକୋ ବ୍ୟାଙ୍କ ଶାଖା ପରିସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ପୂର୍ବତନ ବିଧାୟକ ରବି ମଲ୍ଲିକ, ଶାଖା ପ୍ରବନ୍ଧକ ରାଜଲକ୍ଷ୍ମୀ ମହାନ୍ତି,ସହ ପ୍ରବନ୍ଧକ ରୋନିତ ଖିଲର, କ୍ୟାସିୟର ଦୀପକ ପ୍ରଧାନ, ସହ କର୍ମଚାରୀ ତରୁଣ ଗୋଛାୟତ, ସୋନାଲି ମଲ୍ଲିକଙ୍କ ସହ ବିଶିଷ୍ଟ ବ୍ୟବସାୟୀ ଯୋଗେନ୍ଦ୍ର ଲେଙ୍କା ଉପସ୍ଥିତ ଥିଲେ। ଅତିଥିମାନେ ଉଦ୍‌ବୋଧନ ଦେବା ସହ ଗ୍ରାହକ ମାନେ ଶାଖାର ଭଗବାନ, ତାଙ୍କୁ ବ୍ୟାଙ୍କ କର୍ମଚାରୀ ହସିହସି କଥା ହୋଇ ଉତ୍ତମ ବ୍ୟବହାର କରିବାକୁ ଦିଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ମହିଳା ମହାସଂଘ ସଭ୍ୟାମାନେ ଉପସ୍ଥିତ ଥିଲେ।

### ଉନ୍ନତିମୂଳକ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

## ଏନ୍‌ଏସି କାର୍ଯ୍ୟାଳୟ ଆଗରେ ଆପ୍‌ର ଧାରଣା



ବ୍ରହ୍ମପୁର,୬।୧ (ସଂଚାର ବ୍ୟୁରୋ): ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଏକାଧିକ ସମସ୍ୟା ସହିତ ଅନେକ ଉନ୍ନତିମୂଳକ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗରେ ଆମ ଆଦମୀ ପାର୍ଟୀ ପକ୍ଷରୁ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ସୋମବାର ଦିନ ୧୦ ଘଣ୍ଟା ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲା ଯୁବ ସଭାପତି ନୀଳକଣ୍ଠ ରେଡ୍ଡୀଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଶାନ୍ତିପୂର୍ଣ୍ଣ ଭାବେ ଏନଏସି କାର୍ଯ୍ୟାଳୟ ସମୁଖରେ ଧାରଣାରେ ବସିଥିଲେ।

ଗୋପାଳପୁର ନିର୍ବାଚନ ମଣ୍ଡଳୀର ଗୋପାଳପୁର ବିଜ୍ଞାପିତ ଅଂଚଳ ପରିଷଦ ଦ୍ୱାରା ସ୍ଥାନୀୟ ୱାର୍ଡ ମାନଙ୍କରେ ହେଉଥିବା ନିର୍ମାଣ କାର୍ଯ୍ୟରେ ଅନିୟମିତତା ଚରମ ସୀମାରେ ପହଁଚିଛି। ଏନଏସିରେ ରାସ୍ତା ଘାଟ, ନାଳ, ସ୍କୁଲ ଗୃହ ଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନତି କରଣ କାର୍ଯ୍ୟ ସଠିକ ହେଉନଥିବା ଅଭିଯୋଗ କରିଛନ୍ତି ଆପ ଯୁବ ନେତା । ଏହାସହିତ ଗୋପାଳପୁର ବେଳାଭୂମିର ସଠିକ ରକ୍ଷଣାବେକ୍ଷଣା ଅଭାବରୁ ପର୍ଯ୍ୟଟନ ଉପରେ ଏହାର ଯଥେଷ୍ଟ ପ୍ରଭାବ ପରିଲକ୍ଷିତ ହୋଇଛି। ୧୯୭୪ ମସିହାରେ ଗୋପାଳପୁର ଏନଏସି ମାନ୍ୟତା ପାଇଥିଲା। ୨୦୦୮ ମସିହାରେ ସମ୍ପୂର୍ଣ୍ଣ ରୂପରେ ସରକାରଙ୍କ ଅଧୀନରେ ସ୍ଥାପନା କରାଗଲା। କିନ୍ତୁ ଦୁଃଖର କଥା ଆଜିକୁ ପ୍ରାୟ ୫୦ ବର୍ଷ ମାନ୍ୟତା ପାଇବାର ଓ ସ୍ଥାପନାର ୧୯ ବର୍ଷ ବିତିଯାଇଥିଲେ ମଧ କୌଣସି ପ୍ରକାର ଆଖିଦୃଷ୍ଟିଆ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିଲାନାହିଁ । ଏଠି ନେତା, ଅଫିସର, ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ବିଭିନ୍ନ କାର୍ଯ୍ୟ ଭାଗବଣ୍ଟାରେ ଚାଲିଛି ବୋଲି ଆପ୍ ଅଭିଯୋଗ କରିଛି। ଏନଏସିରେ ଏଯାବତ ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତି ହୋଇପାରୁନାହିଁ। ଯାହା ଫଳରେ ଗୋପାଳପୁର ଏନଏସିର ଉନ୍ନୟନ ମୂଳକ କାମ ସବୁ ସଠିକ ଭାବରେ ହୋଇପାରୁନି। କିଛି ଅଭିଯୋଗ କଲେ ଏନଏସି କାର୍ଯ୍ୟାଳୟର କିଛି ଅଧିକାରୀ ଖୋଲାଖୋଲି ଧମକ ଚମକ ଦେଉଥିବା ଅଭିଯୋଗ କରିଛି ଆମ ଆଦମୀ ପାର୍ଟୀ। ଧାରଣା ପରେ ବିଭାଗୀୟ ଅଧିକାରୀ ଅଭିଯୋଗର ସମାଧାନ ନକଲେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି ଆପ ଯୁବ ସଭାପତି।

## ଖୋମକୋଟଠାରେ ପାଣି ପାଞ୍ଚାୟତ ପକ୍ଷ ପାଳନ



ନୀଳଗିରି,୬।୧ (ସଂଚାର ବ୍ୟୁରୋ): ଓଡିଶା ସରକାରଙ୍କର ଜଳ ସମ୍ପଦ ବିଭାଗ ପକ୍ଷରୁ ଜାନୁୟାରୀ ୬ରୁ ୨୦ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଥିବା ବେଳେ ବାଲେଶ୍ୱର ଜିଲ୍ଲା, କ୍ଷୁଦ୍ର ଜଳ ସେଚନ ବିଭାଗ ଆନୁକୂଲ୍ୟରେ ବିଭାଜନ ସ୍ତରୀୟ ପାଣି ପାଞ୍ଚାୟତ ପକ୍ଷ ୨୦୨୬ ନୀଳଗିରି କ୍ଷୁଦ୍ର ଜଳସେଚନ ସହଯୋଗରେ ଖୋମକୋଟ୍ ଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବ ଔପଦା ବ୍ଲକ୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉଷାରାଣୀ ରାଉଳ ଉତ୍ସବରେ ଯୋଗ ଦେଇ ଶ୍ରୀଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ପରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ଷୁଦ୍ର ଜଳ ସେଚନ ବିଭାଗର ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ ଇଂ ସୁଶୀଲ କୁମାର ବିଶ୍ୱାଳ ତାଙ୍କ ଅଭିଭାଷଣରେ ପାଣିର ସୁବିନିଯୋଗ, ପାଣି ସଂରକ୍ଷଣ, ସଚେତନ, ମିଳିମିଶି ସହଭାଗିତାରେ ଚାଷ, କମପାଣିରେ ଅଧିକ ଚାଷ, ଜଳ ସୁପରିଚାଳନା ପାଇଁ ନିବେଦନ କରିଥିଲେ।

## ଓଡିଶୋ ଅଣ୍ଡେଇଗୋଡା ଗ୍ରାମରେ ଗୀତା ଓ ରୁଦ୍ର ମହାଯଜ୍ଞ

● ବରିଷ୍ଠ ନାଗରିକଙ୍କୁ ପୂଜ୍ୟପୂଜା ସମ୍ମାନ ପ୍ରଦାନ



ଯାଜପୁର,୬।୧ (ସଂଚାର ବ୍ୟୁରୋ): ରସୁଲପୁର ବ୍ଲକ ଅନ୍ତର୍ଗତ ଓଡିଶୋ ଅଣ୍ଡେଇଗୋଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ଏକ ଦିବସୀୟ ପବିତ୍ର ଶ୍ରୀମଦ୍ ଭାଗବତ ଗୀତା ଓ ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପୂଜକ ତଥା ପାଲା ଗାୟକ ବାଉରୀବନ୍ଧୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ନିରଞ୍ଜନ କର, ପର୍ଶୁରାମ ପଣ୍ଡା, ଗିରିଜା ଶଙ୍କର ଦାଶ, ନବଘନ ପଣ୍ଡା , ହାଡିବନ୍ଧୁ ପଣ୍ଡା ପ୍ରମୁଖ ମନ୍ତ୍ର ଉଚ୍ଚାରଣ ଓ ପୂଜାପାଠ କରିଥିଲେ। କର୍ତ୍ତା ବିନୋଦ ବିହାରୀ ପଣ୍ଡା ଓ ତାଙ୍କ ସହଧର୍ମିଣୀ ମାନସୀ ପଣ୍ଡା ଯଜ୍ଞ କୁଣ୍ଡରେ ଘୃତାହୂତି ପ୍ରଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ପୂଜ୍ୟପୂଜା ସଭାରେ ସ୍ୱପ୍ନେଶ୍ୱର ମନ୍ଦିର ଉନ୍ନୟନ କମିଟିର କାର୍ଯ୍ୟକାରୀ ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପୃଷ୍ଟିଙ୍କ ଅଧକ୍ଷତା କରିଥିଲେ।

ଏହି ଅବସରରେ ଓଡିଶୋ ପଞ୍ଚାୟତର ବରିଷ୍ଠ ନାଗରିକ ସୁଦାମ ଚରଣ ରାଉତ, ବିଷ୍ଣୁ ଚରଣ ନାୟକ , ଭାସ୍କର ସାହୁ, ଜଗବନ୍ଧୁ ନାୟକ , ଅଶୋକ କୁମାର ସ୍ୱାଇଁ , ମକରଧ୍ୱଜ ସାହୁ, କୈଳାସ ଚନ୍ଦ୍ର ମହାରଣା, ଗୁରୁ ଦାସ ଦତ୍ତ , କେଶବ ଚନ୍ଦ୍ର ଦତ୍ତ , ଜଗବନ୍ଧୁ ଦାସ , ରବିନ୍ଦ୍ର କୁମାର ପଣ୍ଡା ପ୍ରମୁଖଙ୍କୁ ପୁଷ୍ପମାଲ୍ୟ, ଉତ୍ତୋରୀୟ ଏବଂ ଗୀତା ଗ୍ରନ୍ଥ ପ୍ରଦାନ କରି ପୂଜ୍ୟପୂଜା ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଫଳ ବଣ୍ଟନ

ବାଲିଅନ୍ତା,୬।୧ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମଦିନ ଅବସରରେ ଆଜି ବିଜେପି କାର୍ଯ୍ୟକର୍ତ୍ତାମାନେ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୋଗୀ, ସମ୍ପର୍କୀୟ ଏବଂ ଚେତନା ମାନସ ଆବାସିକ ଶିକ୍ଷା ଅନୁଷ୍ଠାନରେ ଅନ୍ତେବାସୀ ମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢ଼ାଲିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜିଲ୍ଲା ସାଂଗଠନିକ ସମ୍ପାଦିକା ଝିଲ୍ଲୀ ସାମନ୍ତରାୟ, ବାଳକାଟି ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ସାଧାରଣ ସମ୍ପାଦକ ସଞ୍ଜୀବ ସାମନ୍ତରାୟ, ନିଶିକାନ୍ତ ପଣ୍ଡା,ପବିତ୍ର ଭୋଇ, ବାସୁଦେବ ସାହୁ, ବିଶ୍ୱଜିତ୍ ସାହୁ, କନକଲତା ମହାପାତ୍ର, ପ୍ରଭାତ ଭୋଇ, ଗିରିଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।




## ମହାବୀର ସେବା ସଂଗଠନ ପକ୍ଷରୁ ବସ୍ତ୍ର ବଣ୍ଟନ ଓ ବନ୍ଧୁମିଳନ ପାଇଁ ବୈଠକ



ଆନନ୍ଦପୁର,୬।୧ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ବାଙ୍କିଡି ସ୍ଥିତ ଗୋଡ଼ିସାହି ଓଁକାର ସେବାଶ୍ରମରେ ଥିବା ଛାତ୍ରଛାତ୍ରୀ ମାନଙ୍କୁ ବସ୍ତ୍ର, ଚପଲ ଓ ମିଷ୍ଟାନ୍ନ ବଣ୍ଟନ କଲା ଆନନ୍ଦପୁର ଉପଖଣ୍ଡର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାବୀର ସେବା ସଂଗଠନ।

ଖବର ଅନୁଯାୟୀ ମହାବୀର ସେବା ସଂଗଠନ ପକ୍ଷରୁ ପ୍ରତି ବର୍ଷ ଏହି ଓଁକାର ସେବାଶ୍ରମରେ ଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଇଂରାଜୀ ନୂତନ ବର୍ଷ ଉପଲକ୍ଷେ ବସ୍ତ୍ର ବଣ୍ଟନ କରାଯାଇଥାଏ। ତେବେ ଚଳିତ ବର୍ଷ ମଧ ନୂତନ ବର୍ଷ ଉପଲକ୍ଷେ ଏଭଳି ସେବା କାର୍ଯ୍ୟ ଜାରି ରଖିଛି ମହାବୀର ସେବା ସଂଗଠନ। ଓଁକାର ସେବାଶ୍ରମରେ ଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଥମେ ମହାବୀର ସେବା ସଂଗଠନର ସମସ୍ତ ସଦସ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ପରେ ଓଁକାର ସେବାଶ୍ରମର ମ୍ୟାନେଜିଂ ଟ୍ରଷ୍ଟି ଗୋବର୍ଦ୍ଧନ ବେହେରାଙ୍କ ପରାମର୍ଶକ୍ରମେ ସେବାଶ୍ରମରେ ଥିବା ମୋଟ ୭୦ଜଣ ପିଲାଙ୍କୁ ବସ୍ତ୍ର, ଚପଲ ଓ ମିଷ୍ଟାନ୍ନ ବଣ୍ଟନ କରଯାଇଥିଲା। ପରେ ମହାବୀର ସେବା ସଂଗଠନର ପ୍ରତିଷ୍ଠାତା ଗଣେଶ୍ୱର ସାଙ୍କ ଅଧକ୍ଷତାରେ ଚଳିତ ବର୍ଷର ବନ୍ଧୁମିଳନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

## ଯୁବ ସାମ୍ବାଦିକାଙ୍କ ବିୟୋଗରେ ଶୋକସଭା



କାକଟପୁର/ଅସ୍ତରଙ୍ଗ,୬।୧ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ପିପିଲି ଅଞ୍ଚଳରେ ଯୁବ ସାମ୍ବାଦିକା ଶିଳା ପଟ୍ଟନାୟକଙ୍କ ଅକାଳ ବିୟୋଗରେ ଅସ୍ତରଙ୍ଗ ମିଡ଼ିଆ ଫୋରମ୍ ତରଫରୁ ଏକ ଶୋକସଭା ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ବିଜୟ ବେହେରାଙ୍କ ଦ୍ୱାରା ଜରୁରୀକାଳୀନ ଆହୁତ ବୈଠକରେ ସ୍ୱର୍ଗତଃ ଶିଳା ପଟ୍ଟନାୟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ୨ମିନିଟ ନିରବ ପ୍ରାର୍ଥନା କରାଯାଇଛି। ସ୍ୱର୍ଗତଃ ଶିଳା ପଟ୍ଟନାୟକ ଏକ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମଧ ଥିଲେ। ତାଙ୍କ ବିୟୋଗରେ ଜିଲ୍ଲା ଏକ ଅମାୟିକ ମେଳାପୀ ଖବରଦାତାଙ୍କୁ ହରାଇଲା ବୋଲି ସ୍ମୃତି ଚାରଣ କରାଯାଇଛି। ଏହି ଅବସରରେ ସ୍ୱର୍ଗତଃ ଶିଳା ପଟ୍ଟନାୟକ ପରିବାର କୁ ସରକାର ଆର୍ଥିକ ସହାୟତା ଦେବା ପାଇଁ ସଙ୍ଘ ପ୍ରସ୍ତାବ ଦେଇଛି। ଏହି ଶୋକ ସଭାରେ ସଙ୍ଘର ଉପଦେଷ୍ଟା ପ୍ରଦୀପ୍ତ ଦୀକ୍ଷିତି,ଉପସଭାପତି ମାନସ ରଞ୍ଜନ ଖଣ୍ଡୁଆଳ,ଶୁଭଦର୍ଶନ ମିଶ୍ର, ଟୁଲୁ ବେହେରା, ନରେନ୍ଦ୍ର ଛାଟୋଇ, ଈଶ୍ୱର ମହାରଣା ପ୍ରମୁଖ ଶୋକସଭାରେ ସାମିଲ ଥିଲେ।

### ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପ୍

## ସେମିଫାଇନାଲରେ ଜେସିଏ, ଭୁବନେଶ୍ୱର




ଖୋର୍ଦ୍ଧା,୬।୧ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ୍ ଆନୁକୁଲ୍ୟରେ ଚାଲିଥିବା ସବ୍ୟସାଚୀ-ଦୀନେଶ ମେମୋରିଆଲ୍ ଗିନିକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ଖେଳରେ ଜେ.ସି.ଏ, ଭୁବନେଶ୍ୱର କିଶୋର କ୍ଲବ, ଭୁବନେଶ୍ୱରକୁ ୫୭ ରନ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଜେ.ସି.ଏ, ଭୁବନେଶ୍ୱର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅଭିମନ୍ୟୁ ୩୨ଟି ବଲରେ ୨ଟି ଛକା ଏବଂ ୮ଟି ଚୌକା ସହାୟତାରେ ସର୍ବାଧିକ ୫୮ ରନ ଓ ଏସ.କେ ସଲମାନ୍ ୨୮ଟି ବଲ୍‌ରେ ୩୪ ରନ୍ ସଂଗ୍ରହ କରିଥିଲେ। କିଶୋର କ୍ଲବ ପକ୍ଷରୁ ଓମ୍ ତ୍ରିପାଠୀ ୩୨ରନ୍ ଦେଇ ୩ଟି ୱିକେଟ ଅକ୍ତିଆର କରିଥିଲେ। ପ୍ରତ୍ୟୁତ୍ତରରେ କିଶୋର କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୯ଟି ୱିକେଟ ବିନିମୟରେ ୧୩୪ ରନ୍‌ରେ ସୀମିତ ରହିଯାଇଥିଲେ। ଦଳ ପକ୍ଷରୁ ବିଶ୍ୱ ରଞ୍ଜନ ମାଝୀ ୩୫ ରନ୍ ଏବଂ ଆଶିଷ ରଥ ୨୪ ରନ୍ କରିଥିଲେ। ଜେ.ସି.ଏ ତରଫରୁ ଅଭିମନ୍ୟୁ,ଆଶିଷ, ବାସୁକି ପ୍ରତ୍ୟେକ ୨ ଲେଖାଁଏ ଉଇକେଟ୍ ଅକ୍ତିଆର କରିଥିଲେ। ୭ ତାରିଖ ବୁଧବାର ଦିନ ପ୍ରଥମ ସେମିଫାଇନାଲରେ ସାଇ ଏକାଦଶ ଭୁବନେଶ୍ୱର ଏବଂ ଜେ.ସି.ଏ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। ଅମ୍ରିତା ବିଦ୍ୟାଳୟମ୍ ତରଫରୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଜେ.ସି.ଏ ଦଳର ଅଭିମନ୍ୟୁଙ୍କୁ ଦୁଇ ହଜାର ଟଙ୍କାର ଅର୍ଥ ରାଶି ପୁରସ୍କାର ଅତିଥି ଚଣ୍ଡିପ୍ରସାଦ ଆଚାର୍ଯ୍ୟ ଓ ସୌମେନ୍ଦ୍ର ରାଜଗୁରୁ ପ୍ରଦାନ କରିଥିଲେ।


## ଜଳ ବିଭାଜିକା ମହୋତ୍ସବ

ଆସନ୍ତା ତା ୯.୧.୨୦୨୬ରିଖ ଶୁକ୍ରବାର ସକାଳ ୧୦ଘଟିକା ସମୟରେ ଅନୁଷ୍ଠିତ ହେବାକୁ ଥିବା ଜଳ ବିଭାଜିକା ମହୋତ୍ସବରେ ନୟାଗଡ଼ ବ୍ଲକ୍‌ର କୃଷି ଭାଇ ଭଉଣୀମାନେ ଯୋଗ ଦେବାକୁ ଅନୁରୋଧ।

**ସ୍ଥାନ- ସାଲୁଣୀ ଖେଳପଡ଼ିଆ, ସାଲୁଣୀ ନାଟୁଗାଁ ପଞ୍ଚାୟତ, ନୟାଗଡ଼**

**-: କୃଷି ସମୃଦ୍ଧି ଯୋଜନା :-**

- ପାଣିପାଗ ସମ୍ବନ୍ଧୀୟ ପୂର୍ବାନୁମାନ।
- କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଯୋଜନା ସମ୍ବନ୍ଧୀୟ ସୂଚନା।
- କୃଷି କ୍ଷେତ୍ରରେ ରୋଗପୋକ ପରିଚାଳନା।
- ବିଭିନ୍ନ ପ୍ରକାରର ବିହନ ଚୟନ ଓ ବପନ ସମ୍ବନ୍ଧୀୟ ସୂଚନା।
- ଫସଲରେ ସମନ୍ୱିତ ଖାଦ୍ୟସାର ପରିଚାଳନା ସମ୍ବନ୍ଧୀୟ ସୂଚନା।
- ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ବନ୍ଧୀୟ ସୂଚନା।

ସରକାରଙ୍କ ବହୁମୁଖୀ ଯୋଜନାର ସୁବିଧା ବିଷୟରେ କୃଷି ସମୃଦ୍ଧି ହେଲ୍ପଲାଇନ ନମ୍ବର ୧୫୫୩୩୩ରେ ଯୋଗାଯୋଗ କରି ଚାଷୀମାନେ ସେମାନଙ୍କର କୃଷି କାର୍ଯ୍ୟ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ କରନ୍ତୁ।

**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ନୟାଗଡ଼**

# ପରିବହନ ଓ ବ୍ୟବସାୟିକ କେନ୍ଦ୍ରସ୍ଥଳୀ ହେବ ବରମୁଣ୍ଡା ବସ୍ ଟର୍ମିନାଲ୍




## ଖୁବ୍ ଶୀଘ୍ର ଖୋଲିବ ଆଇଟି କମ୍ପାନୀ

ଭୁବନେଶ୍ୱର, ୬।୧(ସଂଚାର ବ୍ୟୁରୋ): ଆଗାମୀ ଦିନରେ ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ(ବିଏସ୍ଏବିଟି) ବଡ଼ ପରିବହନ ଓ ବ୍ୟବସାୟିକ ପେଣ୍ଠସ୍ଥଳୀରେ ପରିଣତ ହେବାକୁ ଯାଉଛି। ଖୁବ୍ ଶୀଘ୍ର ଏଠାରେ ଆଇଟି ପ୍ରତିଷ୍ଠାନ କାର୍ଯ୍ୟକ୍ଷମ ହେବ। ଏନେଇ ମଙ୍ଗଳବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ବିଏସ୍ଏବିଟିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ତଥା ବିଡିଏ ଅଧ୍ୟକ୍ଷ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଘୋଷଣା କରିଛନ୍ତି। ଏହା ସହିତ ପରିସର ମଧ୍ୟରେ ଥିବା ଦୋକାନ ଘରର ଚାବିକୁ ହିତାଧିକାରୀଙ୍କୁ ହସ୍ତାନ୍ତର କରିଛନ୍ତି। ଏକ ଉଚ୍ଚମାନର ଯାତ୍ରୀସେବା ପ୍ରଦାନ ପାଇଁ ବିଏସ୍ଏବିଟିରେ ବିଭିନ୍ନ ସୁବିଧା ରହିଛି। ଏଠାରେ ଆଇଟି କଂପାନୀ ପ୍ରତିଷ୍ଠା ଦ୍ୱାରା ପରିବହନ ସହ ବ୍ୟବସାୟିକ କାର୍ଯ୍ୟକଳାପ ବୃଦ୍ଧି ପାଇବ। ଯାହା ଏହି ପରିସରରେ ଥିବା ବ୍ୟବସାୟୀଙ୍କୁ ଭଲ ବ୍ୟବସାୟ କରିବା ପାଇଁ ସହାୟକ ହେବ। ସେହିଭଳି, ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ଭିସା ଆପ୍ଲିକେସନ ସେଣ୍ଟର ବିଷୟରେ ମଧ୍ୟ ମନ୍ତ୍ରୀ ଏହି ଅବସରରେ କହିଥିଲେ। ବିଏସ୍ଏବିଟିର ବିଭିନ୍ନ ଅଞ୍ଚଳ ବୁଲି ଦେଖିବା ସହିତ ସେ ଏଠାରେ ଥିବା ଆହାର କେନ୍ଦ୍ରରେ ମଧ୍ୟ ଖାଇଥିଲେ।

ବର୍ତ୍ତମାନ ଏହି ଆଧୁନିକ ବସ୍ ଟର୍ମିନାଲ୍‌କୁ ପରିଚାଳନା କରୁଥିବା ବିଡିଏ ବିଏସ୍ଏବିଟିର ଦୁଇଟି ମହଲାରେ ଥିବା ଜାଗାକୁ ଆଇଟି କମ୍ପାନୀମାନଙ୍କ ପାଇଁ ଦେବାକୁ ନିଷ୍ପତ୍ତି ନେଇଛି, ଯାହାଦ୍ୱାରା ଗୋଟିଏ ଛାତତଳେ ପରିବହନ, ସେବା ଓ ପ୍ରଯୁକ୍ତିବିଦ୍ୟାର ଏକ ଅନନ୍ୟ ମିଶ୍ରଣ ସମ୍ଭବ ହୋଇପାରିବ। ଆଇଟି କମ୍ପାନୀ ହେବା ଫଳରେ ଦୈନିକ ଯାତ୍ରୀ ସଂଖ୍ୟା ବଢ଼ିବ, ଯାହା ଟର୍ମିନାଲ୍ ଭିତରେ ଥିବା ଦୋକାନୀମାନଙ୍କୁ ସିଧାସଳଖ ଲାଭ ପହଞ୍ଚାଇବ। ପୂର୍ବରୁ ଅନେକ ଦୋକାନୀ ବସ୍ ଟର୍ମିନାଲ୍ ବାହାରେ ବସିବାକୁ ବାଧ ହେଉଥିଲେ। ନୂଆ ବିଏସ୍ଏବିଟିରେ ସେମାନଙ୍କୁ ଶୀତତାପ ନିୟନ୍ତ୍ରିତ ଦୋକାନ ଘର ଯୋଗାଇ ଦିଆଯାଇଛି। ଯାହାଦ୍ୱାରା ସେମାନେ ସମ୍ମାନଜନକଭାବେ ରୋଜଗାର କରି ଜୀବିକା ନିର୍ବାହ କରିପାରିବେ ବୋଲି ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି। ପୂର୍ବରୁ ସେପ୍ଟେମ୍ବର ମାସରେ ବିଡିଏ ବିଏସ୍ଏବିଟିରେ ୧୧୨ଟି ଦୋକାନକୁ ହିତାଧିକାରୀଙ୍କୁ ଲଟେରି ମାଧ୍ୟମରେ ମାସିକ ଭଡ଼ା ଭିତ୍ତିରେ ଆବଣ୍ଟିତ କରିଥିଲା।



ପରମ ବିଶିଷ୍ଟ ସେବା ପଦକ, ଅତି ବିଶିଷ୍ଟ ସେବା ପଦକ, ସେବା ପଦକରେ ସମ୍ମାନିତ ମଧ୍ୟଭାରତ ଅଞ୍ଚଳ ମୁଖ୍ୟାଳୟର କମାଣ୍ଡିଂ ଜେନେରାଲ ଅଫିସର ଲ୍ୟୁଟନାଣ୍ଟ ଜେନେରାଲ ପି.ଏସ୍ ଶେଖାୱତ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରୁଛନ୍ତି।

## ହିଞ୍ଜିଳି କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କୁ ଆକ୍ରମଣ



### ଥାନାରେ ମାମଲା ରୁଜୁ

ହିଞ୍ଜିଳିକାଟୁ ,୬।୧ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ପାଢ଼ୀଙ୍କୁ ସିକିରି ଋଷିକୂଲ୍ୟା ନଦୀ ପାଖରେ ମଙ୍ଗଳବାର ମଧ୍ୟାହ୍ନରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣ ପରେ ଶ୍ରୀ ପାଢ଼ୀ ସଙ୍ଗେ ସଙ୍ଗେ ହିଞ୍ଜିଳିକାଟୁ ଥାନାରେ ଏକ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ସୋମବାର ଶ୍ରୀ ପାଢ଼ୀ ବିଭିନ୍ନ ସମସ୍ୟା ନେଇ ଗଞ୍ଜାମ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ତେବେ ହିଞ୍ଜିଳି ବ୍ଲକ ଶିକିରି ବାଲିଘାଟର ଜଳସମ୍ପଦ ବିଭାଗ ଓ ଖଣି ବିଭାଗର ଅନୁମତି ନଥିବା ସତ୍ତ୍ୱେ ବାଲି ଚୋରାଚାଲାଣ ହେଉଥିବା ନେଇ ଅଭିଯୋଗ କରିଥିଲେ। ତେବେ ଆଜି ସେଇ ବାଲି ଚୋରିକୁ ନେଇ ସ୍ଥାନୀୟ କିଛି ଲୋକେ ରଜନୀ ପାଢ଼ୀଙ୍କ ଉପସ୍ଥିତିରେ ଜେସିବି ମେସିନ ଲଗାଇ ରାସ୍ତାରେ ମାଟି ଖୋଲିଥିଲେ। ପରେ ଖରିଡ଼ା ଗ୍ରାମର କହ୍ନେଇ ପ୍ରଧାନ ସହ ଯୁକ୍ତିତର୍କ ହୋଇଥିବା ବେଳେ ଗଣ୍ଡଗୋଳର ରୂପ ନେଇ ଥିଲା। ପରେ ରଜନୀ ପାଢ଼ୀଙ୍କୁ ଆକ୍ରମଣ ହୋଇଥିଲା। ଆକ୍ରମଣରେ ରଜନୀଙ୍କ ମୁଣ୍ଡକୁ ଆଘାତ ହୋଇଥିବା ବେଳେ ରଜନୀ ହିଞ୍ଜିଳି ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ।

## ଲକ୍ଷାଧିକ ଟଙ୍କାର ବ୍ରାଉନସୁଗର ଜବତ, ୫ ଗିରଫ

ଭଦ୍ରକ, ୬।୧(ସଂଚାର ବ୍ୟୁରୋ): ସହରାଞ୍ଚଳ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିବା ୧ ଘଟିକା ସମୟରେ ପାଟ୍ରୋଲିଂ ସମୟରେ ଥାନା ପଛପଟ କୁଆଁସ ଅର୍ଜୁନ ସେତୁ ଉପରୁ ପୁରୁଣାବଜାର ଥାନା ଅଧୀନସ୍ଥ ନଙ୍ଗାମହଲା ନିବାସୀ ସେକ୍ ରାଜୁର ପୁତ୍ର ସେକ୍ ଅବଦୁଲ କାଦ୍ରୀ ଓ ଭଦ୍ରକ ସହରାଞ୍ଚଳ ଥାନା ଅଧୀନସ୍ଥ ମିରସାହି ନିବାସୀ ମିର୍ଜା ଆୟୁବଙ୍କ ପୁତ୍ର ମିର୍ଜା ବାବୁ ନିକଟରୁ ୧୫.୫ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଛି। ସେହିଭଳି ଆଜି ଅପରାହ୍ନ ୪.୧୫ ସମୟରେ ଚରମ୍ପା ମାଲ ଗୋଦାମ ନିକଟରୁ ଚରମ୍ପା ନିବାସୀ ଅର୍ଜୁନ ବେହେରାଙ୍କ ପୁତ୍ର ଅକ୍ଷୟ ନିକଟରୁ ୧୮ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି। ଏହି ଦୁଇଟି ଘଟଣାରେ ଏସଆଇ ରମ୍ୟରଞ୍ଜନ ପ୍ରଧାନ ଓ ଅଧିକାରୀ ମହାପାତ୍ର, କନେଷ୍ଟବଳ ମନୋଜ ପ୍ରଧାନ, ଚନ୍ଦନ ବେହେରା ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି।

## ଚୋରା ବାଲି ଓ ମାଟି ଚାଲାଣ କରୁଥିବା ୪ ଟ୍ରାକ୍ଟର ଜବତ

● ଖଣି ବିଭାଗର ଚଢ଼ାଉ

ଭଦ୍ରକ, ୬।୧(ସଂଚାର ବ୍ୟୁରୋ): ଧାମନଗର ତହସିଲ ଅଧୀନ କ୍ଷେତ୍ରପୁର ନିକଟସ୍ଥ ବୈତରଣୀ ନଦୀରେ ବେଆଇନ ବାଲି ଚାଲାଣ ପରେ ଖଣିବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ବାଲି ଚାଲାଣ କରୁଥିବା ଗୋଟିଏ ଟ୍ରାକ୍ଟରକୁ ଜବତ କରାଯାଇଥିବା ସହ ଏହାର ଡ୍ରାଇଭରକୁ ଅଟକ ରଖାଯାଇଛି। ତେବେ ଅନ୍ୟ କିଛି ଟ୍ରକ୍ ଓ ଟ୍ରାକ୍ଟର ଯାଜପୁର ଦିଗକୁ ପଳାୟନ କରିଥିବା ଜଣାପଡ଼ିଛି। ଏହାସହ ଧାମନଗର କଲେଜ ନିକଟସ୍ଥ ରାଣୀପୋଖରୀ ହୁଡ଼ାରେ ବେଆଇନ ଭାବେ ମାଟି ଖନନ ଓ ଚାଲାଣ କରୁଥିବା ୩ ଟି ଟ୍ରାକ୍ଟରକୁ ମଧ୍ୟ ଖଣି ବିଭାଗ ଜବତ କରିଛି। ଏହି ଘଟଣାରେ ଜବତ ୪ ଟି ଟ୍ରାକ୍ଟର ଉପରେ ଲକ୍ଷାଧିକ ଟଙ୍କା ଅର୍ଥଦଣ୍ଡ କରାଯିବା ନେଇ ସୂଚନା ଦେଇଛନ୍ତି ଭଦ୍ରକ ଜିଲ୍ଲାର କନିଷ୍ଠ ଖଣି ଅଧିକାରୀ ସୌମ୍ୟାରଞ୍ଜନ ଦ୍ୱିବେଦୀ କହିଛନ୍ତି।

## ୪ ଛାତ୍ର ପୋଡ଼ିଯିବା ଘଟଣାରେ କାର୍ଯ୍ୟାନୁଷ୍ଠାନ
# ୫ ଶିକ୍ଷକଙ୍କ ଦରମା ବନ୍ଦ ସହ କାରଣ ଦର୍ଶାଅ ନୋଟିସ



ରାୟଗଡ଼ା, ୬।୧(ସଂଚାର ବ୍ୟୁରୋ): ନିଆଁରେ ପୋଡ଼ିହୋଇ ୪ ଛାତ୍ର ଗୁରୁତର ହେବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲ୍ଲା ପ୍ରଶାସନ ପାଇକ ଡାକୁଲଗୁଡ଼ା ଉନ୍ନିତ ଉଚ୍ଚ ବିଦ୍ୟାଳୟର ୫ଜଣ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ୫ଜଣ ଶିକ୍ଷକଙ୍କ ଦରମା ବନ୍ଦ କରିବା ସାଙ୍ଗକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ଗୁରୁତର ହୋଇଥିବା ଜଣେ ସପ୍ତମ ଶ୍ରେଣୀ ଛାତ୍ର ଏବେ କଟକ ଏସସିବି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ପାଇକ ଡାକୁଲଗୁଡା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ନିଆଁରେ ପୋଡି ହୋଇ ୪ଜଣ ଛାତ୍ର ଗୁରୁତର ଆହତ ହୋଇଥିଲେ। ଆଉ ଜଣେ ଛାତ୍ର ତାଙ୍କୁ ଉପରେ ଥିନର ଢାଳି ନିଆଁ ଲଗାଇ ଦେଇଥିଲା। ଏହି ଘଟଣାରେ ଆଜି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶାନ୍ତିଲତା ମୁନିଙ୍କ ସମେତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପାଇକ ଡାକୁଲଗୁଡ଼ା ବିଦ୍ୟାଳୟକୁ ଯାଇ ଗ୍ରାଉଣ୍ଡ ଜିରୋରେ ତଦନ୍ତ କରିଥିଲେ। ଘଟଣାଟି ସ୍ପର୍ଶକାତର ହୋଇଥିବା ବେଳେ ଅଭିଭାବକମାନେ ଶିକ୍ଷକଙ୍କ ଖାମଖିଆଲ ମନୋଭାବକୁ ଦାୟୀ କରିଛନ୍ତି।

## ପାଠପଢ଼ାରେ ଏଆଇ ବ୍ୟବହାର କରନ୍ତୁ ଶିକ୍ଷାର୍ଥୀ



ଭୁବନେଶ୍ୱର ୬।୧(ସଂଚାର ବ୍ୟୁରୋ): ଡିଜିଟାଲ, କୃତ୍ରିମ ବୁଦ୍ଧିମତ୍ତା, ଆଇଓଟି, ରୋବୋଟିକ୍ସ ଏବଂ ସାଇବର୍ ସୂଚନା କ୍ଷେତ୍ରରେ ସାକ୍ଷରତା ପ୍ରଦାନ କରିବା ଲକ୍ଷ୍ୟ। ମଙ୍ଗଳବାରଠୁ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ତାଲିମ ପ୍ରଶିକ୍ଷଣ ଶିବିର। ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆ ସ୍ଥିତ ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଆଇଟି ଓ ଓକାକର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରଛାତ୍ରୀମାନେ ରୋବଟ୍, ଏଆଇ, ସାଇବର ସିକ୍ୟୁରିଟି କ୍ଷେତ୍ରରେ କିଛି ଲାଇଭ୍ ଡେମୋ ଦେଖାଇଥିଲେ।

ଏହି ଫିଲ୍ଡରେ ଦେଖାଦେଉଥିବା ସମସ୍ୟା କ'ଣ ରହିଛି ଓ କିପରି ଅଧିକ ରିସର୍ଚ୍ଚ କରି ବ୍ୟବହାର ସରଳ କରିହେବ ସେନେଇ ପ୍ରୋଜେକ୍ଟ ପ୍ରସ୍ତୁତ କରି ଦେଖାଇଥିଲେ। ପ୍ରାଥମିକ ସ୍ତରରେ ୧୦୦ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୨ ହଜାର ଛାତ୍ରଛାତ୍ରୀ ତାଲିମ ପାଇ ଜ୍ଞାନ ଆହରଣ କରିବେ। ବିକଶିତ ଭାରତରେ ସମସ୍ତ ଛାତ୍ରଛାତ୍ରୀଙ୍କ ବଡ଼ ଅବଦାନ ରହିବ ବୋଲି ଉଭୟ ମନ୍ତ୍ରୀ କହିଛନ୍ତି। ପାଠ ପଢାରେ ଛାତ୍ରଛାତ୍ରୀମାନେ ଏଆଇ ବ୍ୟବହାର କରନ୍ତୁ। ଏଆଇହେଉଛି ଚତୁର୍ଥ ଗୁରୁ। ବଡ଼ ସ୍ୱପ୍ନ ଦେଖ, ସ୍ୱପ୍ନ ପୂରଣ ଦିଗରେ ଏଆଇ ବହୁ ସାହାଯ୍ୟ କରିବ ବୋଲି କହିଛନ୍ତି ମନ୍ତ୍ରୀ। ଏହାଛଡା ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ଓ ଗବେଷଣା କରିବା ପାଇଁ ଷ୍ଟିମ ଆଣ୍ଡ ଏମର୍ଜିଂ ଟେକ୍ନୋଲୋଜି ଲ୍ୟାବ ଗବେଷଣା କେନ୍ଦ୍ର କରିବ ଆଇଟି ବିଭାଗ। ୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବ ଏହି ଅତ୍ୟାଧୁନିକ ଲ୍ୟାବ। ଅନ୍ଧାରୁଆ ଆଦର୍ଶ ବିଦ୍ୟାଳୟରେ ନିର୍ମାଣ ହେବ ବୋଲି ସୂଚନା ଦେଇଛନ୍ତି ଆଇଟି ମନ୍ତ୍ରୀ ମୁକେଶ ମହଲିଙ୍ଗ।

# ସାମ୍ବାଦିକା ଶିଳା ପଟ୍ଟନାୟକଙ୍କ ଅକାଳ ବିୟୋଗ

## ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ସହ ବିଭିନ୍ନ ଦଳର ଶୋକ ପ୍ରକାଶ



ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ): ଅକାଳରେ ନ୍ୟୁଜ-୭ର ସାମ୍ବାଦିକା ଶିଳା ପଟ୍ଟନାୟକଙ୍କ ଆଜି ପରଲୋକ ହୋଇଯାଇଛି। ଭୁବନେଶ୍ୱର-ପୁରୀ ରାସ୍ତାର ପିପିଲି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ତାଙ୍କର ଦେହାନ୍ତ ହୋଇଛି। ଏହି ଘଟଣା ପରେ ରାଜପଥରେ ପଡିଥିବା ବାଲିକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କଠୁ ନେଇ ଅନେକ ମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

ସକାଳେ ପଡ଼ୋଶୀ ଶିପିକା ପ୍ରିୟଦର୍ଶିନୀଙ୍କ ସହିତ ସ୍କୁଟୀରେ ପୁରୀ ଯାଉଥିଲେ ଶିଳା। ହଠାତ ଏକ ବସ୍ ପଛପଟୁ ଆସି ଉଭୟଙ୍କ ଉପରେ ଚଢ଼ିଗଲା। ମାତ୍ର କିଛି ସେକେଣ୍ଡରେ ଉଭୟ ଚାଲିଗଲେ ଆରପାରିକୁ। ଶିଳାଙ୍କ ପରିବାର ଲୋକ ଚକ୍ଷୁଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଘଟଣାରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଶୋକପ୍ରକାଶ କରାଯାଇଛି। ଶିଳା ପଟ୍ଟନାୟକଙ୍କ ଅକାଳ ବିୟୋଗରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଓଡିଆ ସାମ୍ବାଦିକତାରେ ସ୍ୱର୍ଗତଃ ପଟ୍ଟନାୟକଙ୍କ ଅବଦାନ ସର୍ବଦା ଚିରସ୍ମରଣୀୟ ହୋଇରହିବ। ତାଙ୍କ ବିୟୋଗ ସାମ୍ବାଦିକ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ସ୍ୱର୍ଗତଃ ପଟ୍ଟନାୟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ପିସିସି ସଭାପତି ଭକ୍ତ ଚରଣ ଏନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ତାଙ୍କ ଶୋକ ବାର୍ତ୍ତାରେ ଶ୍ରୀମତୀ ପଟ୍ଟନାୟକଙ୍କ ନିଷ୍ଠାପୂର୍ଣ୍ଣ ସେବା ଓ ଅବଦାନ ପାଇଁ ସେ ସଦା ସ୍ମରଣୀୟ ହୋଇ ରହିବେ ବୋଲି କହିଛନ୍ତି। ସେହିଭଳି ରାଜ୍ୟ ଯୁବ କଂଗ୍ରେସ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇ ଶ୍ରୀମତୀ ପଟ୍ଟନାୟକ ସାମ୍ବାଦିକା ଏବଂ ସମାଜସେବୀ ହିସାବରେ ତାଙ୍କର ପରିଚୟ ଅନନ୍ୟ ଥିଲା। ତାଙ୍କର ମୃତ୍ୟୁ ସାମ୍ବାଦିକତା ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କର ଏହି ଅକାଳ ବିୟୋଗରେ ତାଙ୍କ ପରିବାରଙ୍କୁ ସାନ୍ତ୍ୱନା ଦେବା ସହିତ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ବୋଲି ପ୍ରଦେଶ ଯୁବ କଂଗ୍ରେସର ସଭାପତି ରଞ୍ଜିତ କୁମାର, ସାଧାରଣ ସମ୍ପାଦକ ସୁଦୀପ ସାମଲ, ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ଗୁଲଫାମ୍, ଲକ୍ଷ୍ମୀପ୍ରିୟା ନାୟକ, ଲିପିକା ପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କ ଅକାଳ ବିୟୋଗରେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଲା ବିଜେଡି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ଼ ଲେନିନ୍ ମହାନ୍ତି ଏବଂ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସୀତା ସାହୁ, ମୁଖପାତ୍ର ମିହିର ରାୟ ପ୍ରମୁଖ ଗୋଟିଏ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ।

● ଆଜି ଶ୍ରୀବିଗ୍ରହଙ୍କ ବନକଲାଗି ନୀତି

## ୫ ଘଣ୍ଟା ବନ୍ଦରହିବ ସର୍ବସାଧାରଣ ଦର୍ଶନ



ପୁରୀ,୬।୧(ସଂଚାର ବ୍ୟୁରୋ): ବୁଧବାର ମାଘ ମାସ କୃଷ୍ଣ ପକ୍ଷ ଚତୁର୍ଥୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଆପାତତଃ ଅପରାହ୍ନ ୫ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରାୟ ୫ ଘଣ୍ଟା ଧରି ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଦତ ମହାପାତ୍ର ସେବକମାନେ ଶ୍ରୀଜୀଉଙ୍କ ଏହି ଗୁପ୍ତ ନୀତି ସମାପନ କରିବେ। ଶ୍ରୀଜୀଉଙ୍କ ବନକ ଲାଗି ତଥା ଶ୍ରୀମୁଖ ଶୃଙ୍ଗାରରେ ପ୍ରାକୃତିକ ରଙ୍ଗ ହିଙ୍ଗୁଳ, ହରିତାଳ, ପ୍ରିୟଙ୍ଗୁ, କସ୍ତୁରୀ, କଳା, ଧଳା ଓ ନାଲି ରଙ୍ଗର ବ୍ୟବହାର ହୋଇଥାଏ। ବନକଲାଗି ଶ୍ରୀଜୀଉଙ୍କ ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିଥାଏ। ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ଅନୁଷ୍ଠିତ ହେବ।

## ବାପାର ଛୁରାମାଡ଼ରେ ପୁଅ ଗୁରୁତର

ପୁରୀ,୬।୧(ସଂଚାର ବ୍ୟୁରୋ): ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ସଂଗ୍ରାମ କ୍ଲବ ନିକଟରେ ଘଟିଛି ଏକ ଅଭାବନୀୟ ଘଟଣା। ପୁଅକୁ ଛୁରା ମାଡ଼ କରି ନିଜେ ବାପା ମଧ୍ୟ ଗୁରୁତର ହୋଇଛି। ଛୁରାମାଡର ଶିକାର ହୋଇଥିବା ଯୁବକ ଜଣକ ଅଠରନଳାର ଶିବୁ ମଣ୍ଡଳ ଏବଂ ଗୁରୁତର ତାଙ୍କ ବାପା ଜଗନ୍ନାଥ ମଣ୍ଡଳ। ଚିକିତ୍ସା ପାଇଁ ଉଭୟଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ନିଶାସକ୍ତ ଅବସ୍ଥାରେ ଜଗନ୍ନାଥ ଏଭଳି କାରନାମା କରିଥିବା ଅଭିଯୋଗ ହୋଇଛି। ତେବେ ଜଗନ୍ନାଥ ଜଣେ ଅଟୋ ଚାଳକ ଥିବାବେଳେ ଅତ୍ୟଧିକ ମଦ୍ୟପାନ କରି ପୁଅକୁ ସଂଗ୍ରାମ କ୍ଲବ ନିକଟକୁ ଡାକିଥିଲେ। ପୁଅ ଆସି ତାଙ୍କ ସହିତ କଥାବାର୍ତ୍ତା ହେଉଥିବା ସମୟରେ ଛୁରୀରେ ପୁଅକୁ ଅତର୍କିତ ଆକ୍ରମଣ କରିଥିଲେ। ବାପାର ଆକ୍ରମଣରେ ଶିବୁର ଛାତିରେ ଗଭୀର ଆଘାତ ଲାଗିଛି। ନିଜକୁ ବଞ୍ଚାଇବାକୁ ଉଦ୍ୟମ କରିବା ବେଳେ ଛୁରୀଟି ତାଙ୍କ ବାପା ଜଗନ୍ନାଥଙ୍କ କାନ ପାଖରେ ବାଜିଥିଲା। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଉଭୟଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ କୁମ୍ଭାରପଡା ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

### ଆର୍‌ଟିଆଇ ଆବେଦନକାରୀଙ୍କ ଦ୍ୱାରା ଲାଞ୍ଚ ଦାବି ଅଭିଯୋଗ
## ପୁଲିସ ତଦନ୍ତ ପାଇଁ ଓଡ଼ିଶା ସୂଚନା କମିଶନଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ): ଓଡିଶା ସୂଚନା କମିଶନ ଲାଞ୍ଚ ଅଭିଯୋଗରେ ଜଡିତ ଜଣେ ଅଭ୍ୟାସଗତ ଆରଟିଆଇ ଆବେଦନକାରୀଙ୍କ ବିଷୟରେ ତଦନ୍ତ କରିବାକୁ ପୁଲିସ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କମିଶନ ପକ୍ଷରୁ ରେଜିଷ୍ଟ୍ରାର ଉପଯୁକ୍ତ ତଦନ୍ତ ପାଇଁ ଓଡିଶା ପୁଲିସ ମହାନିର୍ଦ୍ଦେଶକଙ୍କୁ ଏକ ପତ୍ର ଲେଖିଛନ୍ତି।

କମିଶନ ସମ୍ପ୍ରତି ଏକ ଭିଡିଓ କ୍ଲିପ୍ ସହିତ ଏକ ଅଭିଯୋଗ ପାଇଛନ୍ତି। ଏଥିରେ ବଲାଙ୍ଗୀର ଜିଲ୍ଲାର ଟଙ୍କଧର ସାହୁ ନାମକ ଜଣେ ଆରଟିଆଇ ଆବେଦନକାରୀ ତାଙ୍କର ଆରଟିଆଇ ଅଭିଯୋଗ ପ୍ରତ୍ୟାହାର କରିବା ପାଇଁ ଜନ ସୂଚନା ଅଧିକାରୀଙ୍କଠାରୁ ବେଆଇନ ଅର୍ଥ ଦାବି କରୁଥିବା ଦେଖାଯାଇଛି। ରେକର୍ଡ ଯାଞ୍ଚ କରିବା ପରେ ଜଣାଯାଇଛି ଯେ, ଉକ୍ତ ଆବେଦନକାରୀ ବିଭିନ୍ନ ସରକାରୀ ବିଭାଗ ବିରୁଦ୍ଧରେ ଶହ ଶହ ଆରଟିଆଇ ଆବେଦନ ଦାଖଲ କରିଛନ୍ତି। ଆବେଦନକାରୀ ପ୍ରାୟତଃ ଭୁବନେଶ୍ୱରରେ ଡେରା ପକାଇ ଓଡ଼ିଶା ସୂଚନା କମିଶନଙ୍କ ସମ୍ମୁଖରେ ଶୁଣାଣିରେ ଯୋଗ ଦେଉଥିବା ପିଆଇଓ ଏବଂ ପ୍ରଥମ ଆପିଲେଟ୍ କର୍ତ୍ତୃପକ୍ଷଙ୍କଠାରୁ ଲାଞ୍ଚ ଦାବି କରୁଥିଲେ। ଏହି ମାମଲାକୁ କମିଶନର ପୂର୍ଣ୍ଣାଙ୍ଗ ଖଣ୍ଡପୀଠଙ୍କ ସମ୍ମୁଖରେ ରଖାଯାଇଥିଲା। ଏହାର ବିଚାର ପରେ, ଭିଡିଓ କ୍ଲିପ୍ ଏବଂ ସମ୍ପର୍କିତ ସାମଗ୍ରୀ ସହିତ ମାମଲାକୁ ତଦନ୍ତ ପାଇଁ ପୁଲିସ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇବାକୁ କମିଶନଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। କମିଶନ ମଧ୍ୟ ଉକ୍ତ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ମାମଲାକୁ ପୁଲିସ ତଦନ୍ତ ସମାପ୍ତ ନହେବା ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି।

### ରାଜ୍ୟର ପ୍ରଥମ ଚିଲିକା ଦେଶୀଡଙ୍ଗା ଚାଳନା ପ୍ରତିଯୋଗିତା ଉଦଘାଟିତ
## 'ଚିଲିକା ପର୍ଯ୍ୟଟନସ୍ଥଳୀ ପ୍ରାକୃତିକ ସମ୍ପଦର ଅନନ୍ୟ ସମ୍ଭାର'



ଚିଲିକା/ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ): ଚିଲିକା ପର୍ଯ୍ୟଟନସ୍ଥଳୀ ପ୍ରାକୃତିକ ସମ୍ପଦର ଅନନ୍ୟ ସମ୍ଭାର। ଚିଲିକାର ବେଦେଶାଗତ ପକ୍ଷୀଙ୍କ ଆଗମନ, ନୌବାଣିଜ୍ୟ, ମତ୍ସ୍ୟଜୀବୀମାନଙ୍କ ଡଙ୍ଗାଚାଳନା ଓ ମାଛଧରା ପ୍ରଣାଳୀ, ଜୀବନଯାପନ ବିସ୍ତୃତ ଜଳରାଶିରେ ଗମନାଗମନ ପର୍ଯ୍ୟଟକମାନଙ୍କୁ ଅତ୍ୟନ୍ତ ବିମୋହିତ କରିଥାଏ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଆଜି ପ୍ରଥମ ଦେଶୀ ଡଙ୍ଗାଚାଳନା ପ୍ରତିଯୋଗିତା ପ୍ରଥମ ସଂସ୍କରଣକୁ ଅପରାହ୍ନରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦଘାଟନ କରି ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ଆହୁରି ସେ କହିଛନ୍ତି ଚିଲିକା ପର୍ଯ୍ୟଟନ ସ୍ଥଳୀ ଅନ୍ତର୍ଜାତୀୟ କ୍ଷେତ୍ରରେ କିପରି ଆହୁରି ପର୍ଯ୍ୟଟକ ମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ବୋଲି ସରକାର ପ୍ରକୃତିର ସୁରକ୍ଷା, ମତ୍ସ୍ୟଜୀବୀଙ୍କ ପାରମ୍ପରିକ ବେଉସା, ବେଦେଶାଗତ ପକ୍ଷୀଙ୍କ ଅଧିକ ଆଗମନ ଲାଗି ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଭିଜନରେ ନୂତନ ଅଧ୍ୟାୟ ସୃଷ୍ଟିକରି ପର୍ଯ୍ୟଟନର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସମାରୋହରେ ବିଧାୟକ ଖଲ୍ଲିକୋଟ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଧାୟକ, ଖୋର୍ଦ୍ଧା, ପ୍ରଶାନ୍ତ କୁମାର ଜଗଦେବ, ପର୍ଯ୍ୟଟନ ବିଭାଗ ଶାସନ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ, ଦୀପଙ୍କର ମହାପାତ୍ର ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଏବଂ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଏହି ପ୍ରଥମ ସଂସ୍କରଣରେ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ୮୧ ଟି ମୋଟ ଦେଶୀଡଙ୍ଗା ସମିତି ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି। ଆଜି ୪୫ ଦଳ ଅଂଶଗ୍ରହଣ କରିଥିଲେ। ୭୦୦ ମିଟର ଜଳରାଶିରେ ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଦଳ ଚୂଡାନ୍ତ ପର୍ଯ୍ୟାୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ସୁରକ୍ଷା ନିମନ୍ତେ ଅଗ୍ନିଶମ ସେବା, ସ୍କୁବା ଡ୍ରାଇଭର, ଓଡ୍ରାଫ, ପୁଲିସ ପ୍ରଶାସନ, ସମସ୍ତେ ସେବା ଯୋଗାଇଦେବା ପାଇଁ ନିୟୋଜିତ ହୋଇଛନ୍ତି।

# ୧୭ରେ ବରିଷ୍ଠ ପୁଲିସ ଅଫିସର୍ସ ସମ୍ମିଳନୀ

● ୨୦୨୧ରେ ଶେଷ ଥର ପାଇଁ ହୋଇଥିଲା ସମ୍ମିଳନୀ
● ଆଇନଶୃଙ୍ଖଳା ଓ ମାଓ ଦମନ ନେଇ ହେବ ରୋଡ୍‌ମ୍ୟାପ



ଭୁବନେଶ୍ୱର,୬।୧(ସଂଚାର ବ୍ୟୁରୋ): ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ ତିନିଦିନିଆ ରାଜ୍ୟସ୍ତରୀୟ ଓଡ଼ିଶା ପୁଲିସ ଅଫିସର୍ସ ସମ୍ମିଳନୀ। ଏଥିପାଇଁ ଆଜି ପୁଲିସ ମୁଖ୍ୟାଳୟରେ ପ୍ରାୟ ୯ ଘଣ୍ଟାର ଏକ ମାରାଥନ୍ ବୈଠକ ଅନୁଷ୍ଠିତ ହୋଇଛି। ପୁଲିସ ଡିଜି ୱାଇବି ଖୁରାନିଆଙ୍କ ଉପସ୍ଥିତିରେ ୨୫ରୁ ଅଧିକ ବରିଷ୍ଠ ଆଇପିଏସ୍ ଅଫିସର ଆଜିର ବୈଠକରେ ଯୋଗଦେଇ ପ୍ରସ୍ତାବିତ ବରିଷ୍ଠ ଅଫିସର୍ସ ସମ୍ମିଳନୀ ପାଇଁ ଏଜେଣ୍ଡା ପ୍ରସ୍ତୁତ କରିଛନ୍ତି। ଏହି ରାଜ୍ୟସ୍ତରୀୟ ସମ୍ମିଳନୀରେ କ୍ରାଇମବ୍ରାଞ୍ଚ୍ ଡିଜି ଓ ଗୁଇନ୍ଦା ଡିଜିଙ୍କ ସମେତ ନକ୍ସଲ ଦମନ ଅଭିଯାନର ଏଡିଜି, ଆଇନଶୃଙ୍ଖଳା ଏଡିଜି ଓ ଏସସିଆରବି ନିର୍ଦ୍ଦେଶକଙ୍କୁ ନିଜ ନିଜ କ୍ଷେତ୍ରରେ ୨୦୨୫ ଜାତୀୟ ଡିଜିପି ସମ୍ମିଳନୀର ସୁପାରିସ୍‌ଗୁଡ଼ିକର କାର୍ଯ୍ୟକାରିତ ଉପରେ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ତଥ୍ୟ ରଖିବାକୁ କୁହାଯାଇଛି। ଆଜିର ବୈଠକରେ ଏହି ଅଫିସରମାନେ ଉପସ୍ଥିତ ରହି ନିଜ ନିଜ ବିଭାଗ ସହ ଜଡ଼ିତ ସୁପାରିସ୍‌ଗୁଡ଼ିକ ଉପରେ ମଧ୍ୟ ଆଲୋଚନା କରିଥିବା ସୂଚନା ମିଳିଛି। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତା, ସାଇବର ସୁରକ୍ଷା ଓ ମାଓବାଦୀ ଦମନ ପରି ଜାତୀୟ ଗୁରୁତ୍ୱ ବହନ କରୁଥିବା ପ୍ରସଙ୍ଗଗୁଡ଼ିକ ଉପରେ ରଣନୀତି ପ୍ରସ୍ତୁତ କରାଯିବ ବୋଲି ଜଣାପଡ଼ିଛି।

## ସ୍କୁଟିରୁ ଗୋରୁ ଚମଡ଼ା ଜବତ ପରେ ଉତ୍ତେଜନା

● କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ



ବାଲିପାଟଣା,୬।୧(ସଂଚାର ବ୍ୟୁରୋ): ବାଲିପାଟଣା ଥାନା ଅନ୍ତର୍ଗତ ଗୋପ ବ୍ରାଞ୍ଚ୍ କେନାଲ ବନ୍ଧ ହଂସପାଳରୁ ନିମାପଡ଼ା ରାସ୍ତାରେ ଏକ ସ୍କୁଟିରୁ ଜବତ ହେଇଛି ଗୋରୁ ଚମଡ଼ା। ସୂଚନା ଯୋଗ୍ୟ ମଙ୍ଗଳବାର ସକାଳୁ ସ୍ଥାନୀୟ ସିରିପାରୀ ଗ୍ରାମର ଜନୈକ ବ୍ୟବସାୟୀ ଗୋଟିଏ ସ୍କୁଟିରେ ଗୋଟିଏ ଷଣ୍ଢ ଓ ୩ ଗାଈଙ୍କ ମୃତ୍ୟୁ ପରେ ଚମଡ଼ା ଲଦି ନେଇ ଯାଉଥିଲେ। ଗୋପ ବ୍ରାଞ୍ଚ୍ କେନାଲ ବନ୍ଧ ହଂସପାଳରୁ ନିମାପଡ଼ା ରାସ୍ତାରେ ସ୍କୁଟିକୁ ବଜରଙ୍ଗ ଦଳ କର୍ମୀ ଅଟକାଇ ଯାଞ୍ଚ୍ କରିଥିଲେ। ଅଧିକ ପଚରାଉଚର ପରେ ଗୋରୁ ଚମଡ଼ା ଥିବା ଜଣା ପଡିଥିଲା। ଏହାକୁ ନେଇ ବଜରଙ୍ଗ ଦଳ କର୍ମୀମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଏହା ମଧ୍ୟରେ ଚାଲାଣ କରୁଥିବା ବ୍ୟକ୍ତି ଜଣଙ୍କ ସୁଯୋଗ ଉଣ୍ଡି ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଏହାକୁ ନେଇ ଉତ୍ୟକ୍ତ ଲୋକେ ହଂସପାଳ- ନିମାପଡ଼ା ରାସ୍ତାକୁ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଅଞ୍ଚଳରେ ପ୍ରତ୍ୟେକ ସମୟରେ ଗୋ ମାଂସ ଚାଲାଣ କରାଯାଉଛି। ପୁଲିସ ଗୋଚାଲାଣ ଉପରେ ରୋକ ଲଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି। ତେବେ ଗୋ ଚାଲାଣକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୫,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୪,୫୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୫,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୪,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୫,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୪,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୫,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୪,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୬,୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୫,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୫,୮୨୦ ଓ ୧,୨୪,୫୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ଭାରତରେ ଲଞ୍ଚ ହେଲା ସାଓମିର ନୂଆ ସ୍ମାର୍ଟଫୋନ୍

ନୂଆଦିଲ୍ଲୀ, ୬।୧: ସାଓମି ଭାରତରେ ନିଜର ନୂଆ ସ୍ମାର୍ଟଫୋନ୍ ରେଡମି ନୋଟ୍ ୧୫ ଲଞ୍ଚ କରିଛି। ଏହା ଭାରତରେ ଏହିବର୍ଷର ପ୍ରଥମ ସ୍ମାର୍ଟଫୋନ୍। ରେଡମି ନୋଟ୍ ୧୪ର ଅପ୍‌ଗ୍ରେଡ୍ ମଡେଲ୍ ହେଉଛି ନୋଟ୍ ୧୫; ଏଥିରେ କର୍ଭଡ୍ ଡିସ୍‌ପ୍ଲେ, କ୍ୱାଲ୍‌କମ୍ ସ୍ନାପ୍‌ଡ୍ରାଗନ୍ ପ୍ରୋସେସର୍ ଓ ୧୦୮ଏମପିର କ୍ୟାମେରା ରହିଛି। ଏହାସହିତ କମ୍ପାନି ସାଓମି ପ୍ୟାଡ ୨ ପ୍ରୋକୁ ମଧ ଲଞ୍ଚ କରିଛି। ରେଡମି ନୋଟ୍ ୧୫ର ପ୍ରାରମ୍ଭିକ ମୂଲ୍ୟ ରହିଛି ୨୨,୯୯୯ ଟଙ୍କା। ଯେଉଁଥିରେ ୮ଜିବି ରାମ୍ ଓ ୧୨୮ ଜିବି ଇଣ୍ଟର୍ନାଲ୍ ଷ୍ଟୋରେଜ୍ ରହିଛି। ବ୍ୟାଙ୍କ କାର୍ଡ ବ୍ୟବହାର କଲେ ଏହା ଉପରେ ୩ହଜାର ଟଙ୍କାର କ୍ୟାସ୍‌ବ୍ୟାକ୍ ମିଳିବ। କ୍ୟାସ୍‌ବ୍ୟାକ୍ ମିଳିବା ପରେ ଏହାର ମୂଲ୍ୟ ୧୯,୯୯୯ ଟଙ୍କା ହୋଇଯିବ। ଏହାର ଟପ୍ ଭାରିଆଣ୍ଟର ପ୍ରାରମ୍ଭିକ ମୂଲ୍ୟ ରହିଛି ୨୪,୯୯୯ ଟଙ୍କା। ଏହାଉପରେ ମଧ ୩ ହଜାର ଟଙ୍କାର ଇନ୍‌ଷ୍ଟାଣ୍ଟ କ୍ୟାସ୍‌ବ୍ୟାକ୍‌ର ଲିଷ୍ଟ ରହିଛି। ରେଡମି ନୋଟ ୧୫ରେ ୬.୭୭ଇଞ୍ଚର ଆମୋଲେଡ୍ ଡିସ୍‌ପ୍ଲେ ରହିଛି; ଯାହାସହିତ ୧୨୦ ଗିଗାହର୍ଜ ରିଫ୍ରେସ୍ ରେଟ୍ ବି ଉପଲବ୍ଧ। ଏଥିରେ




୩୨୦୦ ଏନଆଇଟିଲଏସର ପିକ୍ ବ୍ରାଇଟ୍‌ନେସ୍ ମିଳୁଛି। ଏହି ଡିସ୍‌ପ୍ଲେ ଟିୟୁଭି ଟ୍ରିପଲ୍ ଆଇ କେୟାର୍ ପ୍ରୋଟେକ୍‌ସନ୍ ସହିତ ଆସୁଛି। ଏହାସହିତ ଏଥିରେ ହାଇଡ୍ରୋ ୨.୦ ଟଚ୍‌ର ସପୋର୍ଟ ମଧ ଯୋଡ଼ାଯାଇଛି। ରେଡମି ନୋଟ୍ ୧୫ରେ କ୍ୱାଲ୍‌କମ୍ ସ୍ନାପ୍‌ଡ୍ରାଗନ୍ ୬ ଜେନ୍ ୩ ଚିପ୍‌ସେଟ୍ ବ୍ୟବହାର କରାଯାଇଛି। ଯାହାଦ୍ୱାରା ଏହା ୪୮ଘଣ୍ଟା କାମ କରିବ ବୋଲି କମ୍ପାନି ଦାବି କରୁଛି। ଏଥିରେ ୮ଜିବି ରାମ୍ ଓ ଇଣ୍ଟର୍‌ନାଲ୍ ଷ୍ଟୋରେଜ୍ ଭଳି ଦୁଇଟି ବିକଳ୍ପ ୧୨୮ଜିବି ଓ ୨୫୬ଜିବି ଇଣ୍ଟର୍‌ନାଲ୍ ଷ୍ଟୋରେଜ୍ ଦିଆଯାଇଛି। ରେଡମି ନୋଟ୍ ୧୫ରେ ୧୦୮ଲଏମପିର ଡୁଅଲ୍ ରିଅର୍ କ୍ୟାମେରା ସେଟ୍‌ଅପ୍ ଦିଆଯାଇଛି। ଏଥିରେ ଅପ୍ଟିକାଲ୍ ଇମେଜ୍ ଷ୍ଟେବ୍‌ଲାଇଜେସନ୍ ଓ ୪କେ ରେକର୍ଡିଂର ସପୋର୍ଟ ମିଳିବ। ଏହି ହ୍ୟାଣ୍ଡସେଟ୍ ୮ଏମପି ସେକେଣ୍ଡାରି କ୍ୟାମେରା ଓ ୨୦ଏମପି ଫ୍ରଣ୍ଟ କ୍ୟାମେରା ସହିତ ଆସିଛି। ରେଡମି ନୋଟ୍ ୧୫ରେ ୫୫୨୦ଏମଏଏଚର ବ୍ୟାଟେରି ଦିଆଯାଇଛି। ଯାହାକୁ ଚାର୍ଜ କରିବା ପାଇଁ ୪୫ଡବ୍ଲ୍ୟୁର ଚାର୍ଜର୍ ଦିଆଯାଇଛି। ଏହି ଫୋନ୍ ସିଙ୍ଗଲ୍ ଚାର୍ଜରେ ଗୋଟେ ଦିନରୁ ଅଧିକ ବ୍ୟାଟେରି ବ୍ୟାକ୍‌ଅପ୍ ଦେବ ବୋଲି କମ୍ପାନି ପକ୍ଷରୁ ଦାବି କରାଯାଇଛି।




## ବଜାରରେ ଭେନେଜୁଏଲା ତାତି

# ସୁନା, ରୁପା ମହଙ୍ଗା ହେଲା

ମୁମ୍ବାଇ, ୬।୧: ଏକ ସାମରିକ ଅଭିଯାନ ଜରିଆରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଆମେରିକା ଗିରଫ କରି ଉଠାଇ ଆଣିବା ପରେ ଦେଖାଦେଇଥିବା ସଙ୍କଟର ପ୍ରଭାବ ଆଜି ଭାରତର ବିଭିନ୍ନ ବଜାର ଉପରେ ପଡ଼ିଥିଲା। ଷ୍ଟକ୍ ବଜାରଠାରୁ ଆରମ୍ଭ କରି ମୁଦ୍ରା ପର୍ଯ୍ୟନ୍ତ ସବୁଆଡ଼େ ଏହାର ତାତି ପରିଲକ୍ଷିତ ହୋଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୩୨୨ ପଏଣ୍ଟ ହ୍ରାସ ପାଇ ୮୫,୪୩୯ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୭୮.୨୫ ପଏଣ୍ଟ ହ୍ରାସ ପାଇ ୨୬,୨୫୦ ପଏଣ୍ଟରେ ବନ୍ଦ ହୋଇଛି। ସେନ୍ସେକ୍ସର ଅଂଶ ଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଇନ୍ଫୋସିସ୍, ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍, ବଜାଜ ଫାଇନାନ୍ସ ଓ ଟିସିଏସ୍ ସେୟାର ମୂଲ୍ୟରେ ୨ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଘଟିଛି। ଅନ୍ୟ ପକ୍ଷରେ ମୁଦ୍ରା ବିନିମୟ ବଜାରରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଆହୁରି ଦୁର୍ବଳ ହୋଇପଡ଼ିଛି। ଏକ ଡଲାର ମୂଲ୍ୟ ୯୦ ଟଙ୍କା ୨୮ ପଇସା ହୋଇଯାଇଛି। ଦୁର୍ବଳ ଇକ୍ୱିଟି ବଜାର ଓ ଭେନେଜୁଏଲା ସଙ୍କଟ ପାଇଁ ସାରା ବିଶ୍ୱରେ ଡଲାର ପୁଣି ଶକ୍ତିଶାଳୀ ହୋଇଛି। ଆଜି ବଜାର ଖୋଲିବା ବେଳକୁ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୦ ଟଙ୍କା ୨୧ ପଇସା ଥିଲା। ଏକ ସମୟରେ ଡଲାର ଦାମ୍ ୯୦ ଟଙ୍କା ୫୦ ପଇସା ହୋଇଯାଇଥିଲା। କିନ୍ତୁ ବଜାର ବନ୍ଦ ହେବା ବେଳକୁ ସେଥିରେ ସୁଧାର ଘଟି ୯୦ ଟଙ୍କା ୨୮ ପଇସାକୁ ଖସିଆସିଥିଲା। ଲଗାତାର ଚତୁର୍ଥ କାରବାର ଦିନରେ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହୋଇଛି ଯାହା ଭାରତୀୟ ଆମଦାନୀକୁ ମହଙ୍ଗା କରୁଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନା ଓ ରୁପା ଦର ମଧ ବଢ଼ିଛି। ଭୂରାଜନୈତିକ ଆହୁରି ଗମ୍ଭୀର ହୋଇଥିବାରୁ ନିବେଶକମାନେ ଏହି ଦୁଇ ସୁରକ୍ଷିତ ଧାତୁରେ ନିବେଶ ବଢ଼ାଇଛନ୍ତି। ତାହାର ପ୍ରଭାବରେ ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ସୁନାର ୧୦ ଗ୍ରାମ ପିଛା ଦାମ୍ ୧,୩୬,୩୦୦ ଟଙ୍କାକୁ ବୃଦ୍ଧି ପାଇଛି। ରୁପାର କେଜି ପିଛା ଦାମ୍ ମଧ ୨,୪୯,୯୯୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଅନ୍ତର୍ଜାତୀୟ ବଜାରରେ ସୁନାର ଆଉନ୍ସ ପିଛା ଦାମ୍ ଡଲାର ଓ ରୁପାର ଆଉନ୍ସ ପିଛା ଦର ୭୫.୯୬ ଡଲାରକୁ ବୃଦ୍ଧି ପାଇଛି। ତେବେ, ଭେନେଜୁଏଲା ସଙ୍କଟ ଯେଉଁ କ୍ଷେତ୍ରକୁ ସର୍ବାଧିକ ପ୍ରଭାବିତ କରିବା ଆଶଙ୍କା କରାଯାଉଥିଲା ତାହା ହେଉଛି ଅଶୋଧିତ ତୈଳ। ସେହି ବଜାରରେ ବିଶେଷ କରି ପ୍ରଭାବ ପଡ଼ିନାହିଁ। ଓଲଟା ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦାମ୍ ୬୦ ଡଲାର ପର୍ଯ୍ୟନ୍ତ ହ୍ରାସ ପାଇଛି।




# ଲଞ୍ଚ ହେଲା ରିୟଲମି ୧୬ପ୍ରୋ ଏବଂ ରିୟଲମି ୧୬ପ୍ରୋ ପ୍ଲସ

ନୂଆଦିଲ୍ଲୀ, ୬।୧: ରିୟଲ୍‌ମିର ଜବରଦସ୍ତ ବଜେଟ୍ କ୍ୟାମେରା ସ୍ମାର୍ଟଫୋନ୍ ରିୟଲମି ୧୬ପ୍ରୋ ଏବଂ ରିୟଲମି ୧୬ପ୍ରୋ Plus ଭାରତରେ ଲଞ୍ଚ ହୋଇଛି। ଅପର ମିଡ୍ ରେଞ୍ଜ ସେଗ୍‌ମେଣ୍ଟରେ ନିଜ ସ୍ଥାନ ପକ୍କା କରିବା ଉଦ୍ଦେଶ୍ୟରେ ରିୟଲମି ଏହି ସ୍ମାର୍ଟଫୋନ ଲଞ୍ଚ କରିଛି। ଏହାର ଦାମ ୩୧,୯୯୯ ଟଙ୍କାରୁ ଆରମ୍ଭ ହୋଇ ୪୪,୯୯୯ ଟଙ୍କା ପର୍ଯ୍ୟନ୍ତ ରଖାଯାଇଛି। ବର୍ତ୍ତମାନର ମହଙ୍ଗ ମାର୍କେଟ୍ରେ ରିୟଲମିର ଏହି ସ୍ମାର୍ଟଫୋନ ଲୋକଙ୍କୁ ସୁହାଇବ। ପୂର୍ବ ମଡେଲ ତୁଳନାରେ ପ୍ରୋ ପ୍ଲସରେ ସାମାନ୍ୟ ଉନ୍ନତି ହୋଇଛି। ଏଥିରେ ରିୟଲମି ଡିଜାଇନ୍, କ୍ୟାମେରା, ବ୍ୟାଟେରୀ ପାୱାର ଏବଂ ଡ୍ୟୁରେବିଲିଟି ଅପଗ୍ରେଡ୍ କରିଛି। ଉଭୟ ଫୋନ୍ ଏବେ ଫ୍ଲପକାର୍ଟ ଏବଂ ରିୟଲମି ଇଣ୍ଡିଆ ଅନଲାଇନ୍ ଷ୍ଟୋର ମାଧ୍ୟମରେ ଉପଲବ୍ଧ। ରିୟଲମି ୧୬ପ୍ରୋ ପ୍ଲସ ବିଶେଷକରି ଏହି କ୍ୟାମେରା ଫୋକସ ସ୍ମାର୍ଟଫୋନ। ଏଥିରେ ସ୍ନାପଡ୍ରାଗନ ୭ ଜେନ୍ ୭ ଜେନ ୪ ଚିପ୍ସେଟ ଦିଆଯାଇଛି। ୭୦୦୦ଏମ୍‌ଏଏଚ୍ରେ ବ୍ୟାଟେରୀ ସାଂଗକୁ ୮୦ ୱାଟ୍ର ଚାର୍ଜର ରହିଛି। ଫଟୋଗ୍ରାଫୀ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ବେସ୍ ଭ୍ୟାରିଏଣ୍ଟ ଅପେକ୍ଷା ପ୍ରୋପ୍ଲସ୍ ଟିକେ ଉନ୍ନତ। ଅନ୍ୟ ମିଡ୍ରେଞ୍ଜ ସ୍ମାର୍ଟଫୋନ ଅପେକ୍ଷା ଏଥିରେ ଭଲ କ୍ୟାମେରା କ୍ୱାଲିଟି ଜୁମ କ୍ୱାଲିଟି ଦିଆଯାଇଛି। ୨୦୦ ମେଗାପିକ୍ସେଲର ପ୍ରାଇମେରି କ୍ୟାମେରା ସାଂଗକୁ ୫୦-୫୦ ମେଗାପିକ୍ସେଲ୍ର ପେରିସ୍କୋପ ଓ ଟେଲିଫଟୋ ଲେନ୍ସ ଦିଆଯାଇଛି। ଏଥିରେ ୩.୫ ଅପ୍ଟିକାଲ ଜୁମ ରହିଛି, ଯାହା ଅନ୍ୟ ମିଡ୍ରେଞ୍ଜ ଫୋନ୍ ଠାରୁ କ୍ଲିୟର ଜୁମ ରହିବ। ୫୦ ମେଗାପିକ୍ସେଲ୍ର ପେରିସ୍କୋପ ଲେନ୍ସରେ ଗ୍ରାହକ ଫ୍ଲାଗ୍‌ସିପ୍ ଲେବଲ ଫୋନ ଭଳି ଦୂରତାର ଫଟୋ ଉଠାଇପାରିବେ। ରିୟଲମି ୧୬ପ୍ରୋ ପ୍ଲସରେ କର୍ଭ ଆମୋଲେଡ୍ ଡିସପ୍ଲେ ଦିଆଯାଇଛି। ଏହା ୬,୫୦୦ ଏନଆଇଟିଏସ ପର୍ଯ୍ୟନ୍ତ ପିକ୍ ବ୍ରାଇଟନେସ୍, ଅଲ୍ଟ୍ରା-ସ୍ଲିମ୍ ୧.୪୮ଏମଏମ ବେଜେଲ୍ସ, ୨,୫୦୦ଗିଗାହର୍ଜ ଟଚ୍ ସାମ୍ପଲିଂ ରେଟ୍ ଏବଂ ନେଟଫ୍ଲିକ୍ସ ଏଚଡିଆର କଣ୍ଟେଣ୍ଟ ସପୋର୍ଟ ଦିଆଯାଇଛି। ଏହି ମଡେଲ୍ରେ ଆଇପି୬୬, ଆଇପି୬୮, ଆଇ୬୯ ଏବଂ ଆଇପି୬୯କେ ରେଟିଂ ଦିଆଯାଇଛି। ଯାହା ମୋବାଇଲ୍କୁ ପାଣି ଓ ଧୂଳିକଣାରୁ ସୁରକ୍ଷା ଦେବ। ସେହିଭଳି ରିୟଲମି ୧୬ପ୍ରୋ ମିଡ୍ ବଜେଟ୍ ସେଗମେଣ୍ଟରେ ଜବରଦସ୍ତ ଫିଚର୍ସ ସହ ଦାମ ସୁହାଇଲା ଭଳି ରଖିଛି। ଏଥିରେ ମଧ ୪କେ ଏଚଡିଆର ଭିଡିଓ ରେକର୍ଡିଂ ସପୋର୍ଟ ସହ ୨୦୦ ମେଗାପିକ୍ସେଲ ପ୍ରାଇମେରି କ୍ୟାମେରା ଦିଆଯାଇଛି। ଏଥିରେ ମେଡିଆ ଟେକ ଡାଇମନସିଟି ୭୩୦୦ମ୍ୟାକ୍ସ ଚିପ୍ସେଟ୍ ଦିଆଯାଇଛି। ଏହି ମଡେଲ୍ରେ ପ୍ରୋ ପ୍ଲସ୍ ଭଳି ସମାନ ବ୍ୟାଟେରୀ, ଚାର୍ଜିଂ ଫେସିଲିଟି, ଡିସ୍ପ୍ଲେ ବ୍ରାଇଟ୍ନେସ୍ ଆଦି ଦିଆଯାଇଛି। ଲାଉଡ୍ସ୍ପି କର ପାଇଁ ୩୦୦ ପରସେଟଣ୍ଟ ଅଲ୍ଟ୍ରା ଭଲ୍ୟୁମ ମୋଡ ରହିଛି। ଉଭୟ ରିୟଲମି ୧୬ପ୍ରୋ ଏବଂ ପ୍ରୋ ପ୍ଲସ ସ୍ମାର୍ଟଫୋନ ଆଣ୍ଡ୍ରଏଡ ୧୬ ଉପରେ ଆଧାରିତ ରିୟଲମି ୟୁଆଇ ୭.୦ ଚାଲିବ। ଏଥିରେ ୩ଟି ପ୍ରମୁଖ ଆଣ୍ଡ୍ରଏଡ ଅପଡେଟ୍ ଏବଂ ଚାରି ବର୍ଷର ସୁରକ୍ଷା ପ୍ୟାଚ୍ ଦିଆଯିବ ବୋଲି କମ୍ପାନୀ କହିଛି। ରିୟଲମି ୧୬ପ୍ରୋ ୫ଜିର ୮ଜିବି ର୍‌ୟାମ୍ ଏବଂ ୧୨୮ଜିବି ଷ୍ଟୋରେଜ୍ ଭ୍ୟାରିଆଣ୍ଟର ମୂଲ୍ୟ ୩୧,୯୯୯ ଟଙ୍କା । ୮ଜିବି+ ୨୫୬ଜିବି ଭ୍ୟାରିଆଣ୍ଟର ମୂଲ୍ୟ ୩୩,୯୯୯ ଟଙ୍କା,ଟପ୍-ଏଣ୍ଡ ୧୨ଜିବି+୨୫୬ଜିବି ମଡେଲର ମୂଲ୍ୟ ୩୬,୯୯୯ ଟଙ୍କା। ରଖାଯାଇଛି। ରିୟଲମି ୧୬ପ୍ରୋ ପ୍ଲସ 5ଜିର ୮ଜିବି+୧୨୮ଜିବି ମୂଲ୍ୟ ୩୯,୯୯୯ ଟଙ୍କା, ୮ଜିବି + ୨୫୬ଜିବି ମୂଲ୍ୟ ୪୧,୯୯୯ ଟଙ୍କା.୧୨ଜିବି + ୨୫୬ଜିବି ମୂଲ୍ୟ ୪୪,୯୯୯ ଟଙ୍କା ରଖାଯାଇଛି ରିୟଲମଇ ୧୬ ସିରିଜ୍‌ସେଲ୍ ଜାନୁଆରୀ ୯ ରୁ ଆରମ୍ଭ ହେଉଛି । ଯେଉଁମାନେ ଷ୍ଟାଣ୍ଡାର୍ଡ ୧୬ ପ୍ରୋ ଭର୍ସନ କିଣିବାକୁ ଯୋଜନା କରୁଛନ୍ତି ସେମାନେ କିଛି ବ୍ୟାଙ୍କ କାର୍ଡ ଅଫର ସହିତ ୩,୦୦୦ ଟଙ୍କାର ଫ୍ଲାଟ୍ ରିହାତି ପାଇପାରିବେ। ପ୍ରୋ ପ୍ଲସ୍ ମଡେଲ୍ ୪,୦୦୦ ଟଙ୍କାର ବ୍ୟାଙ୍କ ରିହାତି ଅଫର ସହିତ ଉପଲବ୍ଧ ହେବ। ଉଦାହରଣ ସ୍ୱରୂପ, ଯଦି ଆପଣଙ୍କ ପାଖରେ ନିର୍ଦ୍ଧାରିତ ବ୍ୟାଙ୍କ କାର୍ଡ ଅଛି, ତେବେ ୮ଜିବି + ୧୨୮ଜିବି ଭର୍ସନର ମୂଲ୍ୟ ସହିତ ଷ୍ଟାଣ୍ଡାର୍ଡ ୧୬ ପ୍ରୋ ମଡେଲ୍ ପାଇଁ ଆପଣଙ୍କୁ ୨୮,୯୯୯ ଟଙ୍କା ଦେବାକୁ ପଡିବ।

## ଆଇଆରସିଟିସିର ନୂଆ ନିୟମ

# ଘରେ ବସି ଟିକେଟ୍ କରିବା ହେଲା ସହଜ

ନୂଆଦିଲ୍ଲୀ, ୬।୧: ଆଜିଠାରୁ ଏକ ନୂଆ ରେଲୱେ ଟିକେଟ ବୁକିଂ ନିୟମ କାର୍ଯ୍ୟକାରୀ ହୋଇଛି। ଯାହା ଦ୍ୱାରା ଆପଣ ଘରେ ବସି ଟ୍ରେନ୍ ଟିକେଟ ବୁକିଂ ଅତି ସହଜରେ କରିପାରିବେ। ଆପଣଙ୍କ ମୋବାଇଲ୍ ଫୋନରୁ, ଯେକୌଣସି ସ୍ଥାନରୁ ଏବଂ ଯେକୌଣସି ସମୟରେ ଟିକେଟ୍ ବୁକ୍ କରାଯାଇପାରିବ। ଏହା ଦ୍ୱାରା ଫ୍ରଡଙ୍କ କବଳରୁ ରକ୍ଷା ପାଇପାରିବେ ଯାତ୍ରୀ। ଆଇଆରସିଟିସିର ନୂଆ ନିୟମ ଅନୁଯାୟୀ ଜାନୁଆରୀ ୫ ତାରିଖରୁ ଅର୍ଥାତ ଆଜିଠାରୁ ଲାଗୁ ହୋଇଛି। ଯେଉଁ ୟୁଜର୍ସମାନେ ନିଜ ପରିଚୟପତ୍ରକୁ ଆଧାର କାର୍ଡ ସହିତ ଲିଙ୍କ୍ କରିଛନ୍ତି, ସେମାନେ ସକାଳ ୮ ଟାରୁ ଅପରାହ୍ନ ୪ ଟା ମଧ୍ୟରେ ଟିକେଟ୍ ବୁକ୍ କରିପାରିବେ। ଏହି ନିୟମରେ ଟ୍ରେନ୍ ଟିକେଟ୍ ବୁକିଂ ପାଇଁ ୬୦-ଦିନର ସମୟସୀମା ଦିଆଯାଇଛି। ଆଗୁଆ ଟିକେଟ୍ ବୁକିଂ ୬୦ ଦିନ ପୂର୍ବରୁ ଆରମ୍ଭ ହୁଏ। ଭାରତୀୟ ରେଳବାଇ (ଆଇଆରସିଟିସି) ଏହି ନିୟମଗୁଡ଼ିକୁ ତିନୋଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରିଛି। ପ୍ରଥମ ପର୍ଯ୍ୟାୟ ଡିସେମ୍ବର ୨୯ ତାରିଖରେ ଆରମ୍ଭ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୫ ତାରିଖରେ ଏବଂ ତୃତୀୟ ପର୍ଯ୍ୟାୟ ଜାନୁଆରୀ ୧୨ ତାରିଖରେ ଆରମ୍ଭ ହେବ। ଡିସେମ୍ବର ୨୯ ତାରିଖରୁ ଆରମ୍ଭ ହୋଇଥିଲା। କେବଳ ଆଧାର ଲିଙ୍କ୍ ହୋଇଥିବା ୟୁଜର୍ସମାନେ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଟିକେଟ୍ ବୁକ୍ କରିପାରୁଛନ୍ତି। ଜାନୁଆରୀ ୫ ତାରିଖରୁ ଆରମ୍ଭ ହୋଇଛି। ସକାଳ ୮ଟାରୁ ଅପରାହ୍ନ ୪ଟା (୮ ଘଣ୍ଟା) ପର୍ଯ୍ୟନ୍ତ ଟିକେଟ ବୁକିଂ ଉପଲବ୍ଧ ହେବ। ଜାନୁଆରୀ ୧୨ ତାରିଖରୁ ଆରମ୍ଭ ହେବ। କେବଳ ୟୁଜର୍ସମାନେ ସକାଳ ୮ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଅନଲାଇନରେ ଟିକେଟ ବୁକ୍ କରିପାରିବେ। ସାଧାରଣ ଲୋକ ଅନଲାଇନରେ ଅଧିକ ଟିକେଟ ବୁକ୍ କରିବା ନେଇ ଲକ୍ଷ୍ୟ ରଖିଛି ଆଇଆରସିଟିସି। ପ୍ରାୟତଃ, ଦଲାଲ ଏବଂ ଟିକେଟ ବୁକିଂ ବ୍ୟବସାୟରେ ଜଡିତ ବ୍ୟକ୍ତିମାନେ ବଡ଼ ପରିମାଣର ଆଗୁଆ ଟିକେଟ୍ ବୁକିଂ କରନ୍ତି, ଯାହା ଫଳରେ ଜନସାଧାରଣ ଟିକେଟ ପାଇପାରନ୍ତି ନାହିଁ। ହୋଲି, ଦୀପାବଳି କିମ୍ବା ଅନ୍ୟ କୌଣସି ପର୍ବପର୍ବାଣୀ ହେଉ, ୬୦ ଦିନିଆ ଅନଲାଇନ୍ ବୁକିଂ ସ୍ଲଟ୍ ଖୋଲିବାର କିଛି ମିନିଟ୍ ମଧ୍ୟରେ ଫୁଲ୍ ହୋଇଯାଏ। ଏନେଇ ରେଲୱେକୁ ବହୁ ଦିନ ଧରି ଅଭିଯୋଗ ଆସୁଥିଲା। ନୂଆ ରେଲୱେ ନିୟମ କେବଳ ସାଧାରଣ ବର୍ଗରେ ରିଜର୍ଭେସନ ଟିକେଟ ବୁକିଂ ପାଇଁ ପ୍ରଯୁଜ୍ୟ। ଏହା ଟ୍ରେନ୍ ଟିକେଟ ଦଲାଲ ଏବଂ ସଫ୍ଟୱେର୍-ଆଧାରିତ ଟିକେଟ ବୁକିଂ ଅଭ୍ୟାସକୁ ରୋକିବ। ପ୍ରତ୍ୟେକ ଯାତ୍ରୀ ନିର୍ଦ୍ଦିଷ୍ଟ ତାରିଖ, ପର୍ବପର୍ବାଣୀ, ବିବାହ ଇତ୍ୟାଦି ପାଇଁ ପୂର୍ବରୁ ଟିକେଟ ବୁକ୍ କରିବା ସହଜ ହେବ। ବୁକିଂର ପ୍ରଥମ ଦିନରେ ଏଜେଣ୍ଟମାନଙ୍କୁ ଆଠ ଘଣ୍ଟା ପାଇଁ ଟିକେଟ ବୁକ୍ କରିବାରୁ ବାରଣ କରାଯିବ। ଏଥିରେ କେବଳ ସାଧାରଣ ରେଳ ଯାତ୍ରୀମାନେ ଏହାର ଲାଭ ଉଠାଇପାରିବେ। ଟ୍ରେନ ଟିକେଟ ବୁକିଂ କରୁଥିବା ଯାତ୍ରୀମାନଙ୍କର ଆଇଆରସିଟିସି ଆକାଉଣ୍ଟ ଆଧାର ସହିତ ଲିଙ୍କ୍ ହୋଇଥିବା ଆବଶ୍ୟକ। ଟ୍ରେନ ଟିକେଟ ବୁକିଂ କରିବା ସମୟରେ, ଆପଣଙ୍କୁ ଆପଣଙ୍କର ରେଜିଷ୍ଟର ମୋବାଇଲ୍ ନମ୍ବରରେ ଏକ ଓଟିପି ମିଳିବ। ଓଟିପି ପାଇବା ପରେ ହିଁ ଟ୍ରେନ ଟିକେଟ ବୁକ୍ ହେବ। ଯଦି ଆପଣଙ୍କର ଆଇଆରସିଟିସି ଲଗଇନ୍ ଆଧାର ସହିତ ଲିଙ୍କ୍ ହୋଇନାହିଁ, ତେବେ ତୁରନ୍ତ କରନ୍ତୁ କିମ୍ବା ଯଦି ଆପଣଙ୍କର କୌଣସି ଆଇଡି ନାହିଁ, ତେବେ ଏକ ନୂଆ ଆଇଡି ତିଆରି କରନ୍ତୁ। ଯଦି ଆଧାର ଲିଙ୍କ୍ ହୋଇନାହିଁ, ତେବେ ବୁକିଂ ଆରମ୍ଭ ହେବାର ୬୦ ଦିନ ପୂର୍ବରୁ ଆପଣ ଆଠ ଘଣ୍ଟା ପର୍ଯ୍ୟନ୍ତ ଟିକେଟ୍ ବୁକ୍ କରିପାରିବେ ନାହିଁ। ଯଦି ଆପଣ ରେଳ ଷ୍ଟେସନ କିମ୍ବା ବାହାର କାଉଣ୍ଟରରେ ଟିକେଟ ବୁକ୍ କରନ୍ତି, ତେବେ ଆପଣଙ୍କୁ ଏକ ଓଟିପି ମିଳିବ, ଯାହା ଟିକେଟ ବୁକ୍ କରିବା ପାଇଁ ବ୍ୟବହାର କରାଯିବ। ଏହି କ୍ଷେତ୍ରରେ, ଟିକେଟ ବୁକ୍ କରିବା ପାଇଁ ଯାତ୍ରୀଙ୍କ ମୋବାଇଲ୍ ନମ୍ବର ଆଧାର ସହିତ ଲିଙ୍କ୍ ହେବା ନିହାତି ଆବଶ୍ୟକ। ପରିବାରର କୌଣସି ସଦସ୍ୟ କିମ୍ବା ଅନ୍ୟ କେହି ଟିକେଟ୍ କିଣୁଛନ୍ତି ତେବେ ମଧ OTP ଆବଶ୍ୟକ ହେବ। ଆପଣଙ୍କୁ ଆଇଆରସିଟିସି ଆପ୍ ଏବଂ ୱେବସାଇଟରେ ଲଗଇନ୍ କରିବାକୁ ପଡିବ।



## ପାଣି ପଞ୍ଚାୟତ ସପ୍ତାହ-୨୦୨୬ ରଥ ଉଦ୍‌ଘାଟିତ
# ଗାଁ ଗାଁରେ ବୁଲି ଲୋକଙ୍କୁ ସଚେତନର ବାର୍ତ୍ତା ବାଣ୍ଟିବ




**ନୟାଗଡ଼,୬।୧ (ସଂଚାର ବ୍ୟୁରୋ):**ନୟାଗଡ଼ ଜଳ ସେଚନ ବିଭାଜନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାଣି ପଞ୍ଚାୟତ ସପ୍ତାହ-୨୦୨୬ ରଥ ଉଦଘାଟନ ହୋଇଯାଇଛି। ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚଳିତ ବର୍ଷର ପାଣି ପଞ୍ଚାୟତ ସପ୍ତାହ ସଚେତନତା ରଥର ଉଦଘାଟନ କରିଛନ୍ତି । ପାଣି ପଞ୍ଚାୟତ ସପ୍ତାହ ଜାନୁଆରୀ ୬ତାରିଖରୁ ୧୩ତାରିଖ ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ କରାଯିବ। ଏହି ରଥ ଜିଲ୍ଲାର ୮ଟି ବ୍ଲକ ପରିକ୍ରମା କରି ଲୋକଙ୍କୁ ପାଣି ପଞ୍ଚାୟତ ସଂମ୍ପର୍କରେ ସଚେତନ କରିବାର କାର୍ଯ୍ୟକ୍ରମ ରହିଛି । ଆଜିର ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ଇଂ ବୈକୁଣ୍ଠ ନାଥ ଦଳେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଶିବ ଶଙ୍କର ବେହେରା, ଶରଣକୁଳ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ତୃପ୍ତିମୟୀ ନାୟକ, ଦଶପଲ୍ଲା ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସୁମିତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ଇଂ ସଂଜିତ୍ କୁମାର ସାହୁ, ଇଂ କ୍ଷୀରୋଦ କୁମାର ଜାଲ୍ଲି ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲି ଓ ମାଟି ଚୋରା ଚାଲାଣ ବେଳେ ଖଣି ବିଭାଗ ପକ୍ଷରୁ ଚଢ଼ାଉ, ୨ଟି ଟ୍ରାକ୍ଟର ଜବତ ଥାନାରେ ଅଟକ



**ଧାମନଗର,୬।୧ (ସଂଚାର ବ୍ୟୁରୋ):** ଧାମନଗର ଅଞ୍ଚଳରେ ଦିନକୁ ଦିନ ବାଲି ଓ ମାଟି ଚୋରା ଚାଲାଣ ହୁହୁ ହୋଇ ବୃଦ୍ଧି ପାଇବାରେ ଲାଗିଛି। ଧାମନଗର ପୋଲିସ ବିଭିନ୍ନ ସମୟରେ ବାଲି ମାଟି ମାଫିଆଙ୍କ ଉପରେ ଚଢ଼ାଉ କରି ଜରିମାନା ଆଦାୟ କରାଯାଉଥିବା ବେଳେ ତଥାପି ମାନୁ ନାହାନ୍ତି ମାଫିଆମାନେ।ଧାମନଗର ଅଞ୍ଚଳରେ ବେଧଡ଼କ ଚୋରା ଚାଲାଣ ହେଉଛି ବୋଲି ଖଣି ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଧାମନଗର ଗ୍ରସ୍ତ କରି ଏନ ଏ ସି ଅଧିନ ଦକ୍ଷିଣବାଡ଼ ଛକରେ ଚୋରା ମାଟି ଓ ବାଲି ଚାଲାଣ ବେଳେ ଗାଡିଟିକୁ ଅଟକାଇ ଯାଞ୍ଚ କରିଥିଲେ।ଗାଡ଼ି ଚଳାଚଳ ଖଣି ବିଭାଗକୁ ସଠିକ୍ କାଗଜ ପତ୍ର ନ ଦେଖାଇ ପାରିବାରୁ ଦୁଇ ଟ୍ରାକ୍ଟରକୁ ଥାନାରେ ଆଣି ଅଟକ ରଖିଛନ୍ତି ବୋଲି ଆଇଆଇସି ରଞ୍ଜନ କୁମାର ସେଠୀ ସୂଚନା ଦେଇଥିବା ବେଳେ ଖବର ଲେଖିଲା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନଥିବା ଜଣାପଡିଛି।

## ମହୋତ୍ସବର ୫ମ ସନ୍ଧ୍ୟାରେ ଆଞ୍ଚଳିକ ସ୍କୁଲ ପିଲାଙ୍କ ଜଲୱା

**ବୈଶିଙ୍ଗା,୬।୧ (ସଂଚାର ବ୍ୟୁରୋ):** ବୈଶିଙ୍ଗା ମହୋତ୍ସବର ଚତୁର୍ଥ ବର୍ଷର ପଞ୍ଚମ ସନ୍ଧ୍ୟାରେ ଆଞ୍ଚଳିକ ସ୍ତରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରୁ ହାଇସ୍କୁଲ ଓ କଲେଜର ପୁଅ ଝିଅ ଙ୍କ ବିଭିନ୍ନ ଗୃପ୍ ନାଚର ଜଲୱା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇ ଥିଲା । ପିଲାମାନଙ୍କର ଅଭିଭାବକ ଙ୍କ ସହିତ ଦଶ ହଜାର ରୁ ଅଧିକ ଦର୍ଶକ ଆନନ୍ଦରେ ଉପଭୋଗ କରିଥିଲେ । ମୀନାବଜାର , ମନୋହରୀ ସହିତ ବିଭିନ୍ନ ପ୍ରକାର ଖାଦ୍ୟ ଆକର୍ଷିତ କରିଥିଲା । ତା ସହିତ ଟୟ ଟ୍ରେନ୍, ଜମ୍ପିଙ୍ଗ୍, ମିକି ମାଉସ ,ଦୋଳି,ଚରକି ଦୋଳି ଆଦି ପିଲାଙ୍କ ଖେଳ ରେ କୁନି କୁନି ପିଲା ମଜା ନେଉଥିବାର ଦେଖିବାକୁ ମିଳିଥିଲା । ଆଜିର ଜଲୱା ରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ମୁନିଲାଲ ହାଇସ୍କୁଲ, ସ୍ୱର୍ଣ୍ଣଲତା କଲେଜ ,ଖୁଣ୍ଟା ପୁର ହାଇସ୍କୁଲ, ଦଲଦଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟର କୁନି କୁନି ପିଲାମାନଙ୍କ ଆକର୍ଷଣୀୟ ନୃତ୍ୟରେ ଦର୍ଶକ ମଧ ନାଚରେ ଝୁମିଥିଲେ । ମହୋତ୍ସବ କନଟୀର ପଦ୍ମଲୋଚନ ଦାସ, ଦେବେନ୍ଦ୍ର କୁମାର ପଣ୍ଡା , ସୀତାନାଥ ବେହେରା , ବିଶ୍ୱମ୍ବର ରାଉତ , ସରୋଜ ପତି, ସତ୍ୟଜିତ୍ ରାଉତ ଓ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ । ମହୋତ୍ସବ ର ଶେଷ ସନ୍ଧ୍ୟା ବୁଧବାର ସନ୍ଧ୍ୟାରେ ଆଟ୍ରାକସନ୍ ଗୃପ୍ ର ମେଲାଡି ସମସ୍ତଙ୍କୁ ଭେଟି ଦେବ ତାର ଅନନ୍ୟ ନୃତ୍ୟ ଓ ସଙ୍ଗୀତ ର ସମାହାର । ବହୁ ମାତ୍ରାରେ ଯୋଗ ଦେବା କୁ କମିଟି ତରଫରୁ ଅନୁରୋଧ କରାଯାଇଛି ।

# ତୁଟୁନି ମିଲର୍ସଙ୍କ ବିବାଦ, ଉଠୁନି ଧାନ

**କଳାହାଣ୍ଡି,୬।୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଗତ ନଭେମ୍ବର ୨୯ରୁ ଆରମ୍ଭହୋଇଥିଲା। ହେଲେ ପ୍ରାରମ୍ଭିକ ପର୍ଯ୍ୟାୟରେ ମିଲରଙ୍କ ସହଯୋଗ ମନୋବୃତ୍ତି ଦେଖାଯାଇ ନ ଥିଲା। ଫଳରେ ଅନେକ ମଣ୍ଡି କୁ ବିକ୍ରି ପାଇଁ ଆସୁଥିବା ଧାନ ଠିକ୍ ଭାବେ ଉଠାଣ କରାଯାଇ ନ ଥିଲା। ଇତିମଧ୍ୟରେ ମାସେରୁ ଅର୍ଦ୍ଧେକ ଦିନ ବିତିଯାଇଥିଲେ ମଧ ଜିଲାରେ ଧାନ କିଣାବିକା ସମସ୍ୟା ସମାଧାନ ହୋଇପାରିନାହିଁ। ଟୋକନ ସମସ୍ୟାକୁ ନେଇ ଚାଷୀମାନେ ମଣ୍ଡିକୁ ଧାନ ଆଣିପାରୁ ନ ଥିବାବେଳେ ଆସିଥିବା ଧାନ ମଧ ଠିକ୍ ଭାବେ ଉଠାଣ କରାଯାଉନାହିଁ। ଏହି ଦୃଷ୍ଟିରୁ ଅନ୍ୟ ବର୍ଷ ତୁଳନାରେ ଏଥର ଧାନ ସଂଗ୍ରହ ପ୍ରକ୍ରିୟା କେବଳ ବିଳମ୍ବିତ ହୋଇଛି ତା' ନୁହେଁ, ଧାନବିକ୍ରି ଓ ଉଠାଣରେ ମନ୍ଥରତା ଦେଖାଦେଇଛି ଏଭଳି ସ୍ଥିତିରେ ସୋମବାର ଅଲ ଓଡ଼ିଶା ମିଲର୍ସ ଆସୋସିଏଶନ ପକ୍ଷରୁ କଷ୍ଟମ ମିଲିଙ୍ଗ ଚାର୍ଜ ବୃଦ୍ଧି, ଧାନ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ,ଧାନ ପରିବହନ ଖର୍ଚ୍ଚ ପ୍ରଦାନ ଦାବି ନେଇ ଆନ୍ଦୋଳନ ଡାକରା ଦିଆଯାଇଛି। ଏହାପୂର୍ବରୁ ସେମାନେ ଜିଲାପାଳଙ୍କଠାରୁ ଆରମ୍ଭକରି



ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ମିଲରଙ୍କ ଆନ୍ଦୋଳନ ଯୋଗୁ କଳାହାଣ୍ଡିରେ ସୋମବାରଠାରୁ ମଣ୍ଡିରୁ ଧାନ ଉଠାଣ ପ୍ରକ୍ରିୟା ବନ୍ଦ ହୋଇଯାଇଛି। ଫଳରେ ଜିଲାର ଚାଷୀଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଇଛି। ଅନେକ ଚାଷୀଙ୍କ

ଟୋକନ ଅବଧି ସରିଯିବା ସମ୍ଭାବନା ଥିବାବେଳେ ପରବର୍ତ୍ତୀ ରବି (ଡାଲୁଅ) ଚାଷ ପାଇଁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା କରିଛନ୍ତି। ଜିଲା ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ରବିବାର ସୁଦ୍ଧା ୪୯,୫୮୯ ଜଣ ଚାଷୀ

୨୨ଲକ୍ଷ ୫୩ ହଜାର ୬୭୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। କେବଳ ରବିବାର ଗୋଟିଏ ଦିନରେ ୨୯୯୨ ଜଣ ଚାଷୀଙ୍କ ୧ ଲକ୍ଷ ୩୬ ହଜାର ୧୪୯ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ଗତବର୍ଷ ଏହି ତାରିଖରେ ୫୧ହଜାର ୧୩ ଜଣ ଚାଷୀ ୨୩ଲକ୍ଷ ୬୫ ହଜାର ୨୯୩ କୁଇଣ୍ଟାଲ ଧାନ ବିକ୍ରି କରିସାରିଥିଲେ। କଳାହାଣ୍ଡି ଜିଲାକୁ ପ୍ରଥମ ପର୍ଯ୍ୟାୟରେ ୩୬ ଲକ୍ଷ ୫୮ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ଆସିଛି। ବର୍ତ୍ତମାନ ଜିଲାର ବହୁ ଚାଷୀ ଧାନ ବିକ୍ରି ଆଶାରେ ହାଡ଼ଭଙ୍ଗା ଶୀତରେ ମଣ୍ଡିରେ ପଡ଼ି ରହିଛନ୍ତି। ସେହିପରି ଅନେକ ଚାଷୀଙ୍କ ଟୋକନ ପଛରେ ରହିଥିବାରୁ ସେମାନେ ଖଳାରେ ଧାନ ରଖି ତାରିଖକୁ ଜଗି ବସିଛନ୍ତି। ଏପଟେ ମିଲରଙ୍କ ଆନ୍ଦୋଳନ ଯୋଗୁ ଚାଷୀ ମୁଣ୍ଡରେ ଚଡକ ପଡ଼ିଛି। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରିଣୀ ସୁଜାତା ମିଶ୍ରଙ୍କୁ ପଚାରିବାରୁ ମିଲରଙ୍କ ଆନ୍ଦୋଳନ ଯୋଗୁ ଜିଲାରେ ଧାନ ଉଠାଣ ବନ୍ଦ ରହିଛି। ସରକାରୀ ସ୍ତରରେ ମିଲରଙ୍କ ସହ ଆଲୋଚନା ଚାଲିଛି, ଖୁବ୍‌ଶୀଘ୍ର ସମାଧାନ ହେବ ଓ ଧାନ ଉଠାଣ ପ୍ରକ୍ରିୟା ସ୍ୱାଭାବିକ ହେବ ବୋଲି କହିଥିଲେ।

## ଜିଲ୍ଲା ପ୍ରଶାସନ ଦ୍ୱାରା ଓକିଲମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ସୁବର୍ଣ୍ଣପୁର,୬।୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲା ପ୍ରଶାସନ ଦ୍ୱାରା ରାଜ୍ୟ ସରକାର ଙ୍କ ଦ୍‌ବାରା ନିଯୁକ୍ତ ପବ୍ଲିକ ପ୍ରୋଷିକ୍ୟୁଟର, ସହକାରୀ ପ୍ରୋଷିକ୍ୟୁଟର ଓ ସରକାରୀ ଓକିଲ, ସହକାରୀ ସରକାରୀ ଓକିଲ ମାନଙ୍କୁ ସ୍ୱାଗତ କରିବା ସହିତ ପୂର୍ବରୁ କାର୍ଯ୍ୟରତ ପବ୍ଲିକ ପ୍ରୋଷିକ୍ୟୁଟର, ସହକାରୀ ପ୍ରୋଷିକ୍ୟୁଟର ଓ ସରକାରୀ ଓକିଲ, ସହକାରୀ ସରକାରୀ ଓକିଲ ମାନଙ୍କୁ ବିଦାୟୀ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିବା ପାଇଁ ଏକ ସଭା ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର, ଶ୍ରୀ ନାରାୟଣ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର,ପବ୍ଲିକ ପ୍ରୋଷିକ୍ୟୁଟର ମ୍ୟାଡମଙ୍କ ସମେତ ନବ ନିଯୁକ୍ତ ପ୍ରୋଷିକ୍ୟୁଟର, ସହକାରୀ ପ୍ରୋଷିକ୍ୟୁଟର ଓ ସରକାରୀ ଓକିଲ, ସହକାରୀ ସରକାରୀ ଓକିଲ ଓ ପୂର୍ବରୁ କାର୍ଯ୍ୟରତ ପବ୍ଲିକ ପ୍ରୋଷିକ୍ୟୁଟର, ସହକାରୀ ପ୍ରୋଷିକ୍ୟୁଟର ଓ ସରକାରୀ ଓକିଲ, ସହକାରୀ ସରକାରୀ ଓକିଲ ମାନଙ୍କ ସହିତ ସୁବର୍ଣ୍ଣପୁର ଜିଲ୍ଲାର ଅନେକ ଓକିଲ ଉପସ୍ଥିତ ଥିଲେ। ଏହି ସଭାରେ ଉଭୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର ଦୋଷୀ ବ୍ୟକ୍ତି ମାନଙ୍କୁ ଅଦାଲତରେ ଦଣ୍ଡ ଦେବା ପାଇଁ ନବ ନିଯୁକ୍ତ ପବ୍ଲିକ ପ୍ରୋଷିକ୍ୟୁଟର, ସହକାରୀ ପ୍ରୋଷିକ୍ୟୁଟର ଓ ସରକାରୀ ଓକିଲ, ସହକାରୀ ସରକାରୀ ଓକିଲ ମାନଙ୍କ ସହଯୋଗ କାମନା କରିଥିଲେ । ଏହି ଅବସରରେ ଉଭୟନବ ନିଯୁକ୍ତ ପବ୍ଲିକ ପ୍ରୋଷିକ୍ୟୁଟର, ସହକାରୀ ପ୍ରୋଷିକ୍ୟୁଟର ଓ ସରକାରୀ ଓକିଲ, ସହକାରୀ ସରକାରୀ ଓକିଲ ମାନେ ସେମାନଙ୍କର ଅନୁଭୂତି ବିଷୟରେ ସଭାରେ ଆଲୋଚନା କରିଥିଲେ।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ

**ଯାଜପୁର,୬।୧ (ସଂଚାର ବ୍ୟୁରୋ):** ଯାଜପୁର ସହର ସ୍ଥାନୀୟ କୁସୁମା ପଡ଼ିଆଠାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଛି। ୨ ଦିନ ବ୍ୟାପୀ ଆୟୋଜିତ ହେଉଥିବା ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା ଯୋଗ ଦେଇ ବକ୍ତବ୍ୟରେ କହିଥିଲେ ଯେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା କରିବା ପାଇଁ ଯେଉଁ କେତୋଟି ଦିଗ ରହିଛି, ସେ ଭିତରେ କୃଷି ଏବଂ ପଶୁପାଳନ ଗୁରୁତ୍ୱପୂର୍ଣ୍ଣ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ହେଲେ ହିଁ ଯାଜପୁର ବିକଶିତ ହେବ ଏବଂ ରାଜ୍ୟ ବିକଶିତ ହେବ। ଆଜି ଯାଜପୁର ଜିଲ୍ଲା ଗୋପାଳନରେ ଏକ ନମ୍ବର। କୃଷି, ମତ୍ସ୍ୟ, ପଶୁପାଳନ, ସମବାୟ ସମିତି ଏବଂ ପାଣିପାଗ ଏ ସବୁ ସମନ୍ୱିତ ହେବା ଆବଶ୍ୟକ। ଏଥିରେ ଏଆଇ ଏବଂ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରାଯାଇପାରିବ। ଚାଷୀଙ୍କ ପାଖରେ ସଚେତନତା ବାର୍ତ୍ତା, ଚାଷ ଏବଂ ଯୋଜନା



ସମ୍ବନ୍ଧୀୟ ସଠିକ୍ ସୂଚନା ପହଞ୍ଚିବା ଉଚିତ ବୋଲି ସାଂସଦ ଡା. ବେହେରା କହିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀ ସୁବ୍ରତ କୁମାର ମହାପାତ୍ର ସ୍‌ବାଗତ ଅଭିଭାଷଣ ଦେଇଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଯାଜପୁର ବିଧାୟିକା ଶ୍ରୀମତୀ ସୁଜାତା ସାହୁ, ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା,ଶ୍ରୀମତୀ ନଳିନୀ ପ୍ରଭା ଜେନା, ଜିଲ୍ଲା ମତ୍ସ୍ୟ ଅଧିକାରୀ ରଞ୍ଜିତା ବେହେରା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ତପନ କୁମାର ମହାପାତ୍ର, ଓମଫେଡ କଟକର ଜେନେରାଲ ମ୍ୟାନେଜର ଯୋଗ ଦେଇଥିଲେ। ଏହାସହ କାର୍ଯ୍ୟକ୍ରମରେ ଏକ ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା। ଅଧିବେଶନରେ ମତ୍ସ୍ୟ ଏବଂ ପଶୁପାଳନ ବିଶେଷଜ୍ଞମାନେ ଭାଗ ନେଇ ଚାଷୀ ଭାଇ ଭଉଣୀମାନଙ୍କୁ ପରାମର୍ଶ ଦେବା ସହ ସେମାନଙ୍କ ଶଙ୍କା ଦୂର କରିଥିଲେ।

## ତେଲିପାଳ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଉଦ୍‌ଯାପିତ



**ନୀଳଗିରି,୬।୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ତେଲିପାଳ ପଞ୍ଚାୟତ ତେଲିପାଳ ସରକାରୀ ଏସଏସଡି ଉଚ୍ଚବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକଉତ୍ସବ ଉଦଯାପିତ ହୋଇଯାଇଛି। ଆଜି ଅପରାହ୍ନ ୨ଘଟିକା ସମୟରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଶହଶହ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ନେପାଳ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ସବ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ରି ଶତପଥୀ ,ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନାକମିଟି ସଭାପତି ମାନସ କୁମାର ସିଂ ଯୋଗଦେଇ ନିଜ ନିଜ ର ବକ୍ତବ୍ୟ ରଖିଥିଲେ।ପ୍ରଥମେ ମଞ୍ଚଆହ୍ୱାନ ପରେ ପରମଆରାଧ ଜଗତରନାଥ ଜଗନ୍ନାଥଙ୍କ ଚରଣାବିନ୍ଦରେ ପୁଷ୍ପାର୍ଘ୍ୟ, ଧୂପ, ଚନ୍ଦନଦେଇ ଅତିଥିଙ୍କ ଦ୍‌ବାରା ବନ୍ଦନ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍‌ବାରା ସ୍ୱାଗତସଙ୍ଗୀତ ଗାନ ଏବଂ ନୃତ୍ୟପରିବେଷଣ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାପାତ୍ର ବାର୍ଷିକବିବରଣୀ ପଠନକରି ବିଦ୍ୟାଳୟର କୃତିଛାତ୍ରଛାତ୍ରୀଙ୍କ କୃତିତ୍ୱ ଏବଂ ବିଦ୍ୟାଳୟର କର୍ମଚାରୀ ଓ ଶିକ୍ଷକ ଙ୍କ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।ମୁଖ୍ୟ ଅତିଥି ବିଧାୟକ ଶ୍ରୀଯୁକ୍ତ ଖଟୁଆ ନିଜ ବକ୍ତବ୍ୟ ରେ ଅନ୍ଧବିଶ୍ୱାସରେ ବିଶ୍ୱାସ ନକରି ଆତ୍ମବିଶ୍ୱାସୀ ହେବାକୁ ପରାମର୍ଶ ଦେବାସହିତ ମୁଁ ଯାହା କରିପାରିବି ତାହା ଅନ୍ୟମାନେ କରିପାରିବେ ନାହିଁ ବୋଲି ଆତ୍ମବିଶ୍ୱାସୀ ହେବାକୁ ବିଧାୟକ ଶ୍ରୀଯୁକ୍ତ ଖଟୁଆ ଛାତ୍ରଛାତ୍ରୀଙ୍କୁ ନିଜ ଅଭିଭାଷଣରେ ଉଦବୋଧନ ଦେଇଥିଲେ।ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ରୀ ଶତପଥୀ ପିଲାମାନଙ୍କୁ ପାଠସହିତ ଶାରୀରିକ ଓ ବୌଦ୍ଧିକବିକାଶ ଉପରେ ଗୁରୁତ୍ୱାରୋପ କରିବାକୁ ପରାମର୍ଶ ଦେଇଥିଲେ।

## ରାଜ୍ୟ ନିର୍ବାଚନ କମିଶନରଙ୍କ ଯାଜପୁର ଗସ୍ତ ସହ ପଞ୍ଚାୟତ ନିର୍ବାଚନ ସମୀକ୍ଷା



**ଯାଜପୁର,୬।୧ (ସଂଚାର ବ୍ୟୁରୋ):** ଆଜି ରାଜ୍ୟ ନିର୍ବାଚନ କମିଶନର ଶ୍ରୀ ମଧୁସୂଦନ ପାଢ଼ୀ, ଆଇଏଏସ ଯାଜପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଗାମୀ ପଞ୍ଚାୟତ ନିର୍ବାଚନ-୨୦୨୭ କୁ ନେଇ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଯାଜପୁର ଓ ବ୍ୟାସନଗର ପୌର ପରିଷଦ ନିର୍ବାହୀ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଏବଂ ସମସ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଉପସ୍ଥିତ ଥିଲେ। କମିଶନର ଶ୍ରୀ ପାଢ଼ୀ ଯାଜପୁର ଜିଲ୍ଲାର ଜନସଂଖ୍ୟା ପରିସଂଖ୍ୟାନ, ୱାର୍ଡମେମ୍ବର, ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟଙ୍କ ଆରକ୍ଷଣ, ନିର୍ବାଚିତ ପ୍ରତିନିଧିଙ୍କ ଶୂନ୍ୟସ୍ଥାନ, ବାଲାଟ ବାକ୍ସ ମହଜୁଦ, ମୋଟ ବୁଥ ସଂଖ୍ୟା ଇତ୍ୟାଦି ବିଷୟରେ ସମୀକ୍ଷା କରିଥିଲେ। ଏହାସହ ଗତ ୨୦୨୨ ପଞ୍ଚାୟତ ନିର୍ବାଚନ ବେଳେ ଜିଲ୍ଲାରେ ଥିବା ଅସ୍ଥାୟୀ ବୁଥ, ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ୍ ସମ୍ପର୍କରେ ମଧ ବୈଠକରେ ଆଲୋଚନା ହୋଇଥିଲା। ନିର୍ବାଚନ କମିଶନର ଶ୍ରୀ ପାଢ଼ୀ ଯାଜପୁର ଏବଂ ବ୍ୟାସନଗର ପୌର ପରିଷଦର ଆଗାମୀ ପୌର ନିର୍ବାଚନ ପାଇଁ ମଧ ସମୀକ୍ଷା କରିଥିଲେ।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ
# ଗଡ଼ିଲା ପାଣି ପଞ୍ଚାୟତ ସଚେତନତା ରଥ



**ବାରିପଦା,୬।୧ (ସଂଚାର ବ୍ୟୁରୋ):** ଚାଷୀ ମାନଙ୍କୁ ସଂଗଠିତ କରି ପାଣି ପଂଚାୟତ ମାଧମରେ ଜଳ ପରିଚାଳନା, ଭାଗିଦାରୀ ଜଳସେଚନ ପରିଚାଳନା ଓ ତୃଣ ମୂଳ ସ୍ତରରେ ସମାନତା ପ୍ରଦାନକୁ ସୁନିଶ୍ଚିତ କରିବାର ଗୁରୁତ୍ୱକୁ ସ୍ୱୀକାର କରାଯାଇ ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ତରଫରୁ ସାରା ରାଜ୍ୟରେ ପାଣି ପଂଚାୟତ ପକ୍ଷ ପାଳନ ହୋଇ ଆସୁଛି।

ଚଳିତ ବର୍ଷ ଜାନୁଆରୀ ମାସ ୬ ତାରିଖ ଠାରୁ ଜାନୁଆରୀ ୨୦ ତାରିଖ ପର୍ଯ୍ୟନ୍ତ ପାଣି ପଂଚାୟତ ପକ୍ଷ ପାଳନ କରାଯାଉଛି। ଏହି ପକ୍ଷ ପାଳନ ଉପଲକ୍ଷେ ଆଜି ପୂର୍ବାହ୍ନ ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମୟୂରଭଞ୍ଜ ଜିଲ୍ଲା ଜଳସେଚନ ବିଭାଗ ତରଫରୁ ଏକ ପାଣି ପଂଚାୟତ ସଚେତନତା ରଥକୁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ସବୁଜ ପତାକା ଦେଖାଇ ଶୁଭ ଉଦଘାଟନ କରିଛନ୍ତି. ଏହି ଅବସରରେ ଜିଲ୍ଲାପାଳ ପ୍ରକାଶ କରିଥିଲେ କି ବିଗତ କିଛି ଦିନ ଭିତରେ ଜିଲ୍ଲାରେ ଅଧିକରୁ ଅଧିକ ଚାଷ ଜମିକୁ ଜଳ ସେଚନ ଅନ୍ତର୍ଭୁକ୍ତ କରାଯାଇଛି. ସଚେତନତା ରଥ ଆଜିଠାରୁ ସମଗ୍ର ଜିଲ୍ଲାରେ ପରିକ୍ରମା କରି ଚାଷ ଜମି ପାଇଁ ଉଦ୍ଦିଷ୍ଟ ଜଳ ଯେମିତି ଚାଷୀ ମାନଙ୍କ ଦ୍ୱାରା ସର୍ବତକୃଷ୍ଟ ଭାବେ ଉପଯୋଗ ହୋଇ ପାରିବ ସେ ବିଷୟରେ ଚାଷୀ ମାନଙ୍କୁ ସଚେତନ କରାଇବ। ତତ ସହିତ ଚାଷୀଭାଇ ମାନଙ୍କ ମଧରେ ଉତ୍ତମ ବୁଝାବଣା ଦ୍ୱାରା ସେଚ ଜଳକୁ ସୁଷମ ବଣ୍ଟନ, ଯେମିତିକି ଉପର ମୁଣ୍ଡରୁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ସବୁ ଜମିକୁ ଜଳ ପହଂଚି ପାରିବ ସେସମ୍ବନ୍ଧରେ ସଚେତନ କରିବା ସହିତ ପାଣି ପଂଚାୟତ ସମ୍ବନ୍ଧୀୟ ଅନ୍ୟାନ୍ୟ ସଚେତନ ଧର୍ମୀ ବାର୍ତ୍ତା ଚାଷୀ ମାନଙ୍କ ପାଖରେ ପହଞ୍ଚାଇବ. ରଥ ପରିକ୍ରମା କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବା ପରେ ଜାନୁଆରୀ ୧୩ ତାରିଖ ଦିନ ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ ଉତ୍ସବରେ ସାମିଲ ହେବ।

### ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା
## ରାମେଶ୍ୱରମ -ମଦୁରାଇ ଅଭିମୁଖେ ଯାତ୍ରା କଲେ ୧୯୬ ବରିଷ୍ଠ ନାଗରିକ




**ବାରିପଦା,୬।୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଚଳିତ ବର୍ଷ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲାରୁ ୧୯୬ଜଣ ବରିଷ୍ଠ ନାଗରିକ ଏହି ତୀର୍ଥ ଯାତ୍ରା ପାଇଁ ମନୋନୀତ ହୋଇ ଆଜି ଅପରାହ୍ନ ୪ଘଟିକା ସମୟରେ ବାରିପଦା ସ୍ଥିତ ଷ୍ଟାଡିଅମ ପଡିଆ ନିକଟରୁ ରାମେଶ୍ୱରମ -ମଦୁରାଇ ଅଭିମୁଖେ ତୀର୍ଥ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଅବସରରେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ସତ୍ୟଭାମା ବେହେରାଙ୍କ ତତ୍ୱାବଧାନ ରେ ଏକ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା. ଉକ୍ତ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଖିବନ୍ଧୁ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବକାଶ ରଞ୍ଜନ ମହାନ୍ତି, ଏସଡିଆଇପିଆର ଶିଶିର କୁମାର ମୁଣ୍ଡୁୟା ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକ ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଫୁଲମାଳ ପିନ୍ଧାଇ ସମ୍ମାନ ଭରା ଶୁଭେଚ୍ଛା ଜଣାଇଥିଲେ।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ




**ଯାଜପୁର,୬।୧ (ସଂଚାର ବ୍ୟୁରୋ):** ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ସାଧାରଣତନ୍ତ୍ର ଦିବସ ପାଳନ କମିଟି ଅଧ୍ୟକ୍ଷ ଶ୍ରୀ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାଧାରଣତନ୍ତ୍ର ଦିବସକୁ ଶାନ୍ତି ଶୃଙ୍ଖଳା, ହର୍ଷ ଉଲ୍ଲାସ ର ସହ ପାଳନ କରିବା ସହ ଏଦିଗରେ ସମସ୍ତେ ନିଷ୍ଠାର ସହ ପ୍ରସ୍ତୁତି କରିବା ପାଇଁ ଜିଲ୍ଲାପାଳ ଶ୍ରୀ କର କହିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅଧ୍ୟକ୍ଷଙ୍କ ଅନୁମତି କ୍ରମେ ବିବରଣୀ ପାଠ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ ଜାତୀୟ ସଂହତି ଏବଂ ଏକତା ବଜାୟ ରଖି ସାଧାରଣତନ୍ତ୍ର ଦିବସ ପାଳନ କରିବା ପାଇଁ ବାର୍ତ୍ତା ଦେଇଥିଲେ। ଆଲୋଚନା ପରେ ସର୍ବସମ୍ମତି କ୍ରମେ ବିଭିନ୍ନ ପ୍ରସ୍ତାବମାନ ଗୃହୀତ ହୋଇଥିଲା ଏବଂ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିଲା। ପ୍ରଶାସନିକ ଭବନ ପଡିଆଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ - ୨୦୨୬ ଅନୁଷ୍ଠିତ ହେବ। ଜାନୁୟାରୀ ୨୬ ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସହର ମଧରେ ରାମଧୂନ୍ କରାଯିବ। ପରେ ଛାତ୍ରଛାତ୍ରୀମାନଙ୍କ ଦ୍‌ବାରା ପ୍ରଭାତଫେରି ସହ ସକାଳ ୭.୩୦ ମିନିଟ ମଧରେ ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ।ମୁଖ୍ୟ ଅତିଥି ସହରରେ ଥିବା ମହାପୁରୁଷ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବେ। ସକାଳ ଘ. ୮.୩୦ ମିନିଟ ସମୟରେ ପ୍ରଶାସନିକ ଭବନ ପଡିଆଠାରେ ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା , ଜାତୀୟ ପତାକା ଉତ୍ତୋଳନ, ପ୍ୟାରେଡ ପରିଦର୍ଶନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଅନୁଷ୍ଠିତ ହେବ। ଏହି ଅବସରରେ ଡାକ୍ତରଖାନାର ରୋଗୀମାନଙ୍କୁ ଫଳ ବଣ୍ଟନ, ଜେଲର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ, କୁଷ୍ଠାଶ୍ରମରେ ଏବଂ ବାଳାଶ୍ରମରେ ମିଷ୍ଟାନ୍ନ ବଣ୍ଟନର କାର୍ଯ୍ୟକ୍ରମ ସ୍ଥିର ହେଲା।ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ଦେଶାତ୍ମବୋଧକ ସଂଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ।




### ଅନ୍ତର୍ଜାତୀୟ କରାଟେ ଚାମ୍ପିଅନସିପ-୨୦୨୬
# ଓଡ଼ିଶାରୁ ୫ କୃତୀ ପ୍ରତିଯୋଗୀଙ୍କ ୧୦ଟି ପଦକ

**ବାଲିଅନ୍ତା,୬।୧ (ସଂଚାର ବ୍ୟୁରୋ):** ଜାନୁଆରୀ ମାସ ୪ ତାରିଖରେ କଲିକତାର ରାୟଗଞ୍ଜ ସ୍ଥିତ ନେତାଜୀ ସୁବାସ ଚନ୍ଦ୍ର ବୋଷ ଇଣ୍ଡୋର୍ ହଲରେ ଆନ୍ତର୍ଜାତୀୟ କରାଟେ ଚମ୍ପିୟାନ ସିପ ୨୦୨୬ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗୀତାରେ ଭାରତ, ନେପାଳ, ଭୁଟାନ, ବାଙ୍ଗଲାଦେଶ ଓ ଶ୍ରୀଲଙ୍କା ଦେଶ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଓଡ଼ିଶା ଖୋର୍ଦ୍ଧା ଜିଲ୍ଲା ବାଲକାଟି ଅଞ୍ଚଳର ପ୍ରଶିକ୍ଷକ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ମୋଟ ୫ ଜଣ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୧୦ ଗୋଟି ପଦକ ହାସଲ କରିଛନ୍ତି।

ସେଥି ମଧ୍ୟରୁ ସିନିୟର୍ ବାଳିକା ବିଭାଗରେ ସୁଦେଶେସ୍ନା ଶୁଭଦର୍ଶନୀ (୭୫-୮୦) କାଟା ଓ କୁମିତେରେ ୨ଟି ସ୍ୱର୍ଣ୍ଣ, ବାଳକ ବିଭାଗରେ ଶ୍ରୀ କୁମାର ଅଭିଷେକ ଭୋଇ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ପାଇଥିବା ବେଳେ ଜୁନିଅର ବାଳକ ବିଭାଗରେ ଭବେସ କୁମାର ମହାନ୍ତି ଗୋଟିଏ ରୌପ୍ୟ ଓ ଗୋଟିଏ ତାମ୍ର ପଦକ, ଆଦିତ୍ୟ ନମନ ମହାନ୍ତି ଦୁଇଗୋଟି ତାମ୍ର, ସାଇ କ୍ରିଷ୍ଣା ଦାସ ଦୁଇଟି ତାମ୍ର ପଦକ ହାସଲ କରି ଅଞ୍ଚଳ ପାଇଁ ସୁନାମ ଅର୍ଜନ କରିଛନ୍ତି । କୃତିତ୍ୱକୁ ସମ୍ମାନ ଜଣାଇବା ପାଇଁ ଅଞ୍ଚଳରୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟୁଛି।

# ପର୍ସନାଲିଟି

**ପାର୍ଥସାରଥୀ ରାଉତ**

ମୀମାଂସା ଏବେ କେଉଁଠି ? କୋଉ ମିଡିଆ ହାଉସରେ ! କେଉଁ ଆଗାଧାଡ଼ିର ଏନଜିଓରେ ! କୋଉ ସରକାରୀ କଲେଜରେ ଲେକଚରସିପ୍ ! ନା ଭୁବନେଶ୍ୱର ଛାଡିଦେଇ ଗାଁକୁ ଫେରି ବାପାଙ୍କ ସୁନାଝିଅ ଓ ଭାଇର ସୁନାନାକୀ ଭଉଣୀଟେ ହୋଇଯାଇଛି ! ମାନେ ଶହେରୁ ଶହେ ଘରୋଇ, ଯତ୍ନଶୀଳା ଓ ରକ୍ଷଣଶୀଳା। ଏ ପ୍ରଶ୍ନସବୁକୁ ନେଇ ସତରେ ଭାରି ସିରିୟସ ମାନବ। ୟୁପିଏସସି ପ୍ରିପାରେସନ ବେଳେ ବି ଏତେ ସିରିୟସ ନଥିଲା। ଦୌଡୁଥିବା ସହର ଉପରୁ ଆଖି ଫେରାଇଆଣି ଚାହିଁଲା ନିଜ ସିଗାରେଟରୁ ବାହାରୁଥିବା ଧୂଆଁ କୁଣ୍ଡଳୀକୁ। ଗୋଲ ଗୋଲ ହୋଇ ଉପରକୁ ଉଠୁଥିବା ଓ ଶୂନ୍ୟରେ ମିଳେଇଯାଉଥିବା ଏ କୁଣ୍ଡଳୀ ମାନବ ଦ୍ୱନ୍ଦ୍ୱକୁ ଆହୁରି ବଢେଇଦେଲା। ସିଗାରେଟର ଧୂଆଁ କୁଣ୍ଡଳୀ ପରି ମିଳେଇଯାଇନି ତ ମୀମାଂସା ମାଟି ପାଣି ପବନରେ... ମହାଶୂନ୍ୟରେ! ରାଜଧାନୀର ଭିଡଭାଡରେ ଶହଶହ ଝିଅ ମିଳେଇଯିବା ପରି।

ଘରେ ସବୁ ସ୍ୱାଭାବିକ। ଅଫିସରେ ସବୁକିଛି ଠିକଠାକ୍। ତଥାପି ମାନବକୁ ଲାଗୁଥିଲା ଯେମିତି ନିଜ ଭିତରେ ଭାରରେ ନିଜେ ନଇଁ ଯାଉଛି। ଭରା ନଈ ହଠାତ ଯେମିତି ଶୂନ୍ୟ ହେଇଯାଉଛି। ଜୀବନ କ'ଣ ଏଇଠି ସରିଗଲା ! ତା ନୂଆଦିନ ଆଉ କ'ଣ! କାରଣ ସବୁ ସମ୍ଭାବନା ଶେଷ ହୋଇଆସିବା ହିଁ ଜୀବନ ସରିଯିବା ଯାହା ତା' କ୍ଷେତ୍ରରେ ହେଉଛି। କିନ୍ତୁ ଏ ଭାର କୋଉଥିପାଇଁ ? ନା ଅର୍ଥ ଚିନ୍ତା ନା ସ୍ୱାସ୍ଥ୍ୟ ସମସ୍ୟା... କିଛି ତ ନାହିଁ। ତାହେଲେ ଏ ଭାରିପଣ ପଛରେ କ'ଣ ମୀମାଂସା ?

ବେଶୀ ନାହିଁ ମ, ପନ୍ଦର ବର୍ଷ ତଳର କଥା। ମାନବ ଗୋଟେ ନାଁ କରା ମିଡ଼ିଆ ହାଉସର ଡେପୁଟି ଏଡିଟର। ଜ୍ଞାନଗାରିମାର ଏପିସେଣ୍ଟର। ମୀମାଂସା ସୁନ୍ଦରୀ ଯେ ସୁନ୍ଦରୀ। ଅଦ୍ଭୁତ ସିମେଟ୍ରିର ଶରୀର ଓ ଅବିଶ୍ୱସନୀୟ ଫ୍ଲେକ୍ସିବିଲିଟି ମନର ଝିଅ। ଯେକୌଣସି ପୁଅକୁ ବାଟବଣା କରିବାକୁ ସମର୍ଥ। ମାନବ କିଛି ପ୍ରତିଭାଧାରୀ ସାମ୍ବାଦିକ ଗଢ଼ିବା ଲକ୍ଷ୍ୟରେ। ମୀମାଂସାର ମଞ୍ଜିଲ ଥିଲା ଭଲ ଭାବେ ଗଢିହେବା। ବାଃ ଚମତ୍କାର ସଂଯୋଗ। ମାନବ ଭୀଷଣ ଇଣ୍ଟ୍ରୋଭର୍ଟ, ମୀମାଂସା ଖୁବ୍ ପ୍ରଗଳ୍ଭା। ଅଥଚ ଉଭୟ ଉଭୟଙ୍କ ଏଇ ନେଚରକୁ ଭୂୟସୀ ପ୍ରଶଂସା କରନ୍ତି। ଅର୍ଥାତ୍ ନୂଆ ପ୍ରେମର ଏ ବୋଧେ ସବୁଠୁ ଶକ୍ତିଶାଳୀ ସିମ୍ପଟମ୍। ସବୁକିଛି ସ୍ୱାଭାବିକ ଥିବା ବେଳେ ହଠାତ ମୀମାଂସା ରିଜାଇନ୍ କଲା ଆଉ ତା ପରଠାରୁ ଗାଏବ୍।

ମାନବ ତାକୁ ବହୁତ ଖୋଜିଛି। ଫେସବୁକରେ, ଇନଷ୍ଟାଗ୍ରାମରେ, ଟୁଇଟରରେ...। ଏମିତିକି କିଛି ମିଡିଆ ହାଉସ ଓ ଏନଜିଓର ଗେଟ୍ ପାଖରେ ବେଶ ଟାୟାର ଘୋରିଛି। ନା କୋଉଥିରେ ବି ନାହିଁ। ନମ୍ବର ବି ବଦଳାଇଦେଇଛି।

ଆଉ ଦି ସୋଟ୍ ସିଗାରେଟ ଟାଣିଲା ଆଉ ଗଣିବାକୁ ଚେଷ୍ଟା କଲା ତା' ଅବିବାହିତ ଜୀବନରେ କେତେଜଣ ଝିଅ ଆସିଛନ୍ତି। ନା, ସେଇ ଜଣେ। ଆଖପାଖରେ ଆଉ କାହା ନାଁ ଦିଶୁନି। କେତେ କ୍ଲୋଜ୍ ହେଇଯାଇ ନଥିଲା ମ ! ଫ୍ୟାମିଲି ପ୍ରବ୍ଲେମଠୁ ନିଜର ମାସିକ ଅନିୟମିତ ଋତୁସ୍ରାବ ପର୍ଯ୍ୟନ୍ତ ସବୁ ମାନବକୁ ନିସଂକୋଚରେ କହୁଥିଲା। ଦାରିଙ୍ଗବାଡିଠୁ ଦାର୍ଜିଲିଂ ସବୁଠିକୁ ଉଭୟ ଯାଇଛନ୍ତି। ରୁମରେ ରୋଷେଇ କରି ଖୁଆଇଚି, ଦେହ ଖରାପ ହେଲେ ମେଡିସିନ ଆଣିଛି। ଏତେ ନିରୀହ ଆଉ ଆଦର୍ଶବାଦୀ ଝିଅ ଖୁବ କ୍ୱଚିତ। ପ୍ରେମ ଏତେ ନିବିଡ଼ ଥିଲା ଯେ ଥିଲେ ଆଜି ହୁଏତ ତା ଲାଇଫ ପାର୍ଟନର ହୋଇସାରିଥାନ୍ତା।

କିନ୍ତୁ ଅଫିସରେ କେହି ଜଣେ ହେଲେ ବି ୟାର ଟେର୍ ପାଇନାହାନ୍ତି। ପ୍ରଥମ ଦିନରୁ ଏହି ସର୍ତ୍ତରେ ସଂପର୍କର ଶିଳାନ୍ୟାସ କରିଥିଲା ମାନବ। ମାନବ କହିଲେ ଜଣେ ଜ୍ଞାନୀ ଗୁଣୀ, ଭାବ ଗମ୍ଭୀର ବ୍ୟକ୍ତିତ୍ୱ। ଏତେ ଶସ୍ତା ନୁହଁ। ସମସ୍ତେ ତାକୁ ଭିନ୍ନ ମୂଲ୍ୟାୟନ କରନ୍ତି। ଏ ଝିଅଫିଅ ପ୍ରେମଫ୍ରେମଠୁ ଅନେକ ଦୂରରେ, ଅନେକ ଉର୍ଦ୍ଧ୍ୱରେ। ଅଫିସରେ କୋଉ ଝିଅ ସହ କଥା ହେବା ଖୁବ କ୍ୱଚିତ ଦେଖିଥିବେ...

ଏତେସବୁ ସତ୍ତ୍ୱେ ତାକୁ ନକହି ରିଜାଇନ କରିବା କଥାକୁ ଏବେବି ଗ୍ରହଣ କରିପାରେନି ମାନବ। ତାକୁ ଲାଗେ ହଠାତ ଦିନେ ମୀମାଂସା ପହଂଚିଯିବ ଆଉ ଜଏନ କରିବ। ତାପରେ ଏ ନିଃସଙ୍ଗ ଜୀବନରେ ଜଉମୁଦ ଦେଇ ପୁଣି ଦି'ଜଣ ଉଡାଣ ଭରିବେ। ବାଜିଉଠିବ ଠପ ପଡିଥିବା ପ୍ରେମର ବିଗୁଲ।

ଆଜି ଅଗଷ୍ଟ ପନ୍ଦର। ଦି'ଜଣ କଲିଗଙ୍କୁ ଧରି ମାନବ ଚାଲିଆସିଛି ନିର୍ଜନ ବେଳାଭୂମିକୁ। ମହେଶ ଓ ଅର୍ପଣ ତା' ଲାଇଫର ଦୁଇ ଅଭିନ୍ନ ଅଙ୍ଗ। ତିନିଜଣଯାକ ହିଁ ଦଶବର୍ଷ ତଳେ ଗୋଟେ ପ୍ରିଣ୍ଟ ମିଡ଼ିଆରେ ଥିଲେ। ଏବେ ସମସ୍ତେ ଗୋଟେ ଲିଡିଂ ଟିଭି ଚ୍ୟାନେଲରେ।

ଆଜି ରାତି ଏଇଠି କଟିବ। ଘର ଅଫିସ ସମସ୍ତଙ୍କଠୁ ମଣିଷ ଆଜି ସ୍ୱାଧୀନ। ବାହାରେ ବର୍ଷା। ହୋଟେଲ ଝର୍କାରୁ ସମୁଦ୍ରଟା ଝାପସା ଦିଶୁଛି। ପେଗ୍ ବନାଉବନାଉ ମହେଶ କହିଲା ଆରେ ମୀମାଂସା ଏବେ କୋଉଠି ? ଆଜି କାହିଁ ଭାରି ମନ ପଡୁଛି ସେ। ଅର୍ପଣ କହିଲା ମୁଁ ବି ଢେର୍ ଖୋଜିଛି ମ, ପାଇନି। ମାନବ ନୀରବ, ସମୁଦ୍ର ସମ। 'ତୁ କେବେ ଖୋଜିନୁ' କହି ମାନବକୁ ମହେଶ ବାଧ କରିବାରୁ ଅନ୍ୟମନସ୍କ ଭାବେ କହିଲା ମୀମାଂସା ବୋଲି ଝିଅଟେ ଆମ ସହ କାମ କରୁଥିଲା ! ଆରେ ହଁ ଅଳ୍ପଅଳ୍ପ ମନପଡୁଛି।

ଛାଡିଥିବା ଖିଅ ପୁଣି ଧରିଲା ମହେଶ - ବହୁତ ଥର ତମକୁ କହିଦେବି ବୋଲି ଭାବିଛି କହିପାରିନି। ଏବେ କହିଲେ ଅବଶ୍ୟ ରିସ୍କ ନାହିଁ। ମୀମାଂସା ସହ ମୋର ଖୁବ୍ ଭଲ ଥିଲା। ସେ ମୋ ଲାଏକ୍ ଥିଲା। ଏତେ ନିରୀହ ଥିଲା ଯେ ଆମ ପରିବାର ବିଷୟରେ ନ ଜାଣିବି ମୋତେ ନିଜକୁ ବାଢି ଦେଇଥିଲା। କହିଥିଲା ମୋତେ ହିଁ ବିବାହ କରିବ। କିନ୍ତୁ ରାତାରାତି ଉଭାନ ହୋଇଗଲା। ଏତକ କହିଲା ବେଳକୁ ମହେଶ ଆଖିରେ ଲୁହ। ରୁମାଲରେ ତା' ଆଖି ପୋଛିଦେଇ ଅର୍ପଣ ଧୂମ୍ ଗାଳି କଲା ତାକୁ। କହିଲା ଆରେ ତୋ ସହ ସେ ଯେତିକି ଘନିଷ୍ଠ ଥିଲା ମୋ ସହ ତାଠୁ ଦଶଗୁଣ ଅଧିକ। କାହିଁ ଏତେ ଭାବପ୍ରବଣ ହେଉଛୁ ! ଆମେ ପୁରୀ ଯାଇଛୁ ଦୀଘା, ଦାର୍ଜିଲିଂ ଯାଇଛୁ। ତା' ମାଆ ତ ମୋତେ ଅଘୋଷିତ ଜ୍ୱାଇଁ କରିସାରିଥିଲେ। କେବଳ ବାକିଥିଲା ଔପଚାରିକ ବିବାହ। ଠିକ୍ ସେତିକିବେଳେ ଭ୍ୟାନିସ୍। କେତେ ଡହଳ ବିକଳ ହୋଇ ନ ଖୋଜିଛି ତାକୁ ! ହଉ ଛାଡ, ଚାଲ ଏ ଝିପଝିପ ବର୍ଷାରେ କାରରେ ଗୋଟେ ରାଉଣ୍ଡ ମାରି ଆସିବା। ମାନବ କାନରେ ଏସବୁ ପଶି ଧୂଆଁ ପରି ବାହାରୁଥିଲା। ଜାଣିପାରୁ ନଥିଲା ଏସବୁକୁ ସେ କାନରୁ ବାହାର କରିଦେବ ନା ଅଟକାଇ ରଖିବ।

 କାରରେ ବସିସାରି ମିରର ରୋଟେଟ୍ କରି ନିଜ ମୁହଁକୁ ଦେଖିଲା ମାନବ। ଆଖି ଦୁଇଟାରେ ଜ୍ଞାନଗାରିମାର ଉଜ୍ୱଳତା। ନାକ ତଳେ ନିଦା ନିଶ। କପାଳର ଆଗକୁ ଝୁଙ୍କିପଡିଥିବା କେଶର ଯେଉଁ ଅଂଶ ପାଚିଛି, ତାହା ତା ବ୍ୟକ୍ତିତ୍ୱକୁ ଆହୁରି ଏଲିଟ୍ କରିଦେଉଛି। ଇଣ୍ଟ୍ରୋଭର୍ଟନେସ୍ ତ ଇନଟ୍ୟାକ୍ଟ। ଅତଏବ ସେ ଏବେବି ଓଜନଦାର। ସେ କୋଉ ମୀମାଂସା ଫିମାଂସାକୁ ଚିହ୍ନେନି। ସେ ସନ୍ୟାସୀ ସମ ସଚ୍ଚୋଟ ଆଉ ସ୍ୱାଭିମାନୀ। ନାରୀ ଫାରୀଙ୍କ ମାମଲାରେ ସେ ଜଣେ ସାଧାରଣ ପୁରୁଷର ଦୁର୍ବଳତାଠୁ ଯଥେଷ୍ଟ ଉର୍ଦ୍ଧ୍ୱରେ।

ମହେଶ କହିଲା ମୀମାଂସା ମାମଲାରେ ତୁ କିଛି ରିମାର୍କ କାହିଁକି ଦେଉନୁ ମାନବ ! ଗାଏବ ହୋଇଯାଇଥିଲେ ବି ସେ ଖୁବ ସୁନ୍ଦର, ସୁଶୀଳା ଥିଲା।କିଛି ତ କହ। ବହୁତ ସମୟ ନିରବ ରହିଲା ମାନବ। ତା' ପାଟିକୁ ଦି ଜଣ ଚାତକ ପରି ଚାହିଁରହିଥିଲେ। ପାଟିର ଭକଭକ୍ ହାକୁଡିର ଗନ୍ଧ ସମୁଦ୍ର ଲହଡ଼ି ଶବ୍ଦକୁ ଫିକା କରି ଦେଉଥିଲା। ବହୁ କଷ୍ଟରେ ଗଳାଝାଡି ଧୀର ସ୍ୱରରେ କହିଲା ପୁରୁଷଟେ ପାଇଁ ସବୁବେଳେ ପର୍ସନାଲିଟି ଜରୁରୀ। ପର୍ସନାଲିଟି ଇଜ ମୋର ଇଂପୋର୍ଟାଣ୍ଟ ଦ୍ୟାନ ବିୟୁଟି। ଦେୟାର ଇଜ ବିୟୁଟି ଇନ ଷ୍ଟ୍ରଙ୍ଗ ପର୍ସନାଲିଟି। ମାନବ କଥା ଶୁଣି ଦି ଜଣ ମୁରୁକି ହସିଲେ। ମାନବକୁ ଲାଗିଲା ଏ ହସ କେବେ ଆଗରୁ ଦେଖିନି , ଖୁବ୍ ଅଦ୍ଭୁତ ଓ ବିସ୍ମୟ।

**ମୋବାଇଲ୍: ୯୪୩୮୨୯୦୪୯୧**
**ଶୈଳଶ୍ରୀବିହାର, ଭୁବନେଶ୍ୱର**



## କିଛି ସ୍ମୃତି କିଛି ଅନୁଭୂତି



**ସ୍ୱାଗତିକା ସାହୁ**

ଶୀତରେ କୁହୁଡ଼ିର ଆହୁତି ସହ
କିଛି ସ୍ମୃତି କିଛି ଅନୁଭୂତିକୁ
ଆଉ କିଛି ସାଉଁଟିଥିବମୁହୂର୍ତ୍ତ ସବୁକୁ
ବିଦାୟ ମାଗିଥିଲା ବର୍ଷଟିଏ....
ସ୍ମୃତିର ପାଉଁଶକୁ ବୋଲି ଡିସେମ୍ବର
ଶୀତ ଅଦାଲତ କୁ ନ୍ୟାୟ ମାଗିଥିଲା
ବିତିଥିବା ତା ଯନ୍ତ୍ରଣାଦାୟୀ ସମୟକୁ
ହେଲେ ପ୍ରେମବି ତାର ଥିଲା
ପ୍ରତାରଣା ବି ତାର ଥିଲା
ଆଉ ଓକିଲ ବି ସେ ଥିଲା
ନ୍ୟାୟ ପାଇଁ ବି ସେ ରାଜି.....!

ବର୍ଷ ଯାକର ଶେଷ ପୃଷ୍ଠା ସାଜି
ଡ଼ିସେମ୍ବର ମୁଣ୍ଡେଇ ଧରିଥିଲା...
କିଛି ସମ୍ପୂର୍ଣ୍ଣ,କିଛି ଅସମ୍ପୂର୍ଣ୍ଣ ସ୍ୱପ୍ନ
କିଛି ଅକୁହା କଥା...
କିଛି ନିରାଟ କଥା ଗାଥା...!
କିଛି ଅପେକ୍ଷା କିଛି ଉପେକ୍ଷାକୁ
କିଛି ପ୍ରତିଶ୍ରୁତିକୁ କିଛି ପ୍ରତ୍ୟାଖାନକୁ
କୋଳ କରି ଘନ କୁହୁଡ଼ିର ପରଦା ତଳେ
ଶୀତ ଉହ୍ନେଇ ତାତିରେ....

ଜାଳି ଦିଏ ଅନେକ ଭଙ୍ଗା ଅଧୁରା ଜିନିଷ
ଅଜ୍ଞାତ ବାସ ନିଏ କଳା କଳଙ୍କ।
ଅପେକ୍ଷାରେ ନୂଆଁ ସକାଳର
ସକଳ ଉଦ୍ଦୀପନାକୁ ଧରିବା ବକ୍ଷେ

ପୂର୍ଣ୍ଣ ଛେଦ ଓ କମାର ପାହାଡ ଉପରୁ
ଦେଖୁଛି ଗୋଟିଏ ବର୍ଷର ଇତିହାସ
ଅଛି କିଛି ପୃଷ୍ଠା ଅଭିନୟର ହସ....
କିଛି ପୃଷ୍ଠା ଆତ୍ମୀୟତାର ହସ
ଦୌଡୁ ଥିବା ବ୍ୟସ୍ତତା ଧକା ମାରେ
ବିତି ଥିବା ଦିନ ଗୁଡ଼ାକ,ରାସ୍ତା ଗୁଡ଼ାକ
ମନ୍ଦିର ର ଘଣ୍ଟି ଧ୍ୱନୀ, ଗରିବ ନାରାୟଣଙ୍କ ସେବା
କୁନି କାଳିକାଙ୍କ ହସ ପସରା...
ଖୁବ୍ ମନେ ପକାଇ ଦିଏ....!
ସାହିରେ ବାଏ ବାଏ କହି ସ୍କୁଲ ଯିବା ସମୟ
ଚାହା ସହ ସନ୍ଧ୍ୟା ବେଳର ଖଟି
ସବୁ କିଛି ଡିସେମ୍ବର ରେ ହୁଏ ବେଘର...!

ଆଜି ନୂଆଁ ଆଡ଼କୁ ପାଦ ଥାପିଛି
ନିର୍ଲିପ୍ତ ଭାବେ ଚାହିଁ ରହିଛି...
ଆଉ ଏକ ସ୍ୱତନ୍ତ୍ର ପରିଚୟର ସକାଳକୁ
ତୁମେ ଆସୁଛ କି ??
ବଦଳାଇ ଦେବ ମୋ ଅତୀତକୁ
ବର୍ତ୍ତମାନର ପ୍ରଦୀପକୁ ଧରି...
ଯେଉଁଠି ମହାର୍ଘ୍ୟ ମୁହୂର୍ତ୍ତ ସବୁ
ଢ଼ାଳୁ ଥିବେ ଅର୍ଘ୍ୟ ଆନନ୍ଦେ...!!

**ଉମରକୋଟ, ନବରଙ୍ଗପୁର**

## ଶେଷ ଫଗୁଣ

**ଡ. ଭାରତୀ ହୋତା**



ମୋ ଗାଁ ଆଜି ବି ହସୁଛି ବିଲ ବଣ
ସାଙ୍ଗକୁ ତୋଟମାଳ
ଚାଳ ଉପରେ ପୋଇ ଲଟା ଡାଳ
ତଳେ କଅଁଳା ବାଛୁରୀ ଖେଳ
ଶୀତ ଟା କୋଉଠି ଲୁଚିଛି ଗାଁ ଦାଣ୍ଡେ
ଖୋଜ କେତେ ଖଟ ତଳ
ସୁନା ନୁହଁ ରୁପା ନୁହଁ ଫୁଲର ଫରୁଆ
ଗାଁ ଘର ଶୁଶୀତଳ
ଗେଣ୍ଡୁ ମଣ୍ଡା ମାଣିକି ଚାନ୍ଦି ଫୁଲରେ
ଖଟୁଲିରେ ମାଆଲକ୍ଷ୍ମୀ ପୂଜାକାଳେ କୋଳ
ଗାଁ ଦାଣ୍ଡ ପରିମଳ
ଜାନି ଯାତ୍ରା ପର୍ବ ପର୍ବାଣୀ ରେ ଲୋକେ
ହେବେ ଘରେ ଘରେ ଠୁଳ
ଶୀତ ଡରି ଯିବ ଫେରି କରିବାକୁ
ପରିବେଶ ସମତଳ
ଶାଶୁ ବୋହୁ ଝିଅ ପାହାନ୍ତି ଉଠନ୍ତି
ଛାଡ଼ି ଉଷୁମ ସକଳ
ମାଆ ମାଉସୀଏ ଶିଖାଇଛନ୍ତି ଯାହା
ମାନିବାକୁ ବେଳ କାଳ ଗହଳ
କେତେ ପନିପରିବା ଶାଗ ମୂଳା କୋଶଳା
ମିଳଇ ଶୀତ ସକାଳ
ସୋଏଟର ମଫଲର ବାନ୍ଧି ଗଲାବେଳେ
ଡାକ ପ୍ରଭୁଙ୍କୁ ଚିରକାଳ ବେଳ ଭଜଳ
ଭବନ୍ତୁ ସର୍ବେ ସୁଖିନଃ ତତ୍କାଳ
କୁମି ଆଈ ବୁଢ଼ୀ ଭାଙ୍ଗେ ଖିଲି ପାନ
ଚଉଷଠି ପାନ ମସଲା ବାସେ କଳ
ନେଡି ମାଉସୀ ସାଉଁଟି ରଖୁଛି ନଡ଼ିଆ
ବରଡ଼ା ବାହୁଙ୍ଗୀ ଜାଳ
କୁନି ଅପା ବୁଣେ ଚାଞ୍ଚ ଚଟେଇ ବିଞ୍ଚଣା
ମାଟି ମାଆ କୋଳେ କେତେ ମୂଳ
ନଡ଼ିଆ ଗଛରେ ପଇଡ଼ କଷି ତୋଳୁଛି
ହରିଆ ଭାଇର କାଡି ଚଳ ଚଞ୍ଚଳ
ବୃନ୍ଦାବନ ଅଜା ଗାଁ ଦାଣ୍ଡେ ଚାଲି ଟ୍ରଲି ଠେଲି
କହନ୍ତି ମାଟି ମାଆ ଆମ ଡ଼ାଳ ମୂଳ ଫଳ
ଆମେ ଓଡ଼ିଆ ଆମ ମାଟି ମାଆ ଭାଷା ବଢିଆ
ପରିଚୟ ଆମ ଆମେ ଉତ୍କଳ
ସଂସ୍କୃତି ପ୍ରୀତି ପରମ୍ପରା ମୈତ୍ରୀ ସଂହତି ଶାନ୍ତିରେ
ଆମେ ମାତୃବୃକ୍ଷ ବକଳ
ସ୍ନେହ ପ୍ରେମ ପ୍ରୀତି ଫଲ୍ଗୁ ଭରା ନଈ ନାଳ
ମାଟି ବକ୍ଷେ ଆମ ସୁନା ରୁପା ଗଛ
ସୁନା ଫଳ ଧାନ ତୋଳ
ଆସୁଛି କାଟିବା ବେଳ
ଆମ ପ୍ରଭୁ ଜଗନ୍ନାଥ ସାଥେ ମାଆ ସମଲେଇ
ବାଢ଼ିବେ ଟଙ୍କ ତୋରାଣୀ ଅବଢ଼ା ପଖାଳ
ନୂଆଖାଇ ଦେଖେଇବ ଖେଳ
ପଶ୍ଚିମ ଓଡିଶବାସଙ୍କ ସଙ୍ଗେ ପୂର୍ବ ଦକ୍ଷିଣ
ଉତ୍ତର ଓଡିଶାବାସୀଏ ମେଳ

**ସାକ୍ଷୀଗୋପାଳ, ପୁରୀ**

## ଲେଖିଛି ନାଆଁ ତୋର

**ଡଃ ନାରାୟଣ ଚନ୍ଦ୍ର ସେନାପତି**



ତୋ ଓଠର କଇଁଫୁଲିଆ ହସ
ଯେବେ ଭାଙ୍ଗିଲା ମୋ ହୃଦରେ ଲହଡ଼ି
ମୋ ମନ ଆଙ୍କିଲା ତୋ ଅନୁପମ ଚିତ୍ର
ଆବେଗ ତୂଳୀରେ
ତୋ ଭୁଲିବନି ପ୍ରିୟ ଆସୁ ଯେତେ
ଝଡ଼ଝଂଜା ଧ୍ୱନି
ମୋ କାନକୁ କଲା ପ୍ରତିଧ୍ୱନିତ
ଅକସ୍ମାତ ଲେଖିଦେଲି ତୋ ନାଆଁ
ମୋ ଦରଦୀ ଛାତିରେ
ମୋ ଆଖିର କେଇ ଟୋପା ପ୍ରେମର ଲୁହରେ।

ତୋ ଆଖିର ସେ ବାଙ୍କ ଚାହାଣି
ଯେବେ ହାଣି ଦେଲା ମୋ ଆଖିକୁ
ଖେଳିଗଲା ଅପୂର୍ବ ଶିହରଣ ମୋ ଦେହ ଭିତରେ
ତୋ ଅକୁହା କଥା ଗଜରାଇ ଦେଲା ପ୍ରେମ କାହାଣୀ
ଯାହା ଭିତରେ ମୁଁ ତୋ ରାଜା ତୁ ମୋ ରାଣୀ
ସମ୍ପର୍କର ହୀରାକୁଦ ବନ୍ଧ ବାନ୍ଧିହେଲା
ପ୍ରଣୟ ତଟିନୀ କୂଳେ
ସତେ ଯେମିତି ଉଜ୍ଜ୍ୱଳ ଆଲୋକ ଜନ୍ମ ନେଲା
ଆମ ସମ୍ବନ୍ଧର ଅନ୍ତରାଳେ
ସରାଗେ ଲେଖିଲି ତୋ ନାଆଁ
ସ୍ମୃତି ନଈପଠା ବାଲିରେ
ଭାବନାର ଓଦା ଲେଖନୀରେ।

ତୋ ମଧୁର ସ୍ୱରର ତାନ
ଯେବେ ଛୁଇଁଲା ମୋ ଉଛୁଳା ମନ
ପ୍ରକୃତି ବି ଗାଇଲା ଗୀତ ସ୍ୱପ୍ନ ରାଇଜରେ
ମୋ ଛାତିରେ ତୋ ଲାଜୁଆ ମଥା
ଆଉ ତୋ ମଥାରେ ମୋ ନରମ ହାତ
ଦୁହିଁଙ୍କୁ ଦେଖି ହସିଦେଲା ଫୁଲେଇ ଜହ୍ନ
ହେଲେ ଯୁଗ ଯୁଗ ପାଇଁ ଲେଖିଦେଲି ତୋ ନାଆଁ
ମୋ ଆଶା ସିନ୍ଦୁକରେ
ମୋ ପ୍ରୀତି ଛୁଆଁ ଆତ୍ମାରେ।

ଜମ୍ବ୍ରା, କେନ୍ଦୁଝର

## ଶିଶିର ବିନ୍ଦୁ

**କ୍ରୀଷ୍ଣା ସେନାପତି**



ପଉଷ ପ୍ରଭାତ କାଳେ
ସବୁଜ ଘାସେ ଝୁଲେ
ହସୁଥାଏ ଖିଲିଖିଲି
ରୂପା ଚାନ୍ଦ ଥାଳି
ନାଲି ଗୁଲୁଗୁଲୁ ସାଧବ
ବୋହୂ ପାଦ ଧୂଳି
ଦ୍ୱିଗୁଣିତ କରିଥାଏ
ସୋଭାକୁ ଢାଳି
ଛୁଅନି ବାରେ ମୋତେ
କରେ ସତ ଅଳି
ନିରୀମାଖି ଲାଜକୁଳୀ
ପାଲଟି ଯାଏ ମିଳି
ଛୁଇଁଲେ ଅରୁଣ
କିରଣ ତୁଳି
କାନନେ ଫୁଟିଥାଏ
ନାନା ଜାତି କଳି
ପରଶେ କୁସୁମିତ
ହୁଏ ମୁକୁଳି
ଅନିଳ ସାଥେମିଳି
ଖେଳେ ଲୁଚକାଳି
ପଥିକ ନାୟନେ କରେ
ଧୂଆର ଭେଳି
ତୃଷଆର୍ତ୍ତ ମନରେ ଭରେ
ନିରର ଥାଳି
ଅଳପ ଆୟୁଷ ପୁଣି
ଭାରି କୋମଳି
ପାପୁଲି ତାତିରେ ପରା
ଯାଏ ତରଳି
ସପ୍ତରଙ୍ଗେ ଭରା
ରବିରଶ୍ମି ହୋଲି
ହୀରକ ପ୍ରାୟେ ଝଟକେ
ତା ଦେହେ ପ୍ରତିଫଳି
ସରସୀ ସଲିଳେ ଶୋଭେ
କମଳ କୁସୁମ ଢଳି
ତା ଦେହ ପରଶେ
ରୂପ ରାଜି ଯାଏଁ ଝାଉଁଳି
ସ୍ନେହ ସୁଧା ପିୟୂଷରୁ
କାଣିଚେ ଢାଳି
ମାନବର ହିତେ ପୁଣି
ଦିଏ ସେ ଢ଼ାଳି
ସୁନ୍ଦର ଶୋଭାକୁ କେହି
ପାରିବେନି ଭୁଲି
ସୃଷ୍ଟିକର୍ତ୍ତାଙ୍କ ମହିମା
କୁହୁକ ଦୋଳି
ବିଚିତ୍ର ବିନ୍ଧାଣୀର
ଅପାର ମେଳି
ବଡଚିତ୍ରକାର ଠାରୁ ବଳି
ତା ହାତ ତୂଳୀ
ହେଉ ପଛେ ଅଳିକ ଜୀବନ
ସମ ଗଙ୍ଗଶିଉଳି
ସଭିଙ୍କୁ ଆନନ୍ଦ ଦେଇ
ଆପେ ଯାଏ ମଉଳି ।

**ଭୁବନେଶ୍ୱର**
**ମୋବାଇଲ୍: ୮୨୪୯୯୧୧୮୯୨**

## ହେ ଲୀଳାମୟ

**କୃଷ୍ଣ ଚନ୍ଦ୍ର ପତି**

ତୁମେ ନିରାକାର ହେ କଳା ଠାକୁର
ତୁମେ ଯେ ପରମ ବ୍ରହ୍ମ
ମଲାଯାଏଁ ତୁଣ୍ଡେ ନୀତି ଜପୁଥିବି
ତୁମରି ସେଇ ଅପୂର୍ବ ନାମ
ତୁମରି ନାମକୁ ଗାଇ ଅଜାମିଳ
ପାଇ ଯାଇଥିଲା ମୁକତି ଧାମ
ଦସ୍ୟୁ ରତ୍ନାକର ବାଲ୍ମୀକି ହୋଇଲା
ଓଲଟା ଜପିଲା ତୁମରିନାମ
ମରା ମରା ଡାକ ରାମ ରାମ ହେଲା
ମହର୍ଷି କରିଲ ପୁରୁଷୋତ୍ତମ
ଦାନ କରି ଗର୍ବି ହୋଇଥିଲା ବଳି
ତିନି ପାଦ ଦେଲ ପାତାଳ ପୁର
ଶ୍ରୀବସ୍ତ୍ର ବ୍ରାହ୍ମଣ ମାରିଲା ଗୋଇଠା
ଆନନ୍ଦେ ସହିଲ ହେ ଚକ୍ରଧର
କୁମ୍ଭୀର କବଳେ ଗଜ ପଡିଥିଲା
ଡାକ ଶୁଣି ତାକୁ କଲ ଉଦ୍ଧାର
କୁମ୍ଭୀର କୁ ମାରି ନେଲ ଅଭିଶାପ
କଳି ଯୁଗେ କାନ ନାହିଁ ତୁମର
ବାଳି ସୁଗ୍ରୀବ ର ଯୁଦ୍ଧ ବେଳେ ତୁମେ
ମଧୁକୁଲ୍ୟା ପଛେ ଲୁଚି ଯେ ମରିଲ
ଅଭିଶାପ ବଳେ ସେ ହେଲା ନିମ୍
ନିମର ଦୁଃଖକୁ ହରଣ ପାଇକି
କଳି ଯୁଗେ ହେଲ ହେ ଦାରୁବ୍ରହ୍ମ
ବାଳୀ ଅଭିଶାପ ପାପୁଲି ହରେଇ
କୋଳେଇ ନବାକୁ କରିଛ ମନ
ମହାଭାରତରେ ଦୁର୍ଯ୍ୟୋଧନ ବଧ
କରିଥିଲ ତୁମେ ଇଶରା ଦେଇ
ଭିମର ସପକ୍ଷ ନେଲ ବୋଲି ପ୍ରଭୁ
ଅଭିଶାପ ପ୍ରଭୁ ପତା ଯେ ନାହିଁ
ବ୍ରହ୍ମା ଅଭିଶାପ ଦେଲେ ମହାପ୍ରଭୁ
ଧୋଇ ପାରିଲେନି ଚରଣ ରେଣୁ
ସେଥିପାଇଁ କଳି ଯୁଗେ ପାଦ ନାହିଁ
ଦାରୁ ଦିଅଁ ତୁମେ ହେ ଭାବଗ୍ରାହୀ
ଯାହା ଜାଣିଥିଲି ବର୍ଣ୍ଣନା କରିଲି
ନାହିଁ ମୋର ବେଶି ଜ୍ଞାନ
ଗୀତରେ ଲେଖୁଛି ଏ କୃଷ୍ଣ ଅଧମ
ଚରଣେ କରି ପ୍ରଣାମ

**ନହର କଣ୍ଟା, ଭୁବନେଶ୍ୱର**
**ମୋବାଇଲ୍: ୮୫୯୯୦୧୪୭୪୪**

## ଫୁଲବଗିଚା

**ବାସନ୍ତୀ ଦସ**



କୁନାକରଛି ଫୁଲବଗିଚା
ଫୁଟି ସୁନ୍ଦର ଦିଶେ
ଉଡି ଉଡିପରଜାପତି
ନିଇତି ଆସିବସେ ୧
ରାଜନୀଗନ୍ଧଜୁଇମନ୍ଦାର ବଗିଚା ସାରା ବାସେ
ମହୁମାଛ ତ ଫୁଲରେ ବସି ମଧୁ
ତାହାର ଶୋଷୋ
ଫେଣା ସେ କରି ମଧୁକୁ ନେଇ
ସାଇତି ସେହିରଖେ
ବିଲୁଆ ନନା ବୃକ୍ଷ ଉହାଡେ
ହୁକେ ହୁକେ ତଭୂ କେ
ଆମ୍ବଗଛରେ ଆମ୍ବ ବଉଳ
ମହମହ ହୋଇ ବା ସେ
ସୁରୁ ଯେ ବୁଢି ସଞ୍ଜ ହୋଇଲେ
ଜହ୍ନ ମାମୁଁ ତହସେ
ସଞ୍ଜ ନେଉଟାଣିମାଧିଆ ଭାଇ
ଗାଈପଲେନେଇ ଆସେ
ଗୁହାଳେ ନେଇ ଗାଈକୁ ବାନ୍ଧି
କ୍ଷୀର ଦୁଇଁସେବସେ

**କେନ୍ଦ୍ରାପଡ଼ା**

## ଏ ବରଷ

**ଡ଼ ଚନ୍ଦ୍ରକଳା ନାୟକ**



ତୁ କାହିଁ ବରଷରେ ଥରୁଟିଏ ଆସୁ
ମୋ ଗାଁ ନୂଆଁଣିଆ ମଥାନ ତଳୁ
ତୋ ଆପେକ୍ଷାରେ ଥାଏ
କେତେ ଭୋଜିଭାତ ଆଉ ନାଚର ଆସର
ମାତ୍ର କେଇ ମୁହୂର୍ତ୍ତ ଆଉ କ୍ଷଣଟିଏ ପାଇଁ ।
ସେଦିନ ରାତ୍ରି ଗଲେ ପାହି
ତୋ ମହକ ହଜିଯାଏ
କୃଷକର ଧାନକ୍ଷେତ ସୋରିଷ ବିଲରେ
ମୁଁ ଦେଖେ ମୋ ବାଲକୋନିର ଟେରିସରେ
ତୁ ବଗିଚାର ପ୍ରଜାପତି ପରି ଘୁରିବୁଲୁ
ନିଧାର୍ଯ୍ୟ ସମୟର କଷଟି ଭିତରେ ।
ମୋ ଝରକା ଫାଙ୍କବାଟେ କିଏ ଉଙ୍କିମାରେ
ଜୀବନରେ ମାଦକତା ଭରି
ପୁଣି ବୃନ୍ତଚ୍ୟୁତ ହୁଏ
ମୋ ଗାଁ ପଦିଆଟା ବେସୁରା ରାଗ ବାଢେ
ତାଳଲୟ ଶିଖି ନଥିବା
କଳଙ୍କି ଲଗା ସେଫଟିପିନ ପରି ।
କଣ ହେବ କହିଲୁ ଏ ବରଷ
ଗାଁ ସାରା ସମସ୍ତେ ଚାତକ
ଏସନ ମେଘ ରାଣୀ ରାଗପେଡି ଖୋଲିବକି
ଛନ୍ଦହୀନ ନୃତ୍ୟ କରି
ବରଷକୁ ଦାନା ଯୋଗାଇବ
ତୁ କିନ୍ତୁ ତୋ ଚେନାଏ ହସ ଭିତରେ
ପୂର୍ବ ବରଷର ଲୁହକୁ ଘୋଡାଇ ଦେଉ ।
ଏ ବରଷ ଚାନ୍ଦିନୀ ପୁଣି ଜୀବନ ଦୌଡରେ
ଅନବରତ ପ୍ରସ୍ତୁତି ଜାରିରଖେ
ସ୍ୱପ୍ନ ସବୁକୁ ଚୁନାଫୁଲରେ ସଜାଡେ
ସହସ୍ର ଗୋଲାପ କଂଟାରେ ଗୁରୁଣ୍ଡି
ମନର ପଂକ୍ତି ଗୁଡାକୁ ଗୁଣୁଗୁଣୁ କରେ ।
ମୟୁର ଚନ୍ଦ୍ରିକା ବୋଲି ମିଠାକଥା କହୁଥିବା
ରାଜନେତା ଗୁଡା ଏସନ
ଖୁବ ଆସର ଜମାଇ ବସନ୍ତି
ବେଳେବେଳେ ଆଖି ତରାଟି ମିଟିମିଟି କରି
ଜନତାଙ୍କ ଭକୁଆପଣକୁ ନିରେଖି ମାପନ୍ତି
କଥା ଓ କାମରେ ପାର୍ଥକ୍ୟ ବି ଦର୍ଶାନ୍ତି
ଠିକ ସେହି ମାନଙ୍କ ପାଇଁ ତୁ
ଜହ୍ନରେ ସ୍ୱପ୍ନବୁଣୁ
ରାତ୍ରୀ ଉଜାଗର ରହି କାଳେ ଅଖଣ୍ଡ ଜାଳୁ ।
ଏ ସହରର ବିଫଳ ପ୍ରେମିକଗୁଡା
ନାଥର କେନ୍ଦେରା ଧ୍ୱନୀରେ
ରାଗିଣୀ ବାଢନ୍ତି
ଗାଁ ଠାରୁ ଖୁବ ଦୂର
କଳା ମିଟି ମିଟି ଅନ୍ଧାର ରାତିରେ
ନିଜ ଭିତରେ ନିଜକୁ ଅଚିହ୍ନା ମଣନ୍ତି ।
ହେଲେ ତୋର କଣ ବା ଯାଏ
ତୁ ତ ଆସୁ ସମୁଦ୍ର ପରି ଉତ୍ତଳ ଢଙ୍ଗରେ
ବରଷକୁ ଥରେ ସିନା ଆସୁ
କିଛି ସମୟକୁ ଏକାକାର କରି
ବାନ୍ଧି ରଖିବାକୁ ସଙ୍କୁଚିତ ମନ
ମଣିଷର ବିବେକ ପଣିଆକୁ
ଠିକ ପୁରୁଣା ବରଷର କ୍ୟାଲେଣ୍ଡର ପରି ।
ଏଠି କିନ୍ତୁ ଜୀବନ ବରଷ ପରେ ବରଷେ
ସ୍ୱାର୍ଥରୁ ସ୍ୱାର୍ଥପର ହୁଏ
ପ୍ରତିବର୍ଷ ପରି ନିରଳସ ଓଠ ତଳେ
ସମ୍ପର୍କର ପରିଭାଷା ବଦଳେ
ବିକଶିତ ବର୍ଷଟା ସଟକଟ ରାସ୍ତା ଖୋଜେ
ଯେଉଁଠି ଆରମ୍ଭ ଓ ଶେଷ ହୁଏ
ସୀମିତ ସମ୍ପର୍କର ପରିଭାଷା ଭିତରେ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର, ମୋବାଇଲ୍: ୯୪୩୭୯୫୭୬୧୭**

## ଜିଲ୍ଲାସ୍ତରୀୟ ମାଣ୍ଡିଆ ମଣ୍ଡିକୁ ଉଦ୍‌ଘାଟନ କଲେ ଉପଜିଲ୍ଲାପାଳ



**ସୁନ୍ଦରଗଡ଼:୬।୧(ସଂଚାର ବ୍ୟୁରୋ):** ଟାଙ୍ଗରପାଲି ବ୍ଲକ ରଙ୍ଗିଆମୁଣ୍ଡା ସେବକ ପରିସରରେ ମଙ୍ଗଳବାର ଦିନ ଜିଲ୍ଲା ସ୍ତରୀୟ ମାଣ୍ଡିଆ ମଣ୍ଡି ଉଦଘାଟନ ହୋଇଯାଇଛି। ଚଳିତ ଖରିଫ ଋତୁରେ ଅମଳ ହୋଇଥିବା ମାଣ୍ଡିଆ କୁ ଶ୍ରୀ ଅନ୍ନ ଅଭିଯାନ ଯୋଜନାରେ ସରକାର ଚାଷୀଙ୍କ ଠାରୁ ମାଣ୍ଡିଆ କ୍ରୟ କରିବା ପାଇଁ ଧାର୍ଯ୍ୟ କରିଛନ୍ତି। ଏହି ଅବସରରେ ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ସେବକ ରଙ୍ଗିଆମୁଣ୍ଡା କାର୍ଯ୍ୟାଳୟ ପରିସର ରେ ଏକ କୃଷକ ସମାବେଶ, ପୁଷ୍ଟିଶସ୍ୟ ଖାଦ୍ୟ ମେଳା ଓ ମାଣ୍ଡିଆ ମଣ୍ଡି ର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଉପ ଜିଲ୍ଲାପାଳ ତେଜସ୍ୱୀନୀ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଦେଶ ତଥା ସମାଜର ସର୍ବାଙ୍ଗୀନ ଉନ୍ନତିର କର୍ଣ୍ଣଧାର ହେଉଛନ୍ତି ଚାଷୀ ବୋଲି ବକ୍ତବ୍ୟ ରଖିବା ସହ ମାଣ୍ଡିଆ ଓ ଅନ୍ୟାନ୍ୟ ପୁଷ୍ଟିଶସ୍ୟ ଚାଷ ଦ୍ୱାରା ଚାଷୀ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର କୁମାର ଶେଠୀ ଜିଲ୍ଲାର ଚାଷୀଙ୍କ ଦ୍ୱାରା ଉତ୍ପାଦିତ ମାଣ୍ଡିଆ କିପରି ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରୁଛି ସେ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ ଶ୍ରୀ ଅନ୍ନ ଅଭିଯାନର ପ୍ରମୁଖ କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରେ ପୃଷ୍ଟିଶସ୍ୟର ପୁନରୁଦ୍ଧାର ଏବଂ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ବିଷୟ ରେ ବର୍ଣ୍ଣନା କରିଥିଲେ। ସେବକର ଶ୍ରୀ ଅନ୍ନ ଅଭିଜାନର ଟାଙ୍ଗରପାଲି ବ୍ଲକ ସଂଯୋଜକ ଅମୀୟ ରଞ୍ଜନ ଲେଙ୍କା ସଭା ପରିଚାଳନା କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଟାଙ୍ଗରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ୍ ବେହେରା ମାଣ୍ଡିଆ ଓ ଅଣ ମାଣ୍ଡିଆ ପୁଷ୍ଟିଶସ୍ୟ ଚାଷ ଦ୍ୱାରା ଚାଷୀ ଅଧିକରୁ ଅଧିକ ଉତ୍ପାଦନ କରି ଲାଭବାନ୍ ହୋଇ ପାରିବେ ବୋଲି କହିଥିଲେ। ଚଳିତ ଖରିଫ୍ ଋତୁରେ ସହଯୋଗୀ ସଂସ୍ଥା ସେବକ ଟାଙ୍ଗରପାଲି ବ୍ଲକରେ ୧୩୦୯ ଚାଷୀ ଦ୍ୱାରା ୮୩୦ ହେକ୍ଟର ମାଣ୍ଡିଆ ଓ ୧୪୦ ହେକ୍ଟରରେ ଅଣମାଣ୍ଡିଆ ପୁଷ୍ଟିଶସ୍ୟ ଚାଷ କରାଯାଇଛି।

**ମଣ୍ଡି ଚିନ୍ତାରେ ଘନଉଛି**

# ଉଠିପାରୁନି ଧାନ, କାକରରେ ପଡ଼ିଛି ବସ୍ତା



**ସମ୍ବଲପୁର,୬।୧ (ସଂଚାର ବ୍ୟୁରୋ):** ମଣ୍ଡି କଥା ଆସିଲେ ଆଖି ଆଗକୁ ଚାଲିଆସୁଛି ଚାଷୀଙ୍କ ଦୁର୍ଦ୍ଦଶାର ଚିତ୍ର। ଏବେ ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ ସବୁ ଆଡ଼େ ମଣ୍ଡି ପାଇଁ ଚାଷୀ ହନ୍ତସନ୍ତ ହେଉଥିବା ଖବର ସାମନାକୁ ଆସୁଛି । ଚାଷୀ ବର୍ଷ ଯାକ ଝାଳ ନିଗାଡ଼ି କରିଥିବା ଫସଲ ଏବେ ବିକ୍ରି ହୋଇପାରୁନି । ସରକାରୀ ନିୟମ ଅନୁସାରେ ଲାଭ ଟିକେ ପାଇଁ ଚାଷୀ ଏବେ ଭାରି ହନ୍ତସନ୍ତ ହେଉଛି। ଅମଳ ଧାନକୁ ନା ଘରେ ରଖିପାରୁଛି, ନା ବିକ୍ରି କରିବାକୁ ସୁଯୋଗ ପାଉଛି । ଫଳରେ ମଣ୍ଡି ଆଗରେ ହଜାର ହଜାର ଅଖା ଧାନ ବିକ୍ରି ଅପେକ୍ଷାରେ । ଆଉ ଧାନକୁ ଜଗି ଶୀତ, କାକରରେ ପଡ଼ିଛି ଚାଷୀ । ସମ୍ବଲପୁର କୁଚିଣ୍ଡାରେ ଧାନ ଏବେ ଚାଷୀ ଆଖିର ନିଦ ହଜାଇଛି। କୁଚିଣ୍ଡା ଉପଖଣ୍ଡରେ ଖରିଫ ଋତୁ ଧାନ ସଂଗ୍ରହ ପାଇଁ ଗତ ନଭେମ୍ବର ୨୮ ତାରିଖରୁ ଖୋଲିଛି ମଣ୍ଡି । ଉପଖଣ୍ଡରେ ମୋଟ ୫୭ ଗୋଟି ଧାନ ସଂଗ୍ରହ କେନ୍ଦ୍ର କରାଯାଇଥିବା ବେଳେ ୫୧ ଗୋଟି ଧାନ ସଂଗ୍ରହ କେନ୍ଦ୍ରରେ ଲ୍ୟାମ୍ପ ଓ ୬ ଗୋଟି ଧାନ ସଂଗ୍ରହ କେନ୍ଦ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଚାଷୀଙ୍କ ଧାନ ସଂଗ୍ରହ କରୁଛନ୍ତି । ହେଲେ କୁଚିଣ୍ଡା ବଙ୍କ୍ମା ଧାନମଣ୍ଡିରେ ୨୦୮ ଚାଷୀଙ୍କ ୧୮ ହଜାରରୁ ଉର୍ଦ୍ଧ୍ୱ ବସ୍ତା ଧାନ ପଡ଼ି ରହିଛି । ଧାନ ଉଠୁନଥିବାରୁ ଟୋକନ ମଧ୍ୟ ଲାପ୍ସ ହୋଇପାରେ । ଏଣୁ ଧାନ ଉଠାଇବାକୁ ଦାବି କରିଛନ୍ତି ଚାଷୀ ।

ଧାନମଣ୍ଡିରେ ଚାଷୀଙ୍କ ବିକ୍ଷୋଭ। ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ । ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡରେ ଖରିଫଋତୁ ଧାନ ସଂଗ୍ରହ ପାଇଁ ଗତ ନଭେମ୍ବର ୨୮ ତାରିଖରୁ ମଣ୍ଡି ଖୋଲିଛି । ଉପଖଣ୍ଡରେ ମୋଟ ୫୭ ଗୋଟି ଧାନ ସଂଗ୍ରହ କେନ୍ଦ୍ର କରାଯାଇଥିବା ବେଳେ, ୫୧ଟି ଧାନ ସଂଗ୍ରହ କେନ୍ଦ୍ରରେ ଲ୍ୟାମ୍ପସ୍ ଓ ୬ଟି ଧାନ ସଂଗ୍ରହ କେନ୍ଦ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଚାଷୀଙ୍କ ଧାନ ସଂଗ୍ରହ କରୁଛନ୍ତି ।

କିନ୍ତୁ ବର୍ତ୍ତମାନ ଧାନ ବିକ୍ରିରେ ଅଚଳ ଅବସ୍ଥା ଦେଖାଦେଇଛି । ଜମନକିରା ଲ୍ୟାମ୍ପସ୍ ଅଧୀନ ଭୋଳପୁର ମଣ୍ଡିରେ ହଜାର ହଜାର କ୍ୱିଣ୍ଟାଲ ଧାନ ପଡ଼ିଛି । ଯାହାକୁ ନେଇ ଚାଷୀ ମଣ୍ଡିରେ ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି । ମଣ୍ଡି ସମସ୍ୟା ନେଇ ଚାଷୀ ଅସନ୍ତୋଷ । ଗତ ୨୩ ତାରିଖରୁ ଗଞ୍ଜାମରେ ବିଧିବଦ୍ଧ ଭାବେ ମଣ୍ଡି ଉଦଘାଟନ ହୋଇଛି । ମଣ୍ଡିରେ ଚାଷୀ ଧାନ ଦେବା ପ୍ରକ୍ରିୟା ବି ଆରମ୍ଭ ହୋଇଛି ।

## ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସରକାରୀ ଜାଗା ଚିହ୍ନଟ



**ବାଲିଆପାଳ,୬।୧ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡାଶ ପଞ୍ଚାୟତର ଥିବା ନାଭେଡେଶ୍ୱର ଶିବ ମନ୍ଦିର ନିକଟରେ ଖାତା ନମ୍ବର ୨୭୫ ପ୍ଲଟ ନମ୍ବର ୨୭୬ରେ ଏକ ଏକରୁ ଉର୍ଦ୍ଧ୍ୱ ଗୋଚର ଜାଗା କୁ ଦୀର୍ଘ ଦିନ ଧରି କିଛି ମୁଷ୍ଟିମେୟ ଲୋକ ଜବର ଦଖଲରେ ରଖି ଆସୁଥିଲେ। ଯାହା ଫଳରେ ମେଗା ପାନୀୟ ଜଳ ପ୍ରକଳ୍ପର ନିର୍ମାଣଧିନ ଟାଙ୍କି ଅଧା ନିର୍ମିତ ହୋଇ ପଡ଼ିରହିଥିଲା। ଗ୍ରାମବାସୀ ମାନେ ଶବ ଦାହ ପାଇଁ ବହୁ ହଇରାଣ ହରକତ ହେଉଥିଲେ। ବଡାଶ ପଞ୍ଚାୟତର ସରପଞ୍ଚ ଜଗନ୍ନାଥ ବିଶ୍ୱାଳଙ୍କ ସମେତ ଗ୍ରାମବାସୀ ଜବରଦଖଲ ଉଚ୍ଛେଦ ପାଇଁ ହାଇକୋର୍ଟ ରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ମାମଲା କୁ ଗ୍ରହଣ କରି ମାନ୍ୟବର ହାଇକୋର୍ଟଙ୍କ ଚିଠି ନମ୍ବର ୭୦୮୭ ମୂଳେ ମଙ୍ଗଳବାର ବାଲିଆପାଳ ତହସିଲ ପକ୍ଷରୁ ଉକ୍ତ ଜାଗାକୁ ଚିହ୍ନଟ କରାଯାଇଛି। ଏହି ଚିହ୍ନଟ ସମୟରେ ଗ୍ରାମର ଅନନ୍ତ କୁମାର ଦାସ, ଅଜୟ କୁମାର ରାଉତ, ନିତ୍ୟାନନ୍ଦ ପ୍ରଧାନ, ମୁରଲୀ ଧର ଦାସ, ତ୍ରୀବିକ୍ରମ ପ୍ରଧାନ, ଗୈରାଙ୍ଗ ପ୍ରଧାନ, ସୁଶାନ୍ତ ରଣା, ଗଦାଧର ରାଉତ, ଶିଶିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭାନପୁରଠାରେ କଳାହାଣ୍ଡି ଉତ୍ସବ



**ନର୍ଲା,୬।୧(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ଅନ୍ତର୍ଗତ ଭାନପୁର ଠାରେ ପଞ୍ଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଭାନପୁର ସରପଞ୍ଚ ଅନନ୍ତରାମ ମାଝୀଙ୍କ ଅଧକ୍ଷତାରେ ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଗୌର ଚନ୍ଦ୍ର ସାହୁ, ସମ୍ମାନୀତ ଅତିଥି ଭାବେ ନାଏବ ସରପଞ୍ଚ ରଞ୍ଜିତା ମାଝୀ, ସମିତି ସଦସ୍ୟ ତୁଳସା ମାଝୀ ଓ ପର୍ଯ୍ୟବେକ୍ଷକ ସନତ କୁମାର ସାହୁ ମଞ୍ଚାସୀନ ଥିଲେ। ସାମ୍ବାଦିକ ଲିଙ୍ଗରାଜ ମିଶ୍ର, ଗ୍ରାମ୍ୟ କୃଷି କର୍ମଚାରୀ ଜ୍ୟୋସ୍ନା ମହାପାତ୍ରଙ୍କ ସମେତ ଅନେକ ବ୍ୟକ୍ତି ବିଶେଷଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରଯାଇଥିଲା। ଶିକ୍ଷାବିତ ଧୃବ ଚରଣ ନାଗ ଓ ସଞ୍ଜୟ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନରହରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କଳାହାଣ୍ଡିର ବୀର ବାଦ୍ୟ ଘୁମୁରା ସହ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

**ସୁନ୍ଦରଗଡ଼,୬।୧(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ପଡ଼ିଆ ଠାରେ ଦୁଇ ଦିନିଆ କାର୍ଯ୍ୟକ୍ରମର ଉଦଘାଟନ ହୋଇଅଛି। ଜିଲ୍ଲାର ୧୭ ଗୋଟି ବ୍ଲକରୁ ୧୨୦୦ ରୁ ଉର୍ଦ୍ଧ୍ୱ ସଂଖ୍ୟାରେ ମତ୍ସ୍ୟ ଓ ପ୍ରାଣୀ ପାଳକ ଏଥିରେ ଭାଗ ନେଇଛନ୍ତି ଓ ଏହି ଜିଲ୍ଲା ସ୍ତରୀୟ ମେଳାରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦର ଅଧକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ ଏବଂ ସୁନ୍ଦରଗଡ଼ ପୌରପାଳିକାର ଅଧକ୍ଷା ତନୟା ମିଶ୍ର ଅତିଥି ଭାବରେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ସୁନ୍ଦରଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ଲକ୍ଷ୍ମୀପ୍ରିୟା ପ୍ରଧାନ ସଭାକୁ ସମ୍ବୋଧନ କରିଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ସନ୍ତୋଷ କୁମାର ପାଣିଗ୍ରାହୀ ସଭାର ସ୍ୱାଗତ ସମ୍ଭାଷଣ ଦେବା ସହିତ ବିଭାଗୀୟ ଯୋଜନା ଗୁଡ଼ିକର ଲାଭ ଉଠାଇବା ପାଇଁ ଉପସ୍ଥିତ ମତ୍ସ୍ୟ ଓ ପ୍ରାଣୀପାଳକ ମାନଙ୍କୁ ଉଦବୋଧନ ଦେଇଥିଲେ।

# ଚାଷୀଙ୍କ ସମସ୍ୟା ନେଇ ଗର୍ଜିବ କଂଗ୍ରେସ



**୧୨ରେ ହେବ ଚାଷୀ ସମାବେଶ**

**ନୟାଗଡ଼,୬।୧(ସଂଚାର ବ୍ୟୁରୋ):** ଆଗାମୀ ୧୨ ଜାନୁଆରୀ ସୋମବାର ନୟାଗଡ଼ ପୁରୁଣା ଜେଲ ସ୍ଥିତ ପାର୍କିଙ୍ଗ ପଡିଆ ଠାରେ ବିଶାଳ ଚାଷୀ ସମାବେଶରେ ଯୋଗ ଦେବାପାଇଁ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନୟାଗଡ଼ ଗସ୍ତ ପରିପ୍ରେକ୍ଷୀରେ ପ୍ରାରମ୍ଭିକ ଦଳୀୟ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୂର୍ତ୍ତ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲା କଂଗ୍ରେସ କିସାନ ସେଲ ଅଧକ୍ଷ ବସନ୍ତ କରଙ୍କ ଅଧକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ପିସିସି ସାଧାରଣ ସମ୍ପାଦକ ୟାଶୀର ନୱାଜ, ଡିସିସି ସଭାପତି ରଣଜିତ ଦାଶ, ପିସିସି ସଭ୍ୟ ହୁସେନ ଖାଁ, ବରିଷ୍ଠ ନେତା ମନୋଜ ସାହୁ, ବସନ୍ତ ମହାରଣା, ପୂର୍ଣ୍ଣଚନ୍ଦ୍ର ସାନ୍ତ, ବୁଲୁ ପରିଡା, ହାଲିମ ଖାଁ, ହସୀମ ଖାଁ, ରାଜ୍ୟ ଯୁବକଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଜିଲ୍ଲାରେ ଗତ ୨୯ ତାରିଖ ଠାରୁ ଆନୁଷ୍ଠାନିକ ଭାବେ ଧାନମଣ୍ଡି ଖୋଲା ଯାଇ ଥିଲେ ମଧ ଏଯାଏଁ ପ୍ୟାକ୍ସ ସମ୍ପାଦକ ମାନେ ଧାନ କିଣୁ ନାହାଁନ୍ତି। ଚାଷୀର ଧାନ ବସ୍ତା ଥଣ୍ଡା କାକରରେ ପଡି ଖତରା ହେଲାଣି ଏପଟେ ଏଫଏକ୍ୟୁ ନାଁରେ ମିଲର୍ସ ମାନେ କୁଇଣ୍ଟାଲ ପ୍ରତି ୧୦ ଲେଜି କଟଣୀଛଟଣୀ ପାଇଁ ଜିଲ୍ଲା ବ୍ୟାପି ଅଟକିଛି ଧାନକିଣା ପ୍ରତିବାଦରେ କଂଗ୍ରେସ କରିବ ବିଶାଳ ଚାଷୀ ସମାବେଶ ବୋଲି ଡିସିସି ସଭାପତି ରଣଜିତ ଦାଶ ଗଣମାଧମ ପ୍ରତିନିଧିଙ୍କୁ କହିଛନ୍ତି। ଏ ନେଇ ବିସ୍ତାର ଆଲୋଚନା ପାଇଁ ଆସନ୍ତା ୮ ତାରିଖରେ ଚୂଡାନ୍ତ ପ୍ରସ୍ତୁତି ପାଇଁ ବୈଠକ ହେବ ବୋଲି ଦଳ ସୂଚନା ଦିଆଯାଇଛି ।

## ଡିଭିଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ



**ଯାଜପୁର ରୋଡ଼,୬।୧(ସଂଚାର ବ୍ୟୁରୋ):** ଯାଜପୁର ରୋଡର ଦଳା ସ୍ଥିତ ଉଠା ଜଳ ସେଚନ ବିଭାଗ ପରିସରରେ ଆଜି ଡିଭିଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଅଛି। ଡିଭିଜନର ନିର୍ବାହୀ ଯନ୍ତ୍ରୀ ଇଂ ଅଜୟ ମିଶ୍ର'ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସପନ କୁମାର ନନ୍ଦ ଯୋଗଦେଇ ସରକାରଙ୍କ ତରଫରୁ କୃଷକ ମାନଙ୍କ ପାଇଁ ଅନୁମୋଦିତ ହୋଇଥିବା ବିଭିନ୍ନ ଯୋଜନା ଗୁଡିକ ଦ୍ୱାରା କୃଷକ ମାନେ କିଭଳି ଲାଭବାନ ହୋଇପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ସନ୍ମାନିତ ଅତିଥି ଭାବେ କୋରେଇ କୃଷି ଅଧିକାରୀ ନିରଞ୍ଜନ ସାହୁ, ଉଦ୍ୟାନ ଅଧିକାରୀ ଅମ୍ଳାନ ଜୋତିଶଙ୍କର, ସହକାରୀ ଯନ୍ତ୍ରୀ ଇଂ ଯୁଧିଷ୍ଠିର ମହାଲିକ ଓ ଧର୍ମଶାଳା ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଶେଷଦେବ ମହାଲିକ ପ୍ରମୁଖ ଯୋଗ ଦେଇ କୃଷକଙ୍କୁ ତାଙ୍କ କୃଷି ପ୍ରଣାଳୀ ଓ ଉପକାରିତା ଉପରେ ପରାମର୍ଶ ଦେଇଥିଲେ। ବିଭାଗ ତରଫରୁ ବିଭିନ୍ନ ପ୍ରତିଯୋଗିତାରେ ବିଭିନ୍ନ କ୍ଷେତ୍ରରେ କୃତି ଅର୍ଜନ କରିଥିବା ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଡିଭିଜନର କର୍ମଚାରୀ ନଳିନୀ କୁମାର ସାହୁ, ସରୋଜ କୁମାର ମହାନ୍ତି, ଅଭିମନ୍ୟୁ ପଣ୍ଡା, ବିଷ୍ଣୁତାରା ଥାଟୋଇ, ଲୋକନାଥ ରାୟ, ପ୍ରତାପ ପରିଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ରୁପ୍ରା ହାଇସ୍କୁଲର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ



**ନର୍ଲା,୬।୧(ସଂଚାର ବ୍ୟୁରୋ):** ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ରୁପ୍ରାର ରୌପ୍ୟ ଜୟନ୍ତୀ ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ନମ୍ରତା ସାହୁ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସଂସ୍କୃତି ଗବେଷକ ତଥା ଭାଷାବିତ୍ ପରମେଶ୍ୱର ମୁଣ୍ଡ, ସମ୍ମାନିତ ଅତିଥି ଭାବେ ରୁପ୍ରା ସରପଞ୍ଚ ଡଲି ବେହେରା ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ସଂଘର ସାଂଗଠନିକ ସଂପାଦକ ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିବାବେଳେ ସଂସଦର ସଭାପତି ରବୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଭବାନୀପାଟଣା 'ପ୍ରତିଭା' ଅନୁଷ୍ଠାନର ସିଂଗାରୀ ନୃତ୍ୟ ଏବଂ ପ୍ରଖ୍ୟାତ ଲୋକକଳାକାର ସର୍ବେଶ୍ୱର ଭୋଇଙ୍କ ମେଲୋଡି ପ୍ରଦର୍ଶିତ ହୋଇଥିଲା।

# ବିଭିନ୍ନ ଯୋଜନାର ପ୍ରଚାର ପାଇଁ ସଚେତନତା ରଥର ଶୁଭାରମ୍ଭ



**ସୁବର୍ଣ୍ଣପୁର,୬।୧(ସଂଚାର ବ୍ୟୁରୋ):** ଜିଲ୍ଲାରେ ପାଣି ପଞ୍ଚାୟତ ସମ୍ବନ୍ଧୀୟ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରୁ ଉପଖଣ୍ଡ ସ୍ତରୀୟ ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ରଥ ସୁବର୍ଣ୍ଣପୁର ଉପଖଣ୍ଡର ବିଭିନ୍ନ ଗ୍ରାମ ପଞ୍ଚାୟତ ଓ ଗ୍ରାମମାନଙ୍କୁ ପରିକ୍ରମା କରି ପାଣି ପଞ୍ଚାୟତର ଉଦ୍ଦେଶ୍ୟ, କାର୍ଯ୍ୟପ୍ରଣାଳୀ ଓ କୃଷକ ହିତରେ ଏହାର ଭୂମିକା ବିଷୟରେ ଲୋକମାନଙ୍କୁ ଅବଗତ କରାଇବ। ଏହି ସଚେତନତା ରଥକୁ ଜିଲ୍ଲାପାଳ ସୁବର୍ଣ୍ଣପୁର ଡ଼. ନୃପରାଜ ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉଠା ଜଳସେଚନ ନିର୍ବାହି ଯନ୍ତ୍ରୀ ଶ୍ରୀ ରବୀନ୍ଦ୍ର ମାଝୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଶ୍ରୀ କୃଷ୍ଣ ଚନ୍ଦ୍ର ଜେନା, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଶ୍ରୀ ସଚିଦାନନ୍ଦ ପ୍ରଧାନ ଓ କ୍ଷୁଦ୍ର ଜଳସେଚନ ସହକାରୀ ଯନ୍ତ୍ରୀ, ଶ୍ରୀ ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପାଣି ପଞ୍ଚାୟତ ଅଧିନିୟମ–୨୦୦୨ ଓ ନିୟମ–୨୦୦୩ ଅନୁସାରେ ପ୍ରତିବର୍ଷ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ତରଫରୁ ପାଣି ପଞ୍ଚାୟତ ପକ୍ଷପାଳନ କରାଯାଇ ଆସୁଛି। ଚଳିତ ବର୍ଷ ୦୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଉପଖଣ୍ଡ ସ୍ତରୀୟ, ଜିଲ୍ଲା ଓ ରାଜ୍ୟ ସ୍ତରରେ ଏହି ପକ୍ଷପାଳନ ହେଉଛି।

## ଅରୁଣ ଶାଶିନି ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟନ

**ସୁନ୍ଦରଗଡ଼,୬।୧(ସଂଚାର ବ୍ୟୁରୋ):** ଟାଙ୍ଗରପାଲି ବ୍ଲକ ରେମଣ୍ଡକ୍ଷ ଖେଳ ପଡ଼ିଆରେ ୬ତମ ଅରୁଣ ଶାଶିନି ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଜାନୁୟାରୀ ୬ ତାରିଖ ମଙ୍ଗଳବାର ଦିନ ଉଦ୍ଘାଟିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବରେ ରେମଣ୍ଡକ୍ଷ ସରପଞ୍ଚ ଚେମା ପ୍ରଧାନ, ସମିତି ମେମ୍ବର ଜଟିଆ ମୁଣ୍ଡା ଓ ଜିଲ୍ଲା ପରିଷଦ ସଭ୍ୟା ଗେଲବତୀ ପଟେଲ ଯୋଗଦାନ କରି ପ୍ରତିଯୋଗିତାର ମଜା ନେଇଥିଲେ। ପ୍ରଥମ ମ୍ୟାଚରେ ରତନପୁର ଦଳ ହିର୍ମା ଦଳକୁ ପରାଜିତ କରି ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ ହେମିଗିରି ଦଳ ଗୋବିନ୍ଦପୁର ଦଳକୁ ପରାଜିତ କରି ବିଜୟୀ ହୋଇଥିଲେ। ଏହା ପରେ କ୍ୱାଟର ଫାଇନାଲ ମ୍ୟାଚରେ ରତନପୁର ଦଳ ହେମିଗିରି ଦଳକୁ ପରାଜିତ କରି ବିଜୟୀ ହୋଇଛନ୍ତି। ଏହି ମ୍ୟାଚରେ ମ୍ୟୁନିସିପାଲଟି ଅଧକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତା ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳର ୧୬ ଟି କ୍ରିକେଟ ଦଳ ଭାଗ ନେଇ ନିଜର ଦକ୍ଷତା ପ୍ରଦର୍ଶନ କରିବେ। ରେମଣ୍ଡକ୍ଷ କ୍ରିକେଟ କ୍ଲବ ଆୟୋଜନ କରିଥିବା ବେଳେ ସଞ୍ଜୀବନୀ ପ୍ରସାଦ ଜୟପୁରିଆ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ପରିଚାଳନା ହୋଇଥିଲା ।

## ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ



**ବୈଶିଙ୍ଗା,୬।୧(ସଂଚାର ବ୍ୟୁରୋ):** ଆଜି ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମପଞ୍ଚାୟତ ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅଁଳା ଗ୍ରାମ ପଞ୍ଚାୟତର ସରପଞ୍ଚ ସପନା ସିଂ ଯୋଗଦେଇ ପିଲାମାନଙ୍କୁ ଖେଳ ମାଧମରେ ପ୍ରତିଭା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଶ୍ରୀମତୀ ସିଂ କ୍ରୀଡାପତାକା ଉତ୍ତୋଳନ କରି କ୍ରୀଡା ଉତ୍ସବକୁ ଉଦ୍ଘାଟନ କରିଥିଲେ। ଉପକନିଷ୍ଠ, କନିଷ୍ଠ ତଥା ବରିଷ୍ଠ ବର୍ଗରେ ଛାତ୍ରଛାତ୍ରୀ ମାନଙ୍କୁ ବର୍ଗୀକରଣ କରାଯାଇ ଆଜିର ଖେଳ କରାଯାଇଛି ବୋଲି ପ୍ରଧାନଶିକ୍ଷକ ମତ ଦେଲେ।କାର୍ଯ୍ୟକ୍ରମର ସଫଳତା ଦିଗରେ ସହକାରୀ ଶିକ୍ଷିକା ସରସ୍ୱତୀ ଜେନା, ପ୍ରତିମା ପରିଡା, ସୁବାସିନୀ ପରିଡା, ସୁକାନ୍ତି ବିଶ୍ୱାଳ, ନୀଳାକ୍ଷି ଦାସ ତଥା କର୍ମଚାରୀ ମାଳତୀ ମାଝୀ, ମଣ୍ଟୁ ମାର୍ଣ୍ଡି, ସୀତା ଟୁଡୁ, ଜୁଲି ହେମ୍ବ୍ରମ୍, ଝୁଲଣା ରାୟ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।ଦିପାଞ୍ଜଳି ଦାସ ଶପଥ ପାଠ କରାଇଥିଲେ।

# ଝଲସିବ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା



**କଳାହାଣ୍ଡି,୬।୧(ସଂଚାର ବ୍ୟୁରୋ):** ଆଜି ଠାରୁ ଦୁଇ ଦିନ ଧରି ଦୁଲିକିବ ବଣିଜରା ହାଇ ସ୍କୁଲ ଖେଳ ପଡ଼ିଆରେ ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା। ଜୁନାଗଡ଼ ପଞ୍ଚାୟତ ସମିତି ଅଧ୍ୟୟନରେ ଲୋକେ ପାଇବେ ଲୋକ କଳା ସଂସ୍କୃତି ପରମ୍ପରା ଏହି ସୁନ୍ଦର କାର୍ଯ୍ୟକ୍ରମ। କଳାହାଣ୍ଡି ଜିଲ୍ଲାର ଗୌରବମୟ ଇତିହାସ ଓ ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ସାରା ରାଜ୍ୟ ଓ ଦେଶ ସମ୍ମୁଖରେ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଜୁନାଗଡ଼ରେ କଳାହାଣ୍ଡି ଉତ୍ସବ ଆଜିଠାରୁ ଭବ୍ୟ ଭାବେ ଆରମ୍ଭ ହେବ। ଉତ୍ସବକୁ ନେଇ ସମଗ୍ର ଜୁନାଗଡ଼ ଅଞ୍ଚଳରେ ଉତ୍ସାହର ମାହୋଲ ସୃଷ୍ଟି ହୋଇଛି। ପ୍ରାଚୀନ କାଳରେ କନ୍ଧାର ଓ ପରେ ଚକ୍ରକୋଟ ରାଜ୍ୟର ଅଂଶ ଥିଲା। ଏହି ଭୂମି ଆଦିବାସୀ ସଭ୍ୟତା, ଲୋକକଳା ଓ ସଂଗୀତରେ ସମୃଦ୍ଧ। ଜୁନାଗଡ଼ ପୂର୍ବକାଳରେ କଳାହାଣ୍ଡି ରାଜ୍ୟର ରାଜଧାନୀ ଭାବେ ପରିଚିତ ଥିଲା। ରାଜାମହାରାଜାଙ୍କ ଶାସନକାଳରେ ଏଠାରେ କଳା, ସଂସ୍କୃତି ଓ ପରମ୍ପରାର ବିକାଶ ହୋଇଥିଲା, ଯାହାର ପ୍ରଭାବ ଆଜିବି ଲୋକଜୀବନରେ ଦେଖିବାକୁ ମିଳେ। ଏହି ଐତିହ୍ୟକୁ ଆଧାର କରି କଳାହାଣ୍ଡି ଉତ୍ସବ ଆୟୋଜନର ମୂଳ ଉଦ୍ଦେଶ୍ୟ ହେଉଛି, ଜିଲ୍ଲାର ଲୋକନୃତ୍ୟ, ଲୋକସଙ୍ଗୀତ, ହସ୍ତଶିଳ୍ପ, ଆଦିବାସୀ ପରମ୍ପରାକୁ ଏକ ମଞ୍ଚରେ ଆଣିବା। ଉତ୍ସବରେ ଘୁମୁରା ନୃତ୍ୟ, ଦଳାଇ ନୃତ୍ୟ, ଲୋକଗୀତ ସହିତ ଶିଳ୍ପୀମାନଙ୍କ କଳାକୃତି ପ୍ରଦର୍ଶନ ମୁଖ୍ୟ ଆକର୍ଷଣ ରହିବ। ଉଦଘାଟନ ସମାରୋହରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଓ ବିଶିଷ୍ଟ ଅତିଥିମାନେ ଯୋଗଦେବେ। ସୁରକ୍ଷା, ଯାତାୟାତ ଓ ସାଧାରଣ ଲୋକଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରାଯାଇଛି। ଐତିହାସିକ ପରିଚୟ ଓ ସାଂସ୍କୃତିକ ଗରିମାକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବା ନିମିତ୍ତେ ଏହି ଉତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶା କରାଯାଉଛି।

# ଜନଜାତିଙ୍କ ସମ୍ମେଳନ ଉଦ୍‌ଯାପିତ: ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପ ପ୍ରଶାସକ



**ଦାରିଙ୍ଗବାଡି, ୬।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ଜାଗୃତି କାର୍ଯ୍ୟାଳୟ ପରିସର ମଧ୍ୟରେ ସୋମବାର ୨ ଦିନିଆ ଜନଜାତି ସମ୍ମେଳନ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିନରେ ଏହି ଦିବସରେ ପାରମ୍ପରିକ ବିହନର କିଭଳି ପୁନଃରୁଦ୍ଧାର କରାଯାଇପାରିବ ଓ ତାକୁ କିଭଳି ଗଚ୍ଛିତ ରଖାଯାଇପାରିବ ଏବଂ ହଜିଯାଇଥିବା ବିହନକୁ ପୁନଃରୁଦ୍ଧାର କରି ପାରମ୍ପରିକ ଚାଷକୁ ଗୁରୁତ୍ୱ ଦିଆଯିବାକୁ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ଜଙ୍ଗଲର ସୁରକ୍ଷା ଗଛ ବଞ୍ଚାଇବା ଦ୍ୱାରା କ'ଣ ଫାଇଦା ତାକୁ ନେଇ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ପାରମ୍ପରିକ ଖାଦ୍ୟ, ପୋଷାକ, ବାଦ୍ୟ ଯନ୍ତ୍ର, କୁଇ ସଙ୍ଗୀତ ଓ ଭାଷାକୁ ବହୁଳ ବ୍ୟବହାର ଓ ହଜିଯାଇଥିବା ଏହି ସବୁକୁ ପୁନଃରୁଦ୍ଧାର ପାଇଁ କିଭଳି ପ୍ରୟାସ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ଉଦଯାପନୀ ଉତ୍ସବରେ ବାଲିଗୁଡା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଜନଜାତିଙ୍କ ଏହି ପାରମ୍ପରିକ କୃଷି ଓ ଅନ୍ୟାନ୍ୟକୁ ପୁନଃରୁଦ୍ଧାର କରି ପୁଣି ଜଙ୍ଗଲକୁ ବୃଦ୍ଧି କରି ନିଜ ଜୀବନଜୀବିକାକୁ ସ୍ୱାବଲମ୍ବୀ କରିବାକୁ ବାଟ ବତାଇଥିଲେ ।

# ଚୋରି ଧାନ ଉଦ୍ଧାର, ୩ ଗିରଫ



**ନର୍ଲା,୬।୧(ସଂଚାର ବ୍ୟୁରୋ):** ସେରଗଡ଼ ଗାଁର ତପନ ସାହୁଙ୍କ ଖଳାରେ ରହିଥିବା ଗୋଦାମ ଗୃହରୁ ଦୁର୍ବୃତ୍ତ ମାନେ ୪୧ ବସ୍ତା ଧାନ ଚୋରୀ କରି ନେଇ ଯାଇଥିଲେ। ନର୍ଲା ଥାନାରେ ମାମଲା ରୁଜୁ ହେବାପରେ ପୋଲିସ ତନାଘନା ତଦନ୍ତ ଚଳାଇ କେରାଣ୍ଡିଖୁଣ୍ଟି ଗ୍ରାମର ଆବେଦ ନାଏକ ଓରଫ ରାହୁଲ ସେରଗଡ଼ର ରୋଶନ ନାଗ ଓ ଚୋରୀ ଧାନ କିଣିଥିବା ଶ୍ରୀପୁର ଗ୍ରାମର ଦୁର୍ବାଦଳ ବଗର୍ତ୍ତିକୁ ଗିରଫ କରିବା ସହ ଚୋରୀ ହୋଇଥିବା ୪୧ ବସ୍ତା ଧାନ ଜବତ କରି ଥାନାକୁ ନେଇ ଆସିଥିଲେ। ଏନେଇ ନର୍ଲା ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ। ଏହି ପ୍ରେସମିଟରେ ନର୍ଲା ଆଇଆଇସି ବିଜୟରାଜ ମାଝୀ, ଏସଆଇ ପ୍ରିୟବ୍ରତ ବେହେରା, ପ୍ରଦୀପ କୁମାର ସେଠୀ, ଏଏସଆଇ ଆର କେ ସେଠୀ, ଏଏସଆଇ ଅବନୀ କୁମାର ଖୁରା, ହାବିଲଦାର ସନ୍ତୋଷ କୁମାର ମହାନ୍ତି, କେତନ କୁମାର କରୁଆଁ ପ୍ରମୁଖ ଉପସ୍ଥିତ ଥିଲେ।

## ପାଣିର ସଦୁପଯୋଗ କରିବାକୁ ଚାଷୀଙ୍କୁ ଗୁରୁମନ୍ତ୍ର

**କେସିଙ୍ଗା,୬।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜଲା କେସିଙ୍ଗା ବ୍ଲକ ଅଧୀନ କନ୍ତେଶିର ଗ୍ରାମ ସ୍ଥିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିସରରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୬ ପାଳିତ ହୋଇଯାଇଛି। ସଭାପତି ତଥା ଅଧିକ୍ଷଣ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଜନ କଳାହାଣ୍ଡି ଇ.ସରୋଜ ସାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ ଯୋଗଦେଇ। ସମ୍ମାନିତ ଅତିଥି ଭାବେ ଏମ୍.ରାମପୁର ସହ ନିର୍ବାହୀ ଯନ୍ତ୍ରୀ ଜୀତେନ୍ଦ୍ର କ୍ଷେସ, ଜୟପାଟଣା ସହ ନିର୍ବାହୀ ଯନ୍ତ୍ରୀ ତପନ କୁମାର ଦାସ, ଭବାନୀପାଟଣା ସହ ନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ଚୋଧୁରୀ ପ୍ରମୁଖ ଅତିଥିମାନେ ଯୋଗଦେଇ ଥିଲେ।